# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୦/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, September 10/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୨୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 286 | ମୂଲ୍ୟ ₹୭/-




**‘ବ୍ୟାଟଲ୍ ଅଫ୍ ଗଲ୍‌ୱାନ’: ସଲ୍‌ମାନଙ୍କ ଫାଷ୍ଟ ଲୁକ୍ ଆଉଟ୍**

‘ବ୍ୟାଟଲ୍ ଅଫ୍ ଗଲ୍‌ୱାନ୍’ ଫିଲ୍ମରେ ଅଭିନେତା ସଲ୍‌ମାନ ଖାନ୍‌ଙ୍କ ଲୁକ୍ ଉପରୁ ମଙ୍ଗଳବାର ପରଦା ଉଠିଛି।

୦୫

୧୪

**ନିଖତ କ୍ୱାର୍ଟର ଫାଇନାଲରେ**

ଭାରତର ନିଖତ ଜରିନ ଲିଭରପୁଲ୍‌ରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।



# ରାଧାକ୍ରିଷ୍ଣନ୍ ୧୫ତମ ଉପରାଷ୍ଟ୍ରପତି

ନୂଆଦିଲ୍ଲୀ,୯।୯



ସି.ପି. ରାଧାକ୍ରିଷ୍ଣନ

ମଙ୍ଗଳବାର ଅନୁଷ୍ଠିତ ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ ବିଜୟୀ ହୋଇଛନ୍ତି। ତାଙ୍କୁ ୪୫୨ ଭୋଟ ମିଳିଥିବାବେଳେ ବିରୋଧୀ ଦଳଗୁଡ଼ିକର ମିଳିତ ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀଙ୍କୁ ୩୦୦ ଭୋଟ ମିଳିଥିବା ରିଟର୍ନିଂ ଅଫିସର ତଥା ରାଜ୍ୟ ସଭା ମହାସଚିବ ପି.ସି. ମୋଦି ଘୋଷଣା କରିଛନ୍ତି। ଭୋଟ ଟାଲିକୁ ଦେଖିଲେ କେତେଜଣ ବିରୋଧୀ ଦଳ ଏମ୍‌ପି ରାଧାକ୍ରିଷ୍ଣନଙ୍କ ସପକ୍ଷରେ କ୍ରସ୍‌ଭୋଟିଂ କରିଥିବା ଜଣାପଡୁଛି। ଅନ୍ୟୂନ ୧୫ ଜଣ ବିରୋଧୀ ଦଳ ସଦସ୍ୟ ଏନ୍‌ଡିଏ ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା ଭାଜପାର କେତେଜଣ ନେତା ଦାବି କରିଛନ୍ତି। ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟ ☞ପୃଷ୍ଠା-୪

# ଆଜି ରାଜ୍ୟ କ୍ୟାବିନେଟ୍

**ଆସିପାରେ ୪ରୁ ଅଧିକ ପ୍ରସ୍ତାବ**

ଭୁବନେଶ୍ୱର,୯।୯(ରବିନାରାୟଣ ଜେନା)

ରାଜ୍ୟ କ୍ୟାବିନେଟ୍ ବୈଠକ ବୁଧବାର ଅନୁଷ୍ଠିତ ହେବ। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ସାଢ଼େ ୫ଟାରେ ଅନୁଷ୍ଠିତ ହେବାକୁଥିବା ଏହି କ୍ୟାବିନେଟ୍‌ରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇପାରେ। ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ବିଭାଗ, ସାଧାରଣ ପ୍ରଶାସନ ବିଭାଗ ଭଳି ୪ଟି ବିଭାଗ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ଦିଆଯିବାକୁ ରହିଛି। ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାର ୨୦୩୬ ସୁଦ୍ଧା ଓଡ଼ିଶାର ବିକାଶକୁ ଶୀର୍ଷରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତାକୁ ନେଇ ରାଜ୍ୟ ସରକାର ଗତ ୧୪ ମାସ ମଧ୍ୟରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କ୍ରୋଧର ଶିକାର**

**ନେପାଳରେ ଅରାଜକତା**

# ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସ୍ତ୍ରୀଙ୍କୁ ଜାଳିଦେଲେ

ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ ନେପାଳ ସରକାର ନିଷେଧାଦେଶ ଲଗାଇବା ପରେ ଦେଶରେ ବିଦ୍ରୋହର ନିଆଁ ଜଳିଛି। ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ସୋମବାର ଅନେକ ହଜାର ଯୁବ ଛାତ୍ର ବିକ୍ଷୋଭରେ ସାମିଲ ହେବା ପରେ ଆନ୍ଦୋଳନକୁ ଦମନ କରିବାକୁ ଯାଇ ପୋଲିସ ବଳ ପ୍ରୟୋଗ କରିବାରୁ ୨ ଦିନରେ ୨୩ ଜଣଙ୍କ ମୃତ୍ୟୁ ଘଟିବା ସହ ୩୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ କେତେଜଣ ସ୍କୁଲ ପିଲା ରହିଛନ୍ତି। ଏପରି କି ସୁରକ୍ଷା ଯବାନମାନେ ହସ୍ପିଟାଲରେ ପ୍ରବେଶ କରି ଚିକିତ୍ସିତ ହେଉଥିବା ଆହତମାନଙ୍କୁ ମଧ ମାଡ଼ ମାରିଥିଲେ। ଦୁର୍ନୀତି ବିରୋଧରେ କହିବାରୁ ମହିଳା ଓ ଝିଅମାନଙ୍କୁ ସେମାନଙ୍କ ଘରେ ବଳାତ୍କାର କରାଯାଇଥିଲା। ଏହି ଘଟଣା ଆନ୍ଦୋଳନକାରୀଙ୍କୁ ଆହୁରି କ୍ରୋଧିତ କରିଥିଲା। ସ୍ଥିତି ସୁଧାରିବାକୁ ଯାଇ ସରକାର ଆନ୍ଦୋଳନକାରୀଙ୍କ ଆଗରେ ମୁଣ୍ଡ ନୁଆଁଇ ସୋମବାର ବିଳମ୍ବିତ ରାତିରେ ସୋସିଆଲ୍ ମିଡିଆ ଉପରେ ଲଗାଇଥିବା ନିଷେଧାଦେଶ ପ୍ରତ୍ୟାହାର କରିନେଇଥିଲେ ମଧ ଆନ୍ଦୋଳନକାରୀଙ୍କ କ୍ରୋଧ ପ୍ରଶମିତ ହୋଇନାହିଁ। ମଙ୍ଗଳବାର ଆନ୍ଦୋଳନ ଆହୁରି ବ୍ୟାପକ ହେବା ସହ ଉତ୍ତ୍ୟକ୍ତ ଆନ୍ଦୋଳନକାରୀ ପାର୍ଲାମେଣ୍ଟ ଭବନ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ବାସଭବନରେ ନିଆଁ ଲଗାଇ ଦେଇଛନ୍ତି। ଏପରିକି ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସ୍ତ୍ରୀଙ୍କୁ ମଧ ଜାଳି ଦେଇଛନ୍ତି। ଦେଶରେ ରାଜନୈତିକ ଅଚଳାବସ୍ଥା ଦେଖାଦେଇଥିବାବେଳେ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ୍ ଏବଂ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଇସ୍ତଫା ଦେଇଛନ୍ତି। ବ୍ୟାପକ ଆନ୍ଦୋଳନ ନେପାଳକୁ ଦୋହଲାଇ ଦେଇଛି। ରାଜନୈତିକ ନେତୃତ୍ୱର ଅନୁପସ୍ଥିତିରେ ନେପାଳୀ ସେନା ଦେଶର ସୁରକ୍ଷା ସ୍ଥିତି ନିଜ ହାତକୁ ନେଇଥିବା ଏକ ବିବୃତିରେ କହିଛି। ଆନ୍ଦୋଳନକାରୀ ଆଲୋଚନା ଜରିଆରେ ସଙ୍କଟର ସମାଧାନ ପାଇଁ ନେପାଳୀ ସେନା ଏବଂ ଅନ୍ୟ ସୁରକ୍ଷା ସଂସ୍ଥାର ମୁଖ୍ୟମାନେ ମଙ୍ଗଳବାର ମିଳିତ ଭାବେ ନିବେଦନ କରିଛନ୍ତି। ରାଜନୈତିକ ଆଲୋଚନା ମାଧ୍ୟମରେ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ମାର୍ଗ ଖୋଜିବା ପାଇଁ ସେମାନେ ରାଜନୈତିକ ଦଳଗୁଡ଼ିକୁ ଆହ୍ୱାନ ଦେଇଛନ୍ତି।



କାଠମାଣ୍ଡୁରେ ସରକାର ବିରୋଧୀ ଆନ୍ଦୋଳନବେଳେ ଜଣେ ବିକ୍ଷୋଭକାରୀ ପୋଲିସ ଜ୍ୟାକେଟ୍ ପିନ୍ଧି ସ୍ଲୋଗାନ ଦେଉଛନ୍ତି।

- **ଇସ୍ତଫା ଦେଲେ ନେପାଳ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ**
- **ପାର୍ଲାମେଣ୍ଟ, ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ବାସଭବନ ପୋଡ଼ିଦେଲେ**
- **ଅର୍ଥମନ୍ତ୍ରୀ, ସଚିବଙ୍କୁ ଗୋଡ଼ାଇ ପିଟିଲେ ବିକ୍ଷୋଭକାରୀ**

କାଠମାଣ୍ଡୁ,୯।୯(ପି.ଟି./ଏଜେନ୍ସି)

୨୦୦୧ ଜୁନ୍ ୧ରେ କାଠମାଣ୍ଡୁସ୍ଥିତ ନେପାଳ ରାଜପ୍ରାସାଦରେ ତତ୍କାଳୀନ ରାଜା ବୀରେନ୍ଦ୍ର ବୀର ବିକ୍ରମ ଶାହା ଓ ରାଣୀ ଐଶ୍ୱର୍ଯ୍ୟାଙ୍କ ସମେତ ରାଜପରିବାରର ୯ ଜଣଙ୍କୁ ରାଜକୁମାର ଦୀପେନ୍ଦ୍ର ଗୁଳିକରି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିଲେ। ଏହା ପରେ ବୀରେନ୍ଦ୍ରଙ୍କ ସାନଭାଇ ଜ୍ଞାନେନ୍ଦ୍ରଙ୍କ ରାଜ୍ୟାଭିଷେକ କରାଯାଇଥିଲା। ତେବେ ଗଣତନ୍ତ୍ର ସପକ୍ଷବାଦୀଙ୍କ ଲଗାତର ଆନ୍ଦୋଳନ ପରେ ୨୦୦୮ରେ ୨୩୯ ବର୍ଷ ପୁରୁଣା ନେପାଳ ରାଜତନ୍ତ୍ରକୁ ଉଚ୍ଛେଦ କରାଯାଇଥିଲା। ସେବେଠୁ ଦେଶରେ ବିଭିନ୍ନ ଦଳର ୧୪ ସରକାର ଗଠିତ ହୋଇଥିଲେ ମଧ କାହା ଶାସନ ଟିକ୍ପିପାରିନାହିଁ। ୨୦୨୪ ଜୁଲାଇରେ ଖଡ୍ଗ ପ୍ରସାଦ ଶର୍ମା ଓଲି ତୃତୀୟ ଥର ପ୍ରଧାନମନ୍ତ୍ରୀ ହେବା ପରଠୁ ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ହୋଇଆସୁଛି। ଦେଶ ଭ୍ରଷ୍ଟାଚାର ଓ ରାଜନୈତିକ ଅସ୍ଥିରତା ଦେଇ ଗତି କରୁଥିବାବେଳେ ରାଜତନ୍ତ୍ର ଫେରାଇ ଆଣିବା ଦାବିରେ ଅନେକ ଥର ଆନ୍ଦୋଳନ ମୁଣ୍ଡ ଟେକିଛି। ଇତିମଧ୍ୟରେ ଗତ ୪ ତାରିଖରେ ଓଲିଙ୍କ ନେତୃତ୍ୱାଧୀନ ସିପିଏନ୍(ୟୁଏନ୍‌ଏଲ୍)-ନେପାଳୀ କଂଗ୍ରେସ ମେଣ୍ଟ ସରକାର ଦେଶରେ ଫେସ୍‌ବୁକ୍, ☞ପୃଷ୍ଠା-୪


ODISHA INDIA'S BEST KEPT SECRET.

DSPL-251



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



**ଶୁଭାରମ୍ଭ**

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା, ଓଡ଼ିଶା ସରକାର

**“ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା”**
ଟ୍ରେନ୍

ଏହି ତୀର୍ଥଯାତ୍ରାରେ ୫ ଗୋଟି ପ୍ରାରମ୍ଭ ଷ୍ଟେସନରୁ ୧୦ ଗୋଟି ତୀର୍ଥଯାତ୍ରା ଟ୍ରେନ୍ ନିର୍ଦ୍ଧାରିତ ତୀର୍ଥସ୍ଥଳୀକୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀମାନେ ଯାତ୍ରା କରିବେ।
ପ୍ରତ୍ୟେକ ତୀର୍ଥଯାତ୍ରା ଟ୍ରେନ୍‌ରେ ୮୦୦ ଜଣ ତୀର୍ଥଯାତ୍ରୀ ଯାତ୍ରା କରିବାର ସୁବିଧା ରହିଅଛି।

ତୀର୍ଥଯାତ୍ରା ସମୟ: ପୂର୍ବାହ୍ନ ୧୧.୦୦ ଘଟିକା

| ଯାତ୍ରା ସଂଖ୍ୟା | ପ୍ରାରମ୍ଭ ଷ୍ଟେସନ୍‌ର ନାମ | ଅନ୍ତର୍ଭୁକ୍ତ ଜିଲ୍ଲାର ନାମ | ଭ୍ରମଣ ସ୍ଥାନ | ଯାତ୍ରା ପ୍ରାରମ୍ଭ ତାରିଖ | ଯାତ୍ରା ସମାପ୍ତ ତାରିଖ |
|---|---|---|---|---|---|
| ୧ | ଭୁବନେଶ୍ୱର | ପୁରୀ, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଜଗତସିଂହପୁର | ୧. ଅଯୋଧ୍ୟା-ବାରଣାସୀ | ୧୦.୦୯.୨୦୨୫ | ୧୫.୦୯.୨୦୨୫ |
| | | | ୨. ଉଜ୍ଜୟିନୀ-ଓଙ୍କାରେଶ୍ୱର | ୨୫.୧୧.୨୦୨୫ | ୩୦.୧୧.୨୦୨୫ |
| ୨ | ବ୍ରହ୍ମପୁର | ଗଞ୍ଜାମ, ଗଜପତି, ବୌଦ୍ଧ, କନ୍ଧମାଳ, ନୟାଗଡ଼ | ୧. ଅଯୋଧ୍ୟା-ବାରଣାସୀ | ୧୯.୦୯.୨୦୨୫ | ୨୪.୦୯.୨୦୨୫ |
| | | | ୨. ଉଜ୍ଜୟିନୀ-ଓଙ୍କାରେଶ୍ୱର | ୧୭.୧୧.୨୦୨୫ | ୨୨.୧୧.୨୦୨୫ |
| ୩ | ସମ୍ବଲପୁର | ସମ୍ବଲପୁର, ଅନୁଗୁଳ, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର, ବରଗଡ଼ | ୧. ଅଯୋଧ୍ୟା-ବାରଣାସୀ | ୦୮.୧୦.୨୦୨୫ | ୧୩.୧୦.୨୦୨୫ |
| | | | ୨. ରାମେଶ୍ୱରମ-ମଦୁରାଇ | ୦୫.୧୨.୨୦୨୫ | ୧୦.୧୨.୨୦୨୫ |
| ୪ | ରାୟଗଡ଼ | ରାୟଗଡ଼, କୋରାପୁଟ, ମାଲକାନଗିରି, ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି | ୧. ଅଯୋଧ୍ୟା-ବାରଣାସୀ | ୨୯.୧୦.୨୦୨୫ | ୦୩.୧୧.୨୦୨୫ |
| | | | ୨. ରାମେଶ୍ୱରମ-ମଦୁରାଇ | ୧୫.୧୨.୨୦୨୫ | ୨୦.୧୨.୨୦୨୫ |
| ୫ | ବାଲେଶ୍ୱର | ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର | ୧. ଅଯୋଧ୍ୟା-ବାରଣାସୀ | ୦୭.୧୧.୨୦୨୫ | ୧୨.୧୧.୨୦୨୫ |
| | | | ୨. ରାମେଶ୍ୱରମ-ମଦୁରାଇ | ୦୭.୦୧.୨୦୨୬ | ୧୨.୦୧.୨୦୨୬ |





OIPR-37001/13/0057/2526

ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାର | www.odishatourism.gov.in | odishatourismofficial | odishatourismofficial | odisha_tourism | odishatourismofficial

# ଲୋଇସିଂହା ବ୍ଲକ୍‌ରେ ୟୁରିଆ ସାର ସଙ୍କଟ

## ଯୋଗୀସର୍ଡା ପାକ୍ସରେ ଚାଷୀ-କର୍ମଚାରୀ ମୁହାଁମୁହିଁ

ଲୋଇସିଂହା,୯।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲାର ଲୋଇସିଂହା ଓ ଆଗଲପୁର ବ୍ଲକରେ ସାରର ଘୋର ଅଭାବ ଦେଖାଦେଇଛି। ଫଳରେ ଚାଷୀମାନଙ୍କୁ ସାର ପାଇବା ପାଇଁ ଏକରକମ ସଂଘର୍ଷ କରିବାକୁ ପଡୁଛି। ସାର ନେବା ପାଇଁ ସୋମବାର ଲୋଇସିଂହା ବ୍ଲକର ଯୋଗୀସର୍ଡା ପାକ୍ସରେ ଚାଷୀ ଓ ପାକ୍ସ କର୍ମଚାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ଲୋଇସିଂହା ବ୍ଲକରେ ୧୦ ପାକ୍ସ ଓ ଆଗଲପୁର ବ୍ଲକରେ ୧୩ ପାକ୍ସ କାର୍ଯ୍ୟ କରୁଛି। ଉଭୟ ବ୍ଲକରେ ପ୍ରାୟ ୧୪ ହଜାରରୁ ଊର୍ଦ୍ଧ୍ୱ ଋଣୀ ଚାଷୀ ରହିଛନ୍ତି। ଏହାଛଡା ଅଣ ଋଣୀ ଚାଷୀ ମଧ୍ୟ ରହିଛନ୍ତି। ଉଭୟ ବ୍ଲକର ସମସ୍ତ ପାକ୍ସକୁ ପ୍ରଥମ ପର୍ଯ୍ୟାୟ ସାର ଯୋଗାଣ ହୋଇଥିଲା । ଋଣୀ ଚାଷୀ ଓ ଅଣ ଋଣୀ ଚାଷୀମାନେ ସାର ପାଇଥିଲେ। ଏବେ ଖରିଫ ଚାଷରେ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ସାର ପ୍ରୟୋଗ କରୁଛନ୍ତି ଚାଷୀ। ହେଲେ ୟୁରିଆ ସାରର ଚାହିଦା ଥିଲେ ସୁଦ୍ଧା ବଜାରରେ ପର୍ଯ୍ୟାପ୍ତ ପରିମାଣରେ ମିଳୁନାହିଁ। ହୋଲସେଲରମାନେ ଜାଣିଶୁଣି ଡିଲର ଓ ପାକ୍ସକୁ ଦେଉ ନ ଥିବାରୁ ବଜାରରେ ୟୁରିଆ ସାର ଅଭାବ ରହୁଛି। ଅପରପକ୍ଷେ ଯେଉଁ ଡିଲରମାନଙ୍କ ପାଖରେ ସାର ମହଜୁଦ ରହିଛି, ସେମାନେ ମନଇଚ୍ଛା ଦରରେ ବିକ୍ରି କରୁଛନ୍ତି। ଏପରିକି ୟୁରିଆ ସହ ଜିଙ୍କ୍ ଆଦି ବୋଝ ଲଦି ଚାଷୀଙ୍କୁ ଶୋଷଣ କରୁଛନ୍ତି। ଆଗଲପୁର ବ୍ଲକ ଡୁଡୁକାସ୍ଥିତ ଜଣେ ହୋଲସେଲର ରୁଗୁଡିଖାଲ ଅଞ୍ଚଳର ଜଣେ ଡିଲରଙ୍କ ସହ ମଧୁଚନ୍ଦ୍ରିକା କରି ଚଢାଦରରେ ସାର ବିକ୍ରି କରି ଚାଷୀଙ୍କୁ ଶୋଷଣ କରୁଥିବା ମିଳିତ କୃଷକ ସଂଘର୍ଷ ସମିତି ପକ୍ଷରୁ ଅଭିଯୋଗ ହେଉଛି। ଆଗଲପୁର ବ୍ଲକର ୧୩ ପାକ୍ସ ମଧ୍ୟରୁ ବୁଦଲା, ନଅଗାଁ(କ), ପଟୁଆପାଲି, ବେନ୍ଦ୍ରା ଆଦି ହାତ ଗଣତି ୩ ରୁ୪ ଟି ପାକ୍ସକୁ ଦ୍ୱିତୀୟ ପର୍ଯ୍ୟାୟ ସାର ଯୋଗାଣ ପାଇଁ ମଞ୍ଜୁର ହୋଇଥିବା ଜଣାଯାଇଛି ।

ଗତ କିଛିଦିନ ତଳେ ଲୋଇସିଂହା ବ୍ଲକର ୧୦ ପାକ୍ସ ମଧ୍ୟରୁ ଏକମାତ୍ର ଯୋଗୀସର୍ଡା ପାକ୍ସକୁ ପ୍ରାୟ ୩୧୫ ବସ୍ତା ସାର ଯୋଗାଣ ହୋଇଥିଲା। ହେଲେ ପାକ୍ସ ଗୋଦାମରେ ୫୦ ବସ୍ତା ସାର କମ ଥିଲା। ଅପରପକ୍ଷେ ପାକ୍ସ କର୍ମଚାରୀ ଚତୁରତାର ସହ ପାକ୍ସ ଅଧୀନ ଏକ ନିର୍ଦ୍ଦିଷ୍ଟ ଗ୍ରାମର ଚାଷୀଙ୍କୁ ସାର ବଣ୍ଟନ କରି ଦେଇଥିଲେ। ଏହି କାରଣରୁ ସୋମବାର ଉକ୍ତ ପାକ୍ସରେ ଯୋଗୀସର୍ଡା ଗ୍ରାମର ଚାଷୀ ଓ ପାକ୍ସ କର୍ମଚାରୀ ମୁହାଁମୁହିଁ ହୋଇଥିବା ଜଣାପଡିଛି। ପାକ୍ସକୁ ସାର ଯୋଗାଣରେ ଅନିୟମିତତା ଓ ଡୁଡୁକା ହୋଲସେଲରଙ୍କ ପାତରଅନ୍ତର ନେଇ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କୃଷକ ସଂଘର୍ଷ ସମିତି ପକ୍ଷରୁ ଦାବି ହେଉଛି। ଉଲ୍ଲେଖଯୋଗ୍ୟ, ନବାନ୍ନ ସରି ଯାଇଥିବା ବେଳେ ଚାଷ ହୋଇଥିବା ଛୋଟ ଧାନ ଗଛରେ ଖେଡ ଆସିଲାଣି। ଏବେ ବଡ ଧାନ ପାଇଁ ୟୁରିଆ ସାର ପ୍ରୟୋଗର ପ୍ରକୃଷ୍ଟ ସମୟ ହୋଇଛି। ଏଣୁ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରୁ ସରକାରୀ ଦରରେ ସାର ପାଇବା ପାଇଁ ଚାଷୀ ଚାହିଁ ରହିଛନ୍ତ। କିନ୍ତୁ ପାକ୍ସକୁ ସାର ଯୋଗାଣ ହେଉନାହିଁ। କାଁ ଭାଁ ସ୍ଥାନରେ ଡିଲରମାନେ ବିକ୍ରି କରୁଛନ୍ତି। ତାହା ପୁଣି ପର୍ଯ୍ୟାପ୍ତ ହେଉନାହିଁ। ଏଭଳି ପରିସ୍ଥିତିରେ ଡିଲରମାନେ ମନମାନୀରେ କଳାବଜାର କରି ସାର ଚଢାଦରରେ ବିକ୍ରି କରୁଛନ୍ତି। ବର୍ତ୍ତମାନ ଖରିଫ ଚାଷରେ କାଣ୍ଡବିନ୍ଧା, ସଢା ଆଦି ରୋଗପୋକ ଉପଦ୍ରବ ପରିଲକ୍ଷିତ ହେଉଛି। ଏଭଳି ପରିସ୍ଥିତିରେ ସାରର ସୁଷମ ବଣ୍ଟନ ଓ ରୋଗପୋକ ଦମନରେ କୃଷି ବିଭାଗର ଉଦାସୀନତା ଯୋଗୁ ଚାଷୀଙ୍କ ସମସ୍ୟା ଦ୍ୱିଗୁଣିତ ହୋଇପଡିଛି।


ଯୋଗୀସର୍ଡା ପାକ୍ସରେ ସାର ପାଇଁ ଚାଷୀଙ୍କ ଭିଡ଼।

**ସାର ନେବା ପାଇଁ ଚାଷୀ କଲବଲ**

# ବଲାଙ୍ଗୀର ଦଳର କେନ୍ଦୁଝର ଗସ୍ତ


କେନ୍ଦୁଝର ଗସ୍ତ କରିଥିବା ବଲାଙ୍ଗୀର ଟିମ୍‌ର ଖେଳାଳି।

## ରାଜ୍ୟସ୍ତରୀୟ ସ୍କୁଲ ଗେମ୍ ଟାଏକୋଣ୍ଡୋ ପ୍ରତିଯୋଗିତା

ବଲାଙ୍ଗୀର,୯।୯(ବୀରେନ୍ଦ୍ର କୁମାରେ ଝାଙ୍କର)

କେନ୍ଦୁଝର ଜିଲା ବର୍ବିଲ ଠାରେ ଆସନ୍ତା ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ସ୍କୁଲ ଗେମ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ବଲାଙ୍ଗୀର ଜିଲାରୁ ୧୬ ଜଣିଆ ଟିମ୍ ମଙ୍ଗଳବାର କେନ୍ଦୁଝର ଅଭିମୁଖେ ଯାତ୍ରା କରିଛନ୍ତି। ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ରିତୁ ବାଗ, ରିତୁ ବିଶି, ଶ୍ରାବଣୀ ଜାଲ, ପୁଷ୍ପାଞ୍ଜଳି ଚନ୍ଦନ ଓ ବାଳକ ବିଭାଗରେ ଜୟମ୍ ସାହୁ, ଜ୍ୟୋତିର୍ମୟ ଜେନା, ସିତୁ ପୋଢ, ଓମ୍‌ପ୍ରାଣ ପୃଷ୍ଟି, ହୃଷିକେଶ ପୁଟେଲ, ପ୍ରମିତ ବିଶ୍ୱାଳ, ଭୋଜରାଜ ବେହେରା ଓ ବିଭୁବ୍ରତ ସାହୁ ଭାଗ ନେବେ। ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ମୀରା ସେଠ ଓ ବାଳକ ବିଭାଗରେ ଯୁବରାଜ ତୁମନିୟା, ସାଇଶକ୍ତି ଶିବାନନ୍ଦ ବେହେରା, ଲିଙ୍ଗରାଜ ପଧାନ ଓ ଗୋପବନ୍ଧୁ ନନ୍ଦ ଭାଗ ନେବେ। ଟିମ୍ ମ୍ୟାନେଜର ଭାବେ ଟିକଲବାହାଲ ୟୁଜିଏଚ୍‌ଏସ୍ ପିଇଟି ରାଜକୁମାର ପାଣିଗ୍ରାହୀ ଓ ଏନ୍‌ବି ଉଚ୍ଚ ବିଦ୍ୟାଳୟ ଜରାସିଂହା ପିଇଟି ପୁଷ୍ପାଞ୍ଜଳି କିଶାନ ମନୋନୀତ ହୋଇଛନ୍ତି । ଏହି ଅବସରରେ ବଲାଙ୍ଗୀର ଶିକ୍ଷା ବିଭାଗ ତରଫରୁ ଟାଏକୋଣ୍ଡୋ କୋଚ ତଥା ରେଫରି ଅସୀମ କୁମାର ଭୋଇଙ୍କୁ ଏହି ରାଜ୍ୟସ୍ତରୀୟ ସ୍କୁଲ ଟାଏକୋଣ୍ଡୋ ପରିଚାଳନା କରିବା ପାଇଁ ଟେକ୍‌ନିକାଲ ଅଫିସିଆଲ ଭାବେ ନିୟୋଜିତ କରାଯାଇଛି । ଏହି ଅବସରରେ ଡିପିଇଓ ପ୍ରଦୀପ ପାତ୍ର, ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ରନାଥ ମିଶ୍ର ଓ ଟିକଲବାହାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜକିଶୋର ପଧାନ ସମସ୍ତ ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମହୁଲ ପୋଚ ସହ ରନ୍ଧା ମଦ ଜବତ: ଜଣେ ଗିରଫ



ପାଟଣାଗଡ଼,୯।୯(ସଚ୍ଚିଦାନନ୍ଦ ମହାକୁର)

ମଙ୍ଗଳବାର ବଲାଙ୍ଗୀର ଜିଲା ପାଟଣାଗଡ଼ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ଗ୍ରାମରେ ଚଢାଉ କରାଯାଇ ୧୧ ଶହ କେଜି ମହୁଲ ପୋଚ ସହ ୬୮ ଲିଟର ରନ୍ଧା ମଦ ଜବତ ହୋଇଛି । ଏହି ଘଟଣାରେ ଇନପୁର ଗ୍ରାମର କଙ୍ଗାଲୁ ସାହୁଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜିଲା ଅବକାରୀ ଆରକ୍ଷୀ ଅଧୀକ୍ଷକ ସୀତାକାନ୍ତ ମୁଦୁଲିଙ୍କ ନିର୍ଦ୍ଦେଶ କ୍ରମେ ବିଭାଗୀୟ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ଲରମ୍ଭା ଥାନା ଅଧୀନ ରେଙ୍ଗାଲି, ଇନପୁର, ଖୁରସେଲ ଓ ଦେଭୂଇଁ ଗ୍ରାମରେ ଚଢାଉ କରାଯାଇଥିଲା। ଏହି କାରବାରରେ ସମ୍ପୃକ୍ତ ଅନ୍ୟ କେତେଜଣ ଯୁବକ ଫେରାର ଥିବା ଅବକାରୀ ଥାନା ଅଧିକାରୀ ରାଜକୁମାର ବେହେରା ସୂଚନା ଦେଇଛନ୍ତି। ଜବତ ମହୁଲ ପୋଚକୁ ନଷ୍ଟ କରି ଦିଆଯାଇଛି। ଏ ନେଇ ନଂ ୧୦୬ ଓ ୧୦୭ରେ ଏକ ମାମଲା ରୁଜୁ ହୋଇଛି । ଏହି ଚଢାଉରେ ମାଜିଷ୍ଟ୍ରେଟ ଭାବେ ପାଟଣାଗଡ଼ ସହକାରୀ ଜିଲାପାଳ ହେତୁରାମ ବିଭାର ଉପସ୍ଥିତ ଥିଲେ । ସ୍ଥାନୀୟ ପୋଲିସ ଓ ବନ ବିଭାଗର କର୍ମଚାରୀମାନେ ସାମିଲ ଥିଲେ।

# ମାଲପଡ଼ା ନାଗରିକ କମିଟିର ବୈଠକ

## ଡ୍ରେନ୍ ଅବ୍ୟବସ୍ଥା, ବୁଲା ଗୋରୁ, କୁକୁର ସମସ୍ୟାକୁ ନେଇ ଉଦ୍‌ବେଗ

ବଲାଙ୍ଗୀର,୯।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମାଲପଡା ନାଗରିକ କମିଟିର ଏକ ବୈଠକ ସଭାପତି ଗୋପବନ୍ଧୁ ପୁରୋହିତଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସ୍ଥାନୀୟ ରେଳ ଉପଭୋକ୍ତା ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମାଲପଡାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ପୌରପାଳିକା ପକ୍ଷରୁ ଅନେକ ଡ୍ରେନ ତିଆରି କରାଯାଇଥିଲେ ମଧ୍ୟ ସେଥିରେ ଢାଙ୍କଣୀ ଲଗାଯାଇ ନଥିବାରୁ ବୁଲା ଗାଈଗୋରୁ ଡ୍ରେନ୍‌ରେ ପଡି ଯାଉଥିବା ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହାସହିତ ଖୋଲା ଡ୍ରେନ୍ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଦୁର୍ଗନ୍ଧ ବାହାରୁଛି। ଡ୍ରେନରେ ମଶା ତେଲ ପକା ଯାଉନଥିବାରୁ ମଶା ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଏଣୁ ଲୋକେ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି। ବିଦ୍ୟୁତ୍ ବିଭାଗ ଦ୍ୱାରା ଅଘୋଷିତ ଘନ ଘନ ବିଜୁଳି କାଟ କରାଯାଉଥିବା ବିଷୟକୁ ନେଇ ଆଲୋଚନା ହୋଇଥିଲା। ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଲୋକେ ହନ୍ତସନ୍ତ ହେଉଥିବାରୁ ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ଦାବି କରାଯାଇଥିଲା। ବଲାଙ୍ଗୀର ସହରରେ ବୁଲା ଗାଈଗୋରୁ ଏବଂ କୁକୁର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ବୁଲା ଗାଈଗୋରୁ ଓ କୁକୁରମାନଙ୍କ ପାଇଁ ରାସ୍ତାଘାଟରେ ଟ୍ରାଫିକ ସମସ୍ୟା ଓ ଦୁର୍ଘଟଣା ଘଟୁଛି। ଏହାର ସମାଧାନ ପାଇଁ ଗୋରୁଙ୍କୁ ନିରାପଦ ସ୍ଥାନରେ ରଖାଯାଉ ଏବଂ ବୁଲା କୁକୁର ସମସ୍ୟାର ସମାଧାନ କରାଯିବାକୁ ଦାବି କରାଯାଇଛି। ବୈଠକରେ ମାଲପଡାର ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କରାଯିବାକୁ ସର୍ବସମ୍ମତିକ୍ରମେ ମତ ପ୍ରକାଶ ପାଇଥିଲା। ସଂଘ ଉପସଭାପତି ପ୍ରଫେସର ତରୁଣ କୁମାର ମିଶ୍ର, ସମ୍ପାଦକ ପଞ୍ଚାନନ ସେଠ, ଦିବାକର ହୋତା, ଆକୁଳ ବେହେରା, ବିମଳ କୁମାର ଚକ୍ରବର୍ତ୍ତୀ, ନିମାଇଁ ଚରଣ ଦାଶ, ସୂର୍ଯ୍ୟଭାନୁ ମିଶ୍ର, ସୁଶୀଳ କୁମାର ନାଏକ, ଛବିଲାଲ ବେହେରା, ପ୍ରଦୀପ କୁମାର ନେପାକ ଉପସ୍ଥିତ ଥିଲେ। ଶେଷରେ ଅଶୋକ କୁମାର ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ସଦସ୍ୟ।

# ମାରୱାଡି ଯୁବାମଞ୍ଚ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

କଣ୍ଟାବାଞ୍ଜି,୯।୯(ଗୁରୁ ଦୟାଲ ହଂସ)

କଣ୍ଟାବାଞ୍ଜି ହରିଭବନରେ ମଙ୍ଗଳବାର ଦିନ ମାରୱାଡି ଯୁବା ମଞ୍ଚ କଣ୍ଟାବାଞ୍ଜି ଶାଖା ଓ ଜାଗୃତି ଶାଖା ପକ୍ଷରୁ ରାୟପୁର ଏମଏମଆଇ ନାରାୟଣ ହସ୍ପିଟାଲ ସହଯୋଗରେ ନିଶୁଳ୍କ ସାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କଣ୍ଟାବାଞ୍ଜି ପ୍ରେସ କ୍ଲବ ସଭାପତି ପ୍ରଭଜିତ୍ ସିଂହ ସାଲୁଜା, ମାରୱାଡି ଯୁବା ମଞ୍ଚ ବିକାଶ ଶାଖା ସଭାପତି ନିଖିଲ ଅଗ୍ରୱାଲ, ସମ୍ପାଦକ ନବନିତ୍ ଅଗ୍ରୱାଲ, ଜାଗୃତି ମହିଳା ଶାଖା ସଭାପତି ଚଞ୍ଚଳ ବଂଶଲ, ସମ୍ପାଦକ ଚଞ୍ଚଳ ଅଗ୍ରୱାଲ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା ଅଙ୍କିତା ଜୈନ ଓ ମନୀଷ ଜୈନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ରଜତ ଅଗ୍ରୱାଲ ଓ ଅଙ୍କିତା ଅଗ୍ରୱାଲଙ୍କ ନେତୃତ୍ୱରେ ଏମଏମଆଇ ନାରାୟଣ ହସ୍ପିଟାଲ ରାୟପୁରର ବରିଷ୍ଠ ବିଶେଷଜ୍ଞ ଡା. ରାଜେଶ ସିଂହା, ଡା. ବରୁଣ ଶର୍ମା, ଡା. ୱେରେନିକା ଆଇରିନ ୟୁଏଲ, ଡା. ପ୍ରଶାନ୍ତ ମଡ଼ରିଆ, ଡା. ଅଦିତି ଶର୍ମା, ଡା. କମଲେଶ ସୋନି ଶିବିରରେ ଯୋଗଦେଇ ଆଖପାଖ ଅଞ୍ଚଳର ୩୧୫ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଭଳି ଆୟୋଜନ ପାଇଁ ବିଧାୟକ ବାଗ ଆୟୋଜକ କମିଟି ଏବଂ ଡାକ୍ତରଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଶିବିର ନିରନ୍ତର କରାଯିବ ବୋଲି ପ୍ରୋଜେକ୍ଟ ଡାଇରେକ୍ଟର ଆଶିଷ ଖଇତାନ କହିଛନ୍ତି। ଏହି ଶିବିର ଅବସରରେ ବିଭିନ୍ନ କ୍ଷେତ୍ରରେ ସେବା କାର୍ଯ୍ୟ କରିଥିବା ଲୋକଙ୍କୁ ସମ୍ମାନିତ କରାଯାଇଥିଲା। ମାରୱାଡି ଯୁବା ମଞ୍ଚ ବିକାଶ ଶାଖା ଓ ମହିଳା ଜାଗୃତି ଶାଖାର ସମସ୍ତ ସଭ୍ୟ ଯୋଗ ଦେଇଥିଲେ।


ଶିବିରରେ ବିଧାୟକ ଓ ଅନ୍ୟମାନେ।

# ରାଏପାଲିକୁ ପଞ୍ଚାୟତ ମାନ୍ୟତା ପ୍ରଦାନ ନେଇ ଦାବିପତ୍ର ପ୍ରଦାନ


ବିଡିଓଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।

ଦେଓଗାଁ,୯।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ରାଏପାଲି ଗାଁକୁ ନୂତନ ଭାବେ ପଞ୍ଚାୟତ ମାନ୍ୟତା ପ୍ରଦାନ ପାଇଁ ମଙ୍ଗଳବାର ରାଏପାଲି ସମେତ ଆଖପାଖ ଗାଁର ଜନସାଧାରଣ ବିଡିଓ ପ୍ରିୟରଞ୍ଜନ କୁମାର ଓ ତହସିଲଦାର ନର୍ମଦା ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ଚାରି ଦଶନ୍ଧିରୁ ଅଧିକ ସମୟ ହେଲା ଗାଇବାହାଲ ଓ ଉଡାର ପଞ୍ଚାୟତର ବଣଜଙ୍ଗଲ ଘେରା ୬ଟି ଗାଁ ରାଏପାଲି, ରତନପୁର, ଘୁଚିପାଲି, ଲୁହୁରେନପାଲି, ପଦମପୁର ଓ ବ୍ରାହ୍ମଣୀପାଲି ରହିଛି । ରାଏପାଲି, ରତନପୁର ଓ ଘୁଚିପାଲି ଆଦି ଗାଁରୁ ପଞ୍ଚାୟତ ମୁଖ୍ୟାଳୟ ଗାଇବାହାଲକୁ ୧୨ରୁ ୧୫ କିଲୋମିଟର ଦୂରତା ହେଉଥିବାରୁ ଜନସାଧାରଣ ବିଭିନ୍ନ ସମୟରେ ନା ନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଣୁ ବ୍ଲକର ବଡ ପଞ୍ଚାୟତ ହିସାବରେ ଗାଇବାହାଲ ଓ ଉଡାର ରହିଥିବା ବେଳେ ରାଏପାଲି ଗାଁକୁ ନୂତନ ପଞ୍ଚାୟତ ଭାବେ ମାନ୍ୟତା ଦେଲେ ସମସ୍ତେ ଉପକୃତ ହୋଇପାରିବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ଦେଓଗାଁ,୯।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାକକ୍ଷରେ ମଙ୍ଗଳବାର ଶିଶୁ ବିକାଶ ପ୍ରକଳ୍ପ ତରଫରୁ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ମିନତୀରାଣୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ ପ୍ରିୟ ରଞ୍ଜନ କୁମାର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଚିକିତ୍ସାଧିକାରୀ ଡା. ଚିତ୍ତ ରଞ୍ଜନ ମିଶ୍ର, ଗ୍ରାମ ପଞ୍ଚାୟତ ଅଧିକାରୀ ସେନାପତି ମଙ୍ଗରାଜ, ପାରାଲିଗାଲ ଭଲ୍ୟୁଣ୍ଟିୟର ବିଦ୍ୟୁତଲତା ଖମାରୀ, ଏବିଇଓ ଓ ଅଙ୍ଗନୱାଡି କର୍ମୀମାନେ ଯୋଗ ଦେଇଥିଲେ। ସିଡିପିଓ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଅବଗତ କରିଥିଲେ। ସେହିପରି ବାଲ୍ୟ ବିବାହରେ କିଶୋରୀମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଚିକିତ୍ସାଧିକାରୀ ମିଶ୍ର ସଚେତନ କରିଥିଲେ। ପାରାଲିଗାଲ ସଦସ୍ୟା ଖମାରୀ ବାଲ୍ୟ ବିବାହ ସମ୍ପର୍କିତ ଆଇନ ଓ ଅପରାଧ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ନୂଆଁପାଲି ଗାଁର ଅଙ୍ଗନୱାଡି କର୍ମୀ ମମତା ଶତପଥୀ ବାଲ୍ୟ ବିବାହ ସମ୍ପର୍କରେ ନିଜସ୍ୱ ମତବ୍ୟକ୍ତ କରିଥିଲେ । ଶେଷରେ ଅନିତା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀ ବୃନ୍ଦ।

# ବଲାଙ୍ଗୀର ଖ୍ରୀଷ୍ଟୀୟ ସମାଜର ନୂଆଁଖାଇ ଭେଟ କାର୍ଯ୍ୟକ୍ରମ

ବଲାଙ୍ଗୀର,୯।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହରର ଖ୍ରୀଷ୍ଟୀୟ ସମାଜ ଆନୁକୂଲ୍ୟରେ ସୋମବାର ନୂଆଁଖାଇ ପାଳନ କରାଯାଇଥିଲା। ସକାଳେ ପ୍ରଥମେ ସହରର ସମସ୍ତ ଖ୍ରୀଷ୍ଟୀୟ ଉପାସନାଳୟ, ସଭାଗୃହରେ ନୂଆଁଚୁଡା ଉତ୍ସର୍ଗ କରାଯାଇ ଭକ୍ଷଣ କରାଯାଇଥିଲା। ଅପରାହ୍ନରେ ସ୍ଥାନୀୟ ମିଶନ ସ୍କୁଲ ଖେଳପଡିଆଠାରେ ନୂଆଁଖାଇ ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ସବ୍‌ଜୁନିୟର, ନିମ୍ନ, ଉଚ୍ଚ, ବୟସ୍କ ଉଭୟ ମହିଳା ଓ ପୁରୁଷଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନୂଆଁଖାଇ ଭେଟ କାର୍ଯ୍ୟକ୍ରମରେ ସମ୍ବଲପୁର ଧର୍ମାଞ୍ଚଳର ବିଶପ ଇମାନୁଏଲ ଦାନୀ ମୁଖ୍ୟଅତିଥି ଏବଂ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ନୂଆଁଖାଇ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ନୂଆଁଖାଇର ମୁଖ୍ୟ ଶସ୍ୟ ଉତ୍ସର୍ଗ କାର୍ଯ୍ୟକ୍ରମ ନିୟୁ ଲାଇଫ୍ ଏସେମ୍ବ୍ଲି ହଲ୍‌ଠାରେ ଆୟୋଜିତ ହୋଇଥିଲା। କେନ୍ଦ୍ର ସମ୍ପାଦକ ସଚ୍ଚିଦାନନ୍ଦ ହନୁମାନଙ୍କ ସଂଯୋଜନାକ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ବିଶପ ଇମାନୁଏଲ ଦାନୀ ମଣ୍ଡଳୀ ସମୂହରୁ ଆସିଥିବା ନବ ଶସ୍ୟଗୁଡିକୁ ଉତ୍ସର୍ଗ କରିଥିଲେ। ନୂଆଁଖାଇ ଭେଟ କାର୍ଯ୍ୟକ୍ରମକୁ ନରେଶ ମାଥ୍ୟୁସ, ମହେନ୍ଦ୍ର କୁମାର ବାଗ, ପ୍ରଫେସର ଦାଉଦ ସାଗର, ମାନୁଏଲ ବାରିକ, ଇମାନୁଏଲ ନନ୍ଦ, ଅବ୍ରାହମ ନାଗ, ଉମେଶ ଚନ୍ଦ୍ର ନାଗ, ଅରୁଣା ପାଣିଗ୍ରାହୀ, ଅଳକା ନନ୍ଦ, ସ୍ନିଗ୍ଧାରାଣୀ ନନ୍ଦ, ଶୈଳବାସିନୀ ସାଗର ପରିଚାଳନା କରିଥିଲେ । ଏହି ଅବସରରେ ଖ୍ରୀଷ୍ଟିୟାନ ୟୁଥ୍ ଫୋରମ୍ ପକ୍ଷରୁ ନୃତ୍ୟ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ସହର ଓ ଆଖପାଖ ଅଞ୍ଚଳର ଲୋକେ ଉପସ୍ଥିତ ରହି ଏହାକୁ ଉପଭୋଗ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଗିରଫ ୨ ଅଭିଯୁକ୍ତ ଜେଲ ଗଲେ

ବୀରମହାରାଜପୁର,୯।୯(ଯୁଗଳ କିଶୋର ମିଶ୍ର)


ଗିରଫ ୨ଅଭିଯୁକ୍ତ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମେଣ୍ଡାମାଳଠାରେ ଗତ ଅଗଷ୍ଟ ୨୯ରେ ବାଘମାରି ଗ୍ରାମର ଅଜିତ କୁମାର ଖଣ୍ଡଗିରିଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ମଙ୍ଗଳବାର ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଦେବେନ୍ଦ୍ର ପାତ୍ରଙ୍କ କକା ମେଣ୍ଡାମାଳର ଲକ୍ଷ୍ମଣ ପାତ୍ର (୫୨) ଓ ଭିଣୋଇ ଜାମଗାଁର ସୁରେଶ ମହାକୁଡ଼ (୪୧)। ବୀରମହାରାଜପୁର ଏସ୍‌ଡିଜେଏମ ଉଭୟଙ୍କ ଜାମିନ ଆବେଦନ ଖାରଜ କରିବାରୁ ସେମାନଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି। ଏମାନଙ୍କ ସହ ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ପୋଲିସ ଧରିଥିଲା। ତାଙ୍କୁ ସୋନପୁର ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇ ରାଉରକେଲା ବାଳ ସ୍ୱଧାର କେନ୍ଦ୍ରକୁ ପଠାଇ ଦିଆଯାଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଦେବେନ୍ଦ୍ର ପାତ୍ର କୋର୍ଟରେ ଆତ୍ମସମର୍ପଣ ପରେ ବୀରମହାରାଜପୁର ଥାନା ପୋଲିସ ତାଙ୍କୁ ୪ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରୁଛି।

**ଅଜିତ ଖଣ୍ଡଗିରି ହତ୍ୟା ମାମଲା**

**ଅନ୍ୟତମ ନାବାଳକ ଅଭିଯୁକ୍ତ ଗଲେ ରାଉରକେଲା ବାଳ ସ୍ୱଧାର ଗୃହ**

ମେଣ୍ଡାମାଳଠାରେ ଅଗଷ୍ଟ ୨୯ରେ ବାଘମାରିର ଅଜିତ କୁମାର ଖଣ୍ଡଗିରିଙ୍କୁ ସଂଘବଦ୍ଧଭାବେ ଆକ୍ରମଣ କରି ହତ୍ୟା କରାଯାଇଥିଲା। ମୃତକଙ୍କ ଭାଇ ସଞ୍ଜିତ ଖଣ୍ଡଗିରିଙ୍କ ଏତଲା ଆଧାରରେ ହତ୍ୟା ମାମଲା(ନଂ.୧୯୧/୨୫) ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବି କରି ସେପ୍ଟେମ୍ବର ୩ରେ ବାଘମାରି, କର୍ଣ୍ଣପାଲି ଗାଁର ବହୁ ଲୋକେ ବୀରମହାରାଜପୁର ଥାନା ଘେରାଉ କରିଥିଲେ। ସୋମବାର ବୀରମହାରାଜପୁର ପୋଲିସ ଲକ୍ଷ୍ମଣ ଓ ସୁରେଶଙ୍କ ସହ ଜଣେ ନାବାଳକଙ୍କୁ ଧରିଥିଲା। ଏହି ଘଟଣାରେ ଫେରାର ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ସାଧାରଣରେ ଦାବି ହେଉଛି।

# ଗଞ୍ଜେଇ ଚାଲାଣ ଘଟଣା, ୩ ଅଭିଯୁକ୍ତ ଗିରଫ

ବିନିକା, ୮।୯ (ରାମ ଗୋପାଳ ବାଘ)


ଜବତ କାର, ଗଞ୍ଜେଇ ସହ ପୋଲିସ ହେପାଜତରେ ଅଭିଯୁକ୍ତମାନେ।

ସୁବର୍ଣ୍ଣପୁର ଜିଲା ବିନିକା ବେଲପଡା ଛକରୁ ଗଞ୍ଜେଇ ଚାଲାଣ ବେଳେ ଗିରଫ ୩ ଅଭିଯୁକ୍ତଙ୍କୁ ମଙ୍ଗଳବାର ପୋଲିସ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସୋନପୁରସ୍ଥିତ ସବଜେଲ ହାଜତ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶ ଛିନପାରି ଗ୍ରାମର ୟେସ ଚନ୍ଦ୍ର(୨୪), ଇଟାୱା ଜିଲା ଭଡ଼ିମୋର୍ ଗାଁର ଶ୍ୱେତା ଯାଦବ (୧୯) ଓ ସମ୍ବଲପୁର ଚିପିଲିମାର ସ୍ୱାଧୀନ ହରିପାଲ (୨୬)।

ରବିବାର ରାତିରେ ବିନିକା ଥାନା ସାମ୍ନାରେ ନମ୍ବର ବିହୀନ ଏକ ବ୍ଲୁ ରଙ୍ଗର ନୂଆକାର ଦ୍ରୁତ ଗତିରେ ଯାଉଥିବା ଦେଖି ପୋଲିସ ଅଟକାଇଥିଲା। ହେଲେ ଅଟକାଇ ପରିବର୍ତ୍ତେ ଚାଳକ ଗାଡିକୁ ଦ୍ରୁତ ଗତିରେ ପଳାଇଥିଲେ। ତାଙ୍କୁ ପିଛା କରି ଆଇଆଇସି ସତ୍ୟନାରାୟଣ ପଧାନ ଓ ଟିମ ତାଙ୍କୁ ପିଛା କରି ବିନିକା ରାମପୁର ମୁଖ୍ୟରାସ୍ତାର ବେଲପଡ଼ା ଛକରେ କାରକୁ ଅଟକାଇଥିଲା। କାରରେ ଥିବା ଡ୍ରାଇଭରଙ୍କ ସହ ୩ ଜଣଙ୍କୁ ପୋଲିସ ଧରିଥିଲା। ଏହି ସମୟରେ କାରକୁ ସୁରକ୍ଷା ଦେଇ ଆସୁଥିବା ବାଇକକୁ ଛାଡି ଅନ୍ୟତମ ଅଭିଯୁକ୍ତ କୌଣସିମତେ ସେଠାରୁ ଖସି ପଳାଇଥିଲେ। ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ଦୟାନନ ମେହେରଙ୍କ ଉପସ୍ଥିତରେ କାର ଯାଞ୍ଚ ପରେ ସେଥିରେ ଥିବା ୧ କୁଇଣ୍ଟାଲ ୧ କେଜି ଗଞ୍ଜେଇକୁ ପୋଲିସ ଜବତ କରିଥିଲା।

# ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱଚ୍ଛତା ବଜାୟ ରଖିବାକୁ ଗୁରୁତ୍ୱ


ବରିଷ୍ଠ ନାଗରିକ ସଙ୍ଗଠନ ପ୍ରତିନିଧି ଦାବିପତ୍ର ପ୍ରଦାନ କରୁଛନ୍ତି।

ବୀରମହାରାଜପୁର,୯।୯(ଯୁଗଳ କିଶୋର ମିଶ୍ର)

**ଉପଖଣ୍ଡ ଡ଼ାକ୍ତରଖାନା ପରିଦର୍ଶନ କଲେ ବରିଷ୍ଠ ନାଗରିକ ସଙ୍ଗଠନ ପ୍ରତିନିଧି**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନର ଏକ ପ୍ରତିନିଧି ଦଳ ମଙ୍ଗଳବାର ଉପଖଣ୍ଡ ଡ଼ାକ୍ତରଖାନା ପରିଦର୍ଶନ କରିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସୁବର୍ଣ୍ଣପୁରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସ୍ଥାନୀୟ ଅଧୀକ୍ଷକଙ୍କ ଜରିଆରେ ପ୍ରେରଣ କରିଛନ୍ତି। ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାରେ ଏକ ଡାଇଲିସିସ ସେଣ୍ଟର ସ୍ଥାପନ କରିବା, ବ୍ଲଡବ୍ୟାଙ୍କ ଖୋଲିବା, ସାପ ଓ କୁକୁର କାମୁଡ଼ା ଭେକ୍ସିନ ମହଜୁଦ ରଖିବା ଓ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱତନ୍ତ୍ର ଧାଡ଼ି ମାଧ୍ୟମରେ ଡାକ୍ତରଙ୍କୁ ସ୍ୱାସ୍ଥ୍ୟ ଦେଖାଇବା ଆଦି ବିଷୟ ଏହି ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ପ୍ରତିନିଧି ଦଳ ଡାକ୍ତରଖାନାର ଭାରପ୍ରାପ୍ତ ଅଧୀକ୍ଷକ ଡାକ୍ତର ସ୍ୱରୂପ ବେହେରାଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ପରେ ଡାକ୍ତର ବେହେରା ସେମାନଙ୍କୁ ସମସ୍ତ ବିଭାଗ ବୁଲାଇବା ସହ ସୁବିଧା ଅସୁବିଧା ଅବଗତ କରାଇଥିଲେ। ଆବଶ୍ୟକ ସଂଖ୍ୟକ ଡାକ୍ତର ଓ କର୍ମଚାରୀ ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ସେ କହିଥିଲେ। ଡାକ୍ତରଖାନା ପରିସର ପରିଷ୍କାର ପରିଚ୍ଛନ୍ନତା ଉପରେ ବିଶେଷ ଧ୍ୟାନ ଦେବାକୁ ପ୍ରତିନିଧି ଦଳ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନ୍ତେବାସୀ ରୋଗୀଙ୍କୁ ବରିଷ୍ଠ ନାଗରିକ ସଙ୍ଗଠନ ତରଫରୁ ମିଷ୍ଟାନ୍ନ, ବିସ୍କୁଟ ଓ ଫଳ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନ ସଭାପତି ଡକ୍ଟର ପ୍ରଫୁଲ୍ଲ ରଥଙ୍କ ନେତୃତ୍ୱରେ ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ, ସଦସ୍ୟ ପ୍ରତାପ ଶଙ୍କର ପାଣିଗ୍ରାହୀ, ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡା, ବାସୁଦେବ ପଣ୍ଡା, କୃଷ୍ଣଚନ୍ଦ୍ର ପାଢ଼ୀ, ସତ୍ୟ ନାରାୟଣ ନାୟକ, ଚମରା ମହାକୁର, ସୁରୁ ସାହୁ, ନାରାୟଣ ପ୍ରସାଦ ନାୟକ, ଦିଲୀପ ମିଶ୍ର, ବଳରାମ କାଣ୍ଡ, ଜିତେନ୍ଦ୍ର ପ୍ରଧାନ, ଅକ୍ରୂର ଚରଣ ଦନ୍ତା ସାମିଲ ହୋଇଥିଲେ।

# ପ୍ରଧାନମନ୍ତ୍ରୀ ପୋଷଣ କାର୍ଯ୍ୟକ୍ରମ

ଅମରପାଲି,୯।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତୈଲୋ ପଞ୍ଚାୟତ କୁଞ୍ଜପାଲି ଆଶ୍ରମ ବିଦ୍ୟାଳୟରେ ଓଡ଼ିଶା ରାଜ୍ୟ ସାମାଜିକ ସମୀକ୍ଷା, ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତା ସମିତି ତଥା ଜିଲା ପରିଷଦ ସୁବର୍ଣ୍ଣପୁର ତରଫରୁ ମଙ୍ଗଳବାର ପ୍ରଧାନମନ୍ତ୍ରୀ ପୋଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ମଧ୍ୟାହ୍ନଭୋଜନ ଯୋଜନାରେ ବ୍ୟବହୃତ ନଥିପତ୍ର ଯାଞ୍ଚ, ମଧ୍ୟାହ୍ନଭୋଜନ ପ୍ରସ୍ତୁତିରେ ସଫାସୁତୁରା ସହ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରାଯାଇଥିଲା। ଶେଷରେ ବିଦ୍ୟାଳୟ ପରିଚାଳନା କମିଟି ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବୀରମହାରାଜପୁର ସାମାଜିକ ସମୀକ୍ଷକ ଚୈତନ୍ୟ ମଲ୍ଲିକ, ସୋନପୁର ବ୍ଲକ ସାମାଜିକ ସମୀକ୍ଷକ ସୁଦାମ ଗାଇଗରିଆ ଯୋଗ ଦେଇଥିଲେ। ଆଶ୍ରମ ସ୍କୁଲ ପ୍ରଧାନଶିକ୍ଷକ ଜୟ ଗୋପାଳ ସେଟଙ୍କ ସମେତ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ।

# ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ



କେନଝିରିଆପାଲି ହାଇସ୍କୁଲରେ ଚାରା ସହ ଶିକ୍ଷକ, କର୍ମଚାରୀ ଓ ଛାତ୍ରୀ ଛାତ୍ରମାନେ।

ଅମରପାଲି, ୯।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲିସ୍ଥିତ ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠରେ ମଙ୍ଗଳବାର ମା’ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଚାରାରୋପଣ କାର୍ଯ୍ୟରେ ୭୫ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବୀରମହାରାଜପୁର ବ୍ଲକ ଉଦ୍ୟାନ କୃଷି ବିଭାଗ ତରଫରୁ ବିଦ୍ୟାଳୟକୁ ପ୍ରାୟ ଶହେରୁ ଅଧିକ ଆମ୍ବ, ଲେମ୍ବୁ ଆଦି ଚାରା ଯୋଗାଇ ଦିଆଯାଇଥିଲା। ନିଜର ଜନ୍ମଦାତ୍ରୀ ମା’ପାଇଁ ଉତ୍ସର୍ଗୀକୃତ ହୋଇ ପ୍ରତ୍ୟେକ ଛାତ୍ରୀଛାତ୍ର ଚାରା ରୋପଣ କରିଥିଲେ। ଚାରା ରୋପଣ ସହ ପରିବେଶ ସୁରକ୍ଷା ପାଇଁ ସହକାରୀ ଶିକ୍ଷକ ଦୀନବନ୍ଧୁ ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଶପଥପାଠ କରାଇଥିଲେ। ପ୍ରଧାନ ଶିକ୍ଷକ ବ୍ରଜମୋହନ ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଜଗଦୀଶ ପଧାନ, ଜୀବର୍ଦ୍ଧନ ରଣା, ମୀନକେତନ ରଣା, କର୍ମଚାରୀ ସତ୍ୟନାରାୟଣ ରାଜହଂସ, ସିଦ୍ଧେଶ୍ୱର ମେଣ୍ଡିଲି, ଚିତ୍ତରଞ୍ଜନ ପଧାନ, ସରୋଜ କୁମାର ଭୁକ୍ତା ପରିଚାଳନା କରିଥିଲେ। ଇକୋ କ୍ଲବ ପ୍ରମୁଖ ଗୌରୀ ଶଙ୍କର ପୂଜାହାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଖେଳ ଶିକ୍ଷକ ସୁରେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବର୍ଣ୍ଣପୁରର ବ୍ରଜଗୋପାଳ ବକ୍ସିଂ ରେଫରି ମନୋନୀତ

ବୀରମହାରାଜପୁର,୯।୯(ଯୁଗଳ କିଶୋର ମିଶ୍ର)


ବ୍ରଜ ଗୋପାଳ ପଣ୍ଡା।

ସୁବର୍ଣ୍ଣପୁରର ଅନେକ ବକ୍ସିଂ ଖେଳାଳି ରାଜ୍ୟ ତଥା ରାଜ୍ୟ ବାହାରେ ନାମ କରିଛନ୍ତି। ବୀରମହାରାଜପୁର ବ୍ରଜଗୋପାଳ ପଣ୍ଡା ଆସନ୍ତା ରାଜ୍ୟ ବିଦ୍ୟାଳୟସ୍ତରୀୟ ବକ୍ସିଂ ପ୍ରତିଜୋଗିତାରେ ରେଫରୀ ଭାବେ ଡାଇରେକ୍ଟର ଅଫ ସେକେଣ୍ଡାରୀ ଏଜୁକେଶନ ପକ୍ଷରୁ ରେଫାରି ଭାବେ ଚୟନ ହୋଇଛନ୍ତି। ତାଙ୍କ ସହ ସୁନ୍ଦରଗଡ଼, ଗଞ୍ଜାମ ଜିଲାରୁ ଜଣେ ଲେଖାଏ ଓ ପୁରୀ ଜିଲାରୁ ୩ଜଣ ବିଦ୍ୟାଳୟସ୍ତରୀୟ ବକ୍ସିଂ ରେଫାରୀ ଭାବେ ଚୟନ ହୋଇଛନ୍ତି । ଆସନ୍ତା ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲା ସ୍କୁଲରେ ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ଝିଅପୁଅମାନଙ୍କ ବକ୍ସିଂ ପ୍ରତିଯୋଗିତା ଅନଷ୍ଠିତ ହେବ। ବ୍ରଜ ଗୋପାଳଙ୍କୁ ବକ୍ସିଂ ରେଫରି ଭାବେ ଚୟନ ହୋଇଥିବାରୁ କୋଚ ଶିକ୍ଷକ ରାଜେଶ ମେଣ୍ଡିଲିଙ୍କ ସମେତ ଅନେକ ଖେଳପ୍ରେମୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଜାତୀୟସ୍ତରୀୟରେ ଖେଳିବେ ସୁମନ୍ତି ରାଜହଂସ

ଅମରପାଲି, ୯।୯(ପୀତାମ୍ବର ସାହୁ)



ସୁମନ୍ତି ରାଜହଂସ।

**୧୪ ବର୍ଷରୁ କମ ବାଳିକା ବର୍ଗରେ କରିବେ ଅଂଶ ଗ୍ରହଣ**

ଜାତୀୟସ୍ତରୀୟ ଆଥଲେଟିକରେ ଅଂଶଗ୍ରହଣ କରିବେ ସୁମନ୍ତି ରାଜହଂସ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଂଗ୍ରାମପୁର ପଞ୍ଚାୟତ ସେରଗେଡା ସରକାରୀ ୟୁପିର ଅଷ୍ଟମ ଶ୍ରେଣୀର ଛାତ୍ରୀ ସୁମନ୍ତି ୩୬ତମ ପୂର୍ବାଞ୍ଚଳ ଜୁନିୟର ଆଥଲେଟିକ ଚାମ୍ପିୟନଶିପ-୨୦୨୫ରେ ସଫଳତା ପାଇ ଜାତୀୟସ୍ତରରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଚଳିତ ସେପ୍ଟେମ୍ବର ୬ ଓ ୭ରେ କଟକ ବାରବାଟୀ ଷ୍ଟାଡିୟମରେ ହୋଇଥିବା ୩୬ତମ ପୂର୍ବାଞ୍ଚଳ ଜୁନିୟର ଆଥଲେଟିକ ଚାମ୍ପିୟନଶିପରେ ଟ୍ରାଇଥଲନ-ସିର ୧୪ବର୍ଷରୁ କମ୍ ବାଳିକା ବର୍ଗରେ ସେ ଅଂଶଗ୍ରହଣ କରି ଏହି ସଫଳତା ପାଇଛନ୍ତି। ଏଥିରେ ହୋଇଥିବା ୬୦ମିଟର ଦୌଡ ଓ ୬ଶହ ଦୌଡ଼ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଏବଂ ଲମ୍ବଡ଼ିଆଁ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରି ଜାତୀୟ ଖେଳିବାକୁ ଯୋଗ୍ୟ ହୋଇଛନ୍ତି। ସେ ଆସନ୍ତା ୨୨ରୁ ୨୪ତାରିଖ ପର୍ଯ୍ୟନ୍ତ ଝାଡ଼ଖଣ୍ଡର ରାଞ୍ଚିରେ ହେବାକୁ ଥିବା ଜାତୀୟସ୍ତରୀୟ ଆଥଲେଟିକରେ ୧୪ବର୍ଷରୁ କମ ବାଳିକା ବର୍ଗର ଟ୍ରାଇଥଲନ-ସି ରେ ୬୦ମିଟର ଦୌଡ, ୬ଶହ ମିଟର ଦୌଡ ଓ ଲମ୍ବଡ଼ିଆଁରେ ଅଂଶଗ୍ରହଣ କରିବେ। ସେ ଗତବର୍ଷ ମଧ୍ୟ ସ୍କୁଲସ୍ତରୀୟ ଜାତୀୟ ଖେଳକୁଦରେ ୬ଶହ ମିଟର ଦୌଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତାଙ୍କର ଏହି ସଫଳତାରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା, ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତି ଲୁହା, ଉପାଧକ୍ଷ ନାରାୟଣ ଲୁହା, ପ୍ରଶିକ୍ଷକ ମହମ୍ମଦ କଲିମ, ସେରଗେଡ଼ା ସ୍କୁଲ ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ର, ଶିକ୍ଷକ ସୁନୀଲ କୁମାର ମହାପାତ୍ର, ସଞ୍ଜୀବ କୁମାର ବାରିକ, କରୁଣାକର ମହାନନ୍ଦ, ମଧୁସୂଦନ ସାହୁ ଏବଂ ଅଞ୍ଚଳର କ୍ରୀଡାବିତ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କ ବାପା ମାନଭଞ୍ଜନ ରାଜହଂସ ଓ ମା’ କେତକୀ ରାଜହଂସ ଶ୍ରମିକ ଶ୍ରେଣୀର ହୋଇଥିବା ବେଳେ ଝିଅର ଏହି ସଫଳତା ପାଇଁ ସେମାନେ ଖୁସିବ୍ୟକ୍ତ କରିଛନ୍ତି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଶିବିରରେ ଆବେଦନକାରୀଙ୍କ ନାମ ପଞ୍ଜୀକରଣ କରାଯାଉଛି।

ଡୁଙ୍ଗୁରିପାଲି, ୯।୯(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଆରଏମ୍‌ସି ପରିସରରେ ମଙ୍ଗଳବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସୌଜନ୍ୟରେ ଅନୁଷ୍ଠିତ ଶିବିରରେ ବିଡ଼ିଓ ଦିଲୀପ କୁମାର ବାଡା ଅଧକ୍ଷତା କରିଥିଲେ। ଏଥିରେ ଡୁଙ୍ଗୁରିପାଲି ଜୋନ ଜିଲା ପରିଷଦ ସଭ୍ୟା ମଞ୍ଜୁଶ୍ରୀ ମାଝୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେଯୋଗ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦଭୂଷଣ ରାୟ, ପୋଗ୍ରାମ ଆସିଷ୍ଟାଣ୍ଟ ପ୍ରଭୁଦତ୍ତ ନାଏକ, ଜୁନିୟର ଆସିଷ୍ଟାଣ୍ଟ ବିଜୟ କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଭେଷଜ ରୋଗ ବିଶେଷଜ୍ଞ ଡାକ୍ତର ସଞ୍ଜୟ କୁମାର ପଧାନ, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଶାନ୍ତନୁ ମେହେର, ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ମୌସୁମୀ ମହାନ୍ତି, ଡାକ୍ତର ରାଜିନୀକାନ୍ତ ମେହେର ପରୀକ୍ଷା କରିଥିଲେ। ୪୪୩ ଜଣ ବିଭିନ୍ନ ବିଭାଗରେ ଆବେଦନ କରିଥିଲେ। ତନ୍ମଧ୍ୟରୁ ୨୧୨ ଜଣ ଚଳନ ବାଧିତ, ୧୦୯ ଶ୍ରବଣ ବାଧିତ, ୪୮ ଦୃଷ୍ଟିହୀନ ବାଧିତ, ୪୩ ବୈଧିକ ଭିନ୍ନ କ୍ଷମତା, ୩୧ ସିକିଲ ସେଲ, ୨୩ ବିଭିନ୍ନ ଯାନ୍ତ୍ରିକ ସହାୟତା ଉପକରଣ, ୩ ଜଣ ବୈଷୟିକ ନିଯୁକ୍ତି, ୫ ଜଣ ଋଣ, ୧୯ ଜଣ ବସ୍ ପାସ, ୨୨ ଜଣ ନୂଆଭତ୍ତା, ୧୫ ଜଣ ଭତ୍ତା ବୃଦ୍ଧି ନେଇ ଆବେଦନ କରିଥିଲେ। ଆରସିଡିଏସ ସୁପରଭାଇଜର ସୀତା ମେହେର, ସେସ୍ୱଚ୍ଛାସେବୀ ପ୍ରେମଲାଲ ସେଠ, ବ୍ଲକ ମିଶନ ଶକ୍ତି, ଅଙ୍ଗନୱାଡି କର୍ମୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଆଶାକର୍ମୀ ଓ ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ହାଇଦ୍ରାବାଦରେ ଓସାକା ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ

ବିନିକା,୯।୯(ରାମ ଗୋପାଳ ବାଘ)


କଣ୍ଠଶିଳ୍ପୀ ଶାଶ୍ୱତ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଉଛି।

ହାଇଦ୍ରାବାଦସ୍ଥିତ ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀଙ୍କ ଅଗ୍ରଣୀ ଅନୁଷ୍ଠାନ ଓସାକା ତରଫରୁ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ବଂଜାରା ହିଲସସ୍ଥିତ ଆଦିବାସୀ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ହଲଧର ନାଗ ଯୋଗଦେଇ ପଶ୍ଚିମ ଓଡ଼ିଶାର ସମୃଦ୍ଧ ଭାଷା ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ବଲପୁରୀ କୋଶଲୀ ଭାଷାକୁ ସରକାରୀ ମାନ୍ୟତା ମିଳିବା ଦିଗରେ ସମସ୍ତଙ୍କୁ ଚେଷ୍ଟା କରିବା ପାଇଁ ସେ ଅନୁରୋଧ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ନୂଆଁଖାଇ ବାର୍ତ୍ତା ପଠନ କରାଯାଇଥିଲା। ସେହିପରି ସମ୍ବଲପୁର ନାନ୍ଦେର-ନାଗାବଳୀ ଟ୍ରେନ ପ୍ରତ୍ୟେକ ଦିନ ଚଳାଚଳ ପାଇଁ ଓସାକାର ବହୁଦିନର ଦାବିକୁ ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ ପୂରଣ ପାଇଁ ଚେଷ୍ଟିତ ଥିବାରୁ ଓସାକା ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଆୟକର ବିଭାଗ ଆଡିସନାଲ କମିଶନର ଆଶୁତୋଷ ପ୍ରଧାନ, ହୃଦରୋଗ ବିଶେଷଜ୍ଞ ଡ ଆନନ୍ଦ ଅଗ୍ରୱାଲ, ଡ.ଦୀପକ ସାହାଙ୍କୁ ସମ୍ମାନିତ କରିବା ସହ ବହୁମୁଖୀ କଳା ପ୍ରତିଭା ଶାଶ୍ୱତ କୁମାର ତ୍ରିପାଠୀଙ୍କୁ ତେଲଙ୍ଗାନା କୋସଲ ଓସାକା କଳାକାର ସମ୍ମାନ ପ୍ରଦାନ କରାଯାଇଥିଲା। ପରେ ସୁବର୍ଣ୍ଣପୁର ଜିଲାର ରୁମକୁ ଝୁମାନା ଗ୍ରୁପର ସାଂସ୍କୃତିକ କାର୍ଯ୍ୟକ୍ରମ, ଯୁବ ଗାୟିକା ଈଶ୍ୱରୀ ବେହେରା, ତପସ୍ୱିନୀ ଦାସ, ଶାନ୍ତନୁ ମୁନାଙ୍କର ଗୀତର ତାଳେତାଳେ ଦର୍ଶକ ଝୁମି ଉଠିଥିଲେ। ସସ୍ମିତା ପରମଗୁରୁ ମଞ୍ଚ ପରିଚାଳନା କରିଥିଲେ। ଯୁବ ଉଦ୍ୟୋଗପତି ମହେଶ ଅଗ୍ରୱାଲ, ଶିକ୍ଷାବିତ ଡ. ଶିବପ୍ରସାଦ ବେହେରା, କବି ଭିକାରି ଚରଣ ମିଶ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଓସାକାର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସହ କବି ଅର୍ଜୁନ କୁମାର ସାହୁ, ନିଗମ ନାଥ, ଅଲେଖ ଡାଙ୍ଗ ସହଯୋଗ କରିଥିଲେ। ଶେଷରେ ଓସାକା ସଭାପତି ସୁନିଲ କୁମାର ଗଡତ୍ୟା, ସମ୍ପାଦକ ସନ୍ଦୀପ ପାଣିଗ୍ରାହୀ ଧନ୍ୟବାଦ ଜ୍ଞାପନ କରିଥିଲେ।

**ଶାଶ୍ୱତ ତ୍ରିପାଠୀଙ୍କୁ ତେଲଙ୍ଗାନା କୋଶଳ ଓସାକା କଳାକାର ସମ୍ମାନ**

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ କୁଆଁରମୁଣ୍ଡା ବିଇଓ



କୁଆଁରମୁଣ୍ଡା, ୯।୯(ମହେନ୍ଦ୍ର କୁମାର ସାହୁ): ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ମାନରେ ସମ୍ମାନିତ ହୋଇଛନ୍ତି କୁଆଁରମୁଣ୍ଡା ବିଇଓ। ଶୁକ୍ରବାର ଲୋକସେବା ଭବନ କନଭେନସନ ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପ୍ରଧାନଙ୍କୁ ସମେତ ରାଜ୍ୟର ଅନ୍ୟ ୯ ଜଣ ସର୍ବମୋଟ ୧୦ ଜଣ ବିଇଓଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି। ଏହି ଖବର ପ୍ରଚାରିତ ହୋଇଯିବା ପରେ କୁଆଁରମୁଣ୍ଡା ସମେତ ସମଗ୍ର ସୁନ୍ଦରଗଡ ଜିଲାରେ କୁଆଁରମୁଣ୍ଡା ବିଇଓ ତଥା ବର୍ତ୍ତମାନର ସୁନ୍ଦରଗଡ ଜିଲା ସହକାରୀ ଶିକ୍ଷାଧିକାରୀ ସଦାନନ୍ଦ ପ୍ରଧାନଙ୍କୁ ଶିକ୍ଷକ ମହଲରୁ ଆରମ୍ଭ କରି ତାଙ୍କର ସହକର୍ମୀ ଓ ପରିଚିତ ବ୍ୟକ୍ତିଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

### ୨୦ ବର୍ଷ ପରେ ପୁଅକୁ ବିଦ୍ୟାଙ୍ଗ ଅବସ୍ଥାରେ ଫେରିପାଇଲେ ପରିବାର ଲୋକେ

**ସରକାରୀ ସହାୟତା ପାଇଁ ଉପଜିଲାପାଳଙ୍କୁ ଗୁହାରି**

ବଣାଇ, ୯।୯(ପ୍ରଦୀପ ତ୍ରିପାଠୀ) -ଦୀର୍ଘ ୨୦ ବର୍ଷ ପରେ ନିଖୋଜ ଥିବା ପୁଅକୁ ବିଦ୍ୟାଙ୍ଗ ଅବସ୍ଥାରେ ଫେରି ପାଇଛନ୍ତି ପରିବାର ଲୋକେ। ସୁନ୍ଦରଗଡ଼ ଜିଲା ବଣାଇ ବ୍ଲକ କଳେଇକଲା ଗ୍ରାମ ପଞ୍ଚାୟତର ଗିଲି ବନେଇକଲା ଗ୍ରାମର ଜଣେ ଯୁବକ ହରେକୃଷ୍ଣ ପାତ୍ର(୪୨) ଆଜକୁ ପ୍ରାୟ ୨୦ ବର୍ଷ ହେବ ଶିକ୍ଷିତା କଲେଜରେ ପାଠ ପଢ଼ା ସାରି ରାଉରକେଲାକୁ କାମ କରିବା ପାଇଁ ଯାଇଥିଲେ। କିଛି ଦିନ କାମ କରିବା ପରେ ପୁଣି ଘରକୁ ଫେରିଥିଲେ। ଘରକୁ ଫେରିବାର କିଛି ଦିନ ପରେ ତାଙ୍କର ମସ୍ତିଷ୍କ ବିକୃତି ଦେଖା ଦେଇଥିଲା। ଫଳରେ ସେ ଘରୁ କୁଆଡେ ନିଖୋଜ ହୋଇଯାଇଥିଲେ । ପରିବାର ଲୋକେ ଅନେକ ଦିନ ଖୋଜା ଖୋଜି କରିବା ପରେ ତାଙ୍କର କୌଣସି ଖୋଜ ଖବର ନପାଇ ହତାଶ ହୋଇ ବସି ପଡ଼ିଥିଲେ। ଗତ ୬/୭ ଦିନ ତଳେ ଗ୍ରାମର କିଛି ଲୋକ ରାଉରକେଲା ଯାଇଥିବା ବେଳେ ବିର୍ସା ମୁଣ୍ଡା ବସଷ୍ଟାଣ୍ଡ ରେ ହରେକୃଷ୍ଣଙ୍କ ଦୁଇଟି ଯାକ ଗୋଡ଼ କଟି ଯାଇଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ । ଗାଁକୁ ଫେରି ପରିବାରଙ୍କୁ ଏ ବିଷୟରେ ଖବର ଦେଇଥିଲେ । ଖବରପାଇ ପରିବାର ଲୋକେ ରାଉରକେଲା ଯାଇ ହରେକୃଷ୍ଣଙ୍କୁ ରାଉରକେଲା ହନୁମାନ ବାଟିକା ନିକଟରେ ପାଇ ଘରକୁ ଆଣିଛନ୍ତି। ଏ ଭିତରେ ହରେକୃଷ୍ଣଙ୍କ ମସ୍ତିଷ୍କ ଠିକ ହୋଇଯାଇଥିବା ଜଣାପଡୁଥିଲେ ହେଁ ତାଙ୍କର ଦୁଇଟି ଗୋଡ ସମ୍ପୂର୍ଣ୍ଣ କଟିଯାଇଥିବା ଦେଖାଯାଇଛି। ଗୋଡ ଦୁଇଟି କିପରି କଟିଲା ବୋଲି ପଚାରିବାରୁ ଖଡଗପୁରରେ ଏକ ଟ୍ରକ ଦୁର୍ଘଟଣାରେ ତାଙ୍କର ଗୋଡ ଦୁଇଟି ନଷ୍ଟ ହୋଇଯାଇଥିବା ପ୍ରକାଶ କରିଛନ୍ତି । ଏ ପର୍ଯ୍ୟନ୍ତ ତାଙ୍କର କୌଣସି ପରିଚୟ ପତ୍ର ନ ଥିବାରୁ ସେ ସରକାରୀ ସହାୟତାରୁ ବଞ୍ଚିତ ରହିବେ ବୋଲି ଗ୍ରାମର ସରପଞ୍ଚ କହିବା ଫଳରେ ପରିବାର ସାଙ୍ଗରେ ସରକାରୀ ସହାୟତା ଆଶାରେ ବଣାଇଁ ଉପଜିଲାପାଳଙ୍କୁ ସାକ୍ଷାତ କରି ଗୁହାରି କରାଯାଇଛି । ଉପଜିଲାପାଳ ଗୁହାରୀ ଶୁଣି ତୁରନ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିବା ହରେକୃଷ୍ଣ ପ୍ରକାଶ କରିଛନ୍ତି ।




ବଣାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିଆରପି ମହିଳାମାନେ ଏକତ୍ରିତ ହୋଇଛନ୍ତି।

# ଦରମା ବନ୍ଦକୁ ସିଆରପି ମହିଳାଙ୍କ ବିରୋଧ

- ଲହୁଣୀପଡ଼ା ବ୍ଲକର ସିଆରପି ମହିଳାଙ୍କ ସମାବେଶ
- ବଣାଇଁ ଉପଜିଲାପାଳଙ୍କୁ ପ୍ରୋତ୍ସାହନ ରାଶି ଗ୍ରହଣ ନ କରିବା ନେଇ ଦାବିପତ୍ର

ବଣାଇଁ, ୯।୯(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକର ସିଆରପି ମହିଳାମାନେ ସେମାନଙ୍କ ଦରମା ବନ୍ଦ ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ମଙ୍ଗଳବାର ସେମାନେ ବଣାଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ ସହ ପ୍ରୋତ୍ସାହନ ରାଶି ଗ୍ରହଣ ନ କରିବା ନେଇ ଦାବିପତ୍ର ପ୍ରଦାନ କରିଥିଲେ। ଓଡିଶାରେ ସରକାର ପରିବର୍ତ୍ତନ ଓ ନୂତନ ସରକାରଙ୍କ ନିତି ପ୍ରସଙ୍ଗକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ମଙ୍ଗଳବାର ଲହୁଣୀପଡା ବ୍ଲକର ଶତାଧିକ ସିଆରପି ମହିଳା ବଣାଇ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବ ସରକାର ମା'ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀ ବା ଏସ୍ଏଚଜି ଗ୍ରୁପର ପରିକଳ୍ପନା କରିଥିଲେ ସେଥିରେ ନୂଆ ସରକାର ସହଯୋଗ ହେବା ବଦଳରେ ଓଲଟା ଦରମା ବନ୍ଦ କରି ଏଣିକି ପ୍ରୋତ୍ସାହନ ରାଶି ପ୍ରଦାନ ନେଇ କରିଥିବା ନିଷ୍ପତ୍ତି ବିରୋଧରେ ଗର୍ଜିଛନ୍ତି ସିଆରପି ମହିଳା। ପୂର୍ବ ସରକାର ସିଆରପିମାନଙ୍କୁ ମାସିକ ୬ ହଜାର ୧ ଶହ ଟଙ୍କା ଧାର୍ଯ୍ୟ କରିଥିଲେ। ହେଲେ ଭାଜପା ସରକାର ଦରମା ବନ୍ଦ କରି କେବଳ ପ୍ରୋତ୍ସାହନ ରାଶି ପ୍ରଦାନ ନେଇ ନିଷ୍ପତ୍ତିକୁ ବିରୋଧ କରି ସେମାନେ ପ୍ରୋତ୍ସାହନ ରାଶି ଗ୍ରହଣ କରିବେ ନାହିଁ ବୋଲି ବଣାଇଁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାର ନ ମାନିଲେ ଆଗକୁ ରାଜ୍ୟ ସ୍ତରରେ ଦୁର୍ବାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

# ଗଣ୍ଡଗୋଳ ଘଟଣାରେ ୮ ଗିରଫ

**୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟଣା**

- ବଣାଇଁ ଥାନାରେ ୨ଟି ମାମଲା ରୁଜୁ
- ଉତ୍ତେଜନା ଆଶଙ୍କାରେ ବ୍ୟାପକ ପୋଲିସ ବ୍ୟବସ୍ଥା

ବଣାଇଁ, ୯।୯(ପ୍ରଦୀପ ତ୍ରିପାଠୀ)

ଗତ ଶନିବାର ରାତି ସୁନ୍ଦରଗଡ଼ ଜିଲା ବଣାଇଁ ସହର ରଥ ଛକ ନିକଟରେ ଥିବା ଏକ ଜିମ୍‌ରେ ୨ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟଣା ପରବର୍ତ୍ତୀ ସମୟରେ ଭୀଷଣ ରୂପ ଧାରଣ କରି ପରିଶେଷରେ ସାମ୍ପ୍ରଦାୟିକ ହିଂସାର ରୂପ ନେବା ଆରମ୍ଭ କରିଥିଲା । ଉଭୟ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ନେଇ ବଣାଇ ଥାନାରେ ଗତ ୭ ତାରିଖ ଏକ ମାମଲା (ନଂ.୧୯୧/୨୦୨୫) ରୁଜୁ ହୋଇଥିଲା। ପରଦିନ ଅର୍ଥାତ ୮ ତାରିଖ ଅପର ଗୋଷ୍ଠୀ ପକ୍ଷରୁ ଏତଲା କ୍ରମେ ଅନ୍ୟ ଏକ ମାମଲା (ନଂ.୧୯୨/୨୦୨୫) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ଇତିମଧ୍ୟରେ ସହରରେ ଅଶାନ୍ତକର ପରିସ୍ଥିତି ସୃଷ୍ଟି ଆଶଙ୍କାରେ ବ୍ୟାପକ ପୋଲିସ ମୁତୟନ ଓ ନିଜେ ଏସ୍‌ପି ଓ ଡିଆଇଜିଙ୍କ ଘଟଣାସ୍ଥଳ ପରିଦର୍ଶନ ପରେ ସାମାନ୍ୟ ଶାନ୍ତ ଅବସ୍ଥା ଫେରିଥିଲା। ମଙ୍ଗଳବାର ବଣାଇଁ ଥାନାରେ ରୁଜୁ ଦୁଇଟି ମାମଲା କ୍ରମେ ଉଭୟ ଗୋଷ୍ଠୀର ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ସେମାନଙ୍କ ଜାମିନ ଆବେଦନ ଖାରଜ ହେବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ଏବେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି । ଆଗକୁ ଦୁର୍ଗାପୂଜା ଥିବାରୁ ପୋଲିସ ପାଇଁ ଶାନ୍ତି ସ୍ଥାପନ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

# ନୂତନ ଏସ୍‌ପିଙ୍କ କୁଆଁରମୁଣ୍ଡା ଫାଣ୍ଡି ପରିଦର୍ଶନ

କୁଆଁରମୁଣ୍ଡା, ୯।୯(ମହେନ୍ଦ୍ର କୁମାର ସାହୁ)

ନିକଟରେ ସୁନ୍ଦରଗଡ ଜିଲାର ନୂଆ ଏସପି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଅମ୍ରିତପାଲ କୌର ସୋମବାର ପ୍ରଥମ କରି କୁଆଁରମୁଣ୍ଡା ଫାଣ୍ଡି ପରିଦର୍ଶନ କରିଛନ୍ତି। ଏହି ସମୟରେ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଅଜୟ ମହାପାତ୍ର ଓ ଏଏସଆଇ ଶ୍ରୀନିବାସ ଦାସ ଉପସ୍ଥିତ ରହି ନୂତନ ଏସପି କୌରଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ କୁଆଁରମୁଣ୍ଡା ଅଞ୍ଚଳ ଦେଇ ଯାଇଥିବା ୧୪୩ ନମ୍ବର ଜାତୀୟ ରାଜପଥରେ କିଭଳି ଦୁର୍ଘଟଣାକୁ ସମ୍ପୂର୍ଣ୍ଣଭାବେ ରୋକାଯାଇପାରିବ ସେଥିପାଇଁ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହାସହ ଚୋରି,ଡକାୟତି ତଥା ଅନ୍ୟାନ୍ୟ ଅପରାଧକ କାର୍ଯ୍ୟକଳାପ ରୋକିବା ପାଇଁ ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂକୁ କଡାକଡି କରିବା ପାଇଁ ପରାମର୍ଶ ଦେବା ସହ ଏ ନେଇ ଖୁବଶୀଘ୍ର ଏକ ଗାଡ଼ିର ବ୍ୟବସ୍ଥା କରିବେ ବୋଲି ଏସପି କୌର ଏହି ଅବସରରେ ପ୍ରତିଶ୍ରୁତି ଦେଇଛନ୍ତି।



କୁଆଁରମୁଣ୍ଡା ଫାଣ୍ଡିରେ ସୁନ୍ଦରଗଡର ନୂତନ ଏସପି ଅମ୍ରିତପାଲ କୌର ।




ପଞ୍ଚାୟତସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ପଞ୍ଚାୟତସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ

ବାଲିଶଙ୍କରା, ୯।୯(ସତ ସେଠ)

ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ କୁରେଇ ପଞ୍ଚାୟତ କୁରେଇ ଗ୍ରାମରେ ପଞ୍ଚାୟତସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ବାଲିଶଙ୍କରା ଭାଜପା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ତଥା ତଲସରା ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦେଇ ନୂଆଁଖାଇ ପରମ୍ପରା ହେଉଛି ଭାରତୀୟତାର ପରମ୍ପରା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସମୀର ନାୟକ ବିଧାୟକ ପ୍ରତିନିଧି, ଉଚ୍ଛବ ତନ୍ତୀ ସାଂସଦ ପ୍ରତିନିଧି, ଜଗତି ଏକ୍କା ବାଲିଶଙ୍କରା ଭାଜପା ମଣ୍ଡଳ ସଭାପତି, ରବିନ୍ଦ୍ର ପଟେଲ, ଯଗଦମ ସାଏ, ପ୍ରଶାନ୍ତ ବାରିକ, ବନମାଳୀ ବାରସତିଆ ଯୋଗଦେଇଥିଲେ। ବରିଷ୍ଠ ବ୍ୟକ୍ତିଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

# ଗଛରୁ ପଡ଼ି ଯୁବକ ମୃତ

ଲହୁଣୀପଡା, ୯।୯(ଦାଶରଥ ପଣ୍ଡା):

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ତାହାଲିବାହାଲୀ ପଞ୍ଚାୟତ ବୁଢାଭୁଇଁ ଗ୍ରାମ ଜୁଆପାଣି ସାହିର ଜଣେ ଯୁବକ ସୋମବାର ଦିନ ପ୍ରାୟ ୧ଟାରେ ନିକଟସ୍ଥ ଏକ କୁସୁମ ଗଛରୁ ପଡି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତ ଯୁବକ ହେଲେ ଚନ୍ଦା ଚରଣ ନାୟକ (୪୦)। ସୂଚନାରୁ ପ୍ରକାଶ, ଚନ୍ଦା ଚରଣ ଏକ କୁସୁମ ଗଛରେ ଚଢି ଟସର ତୋଳୁଥିବା ବେଳେ ଗୋଡ ଖସିଯିବାରୁ ସେ ଗଛରୁ ତଳକୁ ଖସି ପଡି ଗୁରୁତର ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ତୁରନ୍ତ ବଣେଇ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଲହୁଣୀପଡା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ମର୍ଗ ହାଉସରେ ରଖିଥିଲା। ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

# ନିଶା ସମାଜ ପାଇଁ ଅଭିଶାପ

ରାଉରକେଲା,୯।୯(ଦିନେଶ ମିଶ୍ର)

ବାସନ୍ତୀ କଲୋନିସ୍ଥିତ କୁଷ୍ଠ କଲୋନିର ଶିବ ମନ୍ଦିର ପରିସରରେ ନିଶା ନିବାରଣକୁ ନେଇ ଏକ କର୍ମଶାଳା ମଙ୍ଗଳବାର ରାଜଯୋଗିନୀ ବିମଳା ଦିଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନିଶା ଆମ ସମାଜ ପାଇଁ ଅଭିଶାପ ସଦୃଶ । ତେଣୁ ପ୍ରତ୍ୟେକ ବ୍ୟକ୍ତି କୌଣସି ନିଶାଜାତୀୟ ଦ୍ରବ୍ୟଠାରୁ ଦୂରେଇ ରହିଲେ ତାଙ୍କର କଲ୍ୟାଣ ହେବା ସହ ପରିବାର ଓ ସମାଜର ଉନ୍ନତି ହୋଇଥାଏ ବୋଲି ବିମଳା ଦିଦି ମତପ୍ରକାଶ କରିଥିଲେ। ଶିବିରରେ କୁଷ୍ଠ କଲୋନି ବସ୍ତିର ପ୍ରାୟ ୧୩୦ ପରିବାର ସଦସ୍ୟ ଯୋଗ ଦେଇଥିଲେ। ନିଜକୁ ଆତ୍ମା ବିବେଚନା କରି ଆତ୍ମାର ସ୍ୱଧର୍ମ ଶାନ୍ତି, ପ୍ରେମ ଓ ପବିତ୍ରତା କିଭଳି ବଜାୟ ରଖିହେବ ସେ ନେଇ ରାଜଯୋଗିନୀ ଶ୍ୱେତା ଦିଦି ଅବଗତ କରିଥିଲେ। ଏହି ଅବସରରେ ଗ୍ରାମୀୟ ବସ୍ତିବାସୀଙ୍କୁ ନିଶା ନିବାରଣ ପଦଯାତ୍ରା ହୋଇଥିଲା। ଏଥିରେ ବସ୍ତିବାସୀ ପ୍ଲାକାର୍ଡ ଧରି ସଚେତନ କରାଇଥିଲେ। ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସମସ୍ତ ଭଉଣୀ ଭାଇ ସହଯୋଗ କରିଥିଲେ।



ନିଶା ନିବାରଣ ସଚେତନତା ପାଇଁ ପଦଯାତ୍ରା ବାହାରିଛି।

# ମଧ୍ୟାହ୍ନଭୋଜନ ତରକାରିରେ ପୋକ

ବଡ଼ଗାଁ, ୯।୯(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ପାମରା ୟୁପି ସ୍କୁଲରେ ଅତି ନିମ୍ନମାନର ରନ୍ଧା ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗର ତଦନ୍ତ କରିବାକୁ ମଙ୍ଗଳବାର ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ ଯାଇଥିଲେ। ସ୍କୁଲର ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନର ତରକାରିରେ ପୋକ ସାଲୁବାଲୁ କରୁଥିବା ଦେଖାଇଥିଲେ।



ମଧ୍ୟାହ୍ନ ଭୋଜନରେ ପୋକ।

ତରକାରିରେ ପୋକ ଦେଖି ବ୍ଲକ ଶିକ୍ଷା ଅଧିକାରୀ ଏସ୍ଏଚଜି କର୍ମକର୍ତ୍ତାଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରକାଶ ଯୋଗ୍ୟ, ପାମରା ଗ୍ରାମର ଏକ ସ୍ୱୟଂ ସହାୟକ ଗୋଷ୍ଠୀ ସ୍କୁଲର ମଧ୍ୟାହ୍ନ ଭୋଜନ ଦାୟିତ୍ୱ ତୁଲାଉ ଆସୁଛନ୍ତି। ସ୍କୁଲରେ ନିମ୍ନମାନର ମଧ୍ୟାହ୍ନଭୋଜନ ଦିଆଯାଉଥିବା ଦେଖି ଲୋକେ ଶିକ୍ଷା ଅଧିକାରୀ ଙ୍କ ଠାରେ ଅଭିଯୋଗ କରିଥିଲେ। ତଦନ୍ତ ବେଳେ ଅଭିଯୋଗର ସତ୍ୟତା ପ୍ରମାଣିତ ହୋଇଛି। ଏ ସମ୍ପର୍କରେ ବଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋଙ୍କୁ ପଚାରିବାରୁ ସେ ପାମରା ୟୁପି ସ୍କୁଲ ପରିଦର୍ଶନ କରିବାକୁ ଯାଇଥିଲାବେଳେ ସେଠାରେ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନରେ ଦିଆଯାଉଥିବା ସୋୟାବିନ ତରକାରିରେ ପୋକ ଦେଖାଇଥିଲେ। ଏହା ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏହି ଘଟଣାକୁ ନେଇ ଗ୍ରାମବାସୀ ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

# ନବ ଭାରତ ସାକ୍ଷରତା ତାଲିମ କାର୍ଯ୍ୟକ୍ରମ

ସୁନ୍ଦରଗଡ଼, ୯।୯(ଜୟନାରାୟଣ ମେଷ୍ଟ୍ରି)

ସୁନ୍ଦରଗଡ଼ ଜିଲା ସବଡେଗା ବ୍ଲକସ୍ତରୀୟ ନବ ଭାରତ ସାକ୍ଷରତା ତାଲିମ କାର୍ଯ୍ୟକ୍ରମ ନ୍ୟୁ ଓଡିଶା ଉଚ୍ଚ ବିଦ୍ୟାଳୟ ଗାଇଁବିରା ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ କାଦମ୍ବିନୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଘରକୁ ଘର ସର୍ଭେ କରି ୧୫ ବର୍ଷରୁ ଉର୍ଦ୍ଧ୍ୱ ଅଣସାକ୍ଷର ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ସହ ପ୍ରତି ୧୦ ଜଣ ଅଣସାକ୍ଷର ବ୍ୟକ୍ତିଙ୍କୁ ପାଇବା ପାଇଁ ଭୋଲୁଣ୍ଟିୟର ଚିଚର ଚୟନ କରିବା ପାଇଁ ବ୍ଲକର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏହିଭଳି ପୁଷ୍ପେଶ୍ୱରୀ ପଟେଲ, ସିଆରସିସି ଶୁଭ୍ରାଂଶୁ ବେହେରା, ପବିତ୍ର ଦାସ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସବଡେଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସରକାରଙ୍କ ଏହି ଅଭିନବ ପଦକ୍ଷେପକୁ ସଫଳ କରିବା ପାଇଁ ଶିକ୍ଷକଙ୍କ ସମେତ ଜନପ୍ରତିନିଧି ଓ ସ୍ୱୟଂ ସହାୟକ ଗୋଷ୍ଠୀକୁ ମଧ୍ୟ ସହଯୋଗର ହାତ ବଢାଇବା ପାଇଁ ପ୍ରେରଣା ପ୍ରଦାନ କରିଥିଲେ। ବ୍ଲକସ୍ତରୀୟ ମିଶନ ଶକ୍ତି ବୈଠକରେ ଏହିଭଳି ପୁଷ୍ପେଶ୍ୱରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ।




ନବ ଭାରତ ସାକ୍ଷରତା ତାଲିମ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ବିଦ୍ୟାଳୟ ସମୂହ କ୍ରୀଡ଼ା ଚୟନ ପ୍ରତିଯୋଗିତା

ସୁନ୍ଦରଗଡ଼,୯।୯(ଜୟ ନାରାୟଣ ମେଷ୍ଟ୍ରି)

ସୁନ୍ଦରଗଡ଼ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଚୟନ ପ୍ରତିଯୋଗିତା ମଙ୍ଗଳବାର ସ୍ଥାନୀୟ ଭବାନୀ ଭବନ ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବକ୍ସିଂ, ସିପକଟାକ୍ରୋ, ତାଇକ୍ୱାଣ୍ଡୋ, ଟେବୁଲ ଟେନିସ, କୁସ୍ତି ଓ ବ୍ୟାଡମିଣ୍ଟନ ଖେଳ ଚୟନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୌରାଧକ୍ଷ୍ୟା ତନୟା ମିଶ୍ର ଯୋଗଦାନ କରି ସୁନ୍ଦରଗଡ଼ ଜିଲା ରାଜ୍ୟସ୍ତରରେ ଉତ୍ତମ ପ୍ରଦର୍ଶନ କରିବା ପାଇଁ କାମନା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସଦାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପିଏମଶ୍ରୀ ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିକ୍ରମ ସିଂ ଦେଓ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଅଜୟ ପ୍ରଧାନ ବିବରଣୀ ପାଠ କରିଥିଲେ। ଟାଉନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହିରାମଣି ମିଞ୍ଜ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ବ୍ଲକରୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ବିଭିନ୍ନ ଖେଳରେ ଭାଗ ନେଇ ନିଜର ଦକ୍ଷତା ଦେଖାଇ ଥିଲେ। ସୁନ୍ଦରଗଡ଼ ଜିଲାରେ ଜାତୀୟସ୍ତରୀୟ ରେଫରୀ ମହଜୁଦ ଥିଲେ ମଧ୍ୟ ତାଙ୍କୁ ଜିଲା ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ତରଫରୁ ନିମନ୍ତ୍ରିତ କରା ନ ଯାଇ ବକ୍ସିଂ ଜ୍ଞାନ ନ ଥିବା ବ୍ୟକ୍ତିଙ୍କୁ ଖେଳ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଏହାକୁ ସୁନ୍ଦରଗଡ଼ ବକ୍ସିଂ ଖେଳାଳି ତଥା ବକ୍ସିଂ ଖେଳକୁ ଭଲ ପାଉଥିବା ବ୍ୟକ୍ତି ଘୋର ନିନ୍ଦା କରୁଛନ୍ତି। ଏହାକୁ ନେଇ ମୁଖ୍ୟ ଅତିଥିଙ୍କୁ ପଚାରିବାରେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ, ଯେଉଁ ଖେଳଗୁଡିକରେ ବିଦ୍ୟାଳୟ ଖେଳ ଶିକ୍ଷକମାନଙ୍କ ଦକ୍ଷତା ନାହିଁ ସେହି ଖେଳପାଇଁ ଜିଲା ସଂଘ ସହିତ ଯୋଗାଯୋଗ କରି ଦକ୍ଷତାପ୍ରାପ୍ତ ରେଫରିମାନଙ୍କ ସହଯୋଗ ନେଲେ ଉତ୍ତମ ଖେଳାଳି ଚୟନ ହୋଇ ରାଜ୍ୟସ୍ତରରେ ଅଂଶଗ୍ରହଣ କରିପାରିବେ ବୋଲି କହିଥିଲେ। ହେଲେ ଅନ୍ୟପଟେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଅଜୟ ପ୍ରଧାନ କହିଥିଲେ, ମୁଁ ଏବର୍ଷ ନୂଆଁ ଆସିଛି ଏବଂ ଆସନ୍ତା ବର୍ଷ ସମସ୍ତ ଟେକ୍ନିକାଲ ଖେଳ ଗୁଡିକ ଜିଲା ସଂଘର ସହଯୋଗରେ ଖେଳ ପରିଚାଳନା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୁନ୍ଦରଗଡ଼ ଜିଲାରେ ଏ ସମସ୍ତ ଖେଳ ପରିଚାଳନା କରିବା ପାଇଁ ରାଜ୍ୟସ୍ତରୀୟ ଓ ଜାତୀୟ ସ୍ତରୀୟ ରେଫରୀ ମହଜୁଦ ଅଛନ୍ତି। ଏଣୁ ଆଗାମୀ ଦିନରେ ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷିକ ଏହି ଖେଳମାନଙ୍କ ପ୍ରତି ଧ୍ୟାନ ଦେଇ ଉଚିତ ପଦକ୍ଷେପ ନେବା ପାଇଁ ଖେଳାଳି ତଥା ଖେଳପ୍ରେମୀମାନେ ଆଶା କରିଛନ୍ତି। ଜାତୀୟ ରେଫରୀ କିରଣଶିଳା ବାଲାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିନୟ ପଟେଲ, ଶିଳା ପଟେଲ, ରଜନିକାନ୍ତ ପଟେଲ, ହେମ ସାଗର ପଟେଲ ଓ ବିଜୟଲକ୍ଷ୍ମୀ ନାୟକ ସିପକଟାକ୍ରୋ ଖେଳ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶ୍ୱିନୀ କୁମାର ପଟେଲ ଧନ୍ୟବାଦ ଦେଇଥିଲେ। ଜିଲାସ୍ତରୀୟ ଚୟନ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ,ଶିକ୍ଷକ ଖେଳ ଶିକ୍ଷକ ସହଯୋଗ କରିଥିଲେ।



ବିଦ୍ୟାଳୟ ସମୂହ କ୍ରୀଡ଼ା ଚୟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଖେଳାଳି ଓ ରେଫରୀ।

# ଆବର୍ଜନାରେ ପୋତିହେଉଛି ମହାନଦୀ

■ଆବର୍ଜନା ଡମ୍ପିଂ କରୁଛି ଏସ୍‌ଏମ୍‌ସି

■ମହାନଦୀ ତଟ ପାଲଟିଛି ଆବର୍ଜନା କୁଣ୍ଡ

ସମ୍ବଲପୁର,୯।୯(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରକୁ ସ୍ୱଚ୍ଛ ଏବଂ ସୁନ୍ଦର କରିବାକୁ ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି) ଅଣ୍ଟା ଭିଡିଥିବା ପ୍ରଚାର କରାଯାଉଛି। ଏପରିକି ସଫେଇ କାର୍ଯ୍ୟରେ ଜନସାଧାରଣଙ୍କ ସହଯୋଗ କାମନା କରାଯାଉଛି। ହେଲେ ଖୋଦ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସହରର ଆବର୍ଜନା ନେଇ ମହାନଦୀ କୂଳ ପୋତିବାରେ ଲାଗିଛି। ପୂର୍ବରୁ ଆବର୍ଜନା ଗଦା କରି ତାକୁ ପୁଣି ଉଠାଇ ନିଆଯାଉଥିବା ନେଇ ମହାନଗର ନିଗମର ଅଧିକାରୀମାନେ ସଫେଇ ଦେଉଥିଲେ। ତେବେ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଜେସିବି ଲଗାଇ ମହାନଦୀ କୂଳକୁ ଆବର୍ଜନାରେ ପୋତି ଦିଆଯାଉଛି ତାହା ସ୍ପଷ୍ଟ ଦେଖିବାକୁ ମିଳିଛି। ପାଖରେ କୌଣସି ଟ୍ରାକ୍ଟର କିମ୍ବା ମହାନଗର ନିଗମର ଆବର୍ଜନା ଉଠା ଗାଡି ନ ଥିବାବେଳେ ଜେସିବି ଡ୍ରାଇଭର କଚେରୀ ଛକ ସ୍ଥିତ ମହାନଦୀ ପଠାରେ ଗଦା ହୋଇଥିବା ଆବର୍ଜନାକୁ ସିଧା ମହାନଦୀ ଭିତରକୁ ଠେଲି ଦେଉଥିବା ଦେଖିବାକୁ ମିଳିଛି। ତେବେ ଏହା ପ୍ରଥମ ଘଟଣା ନୁହେଁ, କଚେରୀ ଛକରେ ଥିବା ମହାନଦୀ କଡକୁ ଆବର୍ଜନାରେ ପୋତି ଦିଆଯାଇ ରାସ୍ତାକଡ ଓସାରିଆ ହୋଇ ସାରିଲାଣି। ଏଠାରେ ପୁଣି ନିୟମିତ ଭାବେ ଟ୍ରାକ୍ଟର ଆଦିରେ ଆବର୍ଜନା ଅଣାଯାଇ ଡମ୍ପିଂ କରାଯାଉଛି। ଗୋଟିଏ ପଟେ ମହାନଦୀ ତଟକୁ ସ୍ୱଚ୍ଛ ଏବଂ ଆକର୍ଷଣୀୟ କରାଯିବା ପାଇଁ ମହାନଦୀ ରିଭର ଫ୍ରଣ୍ଟ ଯୋଜନା କାର୍ଯ୍ୟକାରୀ କରାଯିବା ପାଇଁ ସବୁ ପ୍ରକାର ଉଦ୍ୟମ ଆରମ୍ଭ ହୋଇସାରିଛି। ଏହାକୁ ଆକର୍ଷଣୀୟ କରାଯାଇ ପର୍ଯ୍ୟଟକଙ୍କୁ ସମ୍ବଲପୁରକୁ ଆକର୍ଷିତ କରାଯିବା ପାଇଁ ଯୋଜନା କରାଯାଉଛି। ତେବେ ଏଭଳି ସ୍ଥିତିରେ ସମ୍ବଲପୁର ମହାନଗର ନିଗମ ମହାନଦୀକୁ ଆବର୍ଜନାରେ ପୋତିବାର ଉଦ୍ୟମ କରିବା ନେଇ ସମ୍ବଲପୁରର ସଚେତନ ନାଗରିକମାନେ ପ୍ରଶ୍ନ ଉଠାଉଛନ୍ତି। ମହାନଦୀ ଅଞ୍ଚଳର ଜୀବନରେଖା ହୋଇଥିବାବେଳେ କଚେରୀ ଛକ ନିକଟରେ ଆଉ ଏକ ବ୍ୟାରେଜ ନିର୍ମାଣ କରାଯାଇ ଏହାର ପାଣିକୁ ସହରର ବିକାଶ ପାଇଁ ବ୍ୟବହାର କରାଯିବାକୁ ଯୋଜନା କରାଯାଉଛି। ତେବେ ମହାନଗର ନିଗମ ସବୁ ଯୋଜନାରେ ସାମିଲ ରହିଥିବା ସତ୍ତ୍ୱେ ନିଜେ ମହାନଦୀ ଭିତରେ ଆବର୍ଜନା ଡମ୍ପିଂ କରିବାକୁ ପଛାଉନାହିଁ। ତେବେ କେବଳ କଚେରୀ ଛକ ନିକଟରେ ମହାନଦୀରେ ଆବର୍ଜନା ପକାଇ ପୋତି ଦିଆଯାଉନାହିଁ। ବରଂ ମହାନଦୀ କଡରେ ବିଭିନ୍ନ ଘାଟ ଏବଂ ତଟରେ ସହରବାସୀ ଏବଂ ମହାନଗର ନିଗମ କର୍ମଚାରୀ ନିର୍ଭୟରେ ଆବର୍ଜନା ପକାଉଛନ୍ତି। ମହାନଦୀ ତଟ ଆବର୍ଜନାମୟ ହୋଇସାରିଥିବା ବେଳେ ରିଙ୍ଗ ରୋଡକୁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଇ ଆକର୍ଷଣୀୟ କରାଯିବା ସତ୍ତ୍ୱେ ଦୂଷିତ ମହାନଦୀ ତଟ ଯୋଗୁ ଲୋକଙ୍କୁ ରିଙ୍ଗରୋଡ ଆକର୍ଷିତ କରିପାରୁ ନାହିଁ। ଅନ୍ୟ ପକ୍ଷରେ ସ୍ୱଚ୍ଛତା ସର୍ବେକ୍ଷଣରେ ସମ୍ବଲପୁର ସହର ଭାରତର ୧୧୪ତମ ସ୍ଥାନରେ ରହିବା ମହାନଗର ନିଗମର ସଫେଇ ବ୍ୟବସ୍ଥାକୁ ଆଙ୍ଗୁଠି ନିର୍ଦ୍ଦେଶ କରୁଛି। ସର୍ବେକ୍ଷଣ ରିପୋର୍ଟ ପ୍ରକାଶିତ ହେବା ପରେ ସମ୍ବଲପୁର ସହରକୁ ୨୦୨୬ ସୁଦ୍ଧା ଦେଶର ଶହେ ସ୍ୱଚ୍ଛ ସହର ଭିତରେ ରଖିବାକୁ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଉଦ୍ୟମ କରାଯିବା ନେଇ ଘୋଷଣା କରାଯାଇଥିଲା। ତଥାପି ସମ୍ବଲପୁର ମହାନଗର ନିଗମ ସ୍ୱଚ୍ଛତା ରକ୍ଷା କରିବାରେ ନିଜେ ବିଫଳ ହେବା ସହ ଲୋକଙ୍କୁ ମହାନଦୀକୁ ପ୍ରଦୂଷିତ କରିବାକୁ ପ୍ରୋତ୍ସାହନ ଦେଉଛି। ତେବେ ଏନେଇ ସମ୍ବଲପୁର ମହାନଗର ନିଗମ କମିଶନର ରେହାନ୍ତ ଖତ୍ରୀଙ୍କୁ ପଚରାଯିବାରୁ ସେ କହିଛନ୍ତି, ସହର ଭିତରେ ନିର୍ଦ୍ଦିଷ୍ଟ ସ୍ଥାନରେ ଆବର୍ଜନା ଡମ୍ପିଂ କରିବା ପାଇଁ ଚିହ୍ନଟ କରାଯାଇଛି। ତେବେ ମହାନଦୀ ଭିତରେ କୌଣସି ସ୍ଥାନରେ ଏଭଳି ଆବର୍ଜନା ଡମ୍ପିଂ ପାଇଁ ଚିହ୍ନଟ କରାଯାଇନାହିଁ। ତେଣୁ ଅତିରିକ୍ତ କମିଶନରଙ୍କୁ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ଦାୟିତ୍ୱ ଦିଆଯାଇଥିବା ମହାନଗର କମିଶନର ରେହାନ୍ତ ଖତ୍ରୀ କହିଛନ୍ତି। ଅନ୍ୟ ପକ୍ଷରେ ଅତିରିକ୍ତ କମିଶନର ହରିଓମ ଭୋଇ ନିଜେ ସମ୍ପୃକ୍ତ ସ୍ଥାନ ପରିଦର୍ଶନ କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।



ସମ୍ବଲପୁର ମହାନଗର ନିଗମ ପକ୍ଷରୁ ମହାନଦୀ କୂଳକୁ ଆବର୍ଜନାରେ ପୋତି ଦିଆଯାଉଛି।

# ଏକତା ସୂତ୍ରରେ ବାନ୍ଧି ରଖେ ନୂଆଁଖାଇ



ନୂଆଁଖାଇ ଭେଟ୍ କାର୍ଯ୍ୟକ୍ରମକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

## ପଞ୍ଚମୁଖୀ ଯୁବକ ସଂଘ, ଚେତନା ନାଟ୍ୟାନୁଷ୍ଠାନର ନୂଆଁଖାଇ ଭେଟ୍‌ଘାଟ

ସମ୍ବଲପୁର, ୯।୯(ବି.ଶଙ୍କର)

ପଞ୍ଚମୁଖୀ ଯୁବକ ସଂଘ ଏବଂ ଚେତନା ନାଟ୍ୟାନୁଷ୍ଠାନ ପକ୍ଷରୁ ନୂଆଁଖାଇ ଭେଟ କାର୍ଯ୍ୟକ୍ରମ-୨୦୨୫ ମହାବୀର ପଡ଼ାରେ ସୋମବାର ରାତି ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ବିଭିନ୍ନ ବର୍ଗ ଓ ବୟସର ନାଗରିକ ସାମିଲ ହୋଇଥିଲେ। ପଞ୍ଚମୁଖୀ ଯୁବକ ସଂଘ କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର କୁମାର ପଣ୍ଡା ପୌରୋହିତ୍ୟ ଉତ୍ସବ ହୋଇଥିଲା। ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ମୁଖ୍ୟଅତିଥି, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ସମସ୍ତଙ୍କୁ ଏକତାସୂତ୍ରରେ ବାନ୍ଧି ରଖିବାରେ ନୂଆଁଖାଇର ମହତ୍ତ୍ୱ ଉଲ୍ଲେଖନୀୟ ବୋଲି କହିଥିଲେ। ରେଙ୍ଗାଲିର ପୂର୍ବତନ ବିଧାୟକ ତଥା କାର୍ଯ୍ୟକ୍ରମ ଉଦ୍ୟୋକ୍ତା ସଭାପତି ନାଉରୀ ନାୟକ ଅତିଥି ସ୍ୱାଗତ କରିଥିଲେ। ବିଶିଷ୍ଟ ମଞ୍ଚ ଅଭିନେତା ତଥା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ମହାରଣାଙ୍କୁ ପ୍ରଶସ୍ତିପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ଚେତନା ନାଟ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ସମାରୋହରେ ପୁରସ୍କୃତ ହୋଇଥିଲେ। ସଭା ପ୍ରାରମ୍ଭରେ ମା' ସମଲେଶ୍ୱରୀ ମନ୍ଦିରର ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ସମେତ ପୂଜକମାନେ ପୂଜାର୍ଚ୍ଚନା କରିଥିଲେ। ଦେବାଶିଷ ବେହେରା ଓ ରୋଶନୀ ବାବୁଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନଟରାଜ, କଳା ଓ କଳାକାର, ପୁଷ୍ପକ ଗ୍ରୁପ, ଧିରଜ ଗ୍ରୁପ, ଫେସବୁ ଫେସ, ଗାବାନା ଅନୁଷ୍ଠାନର କଳାକାରଙ୍କ ସହିତ ଶିଶୁ କଳାକାରମାନେ ମଧ୍ୟ ନୃତ୍ୟ ଓ ଗୀତ ପରିବେଷଣ କରଇଥିଲେ। ପଞ୍ଚମୁଖୀ ଯୁବକ ସଂଘ ଏବଂ ଚେତନା ନାଟ୍ୟ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ନାକଟିଦେଉଳ ବନାଞ୍ଚଳରେ ଚାରା ବିତରଣ

ନାକଟିଦେଉଳ,୯।୯(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ପକ୍ଷରୁ ଆଗାମୀ ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ହେବାକୁ ଥିବା ଚାରା ରୋପଣ କାର୍ଯ୍ୟକ୍ରମ ଅବସରରେ ମଙ୍ଗଳବାର ଚାରା ବିତରଣ ଯାନର ଶୁଭାରମ୍ଭ ହୋଇଛି। ନାକଟିଦେଉଳ ବନାଞ୍ଚଳର ପେଣ୍ଠବାହାଲସ୍ଥିତ ଚାରା ଉତ୍ପାଦନ କେନ୍ଦ୍ରରୁ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିବା ବେଳେ ସାଲେଭଟା, ଯାମୁଯୋରୀ, ବାଟଗାଁ ଏବଂ ନାକଟିଦେଉଳ ପଞ୍ଚାୟତକୁ ପ୍ରଥମ ପର୍ଯ୍ୟାୟରେ ପ୍ରତି ପଞ୍ଚାୟତକୁ ୫୦୦ଟି ଲେଖାଏ ମୋଟ ୨ ହଜାର ଚାରା ବନ ବିଭାଗ ପକ୍ଷରୁ ବିତରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନାକଟିଦେଉଳ ତହସିଲଦାର ଅମର ଜେ. ଡୁଙ୍ଗଡୁଙ୍ଗ, ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ, ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ପିଇଓ ସୁବାଷ ବେହେରା, ବ୍ଲକ ଏପିଓ ସୁବାଷ ବେହେରା ଯୋଗଦେଇ ଚାରା ବିତରଣ ଯାନକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଫରେଷ୍ଟର ଅରୁଣ କୁମାର ବେହେରାଙ୍କ ସମେତ ଅଙ୍ଗନୱାଡି କର୍ମୀ, ଫରେଷ୍ଟ ଗାର୍ଡ ଓ ସିଆରପିମାନେ ଉପସ୍ଥିତ ଥିଲେ। ସେହିପରି ବ୍ଲକର ଚରଡ଼ପଶି ଚାରା ବିତରଣ କେନ୍ଦ୍ରରୁ ଶିମିଳିପାଳ, ଘୋଷରାମାଳ, ଡଇଁଚା ଏବଂ ଗୋଗୁଆ ପଞ୍ଚାୟତକୁ ମଧ୍ୟ ମା' ପାଇଁ ଗଛ ଟିଏ ଅଭିଯାନ ପରିପ୍ରେକ୍ଷୀରେ ପ୍ରତ୍ୟେକ ପଞ୍ଚାୟତକୁ ୫୦୦ଟି ଲେଖାଏ ଚାରା ଯୋଗାଇ ଦିଆ ଯାଇଛି।



ଚାରା ବିତରଣ ଯାନକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି।

# କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ




ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପର୍ଯ୍ୟବେକ୍ଷକଙ୍କ ସହିତ ମଞ୍ଚାସୀନ କର୍ମକର୍ତ୍ତା।

ସମ୍ବଲପୁର,୯।୯(ପ୍ରମୋଦ ବହିଦାର)

ଆଗାମୀ ୨୦୨୯ ସାଧାରଣ ନିର୍ବାଚନରେ କଂଗ୍ରେସ ଓଡ଼ିଶାରେ କ୍ଷମତାକୁ ଫେରିବା ଲକ୍ଷ୍ୟ ରଖିଛି। ତେଣୁ ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼ଗେ ଓ ବରିଷ୍ଠ କଂଗ୍ରେସ ନେତା ତଥା ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ସଙ୍ଗଠନ ପାଇଁ ଗୋଟିଏ ବର୍ଷ ଧରି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଅନୁସାରେ ଦେଶର ସମସ୍ତ ରାଜ୍ୟରେ ପର୍ଯ୍ୟାୟ କ୍ରମେ ଜଣେ ଲେଖାଏଁ ଯୋଗ୍ୟ ଓ ଦକ୍ଷ ବ୍ୟକ୍ତିଙ୍କୁ ଜିଲା ସଭାପତି ଭାବେ ଚୟନ କରି ଦଳର ସାଙ୍ଗଠନିକ ଦାୟିତ୍ୱ ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ମଧ୍ୟ କଂଗ୍ରେସ କ୍ଷମତାର ବିକେନ୍ଦ୍ରୀକରଣ ସହିତ ସଙ୍ଗଠନକୁ ତୃଣମୂଳ ସ୍ତରରେ ମଜବୁତ କରିବା ଲକ୍ଷ୍ୟରେ ମଙ୍ଗଳବାର ଠାରୁ ସଙ୍ଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି ବୋଲି କହିଛନ୍ତି ଏଆଇସିସି ପର୍ଯ୍ୟବେକ୍ଷକ ଇନ୍ଦଜ୍ ସିଂ ଗୁଜ୍ଜର। ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ମଙ୍ଗଳବାର ପୂର୍ବାହ୍ନରେ କଂଗ୍ରେସ ସଂଯୋଜକ ଦୁର୍ଗା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଓଡ଼ିଶା ପାଇଁ ଏଆଇସିସି ଦ୍ୱାରା ନିଯୁକ୍ତ ପର୍ଯ୍ୟବେକ୍ଷକ ଗୁଜ୍ଜର ଏହା କହିଛନ୍ତି। ସେ କହିଛନ୍ତି, ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଚାଲିବାକୁ ଥିବା ଏହି ଅଭିଯାନ ମାଧ୍ୟମରେ ଜିଲା ସଭାପତି ଚୟନ କରାଯିବ। ପ୍ରାରମ୍ଭରେ କଂଗ୍ରେସ ସଂଯୋଜକ ପାଢ଼ୀ ସମ୍ବଲପୁର ଜିଲାରେ ସଙ୍ଗଠନ ସୃଜନ ଅଭିଯାନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସେ ଦଳୀୟ କର୍ମକର୍ତ୍ତା ଓ କର୍ମୀଙ୍କ ଗହଣରେ ଜିଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଏକ ନଡ଼ିଆ ବୃକ୍ଷ ଚାରା ରୋପଣ କରିଥିଲେ। ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପର୍ଯ୍ୟବେକ୍ଷକ ତଥା ପିସିସି ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ପର୍ଯ୍ୟବେକ୍ଷକ ଜୟନ୍ତ କୁମାର ସାହୁ ଓ ପର୍ଯ୍ୟବେକ୍ଷକ ଅଂଶୁମାନ ଦାସ, ରେଙ୍ଗାଲି ବିଧାୟକ ପ୍ରାର୍ଥୀ ତଥା ପିସିସି ସମ୍ପାଦକ ଇଂ. ଦିଲୀପ ଦୁରିଆ ମଞ୍ଚାସୀନ ଥିଲେ। ଏହି ଅବସରରେ ସେ ସମସ୍ତ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀମାନଙ୍କୁ ଆସନ୍ତା ୨୦୨୯ ସାଧାରଣ ନିର୍ବାଚନ ପାଇଁ ବର୍ତ୍ତମାନଠାରୁ ପ୍ରସ୍ତୁତି ଆରମ୍ଭ ପୂର୍ବକ ଏଆଇସିସି ସଭାପତି ଖଡ଼ଗେ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ସେହିପରି ଜିଲା ସଭାପତି ଚୟନ ପାଇଁ ଉପସ୍ଥିତ କର୍ମକର୍ତ୍ତାଙ୍କ ମତାମତ ଲୋଡ଼ିଥିଲେ। ଏଥିରେ ପିସିସି ସଭ୍ୟ ଚନ୍ଦ୍ରକାନ୍ତ ପୁରୋହିତ, ସୁରଞ୍ଜିନି ବାରିକ, ଗୋବିନ୍ଦ ମିଶ୍ର, ସୂତପା ମିତ୍ର, ବିଜୟ ଲକ୍ଷ୍ମୀ ବେହେରାଉପସ୍ଥିତ ଥିଲେ।

# ବେଙ୍ଗାଲୁରୁରେ ନୂଆଁଖାଇ ଭେଟ୍‌ଘାଟ୍

## ରଜତ ରାଜ ପାଣିଗ୍ରାହୀଙ୍କୁ ଜୁହାର ସମ୍ମାନ

ସମ୍ବଲପୁର,୯।୯(ବି.ଶଙ୍କର)

ଜୁହାର ପରିବାର ବେଙ୍ଗାଲୁରୁ ପକ୍ଷରୁ ୨୬ତମ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ କେପିପିଓ ହ୍ୱାଇଟଫିଲ୍ଡରେ ଆୟୋଜିତ ହୋଇଯାଇଛି। ବିଶେଷତଃ ସମଲେଇ ମନ୍ଦିର ପ୍ରସ୍ତୁତ ସହିତ ସାତୋଟି ଦେବୀଙ୍କର ପ୍ରତିକୃତି ସ୍ଥାପନ କରାଯାଇଥିଲା। ପୂର୍ବାହ୍ନ ୧୦ଟାରେ ସମଲେଇ ପୂଜା କରାଯାଇଥିଲା। ଏହାପରେ ସତ୍ୟଜିତ ଚଇନୀଙ୍କ ଭଜନ ଦ୍ୱାରା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପଶ୍ଚିମ ଓଡ଼ିଶାରୁ ଆସିଥିବା କାଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ମଞ୍ଚକୁ ଜୀବନ୍ତ କରିଥିଲେ। ଏହିକ୍ରମରେ ନଟରାଜ କଳା ପରିଷଦ, ବଲାଙ୍ଗୀର ଲୋକନୃତ୍ୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ସେହିପରି କଣ୍ଠଶିଳ୍ପୀ ଉମାକାନ୍ତ ବାରିକଙ୍କ ଗୀତରେ ଦର୍ଶକ ବିମୋହିତ ହୋଇଥିଲେ। ପରିବେଶକୁ ଓଲିଉଡ ସଙ୍ଗୀତ ଶିଳ୍ପୀ ସୁଜ୍ଞାନୀ ମହାପାତ୍ର, ବିଜୟ ମେହେର, ପ୍ରତୀକ ବାଗ, ଜୟଶ୍ରୀ, ରାପର, ବ୍ଲାକଭାଙ୍କର ଦର୍ଶକଙ୍କୁ ଝୁମାଇଥିଲା। ବିକାଶ ଫାଉଣ୍ଡେଶନ ଅଧ୍ୟକ୍ଷା ଡ.ମୃଦୁଳା ଠାକୁର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ଜିଲା ଭାଜପା ସଭାପତି ଗିରୀଶ ପଟେଲ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ସମ୍ମାନୀତ ଅତିଥିଭାବେ ସାମିଲ ହୋଇଥିଲେ। ଓଡ଼ିଶାର ସାଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭିଡିଓ ବାର୍ତ୍ତା ମାଧ୍ୟମରେ ନୂଆଁଖାଇର ଅଭିନନ୍ଦନ ଜଣାଇଥିଲେ। ଲୋକସଙ୍ଗୀତ ଓ ଆଦିବାସୀ ସଙ୍ଗୀତ ସୁରକ୍ଷା ସକାଶେ ରଜତ ରାଜ ପାଣିଗ୍ରାହୀଙ୍କୁ ଜୁହାର ସମ୍ମାନ-୨୫ପ୍ରଦାନ କରାଯାଇଥିଲା। ଜୁହାର ପରିବାର ବେଙ୍ଗାଲୁରୁର ସଂସ୍ଥାପକ ବିଶ୍ୱଜିତ ପ୍ରଧାନ ଦର୍ଶକଙ୍କୁ ସମ୍ବୋଧନ କରି କହିଥିଲେ, ୨୬ ବର୍ଷ ପୂର୍ବରୁ ବୀଜ ପୋତିଥିଲି। ତାହା ବର୍ତ୍ତମାନ ବଡ଼ ଗଛ ହୋଇଥିବାକୁ ଦେଖିବା ଅତ୍ୟନ୍ତ ଗର୍ବର ବିଷୟ । ଅଧ୍ୟକ୍ଷ ଶୋଭନ ଦାଶ ଦର୍ଶକ, ଶିଳ୍ପୀ ଓ ସହଭାଗୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ସୁଦୀପ୍ତ ପଣ୍ଡା ଏହି କାର୍ଯ୍ୟକ୍ରମ ପାଇଁ ହୋଇଥିବା ପ୍ରସ୍ତୁତରେ ୬୫ଜଣ ସେବକ ନିଷ୍ଠାପୂର୍ଣ୍ଣ ଶ୍ରମ କରିଥିଲେ ବୋଲି କହିଥିଲେ।



ଭେଟଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଆୟୋଜକ।

# ଜିଲାପାଳଙ୍କୁ ଦାବି ଜଣାଇଲେ ୧୦ ଗାଁର ଲୋକ

## ମେଣ୍ଢାବାହାଲକୁ ନୂତନ ପଞ୍ଚାୟତ ଗଠନ ଦାବି

ଜମନକିରା,୯।୯(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ଚକୁଳିଆବାହାଲ ପଞ୍ଚାୟତର ୧୦ଟି ଗାଁ ଓ ପଡ଼ାକୁ ନେଇ ନୂତନ ମେଣ୍ଢାବାହାଲ ପଞ୍ଚାୟତ ଗଠନ ନେଇ ଦାବି ଉଠିଛି। ଚକୁଳିଆବାହାଲ ପଞ୍ଚାୟତ ଅଧୀନ ଡଙ୍ଗାପାଲ, ହାତୀବନ୍ଧା, କୁଟାରିମାଲ, ଘୁଘର୍, ହଦୋପଡ଼ା, ବୁରୋମାଲ, ମେଣ୍ଢାବାହାଲ, ବଡ଼ବାହାଲ, ମରାଲମାଲ, କର୍ଲାଘାଟି ବାସିନ୍ଦା ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହରେ ଚାଲିଥିବା ଯୁଗ୍ମ ଜନଶୁଣାଣିରେ ଜିଲାପାଳ ସିଦ୍ଧେଶ୍ୱର ବୋଲିରାମ ବୋନ୍ଦର୍‌ଙ୍କୁ ଭେଟି ଏକ ସ୍ମାରକ ପତ୍ର ଦେଇଥିଲେ। ସେମାନେ ଦାବିରେ ଉଲ୍ଲେଖ କରିଛନ୍ତି, ଚକୁଳିଆବାହାଲ ପଞ୍ଚାୟତ ଅଫିସଠାରୁ ସେମାନଙ୍କ ଗାଁଗୁଡିକ ପ୍ରାୟ ୮ରୁ ୧୩କିମି ଦୂରତା ଥିବାବେଳେ ମଝିରେ ସମ୍ପୂର୍ଣ୍ଣ ଘାଟି ରାସ୍ତା ସାଙ୍ଗକୁ ସଂରକ୍ଷିତ ଜଙ୍ଗଲରେ ପରିପୂର୍ଣ୍ଣ ରହିଛି। ବର୍ଷର ଅଧିକାଂଶ ସମୟ ହାତୀ ଉପଦ୍ରବ ଲାଗି ରହିଛି। ଜମନକିରା ବ୍ଲକ ସୀମାନ୍ତ ଅଞ୍ଚଳ ହୋଇଥିବାରୁ ପ୍ରଶାସନିକ ଅଧିକାରୀ ଆବଶ୍ୟକ ଦୃଷ୍ଟି ନ ଦେବା କାରଣରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଅନେକ କାମ ପଞ୍ଚାୟତ ଅଫିସଠାରେ ହେଉଥିବାରୁ ଜନସାଧାରଣଙ୍କୁ ବର୍ଷତମାମ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ରାଜ୍ୟ ସରକାରଙ୍କ ନୂଆ ପଞ୍ଚାୟତ ପୁନର୍ଗଠନ କାର୍ଯ୍ୟକ୍ରମରେ ଏହି ୧୦ ଗୋଟି ଗାଁକୁ ନେଇ ନୂଆ ମେଣ୍ଢାବାହାଲ ପଞ୍ଚାୟତ ସ୍ଥାପନ କଲେ ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା ଦୂର ହୋଇପାରିବ ବୋଲି କୁହାଯାଇଛି।



ଦାବି ଜଣାଇବାକୁ ଆସିଥିବା ଗ୍ରାମବାସୀ।

# ସଂସ୍କୃତ ଭାଷା ଭାରତୀୟ ସଂସ୍କୃତିର ଗନ୍ତାଘର

## ଜିଲାସ୍ତରୀୟ ସଂସ୍କୃତ ଦିବସ ପାଳିତ

ସମ୍ବଲପୁର,୯।୯(ବି.ଶଙ୍କର)

ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ସମ୍ବଲପୁର ଜିଲା ଶାଖା ଆନୁକୂଲ୍ୟରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଜିଲା ସ୍ତରୀୟ ସଂସ୍କୃତି ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ଜିଲା ସଭାପତି ଶୁଶୀଲ କୁମାର ମହାକୁଲଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟସ୍ତରରେ ସଂସ୍କୃତକୁ ରୁଚିକର ଓ ଆକର୍ଷଣୀୟ କରିବା ଆବଶ୍ୟକତା ରହିଛି। ସେ ଦିଗରେ ସଂସ୍କୃତ ଶିକ୍ଷକମାନେ ନିଜକୁ ନିୟୋଜିତ କରିବାକୁ ଆହ୍ୱାନ କରିଥିଲେ। ଅନ୍ୟ ବିଷୟଗତ ଶିକ୍ଷକମାନଙ୍କଠାରୁ ନିଜକୁ ନ୍ୟୁନ ମନେ ନ କରି ଉତ୍ସାହର ସହିତ ସଂସ୍କୃତ ଭାଷାର ଉନ୍ନତି ପାଇଁ ଚେଷ୍ଟା କରିବା ଉଚିତ ବୋଲି ମୁଖ୍ୟ ଅତିଥି ଭୋଇ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ପ୍ରେରଣା ଦେଇଥିଲେ।

ମୁଖ୍ୟବକ୍ତାଭାବେ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ଡ. କୁମାର ଚନ୍ଦ୍ର ମିଶ୍ର ଯୋଗଦାନ କରି ସଂସ୍କୃତ ଭାଷାର ସୁରକ୍ଷା ଓ ସେହି ଭାଷାର ମହନୀୟତା ଉପରେ ଆଲୋଚନା କରିଥିଲେ। ଏଥିସହ ଶିକ୍ଷକମାନଙ୍କ ମଧ୍ୟରେ ରହିଥିବା ବୃତ୍ତିଗତ ସଂଶୟଗୁଡ଼ିକ ଦୂର କରିଥିଲେ। ସମ୍ମାନୀତ ଅତିଥି ଭାବେ କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ସୋମଦତ୍ତ ଶାସ୍ତ୍ରୀ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ହରି ନାରାୟଣ ପଣ୍ଡା, ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ଯୁଗ୍ମ ସମ୍ପାଦକ ଗୋପବନ୍ଧୁ ପୁରୋହିତ ଯୋଗଦେଇ ସଂସ୍କୃତ କେବଳ ଏକ ଭାଷା ନୁହେଁ, ଏହା ଭାରତୀୟ ସଂସ୍କୃତିର ଗନ୍ତାଘର। ଏହି ଭାଷା ବିନା ସଂସ୍କୃତି ପଙ୍ଗୁ ବୋଲି ଅଭିହିତ କରିଥିଲେ। ବରଗଡ଼ ସିମେଣ୍ଟ ନଗର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ କପିଳେଶ୍ୱର ବାଗ ଉପସ୍ଥିତ ରହି ମହାକବି କାଳିଦାସଙ୍କ ମେଘଦୂତ ମହାକାବ୍ୟର ସ୍ୱରଚିତ ସମ୍ବଲପୁରୀ ଭାଷାନ୍ତର କରି ଗାନ କରିଥିଲେ। ଜିଲା ସ୍ତରୀୟ ଉତ୍ସବରେ ଚଳିତବର୍ଷ ଅବସର ଗ୍ରହଣ କରିଥିବା ସଂସ୍କୃତ ଶିକ୍ଷକ ଚିନ୍ତାମଣି ଭୋଇ, କିଶୋର କୁମାର ପାଣିଗ୍ରାହୀ, ପ୍ରମୋଦ କୁମାର ସାହୁ, ସିଦ୍ଧାର୍ଥ କୁମାର ବିଶ୍ୱାଳ,ଶିକ୍ଷୟିତ୍ରୀ ବାସନ୍ତୀ ତ୍ରିପାଠୀ, କିଶୋରୀମଣି ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ପ୍ରତ୍ୟେକ ବ୍ଲକରେ ସଂସ୍କୃତ ଭାଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ସଂସ୍କୃତ ଶିକ୍ଷକ ଅସିତ କୁମାର ପଣ୍ଡା ସଂଯୋଜନା ଏବଂ ଜିଲା ସଂପାଦକ ଦେବରାଜ ରଥ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆମ୍ବସଡ଼ା କଟାପାଲିର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ସମ୍ବଲପୁର ଜିଲାର ସମସ୍ତ ବ୍ଲକରୁ ପ୍ରାୟ ଦୁଇଶହ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦାନ କରିଥିଲେ। ଶେଷରେ ବରିଷ୍ଠ ସଂସ୍କୃତ ଶିକ୍ଷୟିତ୍ରୀ ନାରାୟଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ପରିଚାଳନାରେ ସଂସ୍କୃତ ଶିକ୍ଷକ ପ୍ରଶାନ୍ତ କୁମାର ଦାଶ, ଦୁର୍ଗା ଶଙ୍କର ପାଣିଗ୍ରାହୀ, ଶିକ୍ଷୟିତ୍ରୀ ସୁଶ୍ରୀ ସଂଗୀତା ବେହେରା, ଦେବଶ୍ରୀ ପ୍ରଧାନ, ଦୀପ୍ତୀବାଳା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



ଜିଲାସ୍ତରୀୟ ସଂସ୍କୃତି ଦିବସ କାର୍ଯ୍ୟକ୍ରମରେ ଅତିଥି, ବକ୍ତା ଓ ସମ୍ବର୍ଦ୍ଧିତ ପ୍ରତିଭା ।




# ବନ୍ଦ ହେବ ଅକାମୀ ଯୋଜନା

**ଭୁବନେଶ୍ୱର,୯।୯(ରବିନାରାୟଣ ଜେନା)**

## ସବୁ ବିଭାଗକୁ ଅର୍ଥ ବିଭାଗର ଚିଠି

ରାଜ୍ୟରେ ୫ ବର୍ଷରୁ ଅଧିକ ଦିନ ଧରି ପଡ଼ିରହିଥିବା ପୁରୁଣା ତଥା ଅକାମୀ ଯୋଜନା ବନ୍ଦ ହେବ। ଏହାବାଦ୍ ଯେଉଁ ଯୋଜନାଗୁଡ଼ିକ ଠିକଣା ଭାବେ କାର୍ଯ୍ୟକାରୀ ହେଉ ନ ଥିବ ସେଗୁଡ଼ିକୁ ଅନ୍ୟ ଯୋଜନାରେ ମିଶ୍ରଣ କରାଯିବ। ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଛି। ଏନେଇ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ଏକ ସ୍ୱଷ୍ଟ ନିର୍ଦ୍ଦେଶନାମା ପ୍ରଦାନ କରାଯାଇଛି। ସବୁଠାରୁ ବଡ଼କଥା ହେଲା, କେଉଁ(ଆର୍ଥିକ ପରିମାଣ) ଯୋଜନାକୁ କେଉଁ ସ୍ତରରେ ଅନୁମୋଦନ ମିଳିବ ସେନେଇ ଅର୍ଥ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ମିଶ୍ର ଅବଗତ କରାଇଛନ୍ତି।

ଅର୍ଥ ବିଭାଗ ପ୍ରମୁଖ ଶାସନସଚିବ ମିଶ୍ର ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ଯୋଜନା ପ୍ରସ୍ତୁତି ବେଳେ ବିଭାଗୀୟ ସଚିବଙ୍କ କ୍ଷମତା ୫ କୋଟି ଟଙ୍କା ରହିଛି। ସଚିବ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଯୋଜନା ପ୍ରସ୍ତାବକୁ ଅନୁମୋଦନ କରିପାରିବେ। ସେହିପରି ୫ରୁ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷମତା ବିଭାଗୀୟ ମନ୍ତ୍ରୀଙ୍କ ରହିଛି। ଏହାବାଦ୍ ବିଭାଗୀୟ ମନ୍ତ୍ରୀ, କ୍ୟାବିନେଟ୍ କିମ୍ବା ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳିଲେ ୫୦ରୁ ୨୫୦ କୋଟି ଟଙ୍କାର ଯୋଜନାକୁ ଅନୁମୋଦନ ମିଳିପାରିବ।

ରାଜ୍ୟରେ ନୂତନ ଯୋଜନା କାର୍ଯ୍ୟକାରୀ ନେଇ ୨୦୨୧ ମାର୍ଚ୍ଚ ୨୨ରେ ଏକ ମାର୍ଗଦର୍ଶିକା ଅର୍ଥ ବିଭାଗ ପକ୍ଷରୁ ଜାରି ହୋଇଥିଲା। ଏହାକୁ ସରକାରଙ୍କ ପକ୍ଷରୁ ସଂଶୋଧନ କରାଯାଇଛି, ଯେଉଁଥିରେ ବିଭିନ୍ନ ବିଭାଗରେ ପଡ଼ିରହିଥିବା ପୁରୁଣା ଯୋଜନାକୁ ବନ୍ଦ କରାଯିବ। ଯେଉଁ ଯୋଜନାଗୁଡ଼ିକ ୫ ବର୍ଷରୁ ଊର୍ଦ୍ଧ୍ୱ ଧରି ଅକାମୀ ହୋଇରହିଥିବ ତାକୁ ବନ୍ଦ କରାଯାଇପାରିବ ନଚେତ୍ ଅନ୍ୟ ଯୋଜନାରେ ମିଶ୍ରଣ କରାଯିବ। ଏଥିସହିତ କୌଣସି ଯୋଜନା ମିଶ୍ରଣ ବେଳେ ଯୋଜନା ଓ ସଂଯୋଜନ ବିଭାଗ ଏବଂ ଅର୍ଥ ବିଭାଗର ସମ୍ପୂର୍ଣ୍ଣ କ୍ଷମତା ରହିଛି। ସେମାନେ ଚାହିଁଲେ ବନ୍ଦ କରିପାରିବେ କିମ୍ବା ମିଶ୍ରଣ କରିପାରିବେ ନଚେତ୍ ଏହାର ପୁନରୁଦ୍ଧାର ମଧ୍ୟ କରିପାରିବେ। ଏନେଇ ଆଗାମୀ ଆର୍ଥିକବର୍ଷ ୨୦୨୬-୨୭ ବଜେଟ୍ ପ୍ରସ୍ତୁତି ବେଳେ ବିଭାଗ ପକ୍ଷରୁ ସ୍ୱଷ୍ଟ କରିବାର ଆବଶ୍ୟକତା ରହିଛି ବୋଲି ପ୍ରମୁଖ ସଚିବ ଦର୍ଶାଇଛନ୍ତି। ତେବେ ଯୋଜନା ପ୍ରସ୍ତାବ ପ୍ରସ୍ତୁତ କରିବାବେଳେ ପ୍ରଶାସନିକ ଅଧିକାରୀମାନେ ଯୋଜନାଟି ସାଧାରଣ ଲୋକଙ୍କ ପାଇଁ କେତେଦୂର ଲାଭବାନ୍ ହେବ ତାହାକୁ ଦୃଷ୍ଟି ଦେବାକୁ ପଡ଼ିବ। ଯୋଜନାର ସଫଳତାକୁ ନେଇ ତା'ର ମାନଦଣ୍ଡ ସ୍ଥିରୀକୃତ ହେବ। ଯେପରିକି ରାଜ୍ୟର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ସହିତ ସମାଜରେ ସମାନତା ଆସିପାରିବ, ଆର୍ଥିକ ଭାରସାମ୍ୟ ଓ ପ୍ରଭାବୀ ରହିବ। ପ୍ରମୁଖ ଶାସନ ସଚିବ ଆହୁରି ମଧ୍ୟ ଦର୍ଶାଇଛନ୍ତି, ଯୋଜନା ପ୍ରସ୍ତୁତି ବେଳେ ତା'ର ପରିବେଶ ପ୍ରଭାବ ଦିଗକୁ ମଧ୍ୟ ଆକଳନ କରିବାକୁ ହେବ। ଯଦି ଯୋଜନାଟି ପରିବେଶ ପ୍ରତିକୂଳ ପ୍ରଭାବ ପକାଉଥିବ ତେବେ ତାହା ଗ୍ରହଣୀୟ ହେବନାହିଁ। ଯେପରିକି ଗଛ କାଟିବା, ଜମି ଅଧିଗ୍ରହଣ କରିବା, ବିସ୍ଥାପନ ଓ ଥଇଥାନ ସମସ୍ୟା ଉପୁଜିବାର ଆଶଙ୍କା ଥିବ ସେକ୍ଷେତ୍ରରେ ସେଥିପ୍ରତି ଗୁରୁତ୍ୱ ଦେବାକୁ ହେବ। ସେହିପରି ଯୋଜନା ପ୍ରସ୍ତୁତି ବେଳେ ବିପର୍ଯ୍ୟୟ ମୁକାବିଲା ଦିଗକୁ ଧ୍ୟାନ ଦେବା ସହିତ ନିରନ୍ତର ବିକାଶ ଲକ୍ଷ୍ୟ ଯେଭଳି ସାଧିତ ହୋଇପାରିବ ତାକୁ ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ। ଏହାସହିତ ଯୋଜନାଟି ମହିଳା ଓ ଶିଶୁ ବିକାଶକୈନ୍ଦ୍ରିକ ହୋଇଥିବ କିମ୍ବା ଆଞ୍ଚଳିକ ଭାରସାମ୍ୟ ହ୍ରାସରେ ଯେପରି ସହାୟକ ହେଉଥିବ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ ବୋଲି ପ୍ରମୁଖ ସଚିବ ଦର୍ଶାଇଛନ୍ତି।

# ମହିଳା ଓ ଶିଶୁ କଲ୍ୟାଣ ବିଭାଗକୁ ୩ ବିଭାଗର ରିପୋର୍ଟ ପ୍ରଦାନ

**ଭୁବନେଶ୍ୱର,୯।୯(ସୁନିତ୍ ମିଶ୍ର)**

ସୁଭଦ୍ରା ଯୋଜନାକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର ଏକ ସମୀକ୍ଷା ବୈଠକ କରିବେ। ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀମାନଙ୍କୁ ସାମିଲକରିବା ଲାଗି ମୁଖ୍ୟତଃ ବୈଠକରେ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡ଼ିଛି। ଏହାସହ ଅଯୋଗ୍ୟ ହିତାଧିକାରୀମାନଙ୍କୁ ବାଦ୍‌ଦେବା ଲାଗି ଯୋଜନା କରାଯିବ। ସୁଭଦ୍ରା ସମୀକ୍ଷା ବୈଠକ ପୂର୍ବରୁ ୩ଟି ବିଭାଗକୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ତଥ୍ୟ ଲୋଡ଼ାଯାଇଥିଲା। ପରିବହନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସ୍ୱାସ୍ଥ୍ୟ ବିଭାଗଠାରୁ ତଥ୍ୟ ମଗାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗକୁ ମୃତ ହିତାଧିକାରୀଙ୍କ ତାଲିକା ଯାଞ୍ଚ କରିବାକୁ କୁହାଯାଇଥିଲା। ସେହିପରି ଧାନ ବିକ୍ରି କରିଥିବା ମହିଳାଙ୍କ ନାଁରେ କେତେ ଜମି ପଞ୍ଜୀକରଣ ହୋଇଛି ତାହାର ରିପୋର୍ଟ ଖାଦ୍ୟ ଯୋଗାଣ ବିଭାଗକୁ ମଗାଯାଇଥିଲା। କେଉଁ ମହିଳାମାନଙ୍କ ନାଁରେ ୩ ଚକିଆ ଯାନ ରହିଛି ସେମାନଙ୍କ ରିପୋର୍ଟ ପ୍ରଦାନ କରିବାକୁ ପରିବହନ ବିଭାଗକୁ କୁହାଯାଇଥିଲା। ଏହି ସମସ୍ତ ୩ ବିଭାଗ ପକ୍ଷରୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗକୁ ପ୍ରଦାନ କରାଯାଇସାରିଛି। ଉକ୍ତ ତଥ୍ୟ ଆଧାରରେ ସୁଭଦ୍ରା ଯୋଜନାର ସମୀକ୍ଷା ଖୋଦ୍ ଉପମୁଖ୍ୟମନ୍ତ୍ରୀ କରିବେ।

**ଆଜି ସୁଭଦ୍ରା ସମୀକ୍ଷା ବୈଠକ**

# ବିଷାକ୍ତ ସାପ କାମୁଡ଼ାରେ ଭଉଣୀ ଭାଇ ମୃତ

**ଉମରକୋଟ, ୯।୯(ସନ୍ତୋଷ ଶତପଥୀ)**

ଯେକୌଣସି ରୋଗ ହେଉ କିମ୍ବା ସାପ କାମୁଡ଼ୁ ଏ ସବୁ କ୍ଷେତ୍ରରେ ଗୁଣିଆ ଦିଶାରୀଙ୍କ ପାଖକୁ ନ ଯାଇ ଡାକ୍ତରଖାନାକୁ ଯିବାକୁ ପ୍ରଶାସନ ପକ୍ଷରୁ ସଚେତନ କରାଯାଉଛି। କିନ୍ତୁ ଲୋକେ ଏବେ ବି ସଚେତନ ହେଉନାହାନ୍ତି। ଫଳରେ ଅନେକ ଜୀବନ ଚାଲିଯାଉଛି। ଏହାର ସଦ୍ୟ ଉଦାହରଣ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ରାଜପୁର ଗ୍ରାମରେ ଦେଖିବାକୁ ମିଳିଛି। ଶୋଇଥିବା ଅବସ୍ଥାରେ ସୋମବାର ରାତିରେ ଏକ ବିଷାକ୍ତ ସାପ ସୁକୁରାମ ହରିଜନଙ୍କ ଝିଅ ଅମିତା (୧୧) ଓ ୯ ମାସର ପୁଅ ରତୁରାଜଙ୍କୁ କାମୁଡ଼ିଥିଲା। ପରିବାର ଲୋକେ ସେମାନଙ୍କୁ ପ୍ରଥମେ ଗୁଣିଆଙ୍କ ପାଖକୁ ନେଇଥିଲେ। ଅଧିକ ଗୁରୁତର ହେବାରୁ ସେଠାରୁ ଡାକ୍ତରଖାନା ଆଣିଥିଲେ, କିନ୍ତୁ ଡାକ୍ତର ସେଠାରେ ସେମାନଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାନୁଯାୟୀ ସୋମବାର ରାତିରେ ସୁକୁରାମ ତାଙ୍କ ସ୍ତ୍ରୀ ହେମବତୀ, ଝିଅ ଅମିତା, ପୁଅ ରତୁରାଜ ଓ ପରିବାରର ଅନ୍ୟ ସଦସ୍ୟମାନେ ରାତ୍ରିଭୋଜନ ପରେ ଶୋଇଥିଲେ। ଏହି ସମୟରେ ଏକ ବିଷାକ୍ତ ସାପ ଅମିତା ଓ ରତୁରାଜଙ୍କୁ କାମୁଡ଼ି ଦେଇଥିଲା। ବିଳମ୍ବିତ ରାତିରେ ଝିଅ ଓ ପୁଅଙ୍କୁ ଗୁରୁତର ଅବସ୍ଥାରେ ଦେଖି ପରିବାର ଲୋକେ ଏହାର କାରଣ ଜାଣିପାରି ନ ଥିଲେ। କିଛି ସମୟ ପରେ ଘର ଭିତରେ ବୁଲୁଥିବା ବିଷାକ୍ତ ସାପକୁ ଦେଖିଥିଲେ। ପିଲାମାନଙ୍କୁ ସାପ କାମୁଡ଼ିଥିବା ଅନୁମାନକରି ଉଭୟଙ୍କୁ ଗାଁ ନିକଟରେ ଥିବା ଜଣେ ଗୁଣିଆଙ୍କ ପାଖକୁ ନେଇ ଚିକିତ୍ସା କରିଥିଲେ। କିନ୍ତୁ ପରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଭୋର ୪ଟାରେ ଆଣିଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଠିକ୍ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହୁଏତ ପିଲା ୨ ଜଣଙ୍କ ଜୀବନ ବଞ୍ଚିପାରିଥାଆନ୍ତା ବୋଲି ଜିଲା ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ ପଣ୍ଡା କହିଛନ୍ତି। ଘଟଣାକୁ ନେଇ ଡାବୁଗାଁ ଥାନା ଅଧୀନ ସିଂସାରୀ ଫାଣ୍ଡିରେ କେସ୍ ନଂ. ୨୭/୨୫ ଓ ୨୮/୨୫ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଫାଣ୍ଡି ଏସ୍‌ଆଇ ହରିହର ଭତ୍ରା ତଦନ୍ତ କରୁଛନ୍ତି। ଉମରକୋଟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରାଜପୁର ଗ୍ରାମରେ ଅମିତା ଓ ରତୁରାଜଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ମୃତକଙ୍କ ପରିବାରକୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

## ଚିକିତ୍ସା ଅବହେଳାରୁ ରାୟଗଡ଼ା ଆଶ୍ରମ ସ୍କୁଲ ଛାତ୍ରୀ ମୃତ୍ୟୁ ମାମଲା

**କଟକ,୯।୯(କାର୍ତ୍ତିକ ସାହୁ)**

ଚିକିତ୍ସା ଅବହେଳାରୁ ରାୟଗଡ଼ାର ଦୁର୍ଗାପଡ୍ଡୁ ଆଶ୍ରମ ସ୍କୁଲର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ଆଗତ ମାମଲାରେ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ରାଜ୍ୟ ମାନବାଧିକାର ଆୟୁକ୍ତ (ଓଏଚ୍‌ଆର୍‌ସି) ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ପ୍ରବୀର ଦାସଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଆୟୋଗ ୩ ମାସରେ ମୃତକଙ୍କ ପରିବାରକୁ ଉପରୋକ୍ତ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। କ୍ଷତିପୂରଣ ପ୍ରଦାନ ସମ୍ପର୍କିତ ତଥ୍ୟ କମିଶନଙ୍କ ନିକଟରେ ଦାଖଲ କରିବାକୁ ଆୟୁକ୍ତ ଆଦେଶରେ ସ୍ୱଷ୍ଟ କରିଛନ୍ତି। ସ୍କୁଲ କର୍ତ୍ତୃପକ୍ଷଙ୍କ ଚିକିତ୍ସା ପ୍ରଦାନରେ ଅବହେଳାରୁ ରାୟଗଡ଼ାର ଦୁର୍ଗାପଡ୍ଡୁ ଆଶ୍ରମ ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ରୀ ମନିଷା ମଡ଼ାଙ୍ଗୀଙ୍କ ୨୦୨୪ ଜୁଲାଇ ୮ରେ ମୃତ୍ୟୁ ଘଟିଥିଲା। ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗ ଅଧୀନରେ ପରିଚାଳିତ ଏହି ଆଶ୍ରମ ସ୍କୁଲରେ ଅଧ୍ୟୟନରତ ଛାତ୍ରୀ ମ୍ୟାଲେରିଆ ଆକ୍ରାନ୍ତ ହୋଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଜାଣିଶୁଣି ତାଙ୍କୁ ଚିକିତ୍ସା ପ୍ରଦାନରେ ବିଳମ୍ବ କରିଥିଲେ। ଫଳରେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଆବେଦନକାରୀ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରି ଓଏଚ୍‌ଆର୍‌ସିରେ ଏକ ମାମଲା ରୁଜୁ କରିଥିଲେ। ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ସହ ଦାୟୀ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆବେଦନ କରିଥିଲେ।






# ଭିତରକନିକାରେ ବଢ଼ିଲେ ୬୭୩ ଦେଶୀୟ ପକ୍ଷୀ

**ରାଜନଗର,୯।୯ (ଭାସ୍କର ରାଉତରାୟ)**

ଚଳିତବର୍ଷ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ଗତବର୍ଷଠାରୁ ବୃଦ୍ଧି ପାଇଛି। ଗତବର୍ଷ ଭିତରକନିକାରେ ୧,୩୦,୧୨୩ ଦେଶୀୟ ପକ୍ଷୀ ଭିଡ଼ ଜମାଇଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ୧,୩୦,୭୯୬କୁ ବୃଦ୍ଧି ପାଇଛି। ଏବର୍ଷ ୬୭୩ ଅଧିକ ସଂଖ୍ୟକ ପକ୍ଷୀ ଭିତରକନିକାରେ ଭିଡ଼ ଜମାଇଛନ୍ତି। ଏବର୍ଷ ୧୪୦୯ ଗଛରେ ୨୭,୬୪୬ ବସାରେ ଏହି ପକ୍ଷୀଙ୍କୁ ଗଣନା କରାଯାଇଛି। ରାଜନଗର ଡିଏଫ୍‌ଓ ଭରଦରାଜ ଗାଓଁକରଙ୍କ ସୂଚନା ମୁତାବକ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧ଯାଏ ୩ ଦିନ ଧରି ଭିତରକନିକାର ମଠଆଡ଼ିଆ, ଲକ୍ଷ୍ମୀପ୍ରସାଦଡିଆ, ଦୁର୍ଗାପ୍ରସାଦଡିଆ ସମେତ ରାଜନଗର ରେଞ୍ଜର ବ୍ରାହ୍ମଣୀ ନଦୀ ମଧ୍ୟରେ ଥିବା ବାଲିଡିଆ ଆଇଲ୍ୟାଣ୍ଡରେ ପକ୍ଷୀଗଣନା କରାଯାଇଥିଲା। ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ବନ ବିଭାଗର ୩ ଟି ଟିମ ଓ ବାହାରେ



୨ଟି ଟିମ୍ ପକ୍ଷୀଗଣନା କରିଥିଲେ। ଚଳିତବର୍ଷ ଭିତରକନିକା ଜାତୀୟ ଉଦ୍ୟାନରେ ୧୦ ପ୍ରକାର ପକ୍ଷୀଙ୍କ ସମାଗମ ହୋଇଛି। ପକ୍ଷୀଗୁଡ଼ିକ ମଧ୍ୟରେ ଗେଣ୍ଡାଳିଆ, ରାଣୀ ବଗ, ମଝିଆ ବଗ, ଛୋଟ ବଗ, ଖଇରା ବଗ, ମାଟିଆ ବଗ, ପାଣିକୁଆ, ଅନ୍ଧାରିଆ ବଗ, କାପରଖାଇ, ଦାବେଣ୍ଟିଆ ପ୍ରଭୃତି ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି। ମଠଆଡ଼ିଆରେ ୧୩,୨୬୧ ବସାରେ ୨୬,୫୨୨ ବଡ଼ପକ୍ଷୀ ଓ ୩୭,୦୪୨ ଶାବକ, ଲକ୍ଷ୍ମୀପ୍ରସାଦଡିଆରେ ୨୭,୧୮୮ ବଡ଼ପକ୍ଷୀ ଓ ୩୬,୩୬୪ ଶାବକ, ଦୁର୍ଗାପ୍ରସାଦଡିଆରେ ୧୧୮ ବଡ଼ପକ୍ଷୀ ଓ ୧୫୪ ଶାବକ, ବାଲିଡିଆରେ ୧୪୬୪ ବଡ଼ପକ୍ଷୀ ଓ ୧୯୪୪ ଶାବକଙ୍କୁ ଗଣନା ସମୟରେ ଠାବ କରାଯାଇଥିଲା। ସୂଚନାଯୋଗ୍ୟ, ଜୁନ୍ ଶେଷଭାଗରୁ ଭିତରକନିକାକୁ ପକ୍ଷୀମାନଙ୍କ ଆଗମନ ହୋଇଥାଏ। ମା'ପକ୍ଷୀମାନେ ବସାରେ ଅଣ୍ଡା ଦେଇ ଛୁଆ ଫୁଟାଇବା ପରେ ସାଙ୍ଗରେ ଧରି ଅକ୍ଟୋବର ଶେଷ ସୁଦ୍ଧା ସେମାନଙ୍କ କର୍ମଭୂମିକୁ ଫେରିଯିବେ। ମୌସୁମୀ ଆଗମନରେ ଏହି ପକ୍ଷୀମାନେ ଖାଦ୍ୟ ସଂଗ୍ରହ, ବଂଶ ବିସ୍ତାର ଓ ଭିତରକନିକାରେ ରହି ଯାଇଥିବା ବିଦେଶାଗତ ପକ୍ଷୀମାନଙ୍କ ସହ ବନ୍ଧୁତ୍ୱ ସ୍ଥାପନ ପାଇଁ ଦେଶୀୟ ପକ୍ଷୀମାନେ ଏଠାକୁ ଛୁଟି ଆସନ୍ତି।

# 'ମହିଳା, କନ୍ୟାଙ୍କ ସୁରକ୍ଷା ପୋଲିସର ପ୍ରାଥମିକ କର୍ତ୍ତବ୍ୟ'

**ଭୁବନେଶ୍ୱର,୯।୯ (ସତ୍ୟଜିତ୍ ରାଉତ)**

- **ଅପରାଧ ରୋକିବାକୁ ଡିଜିପିଙ୍କ ଆହ୍ୱାନ**
- **୧୩ ଜିଲାର ଏସ୍‌ପିଙ୍କୁ ମାନପତ୍ର ପ୍ରଦାନ**

ରାଜ୍ୟରେ ମହିଳା ଏବଂ କନ୍ୟାମାନଙ୍କୁ ସୁରକ୍ଷିତ ରଖିବା ଆମର ପ୍ରାଥମିକ କର୍ତ୍ତବ୍ୟ। ଆଗାମୀ ଦିନରେ ବିକଶିତ ଓଡ଼ିଶା-୨୦୩୬'ର ସ୍ୱପ୍ନକୁ ସାକାର କରିବାରେ ସେମାନଙ୍କ ଭୂମିକା ଅତୁଳନୀୟ ରହିବ। ସାରା ଦେଶରେ ଓଡ଼ିଶାକୁ ମହିଳା ସୁରକ୍ଷିତ ରାଜ୍ୟର ଉଦାହରଣ ରୂପେ ପରିଗଣିତ କରିବାକୁ ଓଡ଼ିଶା ପୋଲିସ ପ୍ରତିଶ୍ରୁତିବଦ୍ଧ। ମହିଳାମାନେ ହେଲେ ସମାଜର ଭିତ୍ତିଭୂମି। ସମାଜକୁ ଠିକ୍ ଢଙ୍ଗରେ ପରିଚାଳନା କରିବାରେ ସେମାନଙ୍କ ଉଦ୍ୟମ ପ୍ରଶଂସନୀୟ। ବିଭିନ୍ନ ସମୟରେ ମହିଳାମାନେ ବଳାତ୍କାର, ଯୌନ ଅତ୍ୟାଚାର, ଘରୋଇ ହିଂସା, ସାଇବର ଅପରାଧ ଆଦିର ଶିକାର ହେଉଛନ୍ତି। ଏହାକୁ ରୋକିବାକୁ ସବୁ ସ୍ତରରେ ଯତ୍ନବାନ ହେବାକୁ ପଡ଼ିବ ବୋଲି ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ. ବି. ଖୁରାନିଆ କହିଛନ୍ତି। ରାଜ୍ୟ ପୋଲିସ ଅପରାଧ ନିରାକରଣ ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ପୋଲିସ ଭବନରେ ମଙ୍ଗଳବାର ଆୟୋଜିତ ମହିଳା ଓ ଶିଶୁ ସୁରକ୍ଷା ସଂକ୍ରାନ୍ତ ଦିନିକିଆ କର୍ମଶାଳାକୁ ମୁଖ୍ୟ ଅତିଥି ଭାବେ ଡିଜିପି ଉଦ୍‌ଘାଟନ କରି କହିଲେ ଯେ, ମହିଳାମାନଙ୍କ ଉପରେ ହେଉଥିବା ଅପରାଧ କ୍ଷେତ୍ରରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ରାଜ୍ୟର ୫୩୭ଟି ଥାନାରେ ଖୋଲାଯାଇଥିବା ମହିଳା ଓ ଶିଶୁ ଡେସ୍କର ଠିକ ପରିଚାଳନା ଓ ତଦାରଖ କରିବାକୁ ଡିଜିପି ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମିଳିମିଶି ସୁରକ୍ଷିତ ଓଡ଼ିଶା ଗଢ଼ିବା ଲାଗି ଆଗେଇ ଆସିବାକୁ ସବୁ ପୋଲିସ ଅଧିକାରୀଙ୍କୁ ଡିଜିପି ଖୁରାନିଆ ଆହ୍ୱାନ ଦେଇଛନ୍ତି। ବିଭିନ୍ନ ଜିଲାରେ ସଂଘଟିତ ହୋଇଥିବା ଗଣବଳାତ୍କାର ଭଳି ସଙ୍ଗିନ ଘଟଣା ସମାଜରେ ମହିଳାମାନଙ୍କ ମନୋବଳକୁ ଦୁର୍ବଳ କରିଛି। ଏସବୁ ମାମଲାରେ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଦୋଷୀଙ୍କୁ ଦଣ୍ଡ ଦେବାରେ ଅଗ୍ରଣୀ ଭୂମିକା ତୁଲାଇବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଏନ୍‌ସିଆର୍‌ବି ତଥ୍ୟ ଅନୁଯାୟୀ, ଓଡ଼ିଶାରେ ଏଭଳି ମାମଲାର ଦଣ୍ଡାଦେଶ ହାର ୯.୧% ମାତ୍ର, ଯାହା ଯଥେଷ୍ଟ ନୁହେଁ। ତଦନ୍ତରେ ଗତିଶୀଳତା, ଉପଯୁକ୍ତ ପ୍ରଶିକ୍ଷଣ ଏବଂ ପୀଡ଼ିତାଙ୍କ ପ୍ରତି ସହାନୁଭୂତିପୂର୍ଣ୍ଣ ବ୍ୟବହାର ଦ୍ୱାରା ଦଣ୍ଡାଦେଶ ହାରକୁ ବୃଦ୍ଧି କରିହେବ ବୋଲି ସେ କହିଥିଲେ। ରାଜ୍ୟ ବାହାରକୁ ମହିଳା ଓ ଶିଶୁ ଚାଲାଣ ରୋକିବା ତଥା ନିଖୋଜଙ୍କୁ ଠାବ କରି ଫେରାଇ ଆଣିବାକୁ ସିଏଡବ୍ଲ୍ୟୁ ଆଣ୍ଡ୍ ସିଡବ୍ଲ୍ୟୁ ପକ୍ଷରୁ ୩୭ଟି ଆଣ୍ଟି ହ୍ୟୁମାନ ଟ୍ରାଫିକିଙ୍ଗ୍ ୟୁନିଟ ସ୍ଥାପନ କରାଯାଇଛି। ମହିଳାଙ୍କ ପ୍ରତି ଅଧିକ ସମ୍ବେଦନଶୀଳ ହେବାକୁ ରାଜ୍ୟର ୧୦୦ରୁ ଊର୍ଦ୍ଧ୍ୱ ଥାନାରେ ମହିଳା ଅଧିକାରୀଙ୍କୁ ଥାନାର ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହ ମହିଳା ଏବଂ ଶିଶୁମାନଙ୍କ ସମ୍ବେଦନଶୀଳ ଫଟୋ ଓ ଭିଡିଓ ଭାଇରାଲ ରୋକିବାକୁ ସାଇବର ପାଟ୍ରୋଲିଂ ବୃଦ୍ଧି ଓ ସୋସିଆଲ ମିଡିଆ ମନିଟରିଂକୁ ଅଧିକ କ୍ରିୟାଶୀଳ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମହିଳା ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ନାବାଳିକାଙ୍କୁ ବଳାତ୍କାର ଭଳି ସଙ୍ଗିନ ମାମଲାଗୁଡ଼ିକରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ୧୩ଟି ଜିଲାର ଏସ୍‌ପି, ତଦନ୍ତକାରୀ ଅଧିକାରୀ, ତଦାରଖକାରୀ ଅଧିକାରୀ ଏବଂ ସରକାରୀ ଓକିଲଙ୍କୁ ଡିଜିପି ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ। ଏହି କର୍ମଶାଳାରେ ଉତ୍ତରପ୍ରଦେଶ ଡିଜିପି ରେଣୁକା ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ମିତାଲି ଚିନାରା, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁମନ ଦାସ ଭଞ୍ଜମିଶ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ସୁଜାତା ମିଶ୍ର, ମହିଳା ଓ ଶିଶୁ ବିଭାଗ ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶିକା ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ରହି ସମାଜରେ ମହିଳାଙ୍କ ସ୍ଥାନ ଏବଂ ସୁରକ୍ଷା ସମ୍ପର୍କିତ ବକ୍ତବ୍ୟ ଉପସ୍ଥାପନ କରିଥିଲେ। କର୍ମଶାଳାରେ ପ୍ରାରମ୍ଭରେ ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ଆଇଜି ଏସ୍. ସାଇନି ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଆଇଏମ୍‌ବି ସ୍କୁଲ ଅଫ୍ ହସ୍ପିଟାଲିଟି ପକ୍ଷରୁ ଓରିଏଣ୍ଟେସନ୍ ପ୍ରୋଗ୍ରାମ୍, ସ୍ଥାନ: ଆଇଏମ୍‌ବି କ୍ୟାମ୍ପସ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷ ସମ୍ମିଳନୀ, ସ୍ଥାନ: ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**କଟକ**
- ଚୌଦ୍ୱାର ଗୋଡ଼ିପାଟଣା ଇନ୍ଦୁପୂର୍ଣ୍ଣିମା ଭସାଣି ଉତ୍ସବ, ସ୍ଥାନ: ଗୋଡିପାଟଣା ଯାତ୍ରା ପଡ଼ିଆ, ଚୌଦ୍ୱାର, ସମୟ: ସକାଳ ୯ଟା।
- ନୂଆପାଟଣାସ୍ଥିତ ଚୈତନ୍ୟ ସାହୁ କଳା ଓ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର ନୂଆପାଟଣା, ତିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ଉପଯୋଜନା କେନ୍ଦ୍ର-୨୦, ବାଖରାବାଦ, ସମୟ: ସନ୍ଧ୍ୟା ୭ଟା ୩୦।

**ବାଲେଶ୍ୱର**
- ବାଘାଯତୀନଙ୍କ ଶହୀଦ ଦିବସ, ସ୍ଥାନ: ବାରବାଟୀ ବାଳିକା ବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ସାମାଜିକ-ଆର୍ଥିକ ଓ ଜୀବିକା ସର୍ଭେ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସକ, ସ୍ଥାନ:ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ବାଘାଯତୀନଙ୍କ ୧୧୦ତମ ସ୍ମୃତି ଦିବସ, ସ୍ଥାନ:ଦେଶୁଆଁ ପୋଖରୀ, ଚଷାଖଣ୍ଡ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୧ଟା
- ବାଘାଯତୀନଙ୍କ ଉଦ୍ଦେଶ୍ୟରେ ସ୍ମୃତି ସଭା, ସ୍ଥାନ:ବାଘାଯତୀନ ହାଇସ୍କୁଲ, ଓଡ଼ଙ୍ଗୀ, ବାଲେଶ୍ୱର,ସମୟ:ମଧ୍ୟାହ୍ନ ୧୨ଟା।
- ବାଘାଯତୀନଙ୍କ ସ୍ମୃତି ପୀଠରେ ମାଲ୍ୟାର୍ପଣ, ସ୍ଥାନ: ଜିଲା କାରାଗାର, ବାଲେଶ୍ୱର, ସମୟ:ଅପରାହ୍ନ ୩ଟା।

**ମୟୂରଭଞ୍ଜ**
- ଅମର ଶହୀଦ ବାଘାଯତୀନଙ୍କ ୧୧୦ତମ ବଳିଦାନ ଦିବସ,ସ୍ଥାନ: କପ୍ତିପଦା, ମହୁଲଡିହା ବାଘାଯତୀନଙ୍କ ସ୍ମୃତିପୀଠ,ସମୟ:ପୂର୍ବାହ୍ନ ୧୧ଟା।
- ରଙ୍ଗମଞ୍ଚ ରାଉରକେଲା ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ଜୀବନ ଯେମିତି, ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ ସନ୍ଧ୍ୟା ୬ଟା ୩୦।
- ପଲ୍ଲବୀ କରଞ୍ଜିଆ ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ସେମାନେ ଆମ ପ୍ରତିନିଧି', ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ ରାତି ୮ଟା ୩୦।

**ବ୍ରହ୍ମପୁର**
- ଟ୍ରେଡ ୟୁନିୟନ ସେଣ୍ଟର ଅଫ ଇଣ୍ଡିଆ ପକ୍ଷରୁ ଗଣଧାରଣା, ସ୍ଥାନ: ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ , ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷା ବିଭାଗର ପାଠଚକ୍ର, ସ୍ଥାନ: ମହାମାୟୀ ମହିଳା କଲେଜ, ସମୟ: ମଧ୍ୟାହ୍ନ ୧୨ଟା।

**ଗଞ୍ଜାମ**
- ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ଟେକ୍ନିକାଲ ହାଇସ୍କୁଲ ଖେଳପଡ଼ିଆ, ଆସିକା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଋଷିକୁଲ୍ୟା ଜିଲା ଗଠନ ଦାବିରେ ଓକିଲ ସଂଘର ଶୋଭାଯାତ୍ରା, ସ୍ଥାନ: ଆସିକା ଓକିଲ ସଂଘ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**କନ୍ଧମାଳ**
- ଜିଲାପାଳଙ୍କ କ୍ଷେତ୍ର ପରିଦର୍ଶନ, ସ୍ଥାନ: ତୁମୁଡିବନ୍ଧ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ଏଚଆଇଭି ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଦାରିଙ୍ଗବାଡି ପକାରୀ, ବୁଡ଼ାଗୁଡା, ସମୟ: ପୂର୍ବାହ୍ନ ୧୧ଟା ୩୦।

**କେନ୍ଦ୍ରାପଡ଼ା**
- ମା' ପାଇଁ ଗଛଟିଏ, ସ୍ଥାନ:ଓସ୍ତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଖଡିଅଣ୍ଟା ସୋସାଇଟି କର୍ମଚାରୀଙ୍କ ଗଣଧାରଣା, ସ୍ଥାନ: କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖ ପଟ୍ଟାମୁଣ୍ଡାଇ ଶାଖା, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୧ଟା।

**ଯାଜପୁର**
- ଧର୍ମଶାଳା ଭାଜପା ପକ୍ଷରୁ ମହାମିଶ୍ରଣ ପର୍ବ, ସ୍ଥାନ: ଜାରକା ମହୋତ୍ସବ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଶିଶୁ ସାହିତ୍ୟିକ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୨୩ତମ ଜୟନ୍ତୀ ପାଳନ, ସ୍ଥାନ: ଜାରକା ହାଇସ୍କୁଲ ପାଠାଗାର ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ନୟାଗଡ଼**
- ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ମାଟି ଅନୁକୂଳ, ସ୍ଥାନ: କଣ୍ଟିଲୋ ଜନକଲ୍ୟାଣ କ୍ଲବ, ସମୟ: ସକାଳ ୯ଟା।
- ଜାମୁକଣ ବୈଷ୍ଣୋଦେବୀଙ୍କ ନବରାତ୍ର ପୂଜା ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ନୟାଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ମଧ୍ୟାହ୍ନ ୧୨ଟା।

**ରାୟଗଡ଼ା**
- ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା-୨୦୨୫, ସ୍ଥାନ: ମୁନିଗୁଡା କଲେଜ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ ଟା।
- ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆରମ୍ଭ, ସ୍ଥାନ: ଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପୌରାଧକ୍ଷାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସଙ୍ଗରେ ଆଲୋଚନା, ସ୍ଥାନ: ଉମରକୋଟ ପୌର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ନୋଡାଲ ଅଧିକାରୀ ତଥା ଉଚ୍ଚ ଶିକ୍ଷା ବିଭାଗ ଉପନିର୍ଦ୍ଦେଶକଙ୍କ ବିଦ୍ୟାଳୟ ପରିଦର୍ଶନ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।

**କୋରାପୁଟ**
- ଜିଲାପାଳଙ୍କ କୋରାପୁଟ ଓ ସେମିଳିଗୁଡ଼ା ବ୍ଲକ ପରିଦର୍ଶନ, ସ୍ଥାନ: କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାରେ ଯଶୋଦା ଯୋଜନା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ସମୟ: ଅପରାହ୍ନ ୫ ଟା।

**ସମ୍ବଲପୁର**
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ: ସକାଳ ୬ଟା।
- ଦୈନିକ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ: ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ୨୪ତମ ସୈରେନ୍ଦ୍ରି ନାୟକ ଟ୍ରଫି ଫୁଟବଲ ମ୍ୟାଚ, ସ୍ଥାନ : ସିଂହପାଲି-କାଇଁଶିର ଫୁଟବଲ ପଡିଆ, ସମୟ: ପୂର୍ବାହ୍ନ ୩ଟା।
- ରଙ୍ଗ ଫଗୁଆ ଆୟୋଜନରେ ନୂଆଁଖାଇ ଜୁହାର ଭେଟ୍ କାର୍ଯ୍ୟକ୍ରମ, ସ୍ଥାନ: ମାଝିପାଲି ସ୍ଥିତ ହୋମିଓପାଥି ମହାବିଦ୍ୟାଳୟ ପଡିଆ, ସମୟ : ଅପରାହ୍ନ ୪ଟା।

**ବଲାଙ୍ଗୀର**
- ବିଶ୍ୱାମ୍ ବିଦ୍ୟାମନ୍ଦିରର ୩୦ତମ ପ୍ରତିଷ୍ଠା ଦିବସ ଏବଂ ପୂଜ୍ୟପାଦ ସ୍ୱାମୀ ଶ୍ରୀ ସତ୍ୟ ପ୍ରଜ୍ଞାନନ୍ଦ ସରସ୍ୱତୀ ମହାରାଜଙ୍କ ଜନ୍ମୋତ୍ସବ, ସ୍ଥାନ: ଆନନ୍ଦ ନିକେତନ, ଖୁଜେନପାଲି, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା( ପ୍ରଥମ ଅଧିବେଶନ), ଅପରାହ୍ନ ୫ଟା ୩୦(ଦ୍ୱିତୀୟ ଅଧିବେଶନ)।

**ରାଉରକେଲା**
- ୪ର୍ଥ ଏଚ୍‌ଏଓ ଷ୍ଟେଟ୍ ହକି ଟୁର୍ଣ୍ଣାମେଣ୍ଟର ୫ମ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଜଗଦା ନବଜୀବନ ମଣ୍ଡଳୀ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜଗଦା, ସମୟ: ପୂର୍ବାହ୍ନ ୧୦ଟା।
- ମଧ୍ୟମ ଉଦ୍ୟୋଗ କ୍ଷେତ୍ର ଏମ୍‌ଏସ୍‌ଏମ୍‌ଇ ବିକଶିତ କର୍ମଶାଳା, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡିଶା ପିଆଇ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ଭଞ୍ଜ ଭବନ, ସମୟ: ମଧ୍ୟାହ୍ନ ୧୨ଟା।
- ସି' ଫୁଡ ଫେଷ୍ଟିଭାଲ, ସ୍ଥାନ: ସରୋବର ପରିସର, ସେକ୍ଟର-୧୯, ସମୟ: ଅପରାହ୍ନ ୫ଟା।
- ୩-ଗୋ ସୁରକ୍ଷା ସମିତିର ଦାନା ବିତରଣ, ସ୍ଥାନ: ବେଦବ୍ୟାସ ଗୋଶାଳା, ସମୟ: ଅପରାହ୍ନ ୫ଟା।

**ସୁନ୍ଦରଗଡ଼**
- ଏନ୍‌ଟିପିସି ଦର୍ଲିପାଲି ତାପଜ ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର, ସ୍ଥାନ: ଦର୍ଲିପାଲି, ସମୟ: ପୂର୍ବାହ୍ନ୧୦ଟା।

**କଳାହାଣ୍ଡି**
- ଭୂ ଅଧିଗ୍ରହଣ ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଆଦି କର୍ମଯୋଗୀ ଅଭିଯାନ ଉପରେ ଜିଲାସ୍ତରୀୟ ତାଲିମ ଶିବିର, ସ୍ଥାନ: ଭବାନୀପାଟଣା ଭାରତ ପ୍ୟାଲେସ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ, ସ୍ଥାନ: ଭବାନୀପାଟଣା ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ବରଗଡ଼**
- ବ୍ଲକସ୍ତରୀୟ ହକି ଖେଳାଳି ଚୟନ ପ୍ରତିଯୋଗିତା, ସ୍ଥାନ: ଅମଠି ହାଇସ୍କୁଲ, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।

**ସୁବର୍ଣ୍ଣପୁର**
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ କଲ୍ୟାଣ ମଣ୍ଡପ ବୀରମହାରାଜପୁର, ସମୟ: ସକାଳ ୯ଟା।
- ସମବାୟ ବିଭାଗର ଦିନିକିଆ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।

**ନୂଆପଡ଼ା**
- ଓକିଲ ସଂଘ ପକ୍ଷରୁ ଶୋକସଭା, ସ୍ଥାନ: ଜିଲା ବାର୍ ସମ୍ମିଳନୀ କକ୍ଷ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଏନ୍‌ଡିୟୁଜେ ସଂଘ ପକ୍ଷରୁ ଶୋକସଭା, ସ୍ଥାନ: ଗାନ୍ଧୀ ପ୍ରମୋଦ ଉଦ୍ୟାନ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କଂଗ୍ରେସ କମିଟି ପକ୍ଷରୁ ସଂଗଠନ ସୃଜନ ଅଭିଯାନ, ସ୍ଥାନ: ଖୁଣ୍ଟିଆ ଭବନ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ପରୋକ୍ଷ ଶତ୍ରୁତା କରୁଥିବା ଲୋକଙ୍କଠାରୁ ଦୂରେଇ ରହିବା ଭଲ। ଆପଣଙ୍କ କାର୍ଯ୍ୟ ସକାଶେ କୌଣସି ବନ୍ଧୁ ସାହାଯ୍ୟ କରିବାକୁ ଆଗେଇ ଆସିବେ। କୃତି ଓ କୃତିତ୍ୱ ସକାଶେ ସନ୍ତାନଙ୍କ ଖୁସୀରେ ଖୁସୀ ହୋଇପାରନ୍ତି। ବାହାରେ ଦୀର୍ଘସମୟ କଟାଇବାକୁ କେନ୍ଦ୍ରକରି ନିଜର ଘର ଲୋକମାନଙ୍କୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ବୃଷ** — ସନ୍ତାନଙ୍କ ଦୀର୍ଘଦିନର ସମସ୍ୟା ସମାଧାନ ଚିନ୍ତା ମନକୁ ଆନ୍ଦୋଳିତ କରିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନରେ ପାଇ ଆନନ୍ଦ ଅନୁଭବ କରିବେ। ଆଗାମୀ କାଲିର ଆନୁଷ୍ଠାନିକ କାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଜୋରଦାର କରିପାରନ୍ତି। ଯାତ୍ରା, ବାଣିଜ୍ୟ, ସ୍ଥଗିତକାର୍ଯ୍ୟ ଓ ବିବାଦୀୟ ଘଟଣାକୁ ନେଇ ବ୍ୟସ୍ତତା ଲାଗିରହିବ।

**ମିଥୁନ** — ବନ୍ଧୁଙ୍କ ପ୍ରେରଣାରେ ନୂତନ କାମ ଆରମ୍ଭ ସକାଶେ ଚେଷ୍ଟା କରିପାରନ୍ତି। ପାରିବାରିକ କ୍ଷେତ୍ରରେ ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। ସାଧାରଣ ଘଟଣାରେ ବିତର୍କଜନିତ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସମସ୍ୟା ସମାଧାନ କ୍ଷେତ୍ରରେ ଉପରିସ୍ଥଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**କର୍କଟ** — ପରୋକ୍ଷ ଶତ୍ରୁତା କାରଣରୁ ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ କେତେକ କାମ ଅଧୁରା ରହିଯିବ। ଶିଳ୍ପ, ବାଣିଜ୍ୟ, ପରିବହନ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ, ସମସ୍ୟା ସମାଧାନର ଆଶା ରହିଛି। ମୂଲ୍ୟହୀନ କଥାକୁ କେନ୍ଦ୍ରକରି ପରିବାରରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହୋଇ ନ ପାରେ।

**ସିଂହ** — ସମସ୍ତ ପ୍ରକାରର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିବାରେ ବିଫଳ ହେବେ। ପୂର୍ବର କଳହ ସମ୍ପୂର୍ଣ୍ଣ ଥମି ନ ଥିବା ହେତୁ ପାରିବାରିକ ସ୍ଥିରତା ହଠାତ୍ ଆସି ନ ପାରେ। ସାମାଜିକ ସ୍ତରରେ ସାହିତ୍ୟ, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି। ପ୍ରବାସରେ ବନ୍ଧୁଙ୍କ ସାନ୍ନିଧ୍ୟଲାଭରୁ ଏକାନ୍ତତାବୋଧ ହ୍ରାସ ପାଇବ।

**କନ୍ୟା** — ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରି ପ୍ରଶଂସିତ ହୋଇପାରନ୍ତି। ଜମିଜମା, ଗୃହସୀମା, କିମ୍ବା ଘରଭଡାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ପରିବାରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ଚିନ୍ତିତ ରହିବେ।

**ତୁଳା** — ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିବା ସହ ପ୍ରିୟଜନଙ୍କ ଶୁଭବାର୍ତ୍ତା ମନକୁ ଆହ୍ଲାଦିତ କରିବ। ପୁରୁଣାକଥାକୁ ମନ ଭିତରେ ସ୍ଥାନ ଦେବା କାରଣରୁ ଚିତ୍ରା ନକ୍ଷତ୍ରର ମନଟା ଭଲ ଲାଗି ନ ପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସନ୍ତୋଷଜନକ ଫଳ ପାଇବେ। ଜମି ବିବାଦ ଏବଂ କଚେରି ମାମଲାର ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ।

**ବିଛା** — କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ମନୋରଞ୍ଜନରେ, ବନ୍ଧୁ ମିଳନରେ କିମ୍ବା ସଭାସମିତିରେ ଯୋଗଦେବାର ସୁଯୋଗ ମିଳିବ। ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ଟେନସନ୍ ବଢିପାରେ। ନିଜର ମନେ ହେଉଥିବା କେତେକ ଲୋକ ଅପପ୍ରଚାର ଚଳାଉଥିବାର ଲକ୍ଷ୍ୟ କରି ପାରନ୍ତି।

**ଧନୁ** — ଦୀର୍ଘଦିନର ଆଶା ଓ ଅଭିଳାଷକୁ ପୂରଣ କରିବାକୁ ଚେଷ୍ଟିତ ହେବେ। କର୍ମକ୍ଷେତ୍ରର ବିବାଦୀୟ ଘଟଣା ସକାଶେ ଯେଉଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଆଜି କୌଣସି ଦୁଃସାହସିକ କାମରେ କଠୋର ପଦକ୍ଷେପ ନେବା ଠିକ୍ ହେବନାହିଁ। ବନ୍ଧୁମାନଙ୍କ ସହ ଦେବଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାର ସମ୍ଭାବନା ରହିଛି।

**ମକର** — ଅଭାବ ଲାଗି ରହିଥିଲେ ମଧ କରଜ କରି କାମ ତୁଲାଇ ନେବେ। ପୂର୍ବଶତ୍ରୁତାରୁ ସମ୍ପର୍କୀୟ ପାଖ ମାଡ଼ିବେ ନାହିଁ। ଆଜି ପାରିବାରିକ କ୍ଷେତ୍ର, ସାମାଜିକ ସ୍ଥିତି, ଅର୍ଥନୈତିକ ପରିସ୍ଥିତି ଭଲ ରହିବ। ବାଣିଜ୍ୟ, ପରିବହନ ତଥା ବ୍ୟବସାୟିକ ଦିଗରୁ ମଧ ଲାଭବାନ ହେବେ। ଯାନ ବାହନରେ ସତର୍କ ରହନ୍ତୁ, ଅନ୍ୟଥା ସମସ୍ୟା ଆସିପାରେ।

**କୁମ୍ଭ** — ଗୃହକର୍ତ୍ତାଙ୍କ ପରାମର୍ଶକ୍ରମେ ଆଜି ନୂତନ କର୍ମସଂସ୍ଥାନ ପାଇଁ ମନ ଦେଇପାରନ୍ତି। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ ଅନ୍ୟଥା ଅନୁତାପ କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, କଚେରି ମାମଲା ଓ ପରିବହନରୁ ଲାଭବାନ୍ ହୋଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟାରେ କ୍ରମଶଃ ଉନ୍ନତି ପରିଲକ୍ଷିତ ହେଉଥିବା କାରଣରୁ ସାମୟିକ ଖୁସୀ ରହିବେ।

**ମୀନ** — ସହକର୍ମୀଙ୍କ ପରୋକ୍ଷ ଅସହିଷ୍ଣୁତା ହେତୁ କାମରେ ପ୍ରତିବନ୍ଧକଜନିତ ଆଶାନୁଯାୟୀ ଅଗ୍ରଗତି ହୋଇ ପାରିବ ନାହିଁ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ବ୍ୟବସାୟରେ ଲାଭ ମିଳିବ ; ମାତ୍ର ପରିସ୍ଥିତି ବଶତଃ ଅନ୍ୟ ବାଟରେ ବ୍ୟୟ ହେବାର ସୂଚନା ରହିଛି। ପଡ଼ୋଶୀଙ୍କ ଜରିଆରେ କୌଣସି ଶୁଭଖବର ପାଇ ମନ ଖୁସି ହୋଇଯିବ।

ଆଜିସେପ୍ଟେମ୍ବର ୧୦ ତାରିଖ, ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସ, ଆଶ୍ୱିନ କୃଷ୍ଣ ତୃତୀୟା ବୁଧବାର। ରାଶିନକ୍ଷତ୍ର-ରେବତୀ/ମୀନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୬ମି. ଗତେ ଘ.୦୭.୧୭ମି. ମଧ୍ୟେ, ଘ.୧୦.୧୧ମି. ଗତେ ଘ.୧୧.୧୯ମି. ମଧ୍ୟେ ଶୁଭ ଶୁଭବେଳା। ଦିବା ଘ.୧୧.୪୩ମି. ଗତେ ଘ.୦୧.୧୫ମି. ମଧ୍ୟେ ରାହୁ କାଳ।

# ଇଭି ପଲିସି-୨୦୨୫ ପାଇଁ ଚିଠା ପ୍ରସ୍ତାବ ଆଣିଲେ ସରକାର

ଭୁବନେଶ୍ୱର,୯।୯(ସୁନିତ୍ ମିଶ୍ର)

ଓଡ଼ିଶା ଇଭି ପଲିସି ପାଇଁ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଚିଠା ପ୍ରସ୍ତାବ ଜାରି କରାଯାଇଛି। ଏହାର ପୂର୍ବ ଅର୍ଥାତ୍ ୨୦୨୧ ଇଭି ପଲିସି ଅନୁସାରେ ୪ ବର୍ଷ ଅର୍ଥାତ୍ ୨୦୨୫ ଅଗଷ୍ଟ ୩୧ ସୁଦ୍ଧା ୨୦ ପ୍ରତିଶତ ଇଭି ଚଳାଚଳର ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ହେଲେ ସରକାରୀ ପ୍ରୋତ୍ସାହନ ସତ୍ତ୍ୱେ ମାତ୍ର ୯ ପ୍ରତିଶତ ଇଭି ଗାଡ଼ି ରାସ୍ତାରେ ଗଡ଼ିଛି। ତେଣୁ ଲକ୍ଷ୍ୟ ହାସଲ ଲାଗି ସରକାର ଓଡ଼ିଶା ଇଭି ପଲିସି-୨୦୨୫ ଆଣିବେ। ଓଡ଼ିଶାକୁ ଦେଶର ମଡେଲ ରାଜ୍ୟ କରିବା ପାଇଁ ଏକ ଚିଠା ପ୍ରସ୍ତାବ ପ୍ରସ୍ତୁତ କରାଯାଇଛି। ୨୦୩୬ ସୁଦ୍ଧା ଏହି ନୂଆ ପଲିସି ଅନୁଯାୟୀ ୭୦ ପ୍ରତିଶତ ଏବଂ ୨୦୪୭ ସୁଦ୍ଧା ୮୦ ପ୍ରତିଶତ ଇଭି ଗଡ଼ିବା ଲକ୍ଷ୍ୟ ରଖାଯାଇଛି। ବିଜ୍ଞପ୍ତି ପ୍ରକାଶଠାରୁ ୨୦୩୦ ଡିସେମ୍ବର ୩୧ ପର୍ଯ୍ୟନ୍ତ ଏହି ପଲିସି ବଳବତ୍ତର ରହିବ। ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ୧୨ ମାସ ଭିତରେ ଇଭି ଗାଡ଼ି ଆପଣାଇବାକୁ ପରାମର୍ଶ ଦିଆଯାଇଛି। ସ୍ୱାସ୍ଥ୍ୟ ଏବଂ ଗୃହ ବିଭାଗକୁ ମଧ ବର୍ଷ ଭିତରେ ଇଭି ଗାଡ଼ି ଆପଣାଇବା ଲାଗି ପରାମର୍ଶ ଦିଆଯାଇଛି। ୨୦୨୧ ଇଭି ପଲିସି ଅନୁଯାୟୀ ଲୋକମାନେ ଯେପରି ଅଧିକ ଇଭି ଗାଡ଼ିର ବ୍ୟବହାର କରିବେ ସେଥିଲାଗି ଅଧିକ ଇନ୍‌ସେନ୍‌ଟିଭ, କର ଛାଡ଼ ଏବଂ ଚାର୍ଜିଂ ଷ୍ଟେଶନର ଉନ୍ନତୀକରଣ କରାଯାଇଥିଲା। ୨୦୨୫ ଜୁନ୍ ସୁଦ୍ଧା ରାଜ୍ୟରେ ଲୋକମାନେ ୮.୮% ଇଭି ଗାଡି ଆପଣାଇଥିଲେ। ସରକାର ନୂଆ ପଲିସି ଅନୁଯାୟୀ ଲକ୍ଷ୍ୟ ରଖିଛନ୍ତି ୨୦୩୦ ସୁଦ୍ଧା ଯେତିକି ଗାଡ଼ି ରେଜିଷ୍ଟ୍ରେଶନ ହେବ ସେଥିରୁ ୫୦ ପ୍ରତିଶତ ଇଭି ଗାଡ଼ି ହୋଇଥିବ। ଇଭି କିଣିଲେ ରୋଡ୍ ଟ୍ୟାକ୍ସ ଏବଂ ରେଜିଷ୍ଟ୍ରେଶନ ଫି ଛାଡ଼ ରହିବ। ଚାର୍ଜିଂ ଷ୍ଟେଶନ କ୍ଷେତ୍ରରେ ଘରୋଇ ଲୋକଙ୍କୁ ମଧ ସୁଯୋଗ ମିଳିବ। ଯେଉଁମାନେ ୩ ଚକିଆ ଇ-ରିକ୍ସା କିମ୍ବା ଇ-କାର୍ଟ କିଣିବେ ସେମାନଙ୍କୁ ଫ୍ଲାଟ୍ ୨୦ ହଜାର ଟଙ୍କାର ଇନ୍‌ସେନ୍‌ଟିଭ ମିଳିବ। ୩ ଚକିଆ ଏଲ୍‌୫ଏମ୍ କିମ୍ବା ଏଲ୍‌୫ଏନ୍ କାଟାଗୋରିର ଗାଡି କିଣିବେ ସେମାନଙ୍କୁ ୩୦ ହଜାର ଟଙ୍କାର ଇନ୍‌ସେନ୍‌ଟିଭ ମିଳିବ। ୪ ଚକିଆ କାର୍ କିଣିଲେ ଦେଢ ଲକ୍ଷ ଟଙ୍କା ଇନ୍‌ସେନ୍‌ଟିଭ ମିଳିବ। ୪ ଚକିଆ ପରିବହନ ଗାଡ଼ି ଯାହାର କ୍ଷମତା ସାଢେ ୩ ଟନ୍ ହୋଇଥିବ ସେହି ଗାଡି ଲାଗି ଦେଢ ଲକ୍ଷ ଟଙ୍କାର ଇନ୍‌ସେନ୍‌ଟିଭ ମିଳିବ। ଇଲେକ୍ଟ୍ରିକ ବସ୍ ଲାଗି ୨ ଲକ୍ଷ, ଇଲେକ୍ଟ୍ରିକ୍ ଯାହାର କ୍ଷମତା ୩.୫ରୁ ୭.୫ କ୍ଷମତା ବିଶିଷ୍ଟ ଗାଡିକୁ ୫ ଲକ୍ଷ, ୭.୫ରୁ ୧୨ ଟନ୍ କ୍ଷମତାର ଗାଡିକୁ ୭ ଲକ୍ଷ, ୧୨ରୁ ୧୮.୫ ଟନ୍ କ୍ଷମତାର ଗାଡି ଲାଗି ୧୬ ଲକ୍ଷ, ୧୮.୫ରୁ ୩୫ ଟନ୍ କ୍ଷମତାର ଗାଡି ଲାଗି ୧୮ ଲକ୍ଷ, ୩୫ରୁ ୫୫ ଟନ୍ କ୍ଷମତା ବିଶିଷ୍ଟ ଟ୍ରକ୍ ଲାଗି ୨୦ ଲକ୍ଷ ଟଙ୍କାର ଇନ୍‌ସେନ୍‌ଟିଭ ମିଳିବ ବୋଲି ଚିଠା ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି। ଏହିଭଳି ଆହୁରି ଅନେକ କଥା ସରକାର ଯୋଗାଇଦେବାକୁ ଚିଠା ପ୍ରସ୍ତାବରେ ଉଲ୍ଲେଖ କରିଛନ୍ତି।

# ବିଧାନସଭା ବେଳେ ସଚିବଙ୍କ ବିଦେଶ ଗସ୍ତ ବାତିଲ: ମୁଖ୍ୟ ସଚିବ

ଭୁବନେଶ୍ୱର,୯।୯(ରବିନାରାୟଣ ଜେନା)

ଚଳିତ ବିଧାନସଭା ଅଧିବେଶନ ସମୟରେ କୌଣସି ଅଧିକାରୀ ଯେଭଳି ବିଦେଶ ଗସ୍ତ କରି ନ ପାରିବେ ଏବଂ ରାଜ୍ୟ ବାହାରକୁ ନ ଯିବେ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତାଗିଦ୍ କରାଯାଇଛି। ଏ ସଂକ୍ରାନ୍ତରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଆସନ୍ତା ୧୮ରୁ ବିଧାନସଭା ଅଧିବେଶନ ଆରମ୍ଭ ହୋଇ ୨୫ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ବିଧାନସଭା ସମ୍ପର୍କିତ ସମସ୍ତ କାର୍ଯ୍ୟ ଗମ୍ଭୀରତା ସହ ଯଥାଶୀଘ୍ର କରିବା ଆବଶ୍ୟକ। ବିଧାନସଭା ପ୍ରଶ୍ନସମୂହ ତଥା ବୈଧାନିକ ପ୍ରକ୍ରିୟାରେ ବିଧାନସଭାରେ ଉତ୍ଥାପନ ହେଉଥିବା ଅନ୍ୟ ପ୍ରସଙ୍ଗର ସମସ୍ତ ଉତ୍ତର ଓ ତଥ୍ୟ ଯେପରି ଠିକ୍ ସମୟରେ ଦିଆଯାଇପାରିବ ସେଥିପ୍ରତି ବ୍ୟକ୍ତିଗତ ଭାବେ ଧ୍ୟାନଦେବା ଆବଶ୍ୟକ ବୋଲି ମୁଖ୍ୟ ସଚିବ ପତ୍ରରେ ଦର୍ଶାଇଛନ୍ତି।

ମୁଖ୍ୟ ଶାସନ ସଚିବ ମନୋଜ କହିଛନ୍ତି, ଏହି ସମୟ ମଧ୍ୟରେ ସଦର ମହକୁମାରେ ଉପସ୍ଥିତ ରହିବାକୁ ପଡ଼ିବ। ବିଭାଗୀୟ ସଚିବମାନେ ବିଦେଶଯାତ୍ରାରୁ ନିବୃତ୍ତ ହେବା ସହ ରାଜ୍ୟ ବାହାରକୁ ଗସ୍ତ ଯଥାସମ୍ଭବ ସୀମିତ କରିବା ବାଞ୍ଛନୀୟ। ଏହାସହ ପୂର୍ବରୁ ଯେକୌଣସି ଗସ୍ତ କାର୍ଯ୍ୟକ୍ରମ ସ୍ଥିର କରିଥିଲେ ତାହାକୁ ଘୁଞ୍ଚାଇବାକୁ ପଡ଼ିବ। ଅଧିକନ୍ତୁ ବିଧାନସଭା ପ୍ରଶ୍ନ ମୁଲତବି ପ୍ରସ୍ତାବ, ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ପ୍ରଭୃତିରେ ଉତ୍ତର ପାଇଁ ଆବଶ୍ୟକ ତଥ୍ୟ କ୍ଷେତ୍ର କର୍ମଚାରୀମାନେ ଯୋଗାଉଥିବାରୁ, ସେମାନେ ମଧ ସଦର ମହକୁମାରେ ଉପସ୍ଥିତ ରହିବା ଜରୁରୀ। ବିଧାନସଭା ଅଧିବେଶନ କାଳରେ ବିଭାଗୀୟ ସଦର ମହକୁମା କିମ୍ବା ସଚିବାଳୟ ସ୍ତରରେ ସେମାନଙ୍କ ସଭା ଡକାଯାଇପାରିବ ନାହିଁ। ଆବଶ୍ୟକ ସ୍ଥଳେ ଭିଡିଓ କନ୍‌ଫରେନ୍ସି ବ୍ୟବସ୍ଥା ଆପଣା ଯାଇପାରିବ। ସଂପୃକ୍ତ ବରିଷ୍ଠ ଅଧିକାରୀମାନେ ଯେପରି ସଦର ମହକୁମାରେ ଉପସ୍ଥିତ ରହିବେ, ତାହାକୁ ସୁନିଶ୍ଚିତ କରିବାକୁ ମୁଖ୍ୟ ସଚିବ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

ସେ ଆହୁରି ଦର୍ଶାଇଛନ୍ତି, ବିଧାନସଭାର ଅଧିକାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଗ୍ୟାଲେରିରେ ଯଥାଯୋଗ୍ୟ ଅଧିକାରୀଙ୍କ ଉପସ୍ଥିତିର ବ୍ୟବସ୍ଥା ଯଥେଷ୍ଟ ପୂର୍ବରୁ ରହିବା ବାଞ୍ଛନୀୟ। ବିଧାନସଭା ସମ୍ପର୍କିତ ବିଷୟ ସମ୍ବନ୍ଧରେ କାର୍ଯ୍ୟାନୁଷ୍ଠାନ ଉପରେ ଆପଣଙ୍କ ବ୍ୟକ୍ତିଗତ ତତ୍ତ୍ୱାବଧାନ ଅନିବାର୍ଯ୍ୟ। ବିଧାୟକମାନେ ଅଧ୍ୟକ୍ଷ ବା ସଭ୍ୟ ଥିବା କମିଟି ବା ବୋର୍ଡ ପ୍ରଭୃତିର ସଭା ଏହି ସମୟ ମଧ୍ୟରେ ଆହୂତ ନ କରିବାକୁ ଅଧସ୍ତନ ଅଧିକାରୀଙ୍କୁ ଯଥାଯୋଗ୍ୟ ନିର୍ଦ୍ଦେଶ ଦେବାକୁ ମୁଖ୍ୟ ସଚିବ ଅନୁରୋଧ କରିଛନ୍ତି। ଏହାସହ ଅଧିବେଶନ କାଳରେ ପ୍ରକାଶିତ ପ୍ରମୁଖ ଖବରଗୁଡ଼ିକ ଅନୁଧ୍ୟାନକରି ତା'ର ଠିକ୍ ବିବରଣୀ ଓ ଉଚିତ୍ ପଦକ୍ଷେପ ନେବାକୁ ମୁଖ୍ୟ ସଚିବ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଛି ବିଭା ହେବ କୁଳର ନାରୀ**
**ଜୀଅନ୍ତେ ମରନ୍ତେ ସେ ଉପୁକାରୀ।**

ଉଚ୍ଚକୁଳ, ଶିକ୍ଷିତ ଓ ଖାନ୍‌ଦାନ୍ ଘରର ଝିଅକୁ ବାହାହେଲେ ଘରସଂସାର ଚଳାଇବା ସହଜ ହୋଇଯାଏ। ଏପରି ଗୁଣର ଝିଅ ଭଲରେ ମନ୍ଦରେ ସବୁବେଳେ ନିଜର ହୋଇ ରହିବା ସହ ଦୁଃଖକଷ୍ଟ ସବୁ ସହି ସୁରୁଖୁରୁରେ ତା'ର ପରିବାର ଚଳେଇ ନେଇଥାଏ। ତେଣୁ ବାହାହେବା ଆଗରୁ ଭଲ ଭାବରେ ସବୁ ବୁଝି ବିଚାରି କୁଳ, ଘର, ବନ୍ଧୁବାନ୍ଧବ, ଲତାଗୋତା ସମସ୍ତଙ୍କଠାରୁ ବିଭିନ୍ନ ଖବର ସଂଗ୍ରହ କରି ବିଭାହେବା ଉଚିତ୍ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବ୍ରାହ୍ମଣ ବାଇଗଣ**
**ବାଆକୁ ଟଣଟଣ ।**

ବାତ୍ୟାରେ ବାଇଗଣ ଗଛର ବିଶେଷ କ୍ଷତି ହୋଇ ନ ଥାଏ। ସେହିପରି ବିପଦ ବେଳେ ବ୍ରାହ୍ମଣ ବିଚଳିତ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ**



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ରାଧାକ୍ରିଷ୍ଣନ୍ ୧୫ତମ...

ଦେବା ପାଇଁ ସମସ୍ତ ୩୧୫ ବିରୋଧୀ ଏମ୍‌ପି ଏକଜୁଟ ରହିଥିବା ପୂର୍ବରୁ କଂଗ୍ରେସ ଦାବି କରିଥିଲା।

ଉପରାଷ୍ଟ୍ରପତି ନିର୍ବାଚନରେ ୭୬୭ ଜଣ ଏମ୍‌ପି ଭୋଟ ଦେଇଥିଲେ, ଯାହା କି ୯୮.୨ ପ୍ରତିଶତ। ସେଥିରୁ ୭୫୨ ଭୋଟ ବୈଧ ହୋଇଥିବାବେଳେ ୧୫ଟି ଅବୈଧ ଭାବେ ନିଆଯାଇଥିବା ରିଟର୍ନିଂ ଅଫିସର କହିଛନ୍ତି। ଜଣେ ଏମ୍‌ପି ଭୋଟ ଦେବାକୁ ମନା କରିଦେବାରୁ ଗୋଟିଏ ପୋଷ୍ଟାଲ ବାଲଟ୍ ନାକଚ ହୋଇଛି। ରାଧାକ୍ରିଷ୍ଣନ ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚିତ ହୋଇଥିବା ରିଟର୍ନିଂ ଅଫିସର ଘୋଷଣା କରିବା ସହ ଏନେଇ ନିର୍ବାଚନ କମିଶନଙ୍କୁ ଜଣାଇ ଦେଇଛନ୍ତି। ସେ ଶପଥ ଗ୍ରହଣ କରିବା ପରେ ଭାରତର ପଞ୍ଚଦଶ ଉପରାଷ୍ଟ୍ରପତି ହେବେ। ସୂଚନାଯୋଗ୍ୟ, ଗତ ଜୁଲାଇ ୨୧ରେ ଜଗଦୀପ ଧନ୍‌କର ହଠାତ୍ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବାରୁ ଏହି ପଦବୀ ପାଇଁ ନିର୍ବାଚନ ଆବଶ୍ୟକ ହୋଇଥିଲା। ରାଜ୍ୟ ସଭାର ୨୪୫ ଏବଂ ଲୋକ ସଭାର ୫୪୩ ସଦସ୍ୟଙ୍କୁ ନେଇ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଇଲେକ୍ଟୋରାଲ କଲେଜରେ ୭୮୮ ସଦସ୍ୟ ରହିଥିବାବେଳେ ରାଜ୍ୟ ସଭାର ୧୨ ମନୋନୀତ ସଦସ୍ୟ ମଧ ଭୋଟ ଦେବାପାଇଁ ଯୋଗ୍ୟ। ତେବେ ସମ୍ପ୍ରତି ରାଜ୍ୟ ସଭାର ୬ ଓ ଲୋକ ସଭାର ଗୋଟିଏ ଆସନ ଖାଲିଥିବାରୁ ଇଲେକ୍ଟୋରାଲ କଲେଜ ସାମର୍ଥ୍ୟ ୭୮୧ ରହିଛି। ବିଜେଡିର ୭ ଏବଂ ବିଆର୍‌ଏସ୍‌ର ୪ ରାଜ୍ୟ ସଭା ସଦସ୍ୟ ଭୋଟ ଦେବାରୁ ବିରତ ରହିବେ ବୋଲି ପୂର୍ବରୁ ଘୋଷଣା କରିଥିଲେ।

### ଆଜି ରାଜ୍ୟ...

୧୧ଟି ନୂତନ ଯୋଜନା କାର୍ଯ୍ୟକାରୀ କରିଛନ୍ତି, ଯେଉଁଥିରେ 'ସୁଭଦ୍ରା'ଠାରୁ ଆରମ୍ଭ କରି ବାର୍ଦ୍ଧକ୍ୟ ଭତ୍ତା ପରିମାଣ ୩,୫୦୦ଟଙ୍କା(୮୦ ବର୍ଷରୁ ଊର୍ଦ୍ଧ୍ୱ)କୁ ବୃଦ୍ଧି କରିବା ଭଳି ଲୋକାଭିମୁଖୀ ଯୋଜନା ରହିଛି। ତେବେ ବୁଧବାର ଅନୁଷ୍ଠିତ ହେବାକୁଥିବା କ୍ୟାବିନେଟ୍ ବୈଠକରେ ରାଜ୍ୟ ସରକାର କେଉଁସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ଦେବେ ତାହା ଉପରେ ରହିଛି ରାଜ୍ୟବାସୀଙ୍କ ନଜର।

### ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ...

ଇନ୍‌ଷ୍ଟାଗ୍ରାମ୍, X, ୟୁଟ୍ୟୁବ୍, ହ୍ୱାଟ୍ସଆପ୍, ଲିଙ୍କେଡ଼ଇନ୍, ରେଡିଟ୍ ସମେତ ୨୬ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଉପରେ ନିଷେଧାଦେଶ ଜାରି କରିଥିଲେ। ସରକାର ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକୁ ବ୍ୟାନ୍ କରି ଦୁର୍ନୀତି ବିରୋଧୀ ସ୍ୱରକୁ ଚପାଇଦେବାକୁ ଉଦ୍ୟମ କରୁଥିବା ଦର୍ଶାଇ ସୋମବାର ଅନେକ ହଜାର ଛାତ୍ରୀଛାତ୍ର ଜେନ୍ ଜେଡ୍ (୧୯୯୭ରୁ ୨୦୧୦ ମଧ୍ୟରେ ଜନ୍ମିତ ପିଢ଼ି) ବ୍ୟାନରରେ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏପରି କି ସେମାନେ ପାର୍ଲାମେଣ୍ଟକୁ ଧସେଇ ପଶିଥିଲେ, ଯାହାକୁ ନେଇ ବିକ୍ଷୋଭକାରୀ ଓ ପୋଲିସ ମୁହାଁମୁହିଁ ହୋଇଥିଲେ। ପୋଲିସ ଗୁଳିରେ ସୋମବାର ୧୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପରବର୍ତ୍ତୀ ସମୟରେ ଆଉ ୪ ଜଣ ପ୍ରାଣ ହରାଇଛନ୍ତି। ସରକାର ସୋସିଆଲ ମିଡିଆ ଉପରୁ ବ୍ୟାନ୍ ହଟାଇ ଦେଇଥିଲେ ମଧ ଲୋକଙ୍କ ଆକ୍ରୋଶ କମି ନ ଥିଲା। ମଙ୍ଗଳବାର ଏହା ଆହୁରି ଉଗ୍ରରୂପ ଧାରଣ କରିଥିଲା।

ସୋସିଆଲ ମିଡିଆ ଉପରେ ନିଷେଧାଦେଶ, ଦୁର୍ନୀତି ଏବଂ ପ୍ରିୟାପ୍ରୀତି ତୋଷଣକୁ ନେଇ କ୍ଷୁବ୍ଧ ଯୁବ ପିଢ଼ି କର୍ଫ୍ୟୁକୁ ଖାତିର ନ କରି ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରିବା ଯୋଗୁ ବିଭିନ୍ନ ସହରରେ ସୁରକ୍ଷା ବଳ ସହ ସଂଘର୍ଷ ହୋଇଥିଲା। ଜେନ୍ ଜେଡ୍ ବିକ୍ଷୋଭକାରୀମାନେ ଦେଶର ବିଭିନ୍ନ ଭାଗରେ ଭଙ୍ଗାରୁଜା ଓ ପୋଡ଼ାଜଳା କରିଥିଲେ। ସେମାନେ ପାର୍ଲାମେଣ୍ଟ ଭବନ, ଦେଶର ସୁପ୍ରିମକୋର୍ଟ, ରାଷ୍ଟ୍ରପତି ପୌଡେଲ ଏବଂ ପ୍ରଧାନମନ୍ତ୍ରୀ ଓଲିଙ୍କ ଘରୋଇ ବାସଭବନରେ ନିଆଁ ଲଗାଇଦେଇଥିଲେ। ରାଷ୍ଟ୍ରପତିଙ୍କ ବାସଭବନରେ ବିକ୍ଷୋଭକାରୀ ଭଙ୍ଗାରୁଜା କରୁଥିବା ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ ଓରଫ ପ୍ରଚଣ୍ଡ ଏବଂ ଶେର୍‌ବାହାଦୁର ଦେଉବା, ଶକ୍ତିମନ୍ତ୍ରୀ ଦୀପକ ଖାଡ୍‌କାଙ୍କ ଘର ମଧ ଭଙ୍ଗାରୁଜାରୁ ବର୍ତ୍ତିନାହିଁ। ପୂର୍ବତନ ପ୍ରଧାନମନ୍ତ୍ରୀ ଝଲାନାଥ ଖାନାଲଙ୍କ କାଠମାଣ୍ଡୁର ଡାଲ୍ଲୁ ଅଞ୍ଚଳରେ ଥିବା ଘରେ ବିକ୍ଷୋଭକାରୀ ନିଆଁ ଲଗାଇଦେବାରୁ ଭିତରେ ରହିଯାଇଥିବା ତାଙ୍କ ସ୍ତ୍ରୀ ରାଜ୍ୟଲକ୍ଷ୍ମୀ ଚିତ୍ରକରଙ୍କ ମୃତ୍ୟୁ ଘଟିଛି। ସିଂହ ଦରବାର ପରିସର, ଦଳୀୟ କାର୍ଯ୍ୟାଳୟ ଓ ବରିଷ୍ଠ ନେତାମାନଙ୍କ ଘରେ ବିକ୍ଷୋଭକାରୀ ପୋଡ଼ାଜଳା କରିଛନ୍ତି। କାଠମାଣ୍ଡୁ ରାସ୍ତାରେ ସେମାନେ ଅର୍ଥମନ୍ତ୍ରୀ ବିଷ୍ଣୁ ପ୍ରସାଦ ପୌଡେଲଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଛନ୍ତି। ସେମାନେ ମନ୍ତ୍ରୀଙ୍କୁ ଗୋଇଠା ମାରି ତଳେ ପକାଇଦେଇଥିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ଜଣକ ପରେ ଜଣେ ମନ୍ତ୍ରୀ ଇସ୍ତଫା ଦେବା ଏବଂ ସରକାରଙ୍କଠାରୁ ଦୂରେଇଯିବା ପରେ ପ୍ରଧାନମନ୍ତ୍ରୀ ଓଲି ଇସ୍ତଫା ଦେବା ପାଇଁ ଚାପ ଜୋର୍‌ଦାର ହୋଇଥିଲା। ଶେଷରେ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତି ପୌଡେଲ ଇସ୍ତଫା ଦେଇଛନ୍ତି। ଗତବର୍ଷ କେ.ପି. ଶର୍ମା ଓଲି ନେପାଳୀ କଂଗ୍ରେସ ସମର୍ଥନରେ ଚତୁର୍ଥ ଥର ପାଇଁ ମେଣ୍ଟ ସରକାର ଗଢ଼ିଥିଲେ। ଦେଶରେ ନେତୃତ୍ୱ ସଙ୍କଟ ଦେଖାଦେବା ପରେ ସେନା ଓ ଅନ୍ୟ ସୁରକ୍ଷା ବାହିନୀର ମୁଖ୍ୟମାନେ ଏକ ମିଳିତ ବିବୃତିରେ ଜନସାଧାରଣଙ୍କୁ ଶାନ୍ତ ରହିବା ଏବଂ ଆଲୋଚନା ଜରିଆରେ ସମସ୍ୟାର ସମାଧାନ ପାଇଁ ନିବେଦନ କରିଛନ୍ତି। ମିଳିତ ବିବୃତିରେ ନେପାଳୀ ସେନା ମୁଖ୍ୟ ଅଶୋକ ରାଜ ସିଗ୍‌ଡେଲ୍, ନେପାଳ ସରକାରଙ୍କ ମୁଖ୍ୟ ସଚିବ ଏକନାରାୟଣ ଆର୍ୟାଲ, ଗୃହ ସଚିବ ଗୋକର୍ଣ୍ଣ ଦୱାଡ଼ି, ସଶସ୍ତ୍ର ପୋଲିସ ବଳ ମୁଖ୍ୟ ରାଜୁ ଆର୍ୟାଲ, ପୋଲିସ ଆଇଜି ଚନ୍ଦ୍ର କୁବେର ଖପୁଙ୍ଗ ଏବଂ ଜାତୀୟ ତଦନ୍ତ ବିଭାଗ ମୁଖ୍ୟ ହୁତରାଜ ଥାପା ସ୍ୱାକ୍ଷର କରିଛନ୍ତି। କାଠମାଣ୍ଡୁ ମେଟ୍ରୋପଲିଟାନ ସିଟି ମେୟର ବଲେନ ଶାହ ଅନ୍ୟ ଏକ ବିବୃତିରେ ଜନସାଧାରଣଙ୍କୁ ଶାନ୍ତ ରହିବା ପାଇଁ ନିବେଦନ କରିଛନ୍ତି। ସେନାମୁଖ୍ୟଙ୍କ ସହ ଆଲୋଚନା ପାଇଁ ପ୍ରସ୍ତୁତ ହେବାକୁ ସେ କହିବା ସହ ଏହା ପୂର୍ବରୁ ପାର୍ଲାମେଣ୍ଟ ଭଙ୍ଗ ହେବା ଆବଶ୍ୟକ ବୋଲି କହିଛନ୍ତି। ଆନ୍ଦୋଳନ ଜୋର୍‌ଦାର ହେବାରୁ କାଠମାଣ୍ଡୁ ସମେତ ବିଭିନ୍ନ ବିମାନବନ୍ଦର ବନ୍ଦ ରହିଛି।

# ଖାଦ୍ୟନଳୀରୁ ବାହାରିଲା ୨୨ ସେ.ମି.ର ଦାନ୍ତକାଠି



ଖାଦ୍ୟନଳୀରୁ ବାହାରିଥିବା ଦାନ୍ତକାଠି।

**ବ୍ରହ୍ମପୁର,୯।୯ (ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲରେ ମଙ୍ଗଳବାର ଏକ ବିରଳ ଅସ୍ତ୍ରୋପଚାର ହୋଇଛି। ଡାକ୍ତରଙ୍କ ଏକ ଟିମ୍ ପ୍ରାୟ ୧ ଘଣ୍ଟା ପରିଶ୍ରମ କରି ଜଣେ ବୃଦ୍ଧଙ୍କ ଖାଦ୍ୟନଳୀରୁ ୨୨ ସେ.ମି.ର ଦାନ୍ତକାଠି ବାହାର କରିଛନ୍ତି। ବୃଦ୍ଧ ଜଣକ ବର୍ତ୍ତମାନ ସୁସ୍ଥ ଅଛନ୍ତି।

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ନାଟଙ୍ଗା ଗ୍ରାମର କାମରାଜୁ ନାୟକ (୭୦) କିଛିଦିନ ତଳେ ଦାନ୍ତ ଘଷୁଥିବା ବେଳେ ଦାନ୍ତକାଠି ଗିଳି ଦେଇଥିଲେ। ଏଥିଯୋଗୁ ତାଙ୍କର ଖାଦ୍ୟ ଖାଇବାଠାରୁ ଆରମ୍ଭ କରି ଦୈନନ୍ଦିନ କାମରେ ଅନେକ ସମସ୍ୟା ଉପୁଜୁଥିଲା। ଏ ବିଷୟରେ ସେ ଘର ଲୋକଙ୍କୁ କହିଥିଲେ ମଧ୍ୟ ପ୍ରଥମେ କେହି ତାଙ୍କ କଥାକୁ ବିଶ୍ୱାସ କରି ନ ଥିଲେ। କିନ୍ତୁ ଖାଇବାରେ ସମସ୍ୟା ହେବାରୁ ତାଙ୍କୁ ଭଞ୍ଜନଗର ଉପଖଣ୍ଡ ଡାକ୍ତରଖାନାକୁ ନେଇ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ସପ୍ତାହେ ହେବ ସେ କେବଳ ତରଳ ପଦାର୍ଥ

### ଏମ୍‌କେସିଜିରେ ବିରଳ ଅସ୍ତ୍ରୋପଚାର

ଖାଇ ରହିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ଭଞ୍ଜନଗର ଚିକିତ୍ସାଳୟରେ କୌଣସି ସୁଫଳ ନ ମିଳିବାରୁ କାମରାଜୁଙ୍କୁ ଏକାଧିକ ସରକାରୀ ଓ ବେସରକାରୀ ଡାକ୍ତରଖାନା ନେଇ ଶେଷରେ ଏମ୍‌କେସିଜି ମେଡିକାଲକୁ ଆଣିଥିଲେ। ସୋମବାର କାମରାଜୁ ନାସା, ଗଳା କର୍ଣ୍ଣ (ଇଏନ୍‌ଟି) ବିଭାଗରେ ଭର୍ତ୍ତି ହୋଇଥିଲେ। ଇଏନ୍‌ଟି ବିଭାଗର ମୁଖ୍ୟ ସଞ୍ଜିତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆବଶ୍ୟକ ପରୀକ୍ଷା ନିରୀକ୍ଷା କରାଯିବାରୁ ଖାଦ୍ୟନଳୀରେ ଦାନ୍ତକାଠି ଥିବା ଜଣାପଡିଥିଲା। ମଙ୍ଗଳବାର ଡା. ମିଶ୍ରଙ୍କ ନେତୃତ୍ୱରେ ଡା. ସରିତା ଦାସ, ଡା. ପ୍ରବୀର କେଶରୀ ପ୍ରଧାନ, ଡା. ସାତୀ ସ୍ୱରୂପ, ଡା. ସରିତା ମାରାଣ୍ଡି, ନିଶ୍ଚେତକ ବିଭାଗର ଡା. ବିପିନ ମଲ୍ଲିକ ମିଶି ଏକ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ କରି ଏହି ସଫଳ ଅସ୍ତ୍ରୋପଚାର କରିଛନ୍ତି।

# ଜବରଦଖଲକାରୀଙ୍କ କବ୍‌ଜାରେ ବାୟୁସେନାର ଜାଗା

**ଭୋଗରାଇ,୯।୯ (ପ୍ରଦୀପ ଦାସ)**

ସମ୍ପ୍ରତି ଭାରତର ଅର୍ଥନୈତିକ ଓ ସାମରିକ ଶକ୍ତି ବୃଦ୍ଧି ନିମନ୍ତେ ସରକାର ବିଭିନ୍ନ ଯୋଜନା କାର୍ଯ୍ୟ ଆରମ୍ଭ କରିଥିବା ବେଳେ କୌଣସି କାରଣବଶତଃ ବିଭିନ୍ନ ସ୍ଥାନରେ ସ୍ଥଗିତ ରହିଥିବା ପ୍ରତିରକ୍ଷା ବିଭାଗ ପୁନଃ କାର୍ଯ୍ୟକ୍ଷମ ପାଇଁ ପ୍ରସ୍ତୁତ ହେଉଥିବା କୁହାଯାଇଛି। ୯୦ ଦଶକରେ ବାଲେଶ୍ୱର ଜିଲା ଭୋଗରାଇ ତାଳସାରୀ ବେଳାଭୂମିଠାରେ ପଶ୍ଚିମବଙ୍ଗ ପଶ୍ଚିମ ମେଦିନୀପୁର ଜିଲା କଲେଇକୁଣ୍ଡା ବାୟୁସେନା ବିଭାଗ ପକ୍ଷରୁ ମାନବବିହୀନ କ୍ଷେପଣାସ୍ତ୍ର ପରୀକ୍ଷା ସମୁଦ୍ର ମଧ୍ୟକୁ କରାଯାଇଥିଲା। ଏଠାରେ ପ୍ରତିରକ୍ଷା ମନ୍ତ୍ରଣାଳୟର ପ୍ରଥମେ ୧୦ ଏକର ଜାଗା ଚିହ୍ନଟ କରାଯିବା ପରେ ପୁଣି ୫୦ଏକର ଜାଗା ନିଆଯାଇଥିବା ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ସାଇନବୋର୍ଡରେ ଉକ୍ତ ଜମିର ମାଲିକାନା ରକ୍ଷା ମନ୍ତ୍ରଣାଳୟ ଭାରତୀୟ ବାୟୁସେନା ଅଧୀନରେ ଥିବା ସୂଚନା ଲେଖାଥିବା




ତାଳସାରୀଠାରେ ବାୟୁସେନା ପକ୍ଷରୁ ଲଗାଯାଇଥିବା ଫଳକ।

ବେଳେ ଉକ୍ତ ସ୍ଥାନରେ କୌଣସି ଯାତାୟାତ, କୋଠା ନିର୍ମାଣ, ଚାଷବାସ, ଆବର୍ଜନା ନ ପକାଇବା ପାଇଁ ନିଷେଧାଜ୍ଞା ଜାରି କରାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ଛୋଟ ଘର କରାଯାଇ ୪ଜଣ ସିକ୍ୟୁରିଟି ଗାର୍ଡ ମଧ୍ୟ ଡ୍ୟୁଟିରେ ରହିଥିବା ନଜରକୁ ଆସିଛି। ସେଠାରେ କେତେକ ପ୍ରଭାବଶାଳୀ ବ୍ୟକ୍ତି ଉକ୍ତ ଜାଗାକୁ ବେଆଇନ ଜବରଦଖଲ କରି ତାରବାଡ଼ କରି ଘେରି ରଖିଥିବା ଅଭିଯୋଗ ହୋଇଛି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, କୋଷ୍ଟାଲ ରେଗୁଲେଶନ ଜୋନ( ସିଆରଜେଡ) ୧୯୮୬ ଅନୁଯାୟୀ ସମୁଦ୍ରକୂଳରୁ ୫୦୦ମିଟର ଦୂର ମଧ୍ୟରେ କେହି ବ୍ୟକ୍ତି ଜମି ଅଧିଗ୍ରହଣ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଥିବା ବେଳେ ତାଳସାରୀ ଚଢ଼ରେ କିପରି ବାଲି ପାହାଡ଼ କ୍ରୟ ବିକ୍ରୟ ହେଉଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି ହେଉଛି। ଏପରିକି ଉକ୍ତ ମନ୍ତ୍ରଣାଳୟ ପରିସର ନିକଟରେ ସଂଖ୍ୟାଲଘୁ ଶ୍ରେଣୀର ସନ୍ଦିଗ୍ଧ ଜଣେ ବାଂଲାଦେଶୀଙ୍କ ହୋଟେଲ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ କେତେକ ବାଂଲାଦେଶୀ ମତ୍ସ୍ୟଜୀବୀ ରହିଥିବା ଅଭିଯୋଗ ହୋଇଛି। ସନ୍ଦିଗ୍ଧ ବ୍ୟକ୍ତିଙ୍କ ଆଧାର ଓ ଭୋଟ ପରିଚୟପତ୍ର ଏଏନ୍‌ଆଇ ଯାଞ୍ଚ କଲେ ସେମାନେ ଭାରତୀୟ କି ବାଂଲାଦେଶୀ ଲୋକଲୋଚନକୁ ଆସିବ ବୋଲି ସାଧାରଣରେ ଦାବି ହୋଇଛି। ଅପରପକ୍ଷରେ ବାଲେଶ୍ୱର ଚାନ୍ଦିପୁର ଡିଆରଡିଓ, ଭଦ୍ରକ ହୁଇଲର ଦ୍ୱୀପରେ ଆଧୁନିକ କ୍ଷେପଣାସ୍ତ୍ର ପରୀକ୍ଷଣ, ଚିଲିକାରେ ନୌସେନା ପ୍ରଶିକ୍ଷଣ କେନ୍ଦ୍ର ହୋଇଥିବା ବେଳେ ପ୍ରତିରକ୍ଷା କ୍ଷେତ୍ରରେ ଶତ୍ରୁରାଷ୍ଟ୍ରକୁ ଜବାବ ଦେବାକୁ ଭାରତ ପ୍ରତିରକ୍ଷା ମନ୍ତ୍ରଣାଳୟ ସଶକ୍ତ ହେଉଛି। ମୟୂରଭଞ୍ଜ ରାସଗୋବିନ୍ଦପୁର ଏୟାରବେସର ପୁନରୁଦ୍ଧାର ପାଇଁ ମନ୍ତ୍ରୀ ଓ ପ୍ରତିରକ୍ଷା ବିଭାଗ ଅଣ୍ଟା ଭିଡୁଥିବା ବେଳେ ମେଦିନୀପୁର କଲେଇକୁଣ୍ଡା ବାୟୁସେନା ତାଳସାରୀଠାରେ ବାୟୁସେନା ବିଭାଗର ଅଫିସରମାନଙ୍କର ଘନ ଘନ ତଦାରଖ, ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ଭାବେ ମାଟି ତଳେ ୭ କୋଟି ଟଙ୍କାର ବିଦ୍ୟୁତ ସଂଯୋଗ ନଜରକୁ ଆସିବାରୁ ସମ୍ଭାବ୍ୟ ବାୟୁସେନା ଘାଟି କିମ୍ବା ନୌସେନା ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ବାଲେଶ୍ୱର ଅତିରିକ୍ତ ଜିଲାପାଳ ସୁଧାକର ନାୟକ ତାଳସାରୀଠାରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆମକୁ କୌଣସି ସୂଚନା ମିଳି ନ ଥିବା କହିଛନ୍ତି। ପ୍ରତିରକ୍ଷା ବିଭାଗ ନେଇଥିବା ସ୍ଥାନ ଏବଂ ଏହାର ଆଖପାଖ ସରକାରୀ ଜାଗାରୁ ବେଆଇନ ଭାବେ ଦଖଲକାରୀଙ୍କୁ ଉଚ୍ଛେଦ କରାଯିବ ବୋଲି ଭୋଗରାଇ ତହସିଲଦାର ସୂର୍ଯ୍ୟକୁମାର ନାୟକ ଧରିତ୍ରୀକୁ ସୂଚନା ଦେଇଛନ୍ତି।

# ଭଦ୍ରକ କଲେଜରେ ଛାତ୍ର ଅଶାନ୍ତି: ବ୍ୟାନର ଲଗାଯିବାକୁ ନେଇ ହୋହଲ୍ଲା



ଭଦ୍ରକ କଲେଜ ଫାଟକ ସମ୍ମୁଖରେ ଛାତ୍ରମାନେ ହୋହଲ୍ଲା କରୁଛନ୍ତି।

**ଭଦ୍ରକ,୯।୯(ସନାତନ ରାଉତ)**

ଭଦ୍ରକ କଲେଜ ମୁଖ୍ୟ ଫାଟକରେ ବ୍ୟାନର ଲଗାଯିବାକୁ ନେଇ ଦୁଇଦିନ ଧରି ଛାତ୍ର ଅଶାନ୍ତି ଲାଗିରହିଛି। ସୋମବାର ରାତିରୁ କଲେଜ ପରିସରରେ ଗୋଟିଏ ଗୋଷ୍ଠୀର ଛାତ୍ର ହୋହଲ୍ଲା କରିବା ସହ ଧାରଣାରେ ବସିଥିଲେ। ମଙ୍ଗଳବାର ସକାଳ ୮ଟାରୁ ସେହି ଗୋଷ୍ଠୀର ଛାତ୍ର ଲାଗିଥିବା ବ୍ୟାନର ଖୋଲିବା ଦାବିରେ ଫାଟକରେ ବାଉଁଶ ବାନ୍ଧି ଟାୟାର ଜାଳି ଅବରୋଧ କରିଥିଲେ। କଲେଜ ଭିତରକୁ ଛାତ୍ରୀଛାତ୍ର, ଅଧ୍ୟାପକ ଏପରିକି ଅଧ୍ୟକ୍ଷଙ୍କୁ ମଧ୍ୟ ପ୍ରବେଶ କରିବାକୁ ଦେଇ ନ ଥିଲେ। ଭିତରେ ଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ବାହାରକୁ ଛାଡ଼ି ନ ଥିଲେ। ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବା ବେଳେ ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ ରହିଥିଲା। ଟାଉନ ଥାନାଅଧିକାରୀ ପ୍ରଭାଂଶୁ ମିଶ୍ର ଏବଂ କଲେଜ ଅଧ୍ୟକ୍ଷ ଦୁର୍ଗା ଶଙ୍କର ଦାଶ ଛାତ୍ରମାନଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ ମଧ୍ୟ ବ୍ୟାନର୍ ଖୋଲିବା ଦାବିରେ ସେମାନେ ଅଟଳ ରହିଥିଲେ। ପ୍ରକାଶ ଯେ, କଲେଜର ମୁଖ୍ୟ ଫାଟକ ଗତ ୨ ବର୍ଷ ଧରି ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ଗତ ଗଣେଶ ପୂଜା ସମୟରେ ସ୍ଥାନୀୟ ଏକ କ୍ଲବ୍‌ର ସଦସ୍ୟ

### ବାଉଁଶ ବାନ୍ଧି ଫାଟକ ଅବରୋଧ

ସେହି ଫାଟକରେ ଏକ ବ୍ୟାନର ଲଗାଇଥିଲେ। ସୋମବାର ସେହି ବ୍ୟାନରକୁ ଅନ୍ୟ ଏକ ଗୋଷ୍ଠୀର ଛାତ୍ର ବାହାର କରି ଦେଇ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଲେଖାଥିବା ଏକ ବ୍ୟାନର ଲଗାଇଥିଲେ। ଏହି ବ୍ୟାନରରେ ଆଂଶିକ ଗେରୁଆ ରଙ୍ଗ ଥିବାରୁ ଏହା ଏବିଭିପି ପକ୍ଷରୁ ଲଗାଯାଇଥିବା ଅଭିଯୋଗ କରି ଛାତ୍ର ବିଜେଡି ସମର୍ଥିତ କେତେଜଣ ଛାତ୍ର ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ ସେହି ବ୍ୟାନରକୁ ସୋମବାର ଅପରାହ୍ନରେ ଖୋଲି ଦିଆଯାଇଥିଲା। ଏହାକୁ ଏବିଭିପି ସମର୍ଥିତ ଛାତ୍ରମାନେ ରାତିରେ ବିରୋଧ କରି ଧାରଣା ଦେବାରୁ ପୁନର୍ବାର ଖୋଲାଯାଇଥିବା ବ୍ୟାନରକୁ ଗେଟ୍‌ରେ ଲଗାଯାଇଥିଲା। ପରେ ଛାତ୍ର ବିଜେଡିର ସମର୍ଥକମାନେ ରାତିରେ ଏହି ବ୍ୟାନର ଖୋଲିବାକୁ ଦାବି କରିବା ସହ ଧାରଣା ଦେଇଥିଲେ। ମଙ୍ଗଳବାର ସକାଳୁ ସେହି ଗୋଷ୍ଠୀର ଛାତ୍ରମାନେ ବ୍ୟାନର ଖୋଲାଯିବା ଦାବିରେ ଗେଟ୍‌ରେ ବାଉଁଶ ବାନ୍ଧି ଟାୟାର ଜାଳି ଅବରୋଧ କରିଥିଲେ। ଅଧ୍ୟକ୍ଷ ଏବଂ ଟାଉନ ଥାନାଧିକାରୀ ସେମାନଙ୍କୁ ଦୀର୍ଘ ସମୟ ଧରି ବୁଝାଶୁଝା କରିଥିଲେ ମଧ୍ୟ ଓହରି ନ ଥିଲେ। କଲେଜ ଭିତରକୁ ପ୍ରବେଶ କରିଥିବା ଛାତ୍ରୀଛାତ୍ରଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକ ରଖାଯାଇଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରାୟ ଅପରାହ୍ନ ୧ଟା ପରେ ଥାନାଧିକାରୀଙ୍କ ହସ୍ତକ୍ଷେପ ପରେ ସେମାନଙ୍କୁ କଲେଜରୁ ବାହାରକୁ ଆସିବା ପାଇଁ ଛାଡ଼ି ଦିଆଯାଇଥିଲା। ଅପରାହ୍ନରେ କଲେଜ ଆଲୁମ୍‌ନି କମିଟି ସହ ବୈଠକ କରାଯାଇ ଫାଟକରୁ ଉକ୍ତ ବ୍ୟାନର ଖୋଲାଯାଇ କଲେଜ ପକ୍ଷରୁ ଏକ ବ୍ୟାନର୍ ଲଗାଯିବ ବୋଲି ନିଷ୍ପତ୍ତି ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୂର୍ବ ସରକାର ସମୟରୁ ଆରମ୍ଭ ହୋଇଥିବା ଫାଟକ ନିର୍ମାଣ କାର୍ଯ୍ୟ ପାଇଁ ନୂଆ ସରକାରରେ ଅର୍ଥ ମଞ୍ଜୁର ହୋଇ ନ ଥିବାରୁ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ଉପଜିଲାପାଳଙ୍କ ସହ ଆଲୋଚନା କରାଯାଇ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର କରିବାକୁ ଆଲୋଚନା କରାଯାଇଥିବା ଅଧ୍ୟକ୍ଷ କହିଛନ୍ତି।

## 'ବ୍ୟାଟଲ୍ ଅଫ୍ ଗଲ୍‌ୱାନ': ସଲ୍‌ମାନଙ୍କ ଫାଷ୍ଟ ଲୁକ୍ ଆଉଟ୍

ମୁମ୍ବାଇ: ଅଭିନେତା ସଲ୍‌ମାନ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲ୍‌ୱାନ୍'ର ଶୁଟିଂ ଆରମ୍ଭ ହୋଇଛି। ଏନେଇ ସେ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ଏହାସହ ସଲ୍‌ମାନ ଫିଲ୍ମ ଶୁଟିଂ ସମୟର ଏକ ଫଟୋକୁ ମଧ୍ୟ ଶେୟାର କରିଛନ୍ତି, ଯେଉଁଥିରେ ଫିଲ୍ମରେ ତାଙ୍କ ଲୁକ୍ ଉପରୁ ପରଦା ଉଠିଛି। ଏହି ଲୁକ୍‌ରେ ସଲମାନ ସେନା ପୋଷାକ ପିନ୍ଧିଥିବା ସହ ଦେଶପ୍ରେମରେ ବୁଡ଼ି ରହିଥିବାର ନଜରକୁ ଆସିଛନ୍ତି। ସଲ୍‌ମାନଙ୍କ ଏହି ଲୁକ୍‌କୁ ତାଙ୍କ ପ୍ରଶଂସକମାନେ ଖୁବ୍ ପସନ୍ଦ କରିଛନ୍ତି। ଅପୂର୍ବ ଲଖିଆଙ୍କ ନିର୍ଦ୍ଦେଶନାରେ 'ବ୍ୟାଟଲ୍ ଅଫ୍ ଗଲ୍‌ୱାନ' ଫିଲ୍ମ ନିର୍ମିତ ହେଉଛି। ୨୦୨୦ ଜୁନ୍ ୧୫ରେ ଗଲୱାନ ଉପତ୍ୟକାରେ ଭାରତ ଓ ଚାଇନା ସୈନିକଙ୍କ ମଧ୍ୟରେ ହୋଇଥିବା ଭୟଙ୍କର ଯୁଦ୍ଧକୁ ନେଇ ଏହି ଫିଲ୍ମର କାହାଣୀ ଆଧାରିତ। ଫିଲ୍ମରେ କମାଣ୍ଡିଂ ଅଫିସର କଲୋନେଲ ବିକ୍କୁମଲ୍ଲା ସନ୍ତୋଷ ବାବୁଙ୍କ ଭୂମିକାରେ ସଲ୍‌ମାନ ନଜରକୁ ଆସିବେ। ସେହିପରି ଏହି ଫିଲ୍ମରେ ସଲ୍‌ମାନଙ୍କ ବିପକ୍ଷରେ ଅଭିନେତ୍ରୀ ଚିତ୍ରାଙ୍ଗଦା ସିଂଙ୍କୁ ଦେଖିବାକୁ ମିଳିବ।



# ୧.୨୧ କୋଟିର ମାଦକଦ୍ରବ୍ୟ ଜବତ, ୧୪୭ ଗିରଫ

**ଭୁବନେଶ୍ୱର,୯।୯ (ରବିନାରାୟଣ ଜେନା)**

ଅବକାରୀ ବିଭାଗ ପକ୍ଷରୁ ଜାରି ରହିଥିବା ଚଢ଼ାଉ ଅଭିଯାନର ୮ମ ଦିନରେ ବଡ଼ ସଫଳତା ମିଳିଛି। ଏହି ସମୟରେ ବେଆଇନ ଭାବେ କାରବାର ହେଉଥିବା ୧.୨୧ କୋଟି ଟଙ୍କାର ମାଦକଦ୍ରବ୍ୟ ଜବତ ହୋଇଛି। ଏ ନେଇ ବିଭାଗ ପକ୍ଷରୁ ୨୫୮ଟି ମାମଲା ପଞ୍ଜିକୃତ ହୋଇଥିବାବେଳେ ଏଥିରେ ଜଡ଼ିତ ୧୪୭ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ସୂଚନା ଅନୁଯାୟୀ, ଜବତ ହୋଇଥିବା ସାମଗ୍ରୀ ମଧ୍ୟରେ ୧୦,୩୬୨ ବଲ୍କ ଲିଟର(ବ୍ୟାରେଲ୍) ୪୭୧ ଆଇଡି ମଦ ସହିତ ପ୍ରାୟ ୧,୦୦,୦୬୦ ଲିଟର ପୋଚ ନଷ୍ଟ କରାଯାଇଛି। ଏହାସହିତ ୭,୨୯୪ କିଲୋଗ୍ରାମ୍ ମହୁଲ ଫୁଲ, ୨୪ କିଲୋଗ୍ରାମ୍ ଭାଙ୍ଗ ଏବଂ ୧୩ଟି ଯାନବାହନ ମଧ୍ୟ ଜବତ ହୋଇଛି। ମାଦକଦ୍ରବ୍ୟ କାରବାରକୁ ନେଇ ଏନ୍‌ଡିପିଏସ୍ ଆଇନ ଅନୁସାରେ ଅବକାରୀ ପୋଲିସ ପକ୍ଷରୁ ୮ଟି ମାମଲା ରୁଜୁ କରାଯାଇଥିବାବେଳେ ପ୍ରାୟ ୩୪୭ କିଗ୍ରା ଗଞ୍ଜେଇ ଜବତ କରାଯାଇଛି। ଆଗାମୀ ଦିନରେ ଅବାଧ ମଦ ଓ ମାଦକଦ୍ରବ୍ୟ କାରବାର ଉପରେ ଜୋର୍‌ଦାର ଧରପଗଡ଼ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଦୋଷୀଙ୍କୁ ୨୦ବର୍ଷ ଜେଲ

**ବାରିପଦା,୯।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ ସ୍ପେଶାଲ ପୋକ୍‌ସୋ କୋର୍ଟରେ ମଙ୍ଗଳବାର ଏକ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଦୋଷୀଙ୍କୁ ୨୦ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୨୦ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ଏକବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ରାସଗୋବିନ୍ଦପୁର ଥାନା ଅଞ୍ଚଳର ବିନୋଦ ରାମ(୩୫)। ମାମଲାର ବିବରଣୀ ଅନୁଯାୟୀ, ସ୍ୱାମୀ କାମ କରିବା ପାଇଁ ଆନ୍ଧ୍ରପ୍ରଦେଶକୁ

### ମହିଳାଙ୍କୁ ବଳାତ୍କାର ମାମଲା

ଯାଇଥିବା ବେଳେ ମହିଳା ଜଣକ ଘରେ ଏକାକୀ ରହୁଥିଲେ। ସ୍ୱାମୀଙ୍କ ଅନୁପସ୍ଥିତିକୁ ନେଇ ଅଭିଯୁକ୍ତ ଜଣକ ବାରମ୍ବାର ତାଙ୍କ ପ୍ରତି ଅଶାଳୀନ ବ୍ୟବହାର ପ୍ରଦର୍ଶନ କରୁଥିଲେ। ୨୦୧୯ ଅକ୍ଟୋବର ୩ତାରିଖ ରାତି ୧୦ଟା ସମୟରେ ଅଭିଯୁକ୍ତ ବିନୋଦ ମହିଳାଙ୍କ ଘରକୁ ଯାଇ କବାଟ ବାଡ଼େଇ ଥିଲେ। ମହିଳା ଜଣକ କବାଟ ଖୋଲିବାରୁ ତାଙ୍କୁ ଏକ ଛୁରି ଦେଖାଇ ଭୟଭୀତ କରି ବଳାତ୍କାର କରିଥିଲେ। ଏନେଇ ମହିଳା ଜଣକ ତାଙ୍କ ସ୍ୱାମୀଙ୍କୁ ଜଣାଇବା ସହ ୨୧ ଅକ୍ଟୋବରରେ ଅଭିଯୋଗ କରିଥିଲେ।

# ମାଟି ତଳୁ ଶିଶୁ ପୁତ୍ର ମୃତଦେହ ଜବତ

**ମୋରଡା/ରାସଗୋବିନ୍ଦପୁର,୯।୯ (ସ୍ମାରକ ମାଜୀ/ସତ୍ୟବାଦୀ ପରିଡ଼ା)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ପୋଲିସ ମଙ୍ଗଳବାର ଏକ ଦେଢ଼ ବର୍ଷର ଶିଶୁ ପୁତ୍ରର ମୃତଦେହକୁ ମାଟିତଳୁ ଉଦ୍ଧାର କରିଛି। ସୂଚନା ମୁତାବକ, ଉକ୍ତ ଥାନା ଅଧୀନ ନାକିତୁଆ ପଞ୍ଚାୟତର ଭାଲୁଘେରା ଗ୍ରାମର ସମୀର ପାତ୍ରଙ୍କ ସ୍ତ୍ରୀ ଦୁଇମାସ ପୂର୍ବେ ମୃତ୍ୟୁବରଣ କରିଥିଲେ। ସମୀର ବାହାରକୁ କାମ କରିବାକୁ ଯିବାରୁ ତାଙ୍କ ଦେଢ଼ ବର୍ଷର ପୁତ୍ର ବାପୁନକୁ ସମ୍ପର୍କୀୟ ମାମୁ ରଘୁ ବେସ୍ରାଙ୍କ ଘରେ ରଖିଥିଲେ। ବାପୁନଙ୍କ ଦେହ ଅସୁସ୍ଥ ହେବାରୁ ରଘୁଙ୍କ ପରିବାର ଲୋକେ ଔଷଧ ଆଣି ଦେଇଥିଲେ ମଧ୍ୟ ବାପୁନଙ୍କ ଶରୀର ସୁସ୍ଥ ହୋଇନଥିଲା। ତେବେ ଶିଶୁ ପୁତ୍ର ବାପୁନ ଗତ ସେପ୍ଟେମ୍ବର ୭ ତାରିଖ ରବିବାର ସନ୍ଧ୍ୟାରେ ମୃତ୍ୟୁବରଣ କରିବାରୁ ତାକୁ ମାଟି ଖୋଳି ପୋତି ଦେଇଥିଲେ। ତେବେ ବାପୁନଙ୍କ ମୃତ୍ୟୁକୁ ସନ୍ଦେହ କରି ଖୁଣ୍ଟା ବ୍ଲକ ଗୌଡ଼ଗାଁ ଗ୍ରାମର ତାଙ୍କ ଅଜା ଅଜୟ କୁମାର ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆରଏମ ମେଡିକାଲକୁ ପଠାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୩୯/୨୫)ରୁଜୁହୋଇଛି।

# ରାଜେନ୍ଦ୍ର ଢୋଲକିଆଙ୍କ ଶେଷକୃତ୍ୟ ସମ୍ପନ୍ନ

**ନୂଆପଡ଼ା,୯।୯ (ମକାରୁ ବେମାଲ)**

ନୂଆପଡ଼ା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ (୬୮)ଙ୍କ ମଙ୍ଗଳବାର ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଖରିଆର ରୋଡ ଜୋଙ୍କ ନଦୀ କୂଳ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ତାଙ୍କ ପୁଅ ଜୟ ଢୋଲକିଆ ମୁଖାଗ୍ନି ଦେଇଥିଲେ। ଏମ୍‌କେସିଜି ହସ୍ପିଟାଲରୁ ତାଙ୍କ ପାର୍ଥିବ ଶରୀର ସ୍ୱତନ୍ତ୍ର ବିମାନରେ ରାୟପୁର ଆସି ସେଠାରୁ ସଡକ ପଥରେ ଛତିଶଗଡ ସୀମା ଟେମରିଠାରେ ପହଞ୍ଚିଥିଲା। ସେଠାରୁ ସ୍ୱତନ୍ତ୍ର ଭ୍ୟାନରେ ମର ଶରୀରକୁ ଶୋଭାଯାତ୍ରାରେ ନୂଆପଡା ଏକତା ଛକ ପର୍ଯ୍ୟନ୍ତ ନିଆଯାଇଥିଲା। ଖରିଆର ରୋଡ ସହର ପରିକ୍ରମା ସମୟରେ ଜ୍ଞାନ ଜ୍ୟୋତି ବିଦ୍ୟାଳୟଠାରେ ବିଭିନ୍ନ ଦଳର ନେତା, ମନ୍ତ୍ରୀ, ସହରବାସୀ ଶେଷ ଦର୍ଶନ କରିଥିଲେ। ପରେ ଜୋଙ୍କ ନଦୀକୂଳ ସ୍ୱର୍ଗଦ୍ୱାରରେ ଶେଷକୃତ ସମ୍ପନ୍ନ ହୋଇଛି। ସୂଚନା ଅନୁଯାୟୀ ବିଧାୟକ ଢୋଲକିଆ ୬ ମାସ ହେବ ଅସୁସ୍ଥ ହୋଇ ଚେନ୍ନାଇଠାରେ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ସୁସ୍ଥ ଅନୁଭବ କରିବାରୁ ଘରକୁ ଫେରିଆସିଥିଲେ। ପୁନଶ୍ଚ ଜୁନ ଶେଷ ଭାଗକୁ ଅସୁସ୍ଥ ହେବାରୁ ଚେନ୍ନାଇ ଯାଇ ଚିକିତ୍ସିତ ହେଉଥିଲେ । ଅଗଷ୍ଟ ୨୭ରେ ଚେନ୍ନାଇର ଏମ୍‌କେସିଜି ହସ୍ପିଟାଲରେ ତାଙ୍କର ହୃତ୍‌ପିଣ୍ଡ ପ୍ରତିରୋପଣ



ରାଜେନ୍ଦ୍ର ଢୋଲକିଆଙ୍କ ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ନିଆଯାଉଛି।

କରାଯାଇଥିଲା। ଏହା ସତ୍ତ୍ୱେ ସେପ୍ଟେମ୍ବର ୮ ପୂର୍ବାହ୍ନ ୧୧ଟାରେ ସେ ଇହଲୀଳା ସମ୍ବରଣ କରିଥିଲେ। ତାଙ୍କୁ ସମସ୍ତେ ଆଦରରେ ରାଜୁ ଭାଇ ବୋଲି ଡାକୁଥିଲେ। ୧୯୯୨ରେ ସେ ରାଜନୀତିରେ ପ୍ରବେଶ କରି ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥିଲେ। ପରେ ୧୯୯୭ ଓ ୨୦୦୩ ପୁଣି ଏନ୍‌ଏସି ଅଧ୍ୟକ୍ଷ ହୋଇଥିଲେ। ୨୦୦୪ରେ ନୂଆପଡା ନିର୍ବାଚନ ମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢି ବିଧାୟକ ହୋଇଥିଲେ। ୨୦୦୯ରେ ବିଜେଡି ଟିକେଟରେ ବିଧାୟକ ପ୍ରାର୍ଥୀ ଭାବରେ ନିର୍ବାଚିତ ହୋଇଥିଲେ। ୨୦୧୯ରେ ବିଜେଡି ଟିକେଟରେ ବିଧାୟକ ଭାବରେ ନିର୍ବାଚିତ ହେଲା ପରେ ଓଡିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବରେ ଦାୟିତ୍ୱ ତୁଲାଇଥିଲେ। ୨୦୨୪ରେ ବିଜେଡି ଟିକେଟରୁ ପୁଣି ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। ଶେଷକୃତ୍ୟ ସମ୍ପନ୍ନ ବେଳେ ବିଭିନ୍ନ ଦଳର ନେତା ସ୍ନେହାଙ୍ଗିନୀ ଛୁରିଆ, ବବି ଦାସ, ଜୟଦେବ ଜେନା, ଭକ୍ତ ଚରଣ ଦାସ, ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ଦିବ୍ୟ ଶଙ୍କର ମିଶ୍ର, ଦେବେଶ ଆଚାର୍ଯ୍ୟ, ନବୀନ ଜୈନ, ଚିନ୍ମୟ ସାହୁ, ସୌଭାଗ୍ୟ ନାଏକ, ଦେବକୀ ସାହୁ, ଟୁକୁନି ସାହୁ, ଅଧୀରାଜ ମୋହନ ପାଣିଗ୍ରାହୀ, ବସନ୍ତ ପଣ୍ଡା, ଅଭିନନ୍ଦନ ପଣ୍ଡା, ଲମ୍ବୋଦର ନିଆଲ, ସରୋଜ ମେହେର, ବର୍ଷା ବରିହାଙ୍କ ସମେତ ତାଙ୍କ ଧର୍ମପତ୍ନୀ କଳ୍ପନା ଢୋଲକିଆ, ପୁତ୍ରବଧୂ ସୁମନ ଢୋଲକିଆ, ଭାଇ ଅତୁଲ ଢୋଲକିଆ, ଭାଇବୋହୂ ମିଳନ ଢୋଲକିଆ ପ୍ରମୁଖ ଉପସ୍ଥିତ ଥିଲେ।

**MAA TARATARINI MULTI GYM REQUIRED**
Only Boy Candidate for FRONT OFFICE EXECUTIVE & GYM TRAINER
Interested Candidate may apply: sagarparida29@gmail.com
Qualification: 12th above
Salary: Negotiable for Experience Candidate
Contact: 9937542268/9337542268

**WALK-IN-INTERVIEW**
An Interview for the post of **Lecturer-in-Sanskrit** (Guest Faculty), **Lecturer-in-Political Scinece** (Self Finance), **Lecturer-in-Commerce** (Self Finance), **Peon** (Self Finance), **Night Watchman** (Self Finance), **Sweeper** (Self Finance) is scheduled to be held in Pallishree Higher Secondary School, Sindhekela on **Dt.21.09.2025 at 11 A.M. to 3 P.M.** Interested candidates for said lecturers post having at least 55% of marks in Post Graduation level may attend the interview.
**N.B.:** No TA, DA will be given to the applicants.
**Sd./- Principal-cum-Secretary**
**Pallishree H.S.S., Sindhekela**
**Contact No.: 9937697269**

सीएमपीडीआई cmpdi
सेन्ट्रल माईन प्लानिंग एण्ड डिजाइन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(कोल इण्डिया लिमिटेड की एक अनुषंगी कम्पनी)/ (A Subsidiary of Coal India Ltd.)
गोंदवाना प्लेस, काँके रोड, राँची-834008, झारखंड, भारत
**सूचना / NOTICE**
"सामग्री, कार्यों एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इण्डिया लिमिटेड की वेबसाइट **www.coalindia.in/** सम्बंधित अनुषंगी कम्पनी (सीएमपीडीआई, **www.cmpdi.co.in**), सीआईएल ई-प्रोक्योरमेंट पोर्टल **https://coalindiatenders.nic.in** एवं सेन्ट्रल पब्लिक प्रोक्योरमेंट पोर्टल **https://eprocure.gov.in** पर उपलब्ध है। इसके अलावा, जीईएम पोर्टल **https://gem.gov.in** के माध्यम से भी खरीद की जाती है।" "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in** /respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in**"

**ହୋମି ଭାବା ବିଜ୍ଞାନ ଶିକ୍ଷା କେନ୍ଦ୍ର**
**ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ**
**ରାଷ୍ଟ୍ରୀୟ ଅଲିମ୍ପିଆଡ୍ କାର୍ଯ୍ୟକ୍ରମ 2025-2026**
**ଜ୍ୟୋତିର୍ବିଜ୍ଞାନ, ଜୀବବିଜ୍ଞାନ, ରାସାୟନିକ ବିଜ୍ଞାନ, ପଦାର୍ଥ ବିଜ୍ଞାନ, କନିଷ୍ଠ ବିଜ୍ଞାନ**
କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ସମସ୍ତ ବିଦ୍ୟାର୍ଥୀଙ୍କୁ **ଭାରତୀୟ ପଦାର୍ଥ ବିଜ୍ଞାନ ଶିକ୍ଷକ ସଂଘ (ଆଇଏପିଟି)** ଦ୍ୱାରା **ନଭେମ୍ବର ୨୨ ଓ ୨୩, ୨୦୨୫** ଦିନ ସଞ୍ଚାଳିତ ହେବାକୁଥିବା ସମ୍ପୃକ୍ତ **ରାଷ୍ଟ୍ରୀୟ ମାନକ ପରୀକ୍ଷା (ଏନ୍‌ଏସ୍‌ଇ)** (ବିଜ୍ଞାନ ବିଷୟଗୁଡ଼ିକ ପାଇଁ) ଦେବାକୁ ପଡ଼ିବ।
୨୦୨୬ ମସିହାର ସମ୍ପୃକ୍ତ ଅନ୍ତର୍ଜାତୀୟ ଅଲିମ୍ପିଆଡ୍‌ରେ ଅଂଶଗ୍ରହଣର ପ୍ରଥମ ପଦକ୍ଷେପ ସ୍ୱରୂପ ଏନ୍‌ଏସ୍‌ଇରେ ଯୋଗ୍ୟତା ଅର୍ଜନ କରିବାକୁ ପଡ଼ିଥାଏ।
**ନାମ ପଞ୍ଜୀକରଣ ପାଇଁ:**
**ଏନ୍‌ଏସ୍‌ଇ:** https://www.iapt.org.in (ଅଗଷ୍ଟ ୨୧ – ସେପ୍ଟେମ୍ବର ୧୪, ୨୦୨୫)
ଅଧିକ ବିବରଣୀ ପାଇଁ: https://olympiads.hbcse.tifr.res.in
https://www.iapt.org.in
cbc 48143/12/0007/2526

ଆତଙ୍କବାଦ ପ୍ରଶାସନିକ ହିଂସା ଓ ଅନ୍ୟାୟ ଦ୍ୱାରା ବଞ୍ଚି ରହେ। କେବଳ ଏହି ପରିବେଶରେ ହିଁ ଏହା ବଂଚିପାରେ ଓ ବଢ଼ିପାରେ। ବେଳେବେଳେ ଏହା ଉର୍ଦ୍ଧ୍ୱର ବାଛବିଚାରହୀନ ଉଦାହରଣକୁ ଅନୁସରଣ କରେ। ବେଳେବେଳେ ଯଦିଓ ଏହା ବିରଳ–ଏହା ତଳୁ ଆରମ୍ଭ ହୁଏ। କିନ୍ତୁ ଉର୍ଦ୍ଧ୍ୱର ଶକ୍ତି– ଯାହାକି ନିମ୍ନର ଉଦାହରଣକୁ ଅନୁସରଣ କରେ। ତାହା ଆତ୍ମହତ୍ୟା କରିବା ପଥରେ ହିଁ ରହିଥାଏ। –ଶ୍ରୀଅରବିନ୍ଦ



# କ୍ରୋଧର ଶିକାର

ନେପାଳରେ ଯୁବପିଢ଼ି ସେଠାକାର ସରକାରଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବା ପରେ ଉପୁଜିଥିବା ସ୍ଥିତିକୁ ନେଇ ସେପ୍ଟେମ୍ବର ୯ରେ 'ଯୁବ ମେଣ୍ଢା' ଶୀର୍ଷକରେ ସମ୍ପାଦକୀୟ ଲେଖିଥିଲୁ। ପୁରୁଣା ଢାଞ୍ଚାକୁ ଭାଙ୍ଗି ନୂଆ ସମାଜ ଓ ବ୍ୟବସ୍ଥା ସକାଶେ ପ୍ରଚେଷ୍ଟା କରିବା ଯୁବପିଢ଼ିର କର୍ତ୍ତବ୍ୟ ବୋଲି ଦର୍ଶାଇଥିଲୁ। ପରିବର୍ତ୍ତନ ଲାଗି ନେପାଳରେ ଯୁବବର୍ଗର ପ୍ରତିବଦ୍ଧତା ଆଗରେ ସରକାର ମୁଣ୍ଡ ନୁଆଁଇଲା ଭଳି ଛବି ଅନ୍ତର୍ଜାତୀୟ ଗଣମାଧ୍ୟମରେ ଏବେ ଆସିବାରେ ଲାଗିଛି। ସ୍ଥିତି ଏମିତି ସ୍ତରରେ ପହଞ୍ଚିଛି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଝାଲନାଥ ଖନାଲଙ୍କ ସ୍ତ୍ରୀ ରାଜ୍ୟଲକ୍ଷ୍ମୀ ଚିତ୍ରକରଙ୍କୁ ଜିଅନ୍ତା ଜାଳି ଦିଆଯାଇଛି। ପ୍ରଧାନମନ୍ତ୍ରୀ କେ. ପି. ଶର୍ମା ଓଲି ଓ ରାଷ୍ଟ୍ରପତି ଆର୍. ସି. ପୌଡେଲ ଇସ୍ତଫା ଦେଇଥିବା ବେଳେ ଅର୍ଥମନ୍ତ୍ରୀ ବିଷ୍ଣୁପ୍ରସାଦ ପୌଡେଲଙ୍କୁ ରାସ୍ତା ଉପରେ ବିକ୍ଷୋଭକାରୀ ଗୋଇଠା ବିଧା ମାରୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି। କେବଳ ରାଜନେତା ନୁହନ୍ତି, ସେଠାକାର ପ୍ରଶାସନିକ ଅଧିକାରୀଙ୍କୁ ପାଣି ଭିତରେ ଗୋଡ଼ାଇ ଗୋଡ଼ାଇ ପିଟିବାର ଦୃଶ୍ୟ ପଦାକୁ ଆସିଛି। ଏମାନେ ଭାବିପାରି ନ ଥିଲେ ଯେ 'ଜେଡ୍ ସିକ୍ୟୁରିଟି' ଓ ପୋଲିସ ସୁରକ୍ଷା ଥିବା ସତ୍ତ୍ୱେ ସେମାନଙ୍କୁ ଏଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼ିବ। କୁହାଯାଇପାରେ ଯେ, ଯେତେବେଳେ ନାଗରିକ ଅତିଷ୍ଠ ହୋଇ ସରକାର ଓ ଏହାର ବ୍ୟବସ୍ଥା ବିରୋଧରେ ମାତିବେ ସେତେବେଳେ କୌଣସି ସୁରକ୍ଷା ବଳୟ କାମ ଦେବ ନାହିଁ। କାରଣ ସ୍ଥିତି ଦେଖି ସୁରକ୍ଷା ବଳୟ ଦାୟିତ୍ୱରେ ଥିବା କର୍ମଚାରୀ ମଧ୍ୟ ତତ୍କ୍ଷଣାତ୍ ଓଲଟି ପଡ଼ି ପ୍ରତିବାଦକାରୀଙ୍କ ସହ ସାମିଲ ହୋଇଯାଇଥାଆନ୍ତି। ଆଜି ନେପାଳରେ ସେହି ଅବସ୍ଥା।

ଯେତେବେଳେ ନାଗରିକ ଅତିଷ୍ଠ ହୋଇ ସରକାର ଓ ଏହାର ବ୍ୟବସ୍ଥା ବିରୋଧରେ ମାତିବେ ସେତେବେଳେ କୌଣସି ସୁରକ୍ଷା ବଳୟ କାମ ଦେବ ନାହିଁ। କାରଣ ସ୍ଥିତି ଦେଖି ସୁରକ୍ଷା ବଳୟ ଦାୟିତ୍ୱରେ ଥିବା କର୍ମଚାରୀ ମଧ୍ୟ ତତ୍କ୍ଷଣାତ୍ ଓଲଟି ପଡ଼ି ପ୍ରତିବାଦକାରୀଙ୍କ ସହ ସାମିଲ ହୋଇଯାଇଥାଆନ୍ତି। ଆଜି ନେପାଳରେ ସେହି ଅବସ୍ଥା।

ରାଉରକେଲାସ୍ଥ ଲୁହା କାରଖାନରୁ ନିର୍ଗତ ହେଉଥିବା ବେସିକ୍ ସ୍ଲାଗ୍‌ରେ ୧୭ ରୁ ୨୧ ଭାଗ ସିଲିକା ସହ ୪୩ ରୁ ୪୮ ଭାଗ କାଲ୍‌ସିୟଅକ୍ସାଇଡ୍ ଥାଏ । ଏହାର ଗୁଣ୍ଡ ହେକ୍ଟରକୁ ୧୦୦୦ କି.ଗ୍ରା. ଅମ୍ଳମାଟିରେ ପ୍ରୟୋଗକଲେ ମାଟିର ଅମ୍ଳତ୍ୱ କମିବା ସହ ଉଭୟ ସିଲିକନ୍ ଏବଂ ଫସ୍‌ଫରସ୍ ଫସଲକୁ ମିଳିଥାଏ। ବଜାରରେ ସୋଡିୟମ ସିଲିକେଟ୍ ନାମରେ ଏକ ରାସାୟନିକ ପଦାର୍ଥ ମିଳେ। ଏଥିରୁ ହେକ୍ଟର ପିଛା ୪୫୦ କିଲୋଗ୍ରାମ ଅମ୍ଳ ମାଟିରେ ପ୍ରୟୋଗକଲେ ଫସଲକୁ ସିଲିକନ୍ ମିଳିଥାଏ। ତାଳଚେରସ୍ଥ ବିଦ୍ୟୁତ୍‌ଚାଳିତ କୋଇଲା ଚୁଲାରୁ ନିର୍ଗତ ଫ୍ଲାଏଆଶ୍ ବା ପାଉଁଶରୁ ଶତକଡ଼ା ୪୦ ରୁ ୪୫ ଭାଗ ସିଲିକା ଥାଏ । ଏହାକୁ ଡିପ ଜମିସ୍ଥ ଅମ୍ଳ ମାଟିରେ ପ୍ରୟୋଗକଲେ ଫସଲ ସିଲିକନ୍ ପାଇବା ସହ ମାଟିର ଜଳଧାରଣ ଶକ୍ତି ବଢ଼ିଥାଏ । ଉକ୍ତ ପାଉଁଶରୁ ହେକ୍ଟର ପ୍ରତି ୫ଟନ୍ ପ୍ରୟୋଗ କଲେ ଧାନ ଫସଲ ସିଲିକନ୍ ପାଇବା ସହ ଫସଲ ମରୁଡ଼ିରୁ ରକ୍ଷାପାଏ । ଧାନରୁ ବାହାରୁଥିବା ଚଷୁରେ ପ୍ରାୟ ୨୦ ରୁ ୨୫ ଭାଗ ସିଲିକା ଏବଂ ଧାନ ନଡ଼ାରେ ପ୍ରାୟ ୧୦ ରୁ ୧୨ ଭାଗ ସିଲିକା ଥାଏ । ଏହାକୁ କ୍ଷେତରେ ନ ପୋଡ଼ି ଧାନକ୍ଷେତରେ ପ୍ରୟୋଗକରି ହେକ୍ଟର ପ୍ରତି ୧୦ କିଲୋ ୟୁରିଆ ପ୍ରୟୋଗ କଲେ ଚଷୁ ଏବଂ ନଡା ଶୀଘ୍ର ପଚି ସିଲିକା କ୍ଷେତରେ ମିଶେ । ସିଲିକା ସହ ଜୈବ ଅଙ୍ଗାର ମଧ୍ୟ ଫସଲକୁ ମିଳିଥାଏ ।

-ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

## ବର୍ଷାଋତୁରେ ପ୍ରାଣୀଙ୍କ ଯତ୍ନ



ଗୋରୁଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଫାଟୁଆ, ବଜବଜିଆ, ଆନ୍ଥ୍ରାକ୍ସ ଏବଂ ସାହାଣା ରୋଗ ପ୍ରତିଷେଧକ ଟିକା ଦିଅନ୍ତୁ। ବର୍ଷାରେ ଭାଙ୍ଗିଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଙ୍କୁ ଗୋଳିଆ ପାଣି ପିଇବା ପାଇଁ ଦିଅନ୍ତୁ ନାହିଁ । ସେମାନଙ୍କୁ ପ୍ରତି ୩ମାସରେ ଥରେ କୃମିନାଶକ ଖୁଆନ୍ତୁ । ପ୍ରତ୍ୟେକ ଦିନ ଗୁହାଳରୁ ବାହାରୁଥିବା ମଳ, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୁନ ୧୦୦ ଫୁଟ ଦୂରରେ କରନ୍ତୁ । ଗୋରୁଙ୍କ ପ୍ରାକୃତିକ ଖାଦ୍ୟପାଇଁ ବରଗୁଡ଼ି, ଓଟ୍, ଲୁସର୍ନ ଇତ୍ୟାଦି ଚାଷକରନ୍ତୁ । ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍‌ସିମ୍ ଘାସ ଚାଷ କରନ୍ତୁ । ବାଛୁରୀ ରହୁଥିବା ଘରେ ଝରକା ବା ଜାଲିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷାକରିବା ବନ୍ଦୋବସ୍ତ କରନ୍ତୁ। ଗୋରୁଙ୍କୁ ଟିଙ୍କ ନିବାରଣ ଔଷଧ ସିଞ୍ଚନ କରନ୍ତୁ।

## ପନିପରିବା ତଳି ପଟାଳିରେ ସାର ପ୍ରୟୋଗ



ପନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଡାଙ୍କି ଚତୁଃପାର୍ଶ୍ୱ ନିବୁଜକରି ୨ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼ାଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ। ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନକରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷାକରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ। ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ । ପନିପରିବା ଚାଷ ସମୟରେ ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷକରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ । ଏଥିସହ ୧୫୦ ଗ୍ରାମ୍ ସୁପର୍ ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ ।

## ଡାଲି ଜାତୀୟ ଫସଲ ବୁଣିବା ପୂର୍ବରୁ..

ଜମି ପ୍ରସ୍ତୁତକରି ନିଗିଡ଼ା ଡିପଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫-୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ । ହରଡ଼ରେ ଧାଡ଼ିକୁ ଧାଡ଼ି ୪୫-୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ। ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ ।

# ଧାନ ଅମଳ ପୂର୍ବରୁ...

ଧାନକେଣ୍ଡା ଶତକଡ଼ା ୮୫ ଭାଗ ପାଚିଯାଇଥିଲେ ତାକୁ କାଟି ଖରାରେ ଶୁଖାଇ ଅମଳ କରନ୍ତୁ । ଡେରିରେ ରୁଆଯାଇଥିବା ଧାନ ୨-୩ ସପ୍ତାହର ହୋଇଥିଲେ ଘାସ ବାଛି ହେକ୍ଟର ପ୍ରତି ୩୦ ରୁ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ପିଲ ଅବସ୍ଥାରେ ପ୍ରୟୋଗକରନ୍ତୁ । ବିଳମ୍ବରେ ପକାଯାଇଥିବା ସଅଳ କିସମ ଧାନ ତଳି ୧୭ରୁ ୨୦ ଦିନ ହୋଇଯାଇଥିଲେ ତାକୁ ଶୀଘ୍ର ରୋଇଦିଅନ୍ତୁ । ଧାଡ଼ିକି ଧାଡ଼ି ୧୫ ରୁ ୨୦ ସେ.ମି. ଓ ବୁଦାକୁ ବୁଦା ୧୦ ସେ.ମି. ବ୍ୟବଧାନ ରଖନ୍ତୁ । ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ ରୁ ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗ କରନ୍ତୁ। ଧାନଗଛ ଲିଙ୍ଗ ସଞ୍ଚାର ଅବସ୍ଥାରେ ଫୁଲ ଉଡ଼େଇବା ପର୍ଯ୍ୟନ୍ତ ଜମିରେ ୫ ଗୁଣ ୨ ସେ.ମି. ଠିଆ ପାଣି ରଖିବାକୁ ଚେଷ୍ଟାକରନ୍ତୁ। ଧାନବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ ସମୟରେ ପ୍ରୟୋଗ କରନ୍ତୁ। କାଣ୍ଡବିନ୍ଧା ପୋକ ଦମନ ପାଇଁ ଫିପ୍ରୋନିଲ୍ ୦.୩ % ଦାନାଦାର/ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ । ଏହାବ୍ୟତୀତ କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ବା ଫ୍ଲୁବେଣ୍ଡିଆମାଇଡ୍ ଏକର ପ୍ରତି ୨୦୦ ଗ୍ରାମ୍ ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ । କାହାଲିଆ ପୋକ ଦମନ ପାଇଁ ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା କ୍ଲୋରୋପାଇରିଫସ୍ (କ୍ଲାସିକ୍) ୨୦ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ସିଞ୍ଚନ କରନ୍ତୁ । ଲେଡ଼ାପୋକ ଦମନ ପାଇଁ ଲାମ୍‌ଡା-ସାଇହାଲୋଥ୍ରୀନ୍ କିମ୍ବା ପ୍ରୋଫେନୋଫସ୍ ୫୦ ଇସି କିମ୍ବା କୁଇନାଲ୍‌ଫସ୍ ୨୫ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ଦ୍ରବଣ ସନ୍ଧ୍ୟାବେଳେ ସିଞ୍ଚନ କରନ୍ତୁ ।



# ଚାର୍ଜଶିଟ୍ ଦାଖଲକଲା କ୍ରାଇମବ୍ରାଞ୍ଚ

**ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା**

ବାଲେଶ୍ୱର, ୯।୯(ବାଞ୍ଛାନିଧି ଦେ)



କୋର୍ଟ ପରିସରରେ କ୍ରାଇମବ୍ରାଞ୍ଚ ଟିମ୍।



ସୌମ୍ୟାଶ୍ରୀ ବିଶି

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ତଦନ୍ତ ଜାରି ରହିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଏଚ୍‌ଓଡ଼ି ସମୀର ସାହୁ, ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷ, ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ର ନେତା ଶୁଭ୍ର ସମ୍ବିତ ନାୟକଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଗିରଫ କରି କୋର୍ଟଚାଲାଣ କରିଥିଲା। ସମସ୍ତ ଅଭିଯୁକ୍ତ ଏବେ ଜିଲା କାରାଗାରର ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଏହି ମାମଲାର ତଦନ୍ତ କରି କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ମଙ୍ଗଳବାର ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯାଇଛି। ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ଇମାନ କଲ୍ୟାଣ ନାୟକଙ୍କ ନେତୃତ୍ୱରେ ୩ଜଣିଆ ଟିମ୍ କୋର୍ଟରେ ଉପସ୍ଥିତ ହୋଇ ୩୪୯ ପୃଷ୍ଠା ସମ୍ବଳିତ ଏହି ଚାର୍ଜଶିଟ୍ ଦାଖଲ କରିଥିବା ଜଣାପଡ଼ିଛି। ଏଥିରେ ୧୨୦ଜଣ ସାକ୍ଷୀ ରହିଛନ୍ତି। ୪ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରାଯାଇଛି।

ବିଭାଗୀୟ ଏଚ୍‌ଓଡି ସମୀର ସାହୁଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିଲେ ଛାତ୍ରୀ ସୌମ୍ୟାଶ୍ରୀ। ନ୍ୟାୟ ନ ପାଇ ଗତ ଜୁଲାଇ ୧୨ ତାରିଖରେ ସେ ଆତ୍ମାହୁତି ଉଦ୍ୟମ କରିଥିଲେ। ପରେ ଜୁଲାଇ ୧୪ରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାଦିନ ଏଚ୍‌ଓଡି ସାହୁ ଓ ୧୪ ତାରିଖରେ ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଛାତ୍ରୀଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଗତ ଅଗଷ୍ଟ ୩ ତାରିଖରେ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ର ନେତା ଶୁଭ୍ର ସମ୍ବିତ ନାୟକଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ପୂର୍ବରୁ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ସମୀରଙ୍କ ଜାମିନ ଆବେଦନ ଖାରଜ ହେବା ପରେ ଏଚ୍‌ଓଡିଙ୍କ ଓକିଲ ଶ୍ରୀବତ୍ସ ନାୟକ ଗତ ଅଗଷ୍ଟ ୧ ତାରିଖରେ ବାଲେଶ୍ୱର ଜିଲା ଓ ଦୌରାଜଜଙ୍କ କୋର୍ଟରେ ପୁଣି ଜାମିନ ଆବେଦନ କରିଥିଲେ। ଏହାର ଶୁଣାଣି ୧୨ ତାରିଖକୁ ରହିଥିଲା। ନିମ୍ନ କୋର୍ଟର କେସ ରେକର୍ଡ ସ୍ଥାନାନ୍ତର ହୋଇ ନ ଥିବା ଓ ପୋଲିସ ସିଡି ଦାଖଲ କରି ନ ଥିବା କାରଣରୁ ଶୁଣାଣି ହୋଇ ନ ପାରି ୧୮ ତାରିଖକୁ ଧାର୍ଯ୍ୟ ହୋଇଥିଲା। ଜିଲା ଓ ଦୌରାଜଜ୍ ସମୀରଙ୍କ ଜାମିନକୁ ଖାରଜ କରିଥିଲେ। କ୍ରାଇମବ୍ରାଞ୍ଚ ସିଏଡବ୍ଲୁ ଆଣ୍ଡ ସିଡବ୍ଲୁ ଡିଏସ୍‌ପି ତଦନ୍ତକାରୀ ଅଧିକାରୀ ଇମାନ କଲ୍ୟାଣ ନାୟକ ଅଭିଯୁକ୍ତ ସମୀରଙ୍କୁ ପଚରାଉଚରା ପାଇଁ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ରିମାଣ୍ଡରେ ନେବାକୁ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ। ଏହି ଆବେଦନକୁ ଜିଲା ଓ ଦୌରାଜଜ୍ ମଞ୍ଜୁର କରିଥିଲେ। ସମୀରଙ୍କୁ ୩ ଦିନିଆ ରିମାଣ୍ଡରେ ନେଇ କ୍ରାଇମବ୍ରାଞ୍ଚ ଘଟଣାର ବିଭିନ୍ନ ଦିଗକୁ ନେଇ ପଚରାଉଚରା କରିଥିଲା। ରିମାଣ୍ଡ ଅବଧି ସରିବା ପରେ ଏଚ୍‌ଓଡି ସମୀର ସାହୁ ପୁଣି ଜେଲକୁ ଫେରିଥିଲେ। ଗତ ସେପ୍ଟେମ୍ବର ୧ ତାରିଖରେ ଏଚ୍‌ଓଡି ସମୀର ସାହୁଙ୍କ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରାଯାଇଛି। ଏହାର ଶୁଣାଣି ହୋଇନାହିଁ। ସେହିପରି ଗତ ଅଗଷ୍ଟ ୧୯ ତାରିଖରେ ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷଙ୍କ ଜାମିନ ଆବେଦନ ମଧ୍ୟ ଖାରଜ ହୋଇଥିଲା। ଅପରପକ୍ଷରେ ଅଗଷ୍ଟ ୧୧ ତାରିଖରୁ ୩ଦିନିଆ ରିମାଣ୍ଡରେ ଦୁଇ ଛାତ୍ରଙ୍କୁ କ୍ରାଇମବ୍ରାଞ୍ଚର ଏକ ଟିମ୍ ଜିଲା କାରାଗାରରେ ପହଞ୍ଚି ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ମାରାଥନ୍ ଜେରା କରିଥିଲା।

## ମଦ ଚୋରି ପରେ ଦୋକାନ ଜାଳିଦେଲେ

ଯୋଡ଼ା, ୯।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହର ସିନେମା ହଲ୍ ଛକଠାରେ ଥିବା ଏକ ବିଦେଶୀ ମଦ ଦୋକାନରେ ସୋମବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଦୋକାନରୁ ମଦ ଚୋରି ପରେ ନିଆଁ ଲଗାଇ ଦିଆଯାଇଥିବା ଜଣାପଡ଼ିଛି। ଏଥିରେ ଦୋକାନ ଜଳିଯାଇଥିବା ବେଳେ ଗୋଦାମରେ ଥିବା ମଦ ପେଟିଗୁଡ଼ିକ ପ୍ରାୟ ୮୦ ଭାଗ ଜଳିଯାଇଛି। ଏନେଇ ଦୋକାନ ମାଲିକ ସନ୍ତୋଷ କୁମାର ଗୁପ୍ତା ମଙ୍ଗଳବାର ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୋକାନରେ ଲାଗିଥିବା ହାର୍ଡଡିସ୍କ ସହ ପ୍ରାୟ ୧ କୋଟି ଟଙ୍କାର ସାମଗ୍ରୀ ଚୋରି ଓ ପୋଡ଼ି ନଷ୍ଟ ହୋଇଯାଇଥିବା ସେ ଦର୍ଶାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସନ୍ତୋଷଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ସକାଳ ସାଢ଼େ ୯ଟା ବେଳେ କର୍ମଚାରୀ ଦୋକାନ ଖୋଲିବାକୁ ଆସି ଖୁବ୍ ଜୋରରେ ଧୂଆଁ ବାହାରୁଥିବା ଦେଖିବାକୁ ପାଇଥିଲେ। ମଦ ଦୋକାନ ସଂଲଗ୍ନ ଗୋଦାମ ପଛପଟ ଝରକା ଗ୍ରିଲ୍ କାଟି କେହି ଦୁର୍ବୃତ୍ତ ୬୦୦ ପେଟିରୁ ଊର୍ଦ୍ଧ୍ୱ ମଦ ବୋତଲ ଚୋରି କରିନେଇଛନ୍ତି। ପରେ ଖାଲି ପେଟିଗୁଡ଼ିକରେ ନିଆଁ ଲଗାଇ ଦେଇଛନ୍ତି। ଗୋଦାମରୁ ନିଆଁ ଦୋକାନକୁ ବ୍ୟାପି ଯାଇଥିଲା। କର୍ମଚାରୀ ଜଣକ କିଛି ସାମଗ୍ରୀ ଦୋକାନ ବାହାରକୁ ଆଣିବା ସହ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ। ପରେ ଅଗ୍ନିଶମ ବାହିନୀ ପହଞ୍ଚି ପ୍ରାୟ ୧ଘଣ୍ଟା ଉଦ୍ୟମ କରି ନିଆଁକୁ ଆୟତ୍ତ କରିଥିଲା।

## ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

**ନାବାଳିକା ଅପହରଣ, ବଳାତ୍କାର ମାମଲା**

ସମ୍ବଲପୁର, ୯।୯(ପ୍ରମୋଦ ବହିଦାର)

ସମ୍ବଲପୁର କ୍ଷେତରାଜପୁର ଥାନା ମିଳପଡ଼ା ଅଞ୍ଚଳରୁ ୨୦୧୮ ମସିହାରେ ସଂଘଟିତ ନାବାଳିକା ଅପହରଣ ଓ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ସମ୍ବଲପୁର ଅତିରିକ୍ତ ଜିଲା ଜଜ୍ ତଥା ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି। ମଙ୍ଗଳବାର ଏହି ମାମଲାର ରାୟ ପ୍ରକାଶ କରି ବିଚାରପତି ଅଭିଯୁକ୍ତ କ୍ଷେତ୍ରଶନପଡ଼ାର ରାଜୁ କୁମ୍ଭାର(୩୫)ଙ୍କୁ ଦଫା ୩୭୬(୩)ରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ହଜାର ଟଙ୍କା ଜରିମାନାଦେଶ କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦଫା ୩୬୩ରେ ୪ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା, ଅନାଦାୟ ଅଧିକ ୨ ମାସ କାରାଦଣ୍ଡ ଏବଂ ଦଫା ୩୬୬ରେ ୭ବର୍ଷ ସଶ୍ରମ କାରାଦଣ୍ଡ ସହିତ ୨୦ହଜାର ଟଙ୍କା ଜରିମାନା ଦେଶ ହୋଇଛି। ଏହାସହିତ ପୀଡ଼ିତଙ୍କୁ ଉପଯୁକ୍ତ ଅନୁଧ୍ୟାନ ପୂର୍ବକ କ୍ଷତିପୂରଣ ଦେବାକୁ ଜିଲା ଆଇନ୍ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କ୍ଷେତରାଜପୁର ଥାନା ଅଞ୍ଚଳର ୧୪ ବର୍ଷୀୟା ନାବାଳିକା ସହରର ଏକ ବାଳିକା ସ୍କୁଲରେ ପାଠ ପଢୁଥିଲେ। ସ୍କୁଲ୍ ଗଲା ସମୟରେ ଅଭିଯୁକ୍ତ ତାଙ୍କୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରୁଥିଲେ। ଏହା ଜାଣିବା ପରେ ତାଙ୍କ ପରିବାର ଲୋକେ ବରଗଡ଼ ଜିଲା ଗୋଡ଼ଭଗା ନିକଟ ଏକ ସ୍କୁଲରେ ତାଙ୍କ ନାମ ଲେଖାଇ ସମ୍ପର୍କୀୟଙ୍କ ଘରେ ଛାଡ଼ିଥିଲେ। ସେ ଛୁଟିରେ ଘରକୁ ଆସିଥିବାବେଳେ ୨୦୧୮ ଜୁଲାଇ ୨୧ରେ ନିକଟସ୍ଥ ଦୋକାନ ଯାଉଥିବା ବାଟରୁ ରାଜୁ ତାଙ୍କୁ ଅପହରଣ କରି ନେଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ତାଙ୍କ ମା' କ୍ଷେତରାଜପୁର ଥାନାରେ ଏତଲା ଦେଇଥିଲେ। ଏତଲା କ୍ରମେ ଦଫା ୩୬୩, ୩୬୬, ୩୭୬(୨)(ଏନ୍), ୩୭୬(୩) ୬ ପୋକ୍‌ସୋ ଆଇନ୍‌ରେ ମାମଲା ରୁଜୁ ହୋଇଥିଲା। ଅପରପକ୍ଷରେ ଅଭିଯୁକ୍ତ ପୀଡ଼ିତାଙ୍କୁ ପଶ୍ଚିମବଙ୍ଗ ଚକ୍ରଧରପୁର ଚାଲି ଯାଇଥିଲେ। ସେଠାରେ ଏକ ଘରେ ରଖି ଏକାଧିକ ଥର ବଳାତ୍କାର କରିଥିଲେ। କିଛିଦିନ ପରେ ରାଉରକେଲା ଆଣି ବଳାତ୍କାର କରିଥିଲେ। ପୀଡ଼ିତା କୌଶଳ କ୍ରମେ ଅଭିଯୁକ୍ତଙ୍କ କବଳରୁ ଖସି ଆସି ତାଙ୍କ ମା'ଙ୍କୁ ଖବର ଦେଇଥିଲେ। ଖବର ପାଇ ପରିବାର ଲୋକେ ପୋଲିସ ସହାୟତାରେ ପୀଡ଼ିତାଙ୍କୁ ରାଉରକେଲାରୁ ଉଦ୍ଧାର କରବା ସହ ରାଜୁଙ୍କୁ ଗିରଫ କରାଯାଇଥିଲା। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ବୟାନ ରେକର୍ଡ ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ୨୦୨୫ ଅଗଷ୍ଟ ୧୨ରେ ମାମଲାର ଫଇସଲା ହୋଇ ରାୟ ସଂରକ୍ଷିତ ରହିଥିଲା। ମଙ୍ଗଳବାର ରାୟ ପ୍ରକଶ ପାଇଛି। ଅଦାଲତରେ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।

## କାର୍‌ରେ ନାବାଳିକା ବଳାତ୍କାର ଘଟଣା: ଅଭିଯୁକ୍ତ ଗିରଫ

ଦାରିଙ୍ଗବାଡ଼ି, ୯।୯(ଅରୁଣ ସାହୁ)

ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଗତ ୫ ତାରିଖରେ ଗଣେଶ ଭସାଣି ଦେଖିବାକୁ ଆସିଥିବା ଜଣେ ନାବାଳିକା ବଳାତ୍କାରର ଶିକାର ହୋଇଥିଲେ। ଉକ୍ତ ମାମଲାରେ ପୋଲିସ ଦାରିଙ୍ଗବାଡ଼ିରୁ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ବୁର୍ଜୁବାଡ଼ି ଅଞ୍ଚଳର ପ୍ରଶାନ୍ତ ପ୍ରଧାନ(୨୭)। ଏନେଇ ବାଲିଗୁଡ଼ା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସ୍‌ଡିପିଓ କହିଛନ୍ତି, ନାବାଳିକା ଭସାଣି ଦେଖି ଭଉଣୀଙ୍କ ଘରକୁ ଫେରୁଥିଲେ। ଏହି ସମୟରେ ପ୍ରଶାନ୍ତ ତାଙ୍କୁ କାର୍ (ନଂ. ଓଡି-୦୭ ଏକ୍ସ ୦୫୯୩)ରେ ବସିବାକୁ କହିଥିଲେ। ନାବାଳିକା ଜଣକ ପୂର୍ବରୁ ପ୍ରଶାନ୍ତଙ୍କୁ ଜାଣିଥିବାରୁ ତାଙ୍କ କାର୍‌ରେ ବସିଥିଲେ। ପରେ ପ୍ରଶାନ୍ତ ନାବାଳିକାଙ୍କୁ ସହର ବାହାରକୁ ନେଇ ତାଙ୍କୁ କାର୍ ଭିତରେ ବଳାତ୍କାର କରିଥିଲେ। ଏପରି କି ଘଟଣା ସମ୍ପର୍କରେ କାହାରିକୁ କହିଲେ ହତ୍ୟା କରିବାକୁ ପ୍ରଶାନ୍ତ ଧମକ ଦେଇଥିଲେ। ମାତ୍ର ପରେ ନାବାଳିକା ତାଙ୍କ ପରିବାର ଲୋକଙ୍କୁ ସବୁକଥା ଜଣାଇଥିଲେ। ପରିବାର ଲୋକେ ଶନିବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ.୧୮୨/୨୫)ରୁଜୁ କରି ତଦନ୍ତ ଚଳାଇଥିଲା। ସେବେଠାରୁ ପ୍ରଶାନ୍ତ ଫେରାର ଥିଲେ। ପୋଲିସ ତାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା।

## ଲାଞ୍ଚ ନେଇ ଗ୍ରାମ୍ୟ କୃଷି କର୍ମଚାରୀ ଗିରଫ

ବଇଣ୍ଡା, ୯।୯ (ପରିକ୍ଷିତ ସାହୁ)

ଏକ ଏନ୍‌ଜିଓକୁ ୟୁଟିଲାଇଜେଶନ ସାର୍ଟିଫିକେଟ୍ (ୟୁସି) ପ୍ରଦାନ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଗୋଳ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଗ୍ରାମ୍ୟ କୃଷି କର୍ମଚାରୀ ବିଶ୍ୱନାଥ ଦାସ। କିଶୋରନଗର ବ୍ଲକ ରଣିଆକଟା, ଧଉରାପାଲି ପଞ୍ଚାୟତ ପାଇଁ ନିଯୁକ୍ତ ବିଶ୍ୱନାଥ ବ୍ଲକ କୃଷି କାର୍ଯ୍ୟାଳୟରେ ଏହି ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିବା ସହ ସମସ୍ତ ଟଙ୍କା ଜବତ କରିଥିଲା।

ସୂଚନା ଅନୁଯାୟୀ, ହଣ୍ଡପା ଥାନା ରଘୁନାଥପୁର ଗ୍ରାମର ରଞ୍ଜନ କୁମାର ପ୍ରଧାନ କିଶୋରନଗର ବ୍ଲକର ଏକ ଏନ୍‌ଜିଓରେ ସଂଯୋଜକ ଭାବେ କାମ କରୁଛନ୍ତି। ଉକ୍ତ ଏନ୍‌ଜିଓର ବିରି, ମୁଗ, ରାଶି ଏବଂ ଔଷଧ ବିତରଣ ପାଇଁ ୟୁସି ଆବଶ୍ୟକତା ଥିଲା। ଏହି ସାର୍ଟିଫିକେଟ ଦେବା ପାଇଁ ବିଶ୍ୱନାଥଙ୍କ ପାଖରେ ରଞ୍ଜନ ଆବେଦନ କରିଥିଲେ। ହେଲେ ବିଶ୍ୱନାଥ ଏଥିରେ ବିଳମ୍ବ କରିଥିଲେ। ଏ ନେଇ ରଞ୍ଜନ ବାରମ୍ବାର ବ୍ଲକ କୃଷି କାର୍ଯ୍ୟାଳୟକୁ ଦୌଡ଼ିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପରେ ଉକ୍ତ ସାର୍ଟିଫିକେଟ ପାଇଁ ବିଶ୍ୱନାଥ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିବା ନେଇ ଗତ ସୋମବାର ରଞ୍ଜନ ଅନୁଗୋଳ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ରଞ୍ଜନଙ୍କୁ କେମିକାଲ ବୋଳା ୨୦ ହଜାର ଟଙ୍କା ଦିଆଯାଇଥିଲା। ରଞ୍ଜନ ଉକ୍ତ ଟଙ୍କା ବ୍ଲକ କାର୍ଯ୍ୟାଳୟରେ ବିଶ୍ୱନାଥଙ୍କୁ ପ୍ରଦାନ କରିବା ବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା।

**BUSINESS**

## ଟିଭିଏସ୍ ଏନ୍‌ଟର୍କ ୧୫୦ ଉନ୍ମୋଚିତ




ଭୁବନେଶ୍ୱର, ୯।୯(ଅନୁରାଧା ମହାରଣା)

ଟିଭିଏସ୍ ମୋଟର କମ୍ପାନ (ଟିଭିଏସ୍‌ଏମ୍) ପକ୍ଷରୁ ଭାରତର ଦ୍ରୁତତମ ହାଇପର୍ ସ୍ପୋର୍ଟସ୍ ସ୍କୁଟର ଟିଭିଏସ୍ ଏନ୍‌ଟର୍କ ୧୫୦ ଉନ୍ମୋଚିତ ହୋଇଯାଇଛି। ୧୪୯.୭ ସିସିର ରେସ୍ ଆଧାରିତ ଇଞ୍ଜିନ ଦ୍ୱାରା ଚାଳିତ ଏବଂ ଷ୍ଟିଲ୍‌ଥ ଏୟାରକ୍ରାଫ୍ଟ ଡିଜାଇନରୁ ଅନୁପ୍ରାଣିତ। ଏହି ସ୍କୁଟରଟି ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଇଥିବାବେଳେ ଏହାର ସ୍ପୋର୍ଟି ଲୁକ୍ ନୂଆ ପିଢ଼ିକୁ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି। ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଉନ୍ମୋଚନ ଉତ୍ସବରେ ଟିଭିଏସ୍ ସ୍କୁଟରର ଏରିଆ ମ୍ୟାନେଜର ଦୀପକ କୁମାର ମହାପାତ୍ର ଏବଂ ଟିଭିଏସ୍ ଏନ୍‌ଟର୍କର ଗ୍ରୁପ୍ ବ୍ରାଣ୍ଡ ମ୍ୟାନେଜର ରାଜ ବିଶ୍ୱାସ ସ୍କୁଟରର ବୈଶିଷ୍ଟ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଏହାର ଏକ ବିଶେଷ ପ୍ରାରମ୍ଭିକ ମୂଲ୍ୟ ୧,୧୯,୦୦୦ ଟଙ୍କା (ଏକ୍ସ-ଶୋ'ରୁମ୍, ସାରା ଭାରତ) ରହିଛି। ଏହି ନୂତନ ସ୍କୁଟର ୪ଟି ରଙ୍ଗରେ ଉପଲବ୍ଧ ହେଉଥିବାବେଳେ ଏଥିରେ ମଲ୍ଟି ପଏଣ୍ଟ ପ୍ରୋଜେକ୍ଟର ହେଡ୍‌ଲ୍ୟାମ୍ପ, ଏୟାରୋଡାଇନାମିକ୍ ୱିଙ୍ଗ୍‌ଲେଟ୍, ରଙ୍ଗିନ ଆଲୟ ଚକ ଏବଂ ସିଗ୍ନେଚର ମଫଲର୍ ନୋଟ୍ ଏହାର ରେସିଂ ଡିଏନ୍‌ଏକୁ ଉଜ୍ଜ୍ୱଳ କରିଛି ଏବଂ ଆଲେକ୍ସା ଏବଂ ସ୍ମାର୍ଟୱାଚ୍ ସମନ୍ୱୟ, ଲାଇଭ୍ ଟ୍ରାକିଂ, ନେଭିଗେଶନ ଏବଂ ଓଟିଏ ଅପ୍‌ଡେଟ୍ ପରି ୫୦ରୁ ଅଧିକ ସ୍ମାର୍ଟ ବୈଶିଷ୍ଟ୍ୟ ସହ ଏକ ହାଇ-ରେସ୍ ଟିଏଫ୍‌ଟି କ୍ଲଷ୍ଟର ଏହାକୁ ଏହାର ଶ୍ରେଣୀର ସବୁଠାରୁ ଉନ୍ନତ ସ୍କୁଟର ଭାବରେ ଗଢ଼ିତୋଳିଛି। ଏହାର ଶୁଭାରମ୍ଭ ଅବସରରେ ଟିଭିଏସ୍ ମୋଟର କମ୍ପାନୀର ବରିଷ୍ଠ ଉପସଭାପତି ଅନିରୁଦ୍ଧ ହାଲ୍‌ଦାର କହିଛନ୍ତି, ୨ ନିୟୁତରୁ ଅଧିକ ଏନ୍‌ଟର୍କ ଗ୍ରାହକ ଏବଂ ୫୦ରୁ ଅଧିକ ସ୍ୱପରିଚାଳିତ ରାଇଡ୍ ଗ୍ରୁପ୍ ଏବଂ ସମ୍ପ୍ରଦାୟ ସହ ଭାରତର ସବୁଠାରୁ ପ୍ରିୟ। ଟିଭିଏସ୍ ଏନ୍‌ଟର୍କ ଆକର୍ଷଣୀୟ ଡିଜାଇନ, ଉତ୍କୃଷ୍ଟ ପ୍ରଦର୍ଶନ ଏବଂ ନୂତନ ଯୁଗର ପ୍ରଯୁକ୍ତିକୁ ସମର୍ଥନ କରୁଛି। ଟିଭିଏସ୍ ଏନ୍‌ଟର୍କ ୧୫୦ ଏକ ୧୪୯.୭ ସିସି, ଏୟାରକୁଲ୍‌ଡ, ୩ଭାଲ୍‌ଭ ଓ୩ସି ଟେକ୍ ଇଞ୍ଜିନ ଦ୍ୱାରା ଚାଳିତ ଯାହା ୭୦୦୦ ଆର୍‌ପିଏମ୍‌ରେ ୧୩.୨ ପିଏସ୍ ଏବଂ ୫,୫୦୦ ଆର୍‌ପିଏମ୍‌ରେ ୧୪.୨ ଏନ୍‌ଏମ୍ ଟର୍କ ପ୍ରଦାନ କରୁଛି। ମାତ୍ର ୬.୩ ସେକେଣ୍ଡରେ ୦-୬୦ କେଏମ୍/ଏଚ୍‌ରେ ତ୍ୱରାନ୍ୱିତ ହୋଇ ଏବଂ ୧୦୪ କେଏମ୍/ଏଚ୍‌ର ଏକ ଶୀର୍ଷ ଗତିକୁ ବଢ଼ାଉଛି ଏବଂ ଏହା ଉକ୍ତ ଶ୍ରେଣୀର ସବୁଠାରୁ ଦ୍ରୁତତମ ସ୍କୁଟର ଭାବରେ ଉଭାହୋଇଛି।

## ୧ ଲକ୍ଷ ଟପିଲା ୨୨ କ୍ୟାରେଟ୍ ସୁନା

ଭୁବନେଶ୍ୱର, ୯।୯(ଅନୁରାଧା ମହାରଣା)

ଦିନକୁ ଦିନ ସୁନା ଦର ବଢ଼ିବାରେ ଲାଗିଛି। ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୯ ମଧ୍ୟରେ ସୁନା ଦାମ ୭ ଥର ବୃଦ୍ଧି ପାଇଥିବା ବେଳେ ଥରେ ହ୍ରାସ ଓ ୨ ଥର ସ୍ଥିର ରହିଛି। ପୂର୍ବରୁ ୨୪ କ୍ୟାରେଟ ସୁନା ଦର ୧ ଲକ୍ଷ ଟଙ୍କା ଅତିକ୍ରମ କରିଥିବା ବେଳେ ମଙ୍ଗଳବାର ୨୨ କ୍ୟାରେଟ ସୁନା ମଧ୍ୟ ୧ ଲକ୍ଷ ଟଙ୍କା ଅତିକ୍ରମ କରିଛି। ୨୨ କ୍ୟାରେଟ୍‌ର ୧୦ ଗ୍ରାମ ସୁନା ଦାମ ୧,୦୧,୧୦୦ ଟଙ୍କା ହୋଇଛି। ଏହା ମଙ୍ଗଳବାର ୯୯,୮୫୦ ଟଙ୍କା ଥିଲା।



ଏଥିରେ ୧,୨୫୦ ଟଙ୍କା ବୃଦ୍ଧି ହୋଇଛି। ସେହିପରି ୨୪ କ୍ୟାରେଟ୍‌ର ୧୦ ଗ୍ରାମ ସୁନା ଦର ୧,୧୦,୨୯୦ ଟଙ୍କାରେ ପହଞ୍ଚିଛି। ଦିନକ ପୂର୍ବରୁ ଏହା ୧,୦୮,୯୩୦ ଟଙ୍କା ଥିଲା। ଅର୍ଥାତ୍ ଏଥିରେ ୧,୩୬୦ ଟଙ୍କା ବୃଦ୍ଧି ହୋଇଛି। ଅନ୍ୟପଟେ ୧୮ କ୍ୟାରେଟ୍ ୧୦ ଗ୍ରାମ ସୁନା ଦାମ ୮୨,୭୨୦ ଟଙ୍କା ରହିଛି। ମଙ୍ଗଳବାର ୮୧,୭୦୦ ଟଙ୍କା ଥିଲା। ଏଥିରେ ୧,୦୨୦ ଟଙ୍କା ବୃଦ୍ଧି ହୋଇଛି। ୧୦୦ ଗ୍ରାମ ରୁପା ଦାମ ୧୪,୦୦୦ ଟଙ୍କା ରହିଛି।




ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ୧୪ତମ କଟନ ଫ୍ୟାବ୍‌ର ଦ୍ୱିତୀୟ ସପ୍ତାହରେ ଘୋଷିତ ୩ ଲକି ବିଜେତାଙ୍କ ମଧ୍ୟରୁ ପ୍ରଥମ ବିଜେତା ସବ୍ୟସାଚୀଙ୍କୁ କଟନ ଫ୍ୟାବ୍‌ର ମ୍ୟାନେଜର ସାବନ କୁମାର ପୁରସ୍କୃତ କରୁଛନ୍ତି।

## ୟୁବିଆଇ ପକ୍ଷରୁ ୫୨.୫୦ଲକ୍ଷର ମୃତ୍ୟୁଜନିତ ଦାବି ସମାଧାନ

ଭୁବନେଶ୍ୱର, ୯।୯

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ମହାପ୍ରବନ୍ଧକ ତଥା ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ଏଚ୍.କେ. ଦାସଙ୍କ ମାର୍ଗଦର୍ଶନରେ ଏକ ଚେକ୍ ପ୍ରଦାନ ସମାରୋହ ଆୟୋଜନ କରାଯାଇ ଓଏସ୍‌ଏପି ୬ ବାଟାଲିୟନ୍ କ୍ୟାମ୍ପସ୍‌ଠାରେ ମୃତ୍ୟୁଜନିତ ଦାବି ସମାଧାନ କରାଯାଇଛି। ଏହି ସମାଧାନ ଅନ୍ତର୍ଗତ ସରକାରୀ କର୍ମଚାରୀଙ୍କ ପାଇଁ ୟୁନିୟନ ସୁପର ସାଲାରି ଆକାଉଣ୍ଟ ଅଧୀନରେ ୪୦ ଲକ୍ଷ ଏବଂ ବ୍ୟକ୍ତିଗତ ଋଣ ପାଇଁ ୧୨.୫୦ ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ ହୋଇଥିଲା। ଏହିପରି ମୋଟ ୫୨.୫୦ଲକ୍ଷ ଟଙ୍କାର ଦାବି ସମାଧାନ କରାଯାଇଥିଲା। ମୃତ କର୍ମଚାରୀ ବୁଦ୍ଧରାମ ହେମ୍ବ୍ରମ୍‌ଙ୍କ ସ୍ତ୍ରୀ ମାଳତୀ ହେମ୍ବ୍ରମ୍‌ଙ୍କୁ ଏହି ଚେକ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଦାସ ସରକାରୀ କର୍ମଚାରୀମାନଙ୍କ ପାଇଁ ଉପଲବ୍ଧ ଖୁଚୁରା ଋଣ ଉତ୍ପାଦ ଉପରେ ଆଲୋକପାତ କରିଥିଲେ। ଓଏସ୍‌ଏପିର କମାଣ୍ଡାଟ୍ ଏସ୍.ଏନ୍. ମଲ୍ଲିକ ଉତ୍କୃଷ୍ଟ ତଥା ତୁରନ୍ତ ବ୍ୟାଙ୍କିଙ୍ଗ୍ ସେବା ପାଇଁ ପ୍ରଶଂସା କରିଥିଲେ। ଏଥିରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏମ୍. ସାଇଙ୍କ ସମେତ ଓଏସ୍‌ଏପିର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ଏବଂ ୟୁନିୟନ ବ୍ୟାଙ୍କର ସେବା ପାଇଁ ସନ୍ତୁଷ୍ଟି ପ୍ରକାଶ କରିଥିଲେ। ୟୁବିଆଇ କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡ଼ଙ୍ଗୀ, ଲିପ୍ ମୁଖ୍ୟ ମୃତ୍ୟୁଞ୍ଜୟ କୁମାର ଏବଂ ଚାଉଳିଆଗଞ୍ଜ ଶାଖାର ଶାଖା ପ୍ରବନ୍ଧକ ନବନୀତା ସେନ୍‌ଙ୍କ ପ୍ରୟାସକୁ ପ୍ରଶଂସା କରାଯାଇଥିଲା।




ବୁଦ୍ଧରାମ ହେମ୍ବ୍ରମ୍‌ଙ୍କ ସ୍ତ୍ରୀ ମାଳତୀ ହେମ୍ବ୍ରମ୍‌ଙ୍କୁ ୪୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଉଛି।

## ଦୁବାଇରେ ୟୁପିଆଇ-ୟୁପିୟୁର ଶୁଭାରମ୍ଭ

ଭୁବନେଶ୍ୱର, ୯।୯

କେନ୍ଦ୍ରୀୟ ଯୋଗାଯୋଗ ଓ ଉତ୍ତର-ପୂର୍ବ କ୍ଷେତ୍ରର ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍. ସିନ୍ଧିଆ ଦୁବାଇରେ ଆୟୋଜିତ ୨୮ତମ ୟୁନିଭର୍ସାଲ ପୋଷ୍ଟାଲ କଂଗ୍ରେସରେ ୟୁପିଆଇ-ୟୁପିୟୁ ସମନ୍ୱୟ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଡାକ ବିଭାଗ, ଏନ୍‌ପିସିଆଇ ଇଣ୍ଟରନ୍ୟାଶନାଲ ପେମେଣ୍ଟସ୍ ଲିମିଟେଡ୍ (ଏନ୍‌ଆଇପିଏଲ୍) ଏବଂ ୟୁନିଭର୍ସାଲ ପୋଷ୍ଟାଲ ୟୁନିୟନ (ୟୁପିୟୁ) ଦ୍ୱାରା ବିକଶିତ ଏହି ପଦକ୍ଷେପ, ଭାରତର ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ)କୁ ୟୁପିୟୁ ଇଣ୍ଟରକନେକ୍ସନ୍ ପ୍ଲାଟ୍‌ଫର୍ମ (ଆଇପି) ସହ ସଂଯୁକ୍ତ କରିବ। ଏହାଦ୍ୱାରା ପୋଷ୍ଟାଲ ନେଟ୍‌ୱାର୍କରେ ୟୁପିଆଇର ବ୍ୟବହାର ଦ୍ରୁତ ଓ ସୁଲଭ ହେବ। ଏହି ଅବସରରେ ସିନ୍ଧିଆ କହିଛନ୍ତି, ଆଧାର, ଜନଧନ ଏବଂ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ ସହ ଆମେ ୫୬୦ ନିୟୁତରୁ ଅଧିକ ଆକାଉଣ୍ଟ ଖୋଲିଛୁ, ଯାହା ମଧ୍ୟରୁ ଅଧିକାଂଶ ମହିଳାଙ୍କ ନାମରେ ରହିଛି। ଭାରତୀୟ ଡାକ ଗତ ବର୍ଷ ୯୦୦ ନିୟୁତରୁ ଅଧିକ ଚିଠି ଏବଂ ପାର୍ସଲ ପ୍ରଦାନ କରିଛି। ସିନ୍ଧିଆ ଇ-କମର୍ସ ଏବଂ ଡିଜିଟାଲ ପେମେଣ୍ଟ ଧ୍ୟାନ ଦେଇ ପ୍ରଯୁକ୍ତିବିଦ୍ୟାକୁ ନବସୃଜନରେ ପରିଣତ କରିବା ପାଇଁ ୧୦ ନିୟୁତ ଡଲାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ୟୁପିୟୁର ପ୍ରଶାସନ ପରିଷଦ ଏବଂ ପୋଷ୍ଟାଲ ଅପରେଶନ୍ସ ପରିଷଦ ପାଇଁ ଭାରତର ପ୍ରାର୍ଥିତ୍ୱ ଘୋଷଣା କରିଥିଲେ। ଏହା ଲକ୍ଷ ଲକ୍ଷ ଲୋକଙ୍କ ମଧ୍ୟରେ ସୀମାପାର ଦେଣନେଣ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ରାଇସ୍ ବ୍ରାନ୍ ଅଏଲ: ଫ୍ରିଡମ୍

ଭୁବନେଶ୍ୱର, ୯।୯

ଦିନକୁ ଦିନ ସ୍ୱାସ୍ଥ୍ୟଗତ ସମସ୍ୟା ବଢୁଥିବାବେଳେ ଉପଯୁକ୍ତ ଜୀବନଶୈଳୀ ଓ ଖାଦ୍ୟରେ ବ୍ୟବହାର ହେଉଥିବା ଉପାଦାନର ଗୁଣବତ୍ତା ଯାଞ୍ଚ ଜରୁରୀ ହୋଇପଡ଼ିଛି। ଏହା ମଧ୍ୟରେ ଫ୍ରିଡମ୍ ରାଇସ୍ ବ୍ରାନ୍ ଅଏଲ ସ୍ୱାସ୍ଥ୍ୟ ପ୍ରତି ଲାଭଦାୟକ ହୋଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। କମ୍ପାନୀ ପକ୍ଷରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଯାଇଛି, ଫ୍ରିଡମ୍ ରାଇସ୍ ବ୍ରାନ୍ ଅଏଲ ଚାଉଳର ଉପର ବାଦାମୀ ଆସ୍ତରଣରୁ ପ୍ରସ୍ତୁତ କରାଯାଉଛି। ତେଣୁ ଏଥିରେ ପୋଷକତତ୍ତ୍ୱ ଭରିରହିଛି। ଏଥିରେ ଉତ୍ତମ ଫ୍ୟାଟ୍, ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ଭରି ରହିଥିବା କମ୍ପାନୀ ଦାବି କରିଛି। ଏହା ଖାଦ୍ୟକୁ ସୁସ୍ୱାଦୁ କରିବା ସହ ମନ ପ୍ରଫୁଲ୍ଲ ରଖିଥାଏ। କମ୍ପାନୀ ଆହୁରି ମଧ୍ୟ କହିଛି, ଏକ୍ସପର୍ଟମାନେ ଏଥିରେ କୋଲେଷ୍ଟରଲ୍ ଲେଭଲ ଠିକ୍ ମାତ୍ରାରୁ ଅନୁଧ୍ୟାନ କରିଛନ୍ତି। ଏଥିରେ ମନୋଅନ୍‌ସାଚୁରେଟେଡ୍ ଓ ପଲିଅନ୍‌ସାଚୁରେଟେଡ୍ ଫ୍ୟାଟ୍ ଠିକ୍ ଅନୁପାତ ରହିଥିବାରୁ ଏହା ଏଲ୍‌ଡିଏଲ୍ ହ୍ରାସ ଏବଂ ଏଚ୍‌ଡିଏଲ୍ ବୃଦ୍ଧିରେ ସହାୟକ ହୁଏ। ଏଆଇଜି ହସ୍ପିଟାଲର ଚେୟାରମ୍ୟାନ ଡା. ଡି. ନାଗେଶ୍ୱର ରେଡ୍ଡିଙ୍କ ଦ୍ୱାରା ନିକଟରେ ପ୍ରକାଶିତ ଏକ ରିପୋର୍ଟରେ ରାଇସ୍ ବ୍ରାନ୍ ଅଏଲ ଏବଂ ଅଲିଭ ଅଏଲ୍ ମଧ୍ୟରେ ଥିବା ପାର୍ଥକ୍ୟ ସମ୍ପର୍କରେ ବ୍ୟାଖ୍ୟା କରାଯାଇଛି। ରାଇସ୍ ବ୍ରାନ୍ ଅଏଲରେ ଯଥେଷ୍ଟ ପରିମାଣର ଗାମା ଅରାଇଜନାଲ ଥିବାରୁ ଏହା କୋଲେଷ୍ଟରଲ ଓ ଟ୍ରାଇଗ୍ଲିସେରାଇଡ୍ ହ୍ରାସ କରୁଥିବା ଉଲ୍ଲେଖ କରିଛନ୍ତି। ଫ୍ରିଡମ୍ ରାଇସ୍ ବ୍ରାନ୍ ଅଏଲର ବରିଷ୍ଠ ଉପସଭାପତି ପି .ଚନ୍ଦ୍ରଶେଖର ରେଡ୍ଡି କହିଛନ୍ତି, ଗ୍ରାହକଙ୍କ ହିତକୁ ଦୃଷ୍ଟିରେ ରଖି ଏହି ତେଲ ପ୍ରସ୍ତୁତ କରାଯାଉଛି। ଏହା ଶରୀରକୁ ପୋଷକ ତତ୍ତ୍ୱ ଯୋଗାଇବା ସହ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦୂର କରୁଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟ୍ୟୁନିସିଆକୁ ଫିଫା ବିଶ୍ୱକପ୍ ଯୋଗ୍ୟତା


ମ୍ୟାଚ ଜିତିବା ପରେ ଉଲ୍ଲସିତ ଟ୍ୟୁନିସିଆ ଖେଳାଳିମାନେ।

**ଟ୍ୟୁନିସ୍ (ଟ୍ୟୁନିସିଆ), ୯।୯(ଏପି)** ଟ୍ୟୁନିସିଆ ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିଛି। ସୋମବାର ଅନୁଷ୍ଠିତ ଏକ ଯୋଗ୍ୟତାପର୍ଯ୍ୟାୟ ମ୍ୟାଚ୍‌ରେ ଦଳ ଇକ୍ୱେଟୋରିଆଲ ଗିନିକୁ ୧-୦ ଗୋଲ୍‌ରେ ପରାସ୍ତ କରିଛି। ଖେଳର ୪ର୍ଥ ମିନିଟ୍‌ରେ ଟ୍ୟୁନିସିଆ ତରଫରୁ ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ ମହମ୍ମଦ ଅଲି ବେନ୍ ରମଧାନେ। ଏହି ଦଳ ଆଉ ଦୁଇଟି ଗେମ୍ ବାକିଥାଇ ଆସନ୍ତାବର୍ଷ ନର୍ଥ ଆମେରିକାରେ ହେବାକୁଥିବା ଏହି ଟୁର୍ନାମେଣ୍ଟ ଲାଗି ଯୋଗ୍ୟତା ହାସଲ ପାଇଁ ଏକମାତ୍ର ବିଜୟ ଆବଶ୍ୟକ କରୁଥିଲା। ଯୋଗ୍ୟତା ପର୍ଯ୍ୟାୟରେ ଟ୍ୟୁନିସିଆ ୮ଟି ଗେମ୍‌ରୁ ୨୨ ପଏଣ୍ଟ ଅର୍ଜନକରି ଗ୍ରୁପ୍ 'ଏଚ୍' ଟେବୁଲ ଶୀର୍ଷରେ ଦ୍ୱିତୀୟ ସ୍ଥାନରେ ଥିବା ନାମ୍ବିଆଠାରୁ ୧୦ ପଏଣ୍ଟ ଆଗୁଆ ରହିଛି। ନାମ୍ବିଆ ହାତରେ ଆଉ ଗୋଟିଏ ମ୍ୟାଚ୍ ବାକି ରହିଛି। ଯୋଗ୍ୟତା ପର୍ଯ୍ୟୟରେ ଟ୍ୟୁନିସିଆ ଗୋଟିଏହେଲେ ଗୋଲ୍ ବରଣ କରିନାହିଁ। ଟ୍ୟୁନିସିଆ କ୍ରମାଗତ ତୃତୀୟ ଏବଂ ମୋଟ ଉପରେ ୭ମ ଥର ପାଇଁ ଯୋଗ୍ୟତା ଅର୍ଜନ କରିଛି। ପୂର୍ବରୁ ୨୦୧୮ ଓ ୨୦୨୨ରେ ଦଳ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଆଫ୍ରିକା ମହାଦେଶରୁ ପୂର୍ବରୁ ଅନ୍ୟତମ ଦଳ ମରକ୍କୋ ଇତିମଧ୍ୟରେ ଯୋଗ୍ୟତା ହାସଲ କରିସାରିଛି। ଏସିଆରୁ ଜାପାନ, ଇରାନ, ଜୋର୍ଡାନ, ଦକ୍ଷିଣ କୋରିଆ, ଉଜ୍‌ବେକିସ୍ତାନ ଓ ଅଷ୍ଟ୍ରେଲିଆ ଯୋଗ୍ୟତା ହାସଲ କରିସାରିଛନ୍ତି। ସେହିପରି ଓସେନିଆରୁ ନ୍ୟୁଜିଲାଣ୍ଡ ଯୋଗ୍ୟତା ଅର୍ଜନ କରିସାରିଥିବା ବେଳେ ଦକ୍ଷିଣ ଆମେରିକାରୁ ଆର୍ଜେଣ୍ଟିନା, ବ୍ରାଜିଲ ଓ ଇକ୍ୱେଡର ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ବିଶ୍ୱକପ୍‌ର ଆୟୋଜକ ଦେଶ ଭାବେ ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା ଓ ମେକ୍ସିକୋ ଆପେ ଯୋଗ୍ୟତା ହାସଲ କରିଛନ୍ତି।

# ସାତ୍ତ୍ୱିକ-ଚିରାଗ, କିରଣ ଜର୍ଜ ବିଜୟୀ

**ହଂକଂ, ୯।୯ (ପି.ଟି.)** ଭାରତର ଶ୍ରେଷ୍ଠ ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ବିଜୟ ସହ ହଂକଂ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ସେମାନଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ କିରଣ ଜର୍ଜ କ୍ୱାଲିଫାଇଂରେ ଲଢୁଆ ପ୍ରଦର୍ଶନ କରି ପୁରୁଷ ସିଙ୍ଗଲ୍ସ ପ୍ରତିଯୋଗିତାର ମୁଖ୍ୟ ଡ୍ର'ରେ ସ୍ଥାନ ପାଇପାରିଛନ୍ତି। ନିକଟରେ ପ୍ୟାରିସଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ଜିତିଥିବା ସାତ୍ତ୍ୱିକ ଓ ଚିରାଗ ସେମାନଙ୍କ ଓପନିଂ ରାଉଣ୍ଡରେ ତାଇୱାନର ଚିଉ ହିଆଙ୍ଗ ଚିଏ ଓ ୱାଙ୍ଗ୍ ଚି-ଲିନ୍‌ଙ୍କୁ ୨୧-୧୩, ୧୮-୨୧, ୨୧-୧୦ରେ ହରାଇ ଦେଇଛନ୍ତି। ପୂର୍ବତନ ବିଶ୍ୱର ନମ୍ବର-୧ ଯୋଡ଼ି ତଥା ୮ମ ସିଡ୍ ଦ୍ୱିତୀୟ ରାଉଣ୍ଡରେ ଜାପାନର କେନ୍ୟା ମିତ୍‌ସୁହାସି/ହିରୋକି ଓକାମୁରା ଓ ଥାଇଲାଣ୍ଡର ପିରାଚାଇ ସୁକପାହୁନ/ ପାକାପନ ତିରାରାତ୍‌ସାକୁଲ ଯୋଡ଼ିଙ୍କ ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚର ବିଜେତାଙ୍କୁ ଭେଟିବେ। ଅନ୍ୟପକ୍ଷରେ କିରଣ କ୍ୱାଲିଫାଇଙ୍ଗରେ ପଛକୁ ପଛ ବିଜୟ ସହ ମୁଖ୍ୟ ଡ୍ର'ରେ ତାଙ୍କ ସ୍ଥାନ ପକ୍କା କରିଛନ୍ତି। ସେ ପ୍ରଥମେ ମାଲେସିଆର ଚିମ୍ ଜୁନ୍ ୱିଁଙ୍କୁ ଏବଂ ପରେ ନିଜ ଦେଶର ଏସ୍. ଶଙ୍କର ମୁଥୁସାମୀ ସୁବ୍ରମଣ୍ୟନଙ୍କୁ ପରାସ୍ତ କରିଥିଲେ।

# ଭାରତ ଆଜି କୋରିଆକୁ ଭେଟିବ

**ହାଙ୍ଗ୍‌ଝୋ (ଚାଇନା), ୯।୯ (ପି.ଟି.)** ଭାରତ ଏଠାରେ ଚାଲିଥିବା ଏସିଆ କପ୍ ମହିଳା ହକି ଟୁର୍ନାମେଣ୍ଟର ସୁପର-୪ ପର୍ଯ୍ୟାୟରେ ଏହାର ପ୍ରଥମ ମ୍ୟାଚ ଦକ୍ଷିଣ କୋରିଆ ବିପକ୍ଷରେ ଖେଳିବ। ଏହି ମ୍ୟାଚ ଜିତି ଦଳ ଟୁର୍ନାମେଣ୍ଟରେ ଏହାର ଅପରାଜେୟ ଧାରା ବଜାୟ ରଖିବାକୁ ଚେଷ୍ଟା କରିବ। ଭାରତ ପୁଲ୍ 'ବି'ରେ ଥାଇଲାଣ୍ଡକୁ ୧୧-୦ ରେ ପରାସ୍ତ କରିଥିବା ବେଳେ ଦକ୍ଷିଣ କୋରିଆ ବିପକ୍ଷ ମ୍ୟାଚ ୨-୨ରେ ଡ୍ର ରଖିଥିଲା। ପରେ ସିଙ୍ଗାପୁର ବିପକ୍ଷ ଅନ୍ତିମ ଲିଗ୍ ମ୍ୟାଚକୁ ଭାରତ ୧୨-୦ ଗୋଲରେ ଜିତି ନେଇଥିଲା। ପୁଲ୍ 'ବି'ରେ ଜାପାନ ସମାନ ପଏଣ୍ଟ ହାସଲ କରିଥିଲେ ମଧ୍ୟ ଗୋଲ ବ୍ୟବଧାନ ଭିତ୍ତିରେ ଭାରତ ଶୀର୍ଷରେ ରହିଥିଲା। ଭାରତ ଏଠାରେ ଟାଇଟଲ ବିଜୟୀ ହୋଇ ବେଲଜିୟମ ଓ ନେଦରଲାଣ୍ଡରେ ଆୟୋଜନ ହେବାକୁଥିବା ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିବା ଲକ୍ଷ୍ୟରେ ରହିଛି।

# ଲଦାଖ ମାରାଥନ୍

**ଲେହ (ଲଦାଖ), ୯।୯(ପି.ଟି.):** ଲଦାଖ ମାରାଥନ୍‌ରେ ଭାରତ ସମେତ ମୋଟ୍ ୩୧ଟି ଦେଶରୁ ୬,୬୦୦ ଧାବକ ଅଂଶଗ୍ରହଣ କରିବେ। ଆସୋସିଏଶନ ଅଫ୍ ଇଣ୍ଟରନ୍ୟାଶନାଲ ମାରାଥନ୍ସ ଆଣ୍ଡ ଡିଷ୍ଟାନ୍ସ ରେସ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଇଭେଣ୍ଟ ସେପ୍ଟେମ୍ବର ୧୧ରୁ ୧୪ ପର୍ଯ୍ୟନ୍ତ ହେବ।


ବିଶେଷଜ୍ଞ
ଅର୍ଶ
ଭଗନ୍ଦର
ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

VIKRAMA SIMHAPURI UNIVERSITY, Andra Pradesh
YOGI VEMANA UNIVERSITY, Andra Pradesh
Equivalent to Utkal & FM University
B.Ed. Regular (2025-27)
₹80,000/-
Total Course Fee
Counselling Centre - Odisha
Khan Nagar, Badambadi, Cuttack-12
7749063161
9439857522



## ମନେ ପଡ଼ନ୍ତି

**୧୧ଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ଽବାଞ୍ଛାନିଧି ପଣ୍ଡା**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଡାଲଙ୍ଗ, ତୁଡ଼ିଗଡ଼ିଆ, ବାଲେଶ୍ୱର
ବାପା! ଚାହୁଁ ଚାହୁଁ ୧୧ବର୍ଷ ବିତିଗଲା। ଏଇ ୧୧ବର୍ଷରେ ଆପଣଙ୍କ ଅନୁପସ୍ଥିତି ଆମକୁ କେତେ ଯେ କଷ୍ଟ ଦେଇଛି ତାହା ସେଇ ଈଶ୍ୱର ଜାଣନ୍ତି। ଯେଉଁଠିବି ଅଛନ୍ତି ଖୁସିରେ ଥାଆନ୍ତୁ। ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି: ଆପଣଙ୍କର ଆଦରଣୀୟ- ରୁକ୍ମିଣୀ, ଝିଅ- ଜ୍ୱାଇଁ ଓ ନାତି- ନାତୁଣୀମାନେ।
ଧ-1930

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଽଉଷାରାଣୀ ଶତପଥୀ**
ସୋମନାଥନଗର ଦ୍ୱିତୀୟଲେନ, ବ୍ରହ୍ମପୁର
ଆବିର୍ଭାବ: ୧୫।୦୮।୧୯୫୮
ତିରୋଧାନ: ୩୦।୦୮।୨୦୨୫
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା।
ଶୋକସନ୍ତପ୍ତ- ପରିବାରବର୍ଗ, ସ୍ୱାମୀ- ସୁରେଶଚନ୍ଦ୍ର ଶତପଥୀ, ବଡ଼ପୁଅ- ସୁରଜିତ, ସାନପୁଅ- ସତ୍ୟଜିତ, ମନସ୍ୱିନୀ, ପ୍ଲାବରୀ, ଶପ୍ତଶ୍ରୀ, ଶ୍ରୀଜିତ, ଶ୍ରୀୟାଶ୍ରୀ, ଜ୍ଞାନନ୍ଦ୍ରେ, ଶୁଭଶ୍ରୀ, ସ୍ମୃତି, ସୌମ୍ୟକା
Ph- 8806550066
ଧ-1929

**ଷଷ୍ଠ ପୁଣ୍ୟତିଥି ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଽଶୁଭଙ୍କର ମଲ୍ଲିକ୍ (ବଣ୍ଟି)**
ବାଣିଡିଆ, ଭଦ୍ରକ
ଆବିର୍ଭାବ:୨୪।୦୩।୨୦୦୪
ତିରୋଧାନ:୧୦।୦୯।୨୦୧୯
ବଣ୍ଟିରେ....!
ଚାହୁଁ ଚାହୁଁ ବିତିଗଲା ଛଅବର୍ଷ, ତୁ ଯିବା ପରଠାରୁ ଆଖିରୁ ଆମ ଶୁଖୁନି ଲୁହର ଧାରା। ଇଏ କେବଳ ଏକ ଔପଚାରିକ ମାତ୍ର। ତୋ ଦାୟିତ୍ୱ ଦେଇଛୁ ଈଶ୍ୱରଙ୍କୁ ସେ ତୋତେ ଭଲରେ ରଖିଥାନ୍ତୁ। ଆଜି ତୋର ଷଷ୍ଠ ପୁଣ୍ୟତିଥିରେ ଏତିକି ଗୁହାରି ତାଙ୍କ ପାଦତଳେ।
ଶୋକସନ୍ତପ୍ତ: ତୋର ହତଭାଗ୍ୟ- ବାବା, ମାମା, ଭଉଣୀ ଶୀତୁ, ବନ୍ଧୁ ବାନ୍ଧବ ଓ ପରିବାରବର୍ଗ।
ଧ-1928



# Classified Everyday

0674-2580101, 9692975378



## MATRIMONIAL

### BRIDE WANTED

Wanted a beautiful, well Educated Tall Girl within the age group of 26 to 30 years for a B.TECH+ MBA qualified boy (MBA from KIIT School of Management, Bhubaneswar), working as a Manager, Talent Acquisition in a Bangalore based IT-AI Company. Presently working from home (Dhenkanal). Bride from Karana, Kshatriya or Khandayat Family is preferred, Contact- Father (Call- 9937717477, Whatsapp- 9438772415). D-1895

**Wanted bride from Odia Brahmin Family for son 29 years, 5'11", 25/11 working as Manager in RBI. Kindly contact- 8200357446.** D-1849

### GROOM WANTED

Wanted suitable service groom for beautiful Kshyatrya Girl 1995, 5'4", MSC (Geology) "SUNASANSAR". 9937512659. D-1886

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**



## REAL ESTATE SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **9692276835, 7077632085.** D-1698

**Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338.** D-1803

ସିନ୍ଧିଆ High School ନିକଟ ଆଙ୍ଗୁଳାରେ Farmhouse, Cultivation, Business ପାଇଁ ଉପଯୁକ୍ତ land ସୁଲଭ ମୂଲ୍ୟରେ ଉପଲବ୍ଧ, ଯାହା ବାଲେଶ୍ୱର Railway Station ଠାରୁ 10 K.M. Direct owner. Contact- 7978551614, 9439049194. D-1873

**2047sqft. commercial (NH-57) boundarywall land sale at Pitapalli, Bhubaneswar- 7008634668.** D-1877

ଉତ୍ତରା ନିକଟ ଗୁଡ଼ିଆପୋଖରୀ ଛକ ଠାରୁ 1.5KM ଓ 2.5.KM ଦୂରତାରେ 1750sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। 1460/- ଓ 1660/-. 7978551614. D-1872

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, **2BHK/3BHK Flat/ Duplex** ଅଛି। **8327785834.** D-1781

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପୁରୀ ଶ୍ରୀମନ୍ଦିରଠାରୁ ମାତ୍ର ୫କିଲୋମିଟର ଦୂର ମଙ୍ଗରାଜପୁର ଛକ ନିକଟରେ 200ଫୁଟ ରାସ୍ତା ପାଖରେ ଅତିଶୀଘ୍ର ଘର କରିବାଯୋଗ୍ୟ ପ୍ଲଟ୍ ବର୍ଗ ଫୁଟକୁ **2700** ଟଙ୍କା। **Genuine Buyer please Call- 9438109040/ 8144658008.** D-1921

ଭୁବନେଶ୍ୱର ନଖରାଛକରୁ 9 K.M. ଦୂରରେ ଘରବାରି ପ୍ଲଟ 8,40,000/- ରେ ମିଳୁଛି। 8093465134. D-1923



The massage felt totally professional! & comfortable at all times- 7978109255. D-76492

## AFFIDAVIT

By virtue of an affidavit before Notary Public, Kantabanji bearing No.- 791 on 16.08.2025 that in my Aadhaar Card and other documents my name spells as "Ambika Bariha" W/o- Gurudeb Bariha of Village – Saraspara P.O.- Patrapali P.S.- Bangomunda Dist.- Balangir, Odisha but in my S.B. Account of Bank of Baroda, Kantabanji my name is wrongly entered as Ambika Padhan whereas Ambika Bariha and Ambika Padhan W/o Gurudeb Bariha is same and one person. D-1926

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate/Notary Public , Muniguda, Dated - 08/09/2025, Bisikeshan Kumuruka, Village- Koramohan, P.O.- Kumudabali, P.S.-Ambadola, Dist.- Rayagada, Odisha my son old name Premananda Kumuruka declare that I have changed the new name of to Paramananda Kumuruka. Henceforth, he/she shall be known as newname Paramananda Kumuruka for all purposes. D-1925

Before the Court of Notary Public, Jajpur Road, I Minakshi Malik, aged about 35 year W/o Manoj Jena of Village -Mundamal, P.O./P.S.- Jajpur Road, Dist. - Jajpur, Odisha, PIN -755019. My Adhaar No.- xxxx xxxx 3578, My daughter namely Manisha Jena. Hereby declare that Minakshi Jena and Minakshi Malik both the name are one and same person. D-1924

By virtue of an affidavit sworn before Executive Magistrate, Bhubaneswar, dated- 08.09.2025 bearing C.F. No.- 50, 08.09.2025, I, Susila Palei(New Name) Address: At- Dalakhai Basti, Laxmisagar, P.O.- Budheswari Colony, P.S.- Laxmisagar, Bhubaneswar, PIN- 751006, Dist.- Khordha, Odisha, declare that I have changed my name from Bouri Palei (Old Name) to Susila Palei (New Name). Henceforth, I shall be known as Susila Palei (New Name) for all purposes. D-1916

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Talasu Sanjib Kumar Patra, S/o- Late T. Syambabu Patro, resident, At- Aska Main Road, Kalinga Road, Aska, Post/ P.S.- Aska, Dist.- Ganjam, Odisha, PIN- 761110, declare by this affidavit No.- 1475, dtd.- 06.09.2025 that now onwards I shall be known as T.Sanjeeb Kumar Patro for all future purposes. D-1922

By virtue of an affidavit sworn before the Notary Public, Bhubaneswar, dated- 08.09.2025, I, Ramachandra Ray, S/o- Late Muchiram Ray, resident of At: Kalajhari, P.O.- Bijatala, P.S.- Gorumahisani, Dist.- Mayurbhanj, Odisha, PIN- 757048 declare that I have changed my minor son's name from Kamaleswar Rajual to Kamaleswar Ray. Henceforth, he shall be known as Kamaleswar Ray for all purposes.
Kamaleswar Ray
D-1917

By virtue of an affidavit sworn before the Notary Public, Bhubaneswar, dated- 08.09.2025, I, Ramachandra Ray, S/o- Late Muchiram Ray, resident of At: Kalajhari, P.O.- Bijatala, P.S.- Gorumahisani, Dist.- Mayurbhanj, Odisha, PIN- 757048 declare that I have changed my name from Ramachandra Rajual to Ramachandra Ray. Henceforth, I shall be known as Ramachandra Ray for all purposes.
Ramachandra Ray.
D-1918

By virtue of an affidavit sworn before the Notary Public, Bhubaneswar, dated- 08.09.2025, I, Pramila Ray, W/o- Ramachandra Ray, resident of At: Kalajhari, P.O.- Bijatala, P.S.- Gorumahisani, Dist.- Mayurbhanj, Odisha, PIN- 757048 declare that I have changed my name from Pramila Rajual to Pramila Ray. Henceforth, she shall be known as Pramila Ray for all purposes.
Pramila Ray.
D-1919

**I, Dheeraj Kumar Daga, S/o- Lunkaran Daga, resident of Niharika Apartment, Laxmi Sagar, Bhubaneswar, State- Odisha, PIN- 751006 declare by this affidavit No.- 39, dtd. 09.09.2025, that now onwards I shall be known as Dhiraj Kumar Daga for all future purposes.** D- 1920

I was known as Sampad Kumar Khara, S/o- Late Nilambara Khora, resident of Village- Kelar, P.O.- Kusumaguda, P.S.- Kakiriguma, Dist.- Koraput, Odisha, PIN- 765013, declare by this affidavit No.- 310, date- 04.09.2025, that now onwards I shall be known as Sampad Kumar Khora, resident of Village- Kelar, P.O.- Kusumaguda, P.S.- Kakiriguma, Dist.- Koraput, Odisha, PIN- 765013 for my all future purposes. D- 1931

By virtue of an affidavit sworn before the Executive Magistrate, Jajpur Road dated on 09.09.25, I Arundhoti Sahoo W/o Pravat Kumar Nayak of vill- Tarailo, Uchabali, P.S.- Tamaka, Dist.- Jajpur do hereby declare that name of my husband in my son's (Auroprasanta Nayak) birth certificate is Pravat Ku. Nayak, & his name mentioned in his Aadhaar Card is Pravat kumar Nayak. Both these name of my husband are of same person. This is true & best of my knowledge & belief. D-1927

By the virtue of an affidavit sworn before the Notary Public, Cuttack dated 12.2.2025, I, Subash Chandra Jena, S/o - Prananath Jena, At-sobera, Post- Ostapal, P.S.-Tamaka, Dist.- Jajpur. my daughter's correct name is Champabati Jena but in Aadhaar Card recorded as Sweet Sampurna Jena. I have changed my daughter name from Sweet Sampurna Jena to Champabati Jena. Henceforth, she will known as Champabati Jena for all purposes.
Subash Chandra Jena
D-1932

# ସପ୍ତାହେ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**ପ୍ରଧାନ ଶିକ୍ଷକଙ୍କ ସ୍ତ୍ରୀ ଥାନାରେ ଏତଲା ଦେବା ଘଟଣା**

**ତଦନ୍ତ ଚାଲିଛି କହି ଦୋଷ ଛଡ଼ାଉଛନ୍ତି ୨ ବିଭାଗ**

ଭବାନୀପାଟଣା, ୯।୯ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ୍ ଅନ୍ତର୍ଗତ ବଳଦିଆମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁଲେନ୍ଦ୍ର ମେହେର ଛାତ୍ରୀଙ୍କୁ ଅସଦାଚରଣ ମାମଲାରେ ଗତ ୩ ତାରିଖରେ ଜୁନାଗଡ଼ ପୋଲିସ ଦ୍ୱାରା ପୋକ୍ସୋ ଆକ୍ଟରେ ଗିରଫ ହୋଇଥିଲେ। ଏହାପରେ ସ୍ଥାନୀୟ ଶିକ୍ଷା ବିଭାଗ ତାଙ୍କୁ ନିଲମ୍ବିତ କରିଥିଲା। ଉକ୍ତ ଦିନ ପ୍ରଧାନ ଶିକ୍ଷକ ମେହେରଙ୍କ ସ୍ତ୍ରୀ ସୁମିତ୍ରା ମେହେର ତାଙ୍କ ସ୍ୱାମୀଙ୍କୁ ମିଥ୍ୟା ଅଭିଯୋଗରେ ଫସାଯାଇଥିବା ନେଇ ଜୁନାଗଡ଼ ଥାନାରେ ଏକ ଏତଲା ଦେଇଥିଲେ। ସେ ତାଙ୍କ ଏତଲାରେ ସ୍କୁଲର ୩ ଜଣ ସହକାରୀ ଶିକ୍ଷକ ଯିଶୁ ଗୋପାଳ, ସାମନ୍ତ ମେହେର ଓ ଓମ୍ ମେହେର ମିଶି ସ୍କୁଲର ଛୋଟ ଝିଅମାନଙ୍କ ମାଧ୍ୟମରେ ଉପରୋକ୍ତ ମିଥ୍ୟା ଅଭିଯୋଗ ଆଣି ତାଙ୍କ ସ୍ୱାମୀଙ୍କୁ ଫସାଇଥିବା ଦର୍ଶାଇଥିଲେ। ସୁମିତ୍ରାଙ୍କ ଅଭିଯୋଗ ପରେ ଜୁନାଗଡ଼ ପୋଲିସ ୩ ଶିକ୍ଷକଙ୍କ ସମେତ ୬ ଜଣଙ୍କ ନାମରେ ମାମଲା (ନଂ.୫୮୦/୨୫) ରୁଜୁ କରିଥିଲା। ହେଲେ ଇତିମଧ୍ୟରେ ଘଟଣାର ସପ୍ତାହ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ଶିକ୍ଷକଙ୍କ ଉପରେ ପୋଲିସ କିମ୍ବା ଶିକ୍ଷା ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। କେବଳ ତଦନ୍ତ ଚାଲିଛି କହି ପୋଲିସ ଓ ଶିକ୍ଷା ବିଭାଗ ନିଜ ଦୋଷ ଛଡ଼ାଉଛନ୍ତି। ପ୍ରଧାନ ଶିକ୍ଷକଙ୍କ ନାମରେ ଅଭିଯୋଗ ହେବା ପରେ ୨୪ ଘଣ୍ଟା ମଧ୍ୟରେ ପୋଲିସ ତାଙ୍କୁ ଗିରଫ କରିଥିବାବେଳେ ଶିକ୍ଷା ବିଭାଗ ନିଲମ୍ବନ କରିଥିଲା। ହେଲେ ପ୍ରଧାନ ଶିକ୍ଷକଙ୍କ ସ୍ତ୍ରୀ ଏତଲା ଦେବାର ସପ୍ତାହ ପରେ ବି ଉଭୟ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏପରି କି ଛାତ୍ରୀମାନଙ୍କୁ ପ୍ରଧାନ ଶିକ୍ଷକ ଅସଦାଚରଣ କରୁଥିବା ଲିଖିତ ଅଭିଯୋଗକୁ ଛାତ୍ରୀଙ୍କ ଅଭିଭାବକ, ଗ୍ରାମବାସୀ କିମ୍ବା ସ୍କୁଲ ପରିଚାଳନା କମିଟି ନ ଆଣି ସ୍କୁଲର ଜଣେ ସହକାରୀ ଶିକ୍ଷକ ଯିଶୁ ଗୋପାଳ ବିଇଓଙ୍କୁ ଡାକ ମାଧ୍ୟମରେ ଦେବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଣି ସହକାରୀ ଶିକ୍ଷକ ଗୋପାଳ ବିଇଓ ଅଫିସକୁ ଛାତ୍ରୀଙ୍କ ଯେଉଁ ଅଭିଯୋଗ ଆଣିଥିଲେ ଉକ୍ତ ଚିଠି ଲେଖା, ଦସ୍ତଖତ ଛାତ୍ରୀଙ୍କର ନାଁ ନାହିଁ ତାହା ତଦନ୍ତ କଲେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ମତପ୍ରକାଶ ପାଉଛି। ଏ ନେଇ ଘଟଣାର ତଦନ୍ତ କରୁଥିବା ପୋଲିସ ଏସ୍‌ଆଇ ସୋନାଲିସା ବିଶ୍ୱାଳ ଓ ଆଇଆଇସି ଶେଷଦେବ ବେହେରାଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ବୋଲି ଉଭୟେ ଅତି ହାଲୁକା ଭାବେ ସଫେଇ ଦେଇଥିଲେ। ସେହିପରି ଘଟଣାକୁ ନେଇ ଜୁନାଗଡ଼ ବିଇଓ ତପନ ମାଝୀଙ୍କୁ ପଚାରିବାରୁ ମୁଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଏ ବିଷୟରେ ଜଣାଇଦେଇଛି ବୋଲି କହିଥିଲେ। କଳାହାଣ୍ଡି ଜିଲାପାଳ ଓ ଏସ୍‌ପି ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

## ସଂକ୍ଷେପରେ

### ତେଲ ଟ୍ୟାଙ୍କର ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ନର୍ଲା/ରୁପ୍ରା ରୋଡ,୯।୯ (ସନ୍ତୋଷ ପାତ୍ର/ସଞ୍ଜୀବ ଦାଶ): କଳାହାଣ୍ଡି ଜିଲା ନର୍ଲା ମାଉଣ୍ଟେନ କିଡ୍ସ ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ମଙ୍ଗଳବାର ଏକ ତେଲ ଟ୍ୟାଙ୍କର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ଦୁର୍ଘଟଣା ଖବର ପାଇ ନର୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମ. ରାମପୁର ମେଡିକାଲକୁ ପଠାଇଛି। ସୂଚନା ଅନୁସାରେ ଯୁବକ ଜଣକ ଅପରାହ୍ନରେ ନର୍ଲା ମୁଖ୍ୟରାସ୍ତା କଡରେ ବାଇକ୍ ରଖି ପରିସ୍ରା କରୁଥିଲେ। ପରେ ସେ ବାଇକ୍ ପାଖକୁ ଆସଥିବାବେଳେ ତେଲ ଟ୍ୟାଙ୍କର ଦଶଚକିଆ ଗାଡ଼ି (ନଂ.ଏନ୍‌ଏଲ୍୧୧ଏଏ-୮୭୮୩) ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଯୁବକ ଜଣକ ତଳେ ପଡ଼ିଯିବା ପରେ ଗାଡ଼ି ଚକ ମୁଣ୍ଡ ଉପରେ ଚଢ଼ିଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଟ୍ୟାଙ୍କର ଗାଡ଼ିକୁ ଥାନାରେ ଅଟକ ରଖିଛି।

### ସେବାପକ୍ଷ ପାଳନ ନେଇ ମଣ୍ଡଳସ୍ତରୀୟ ବୈଠକ

ବୋଡ଼େନ,୯।୯ (ଟିକେଶ୍ୱର ନାଗ): ଭାଜପାର ସେବାପକ୍ଷ ପାଳନ ନେଇ ନୂଆପଡ଼ା ଜିଲା ବୋଡ଼େନ ପାତାଳଗଙ୍ଗା ମଣ୍ଡଳସ୍ତରୀୟ ବୈଠକ ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଭାଜପା ବିଧାୟକ ହିତେଶ କୁମାର ବଗର୍ତ୍ତି ଯୋଗଦେଇ ସେବା ପକ୍ଷର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକାରିଣୀ ସଦସ୍ୟ ଅତିନ୍ଦ୍ରଜିତ ସିଂହ ମଲ୍ଲିକ, ନନ୍ଦଲାଲ ପାଣ୍ଡେ, ମାଲଖମ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ପାତାଳଗଙ୍ଗା ମଣ୍ଡଳ ସଭାପତି ନୀଳାମ୍ବର ମେହେର ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ପୂର୍ବତନ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ନେଇ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଆସନ୍ତା ୧୭ରୁ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା, ମା' ପାଇଁ ଗଛଟିଏ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର ଆଦି କାର୍ଯ୍ୟକ୍ରମ କରାଯିବା ନେଇ ଆଲୋଚନା ହୋଇଥିଲା।

### ଜୁନାନୀରେ ଗଜଲକ୍ଷ୍ମୀ ପୂଜା ପାଇଁ ବୈଠକ

ଖଡ଼ିଆଲ,୯।୯(ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଜୁନାନୀ ଗ୍ରାମର ମା' ଗଜଲକ୍ଷ୍ମୀଙ୍କ ୩୦ ତମ ପୂଜା ଉତ୍ସବ ପାଇଁ ପୂଜା କମିଟି ସହ ଗ୍ରାମବାସୀଙ୍କୁ ନେଇ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଯାଇଛି। ଏଥିରେ ମା'ଙ୍କ ପୂଜା, ମଣ୍ଡପ ସାଜସଜ୍ଜା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଅକ୍ଟୋବର ୫ରୁ ୯ ତାରିଖ ପର୍ଯ୍ୟନ୍ତ ମା'ଙ୍କ ପୂଜା ଓ ୧୦ରେ ଭସାଣି ଯାତ୍ରା ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ବୈଠକରେ କମିଟି ସଭାପତି ମୁକୁନ୍ଦ ନାଗ, ଉପସଭାପତି ପ୍ରେମାନିଧି ନାୟକ ଓ ରାଧେଶ୍ୟାମ ମାଝୀ, ସମ୍ପାଦକ ଫକୀର ମୋହନ ବାରିକ, ସହ ସମ୍ପାଦକ ହିମାଂଶୁ ଶେଖର ବାରିକ, ଯୁଗ୍ମ ସମ୍ପାଦକ ଅଜିତ କୁମାର ପଟେଲ, କୋଷାଧ୍ୟକ୍ଷ ବିଜୟ ପ୍ରଧାନୀ, ଉପଦେଷ୍ଟା ପ୍ରେମଲାଲ ପଟେଲଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

### ହାଇସ୍କୁଲରେ ଆନ୍ତର୍ଜାତିକ ସାକ୍ଷରତା ସପ୍ତାହ

ରୁପ୍ରାରୋଡ୍,୯।୯(ସଞ୍ଜୀବ ଦାସ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ନର୍ଲାରୋଡ୍ ଜୟଦୁର୍ଗା ହାଇସ୍କୁଲଠାରେ ଆନ୍ତର୍ଜାତିକ ସାକ୍ଷରତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବିଇଓ ତପିମଣି ଜାନୀଙ୍କ ତତ୍ତ୍ୱାବଧାନରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷକ ବିଶ୍ୱମ୍ଭର ଭୋଇ, ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର କର, ସିଆର୍‌ସିସି ହେମନ୍ତ ସାହୁ, ଫିରୋଜ ପଧାନ, କ୍ଷୀରସିନ୍ଧୁ ବାଗଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ସାମିଲହୋଇ ଗ୍ରାମ ପରିକ୍ରମା କରିଥିଲେ। ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ମାଧ୍ୟମରେ ୧୫ ବର୍ଷରୁ ଅଧିକ ପିଲା ଯେଉଁମାନେ ଆଦୌ ପାଠ ପଢ଼ି ନ ଥିବେ ସେମାନଙ୍କୁ ଚିହ୍ନଟ କଲାପରେ ଉଲ୍ଲାସ ପାଠ୍ୟକ୍ରମରେ ସାମିଲକରି ସ୍ୱେଚ୍ଛାସେବୀ ଶିକ୍ଷକ ମାଧ୍ୟମରେ ପାଠ ପଢ଼ାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି।

# ଘର ଭାଙ୍ଗି ଧାନ, ଚାଉଳ ଖାଇଲେ ହାତୀ



ହାତୀ ଭାଙ୍ଗିଥିବା ଦୁଇ ପରିବାରଙ୍କ ଘର।

ଲାଞ୍ଜିଗଡ଼,୯।୯(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ବନାଞ୍ଚଳର ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଢୋଡ଼ୱାଲୀ ଗାଁରେ ରବିବାର ରାତିରେ ହାତୀପଲ ଘର ଭାଙ୍ଗିବା ସହ ଧାନ, ଚାଉଳ ଖାଇ ଆସବାବପତ୍ର ନଷ୍ଟ କରିଛନ୍ତି। ସୂଚନା ମତେ ପାହାଡ଼ପଦର ପଞ୍ଚାୟତ ପଟାଙ୍ଗପଦର ଗାଁର ଦୁଗୀ ମାଝୀ ଓ ପୁରାଣା ମାଝୀଙ୍କ ପରିବାର କିଛିବର୍ଷ ହେବ ବେନଗାଁ ପଞ୍ଚାୟତ ଢୋଡ଼ୱାଲୀ ଗାଁରେ ରହି ଆସୁଥିଲେ। ରବିବାର ବିଳମ୍ବିତ ରାତିରେ ୨୨ଟିକିଆ ହାତୀପଲ ଝିମିରି ଜଙ୍ଗଲରୁ ଗାଁ ମୁହାଁ ହୋଇ ଗାଁ ନିକଟରେ ଭୀଷଣ ଗର୍ଜନ କରିଥିଲେ। ଗର୍ଜନ ଶୁଣି ୨ ପରିବାର ଜୀବନ ବିକଳରେ ଘର ଛାଡ଼ି ନିକଟସ୍ଥ ଘୋ ଗାଁକୁ ପଳାଇଯାଇଥିଲେ। ହେଲେ ସକାଳୁ ଗାଁକୁ ଆସିଲା ବେଳକୁ ହାତୀମାନେ ଦୁଗୀ ଓ ପୁରାଣାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିବା ସହିତ ଧାନ, ଚାଉଳ, ମାଣ୍ଡିଆ, ବିରି ଓ ଆସବାପତ୍ରକୁ ମାଡି ନଷ୍ଟ କରିଥିବା ଦେଖିବାକୁ ପାଇଥିଲେ। ବର୍ତ୍ତମାନ ହାତୀପଲ ଝିମିରି ଜଙ୍ଗଲରେ ରହିଥିବା ବେଳେ ଲୋକେ ଲାଞ୍ଜିଗଡ଼ଠାରୁ ବେନଗାଁ ରାସ୍ତାରେ ଯାତାୟାତ ପାଇଁ ଭୟଭୀତ ହୋଇପଡ଼ିଛନ୍ତି। ଏ ନେଇ ସୋମବାର ସକାଳେ ଖବର ପାଇ ମୂଷାନାଲ ସେକ୍ସନ ଭାରପ୍ରାପ୍ତ ବନପାଳ ମହେଶ କୁମାର ମହାପାତ୍ର, ବନରକ୍ଷୀ ସୁରେନ୍ଦ୍ର ସବର, ନିରାକାର ଦାସ, ଗଜସାଥୀ ସୁରେନ୍ଦ୍ର ପୂଜାରୀ ଏବଂ ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିବା ସୂଚନା ମିଳିଛି। ତେବେ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଦେବାକୁ ଦୁଇ ପରିବାର ନିବେଦନ କରିଛନ୍ତି।



ସହରର ଦୋକାନ ବଜାର ବନ୍ଦ ରହିଛି।

# ବିଧାୟକଙ୍କୁ ଶ୍ରଦ୍ଧାଞ୍ଜଳି ପାଇଁ ୧୨ ଘଣ୍ଟିଆ ବନ୍ଦ

ନୂଆପଡ଼ା,୯।୯ (ମକାରୁ ବେମାଲ)

ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ମଙ୍ଗଳବାର ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଜିଲା ସଦର ମହକୁମାର ସମସ୍ତ ଦୋକାନ ବଜାର, ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ଘରୋଇ ବସ୍ ଚଳାଚଳ ବନ୍ଦ ଯୋଗୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦୋକାନବଜାର ବନ୍ଦ ଥିବାରୁ ଲୋକେ ପାଣି ଟୋପାଏ ପାଇଁ ହନ୍ତସନ୍ତ ହୋଇଥିଲେ। ଜିଲା ସଦର ମହକୁମା ସମେତ କୋମନା, ଉଦ୍ୟାନବନ୍ଧ, ତରବୋଡ, କୁରୁମପୁରି, ଲଖନା, ବୃନ୍ଦିକୋମନା, କାଣ୍ଡେତରା, ମିଛାପାଲି, ସାରାବଙ୍ଗ, ପତୋରା ଆଦି ଅଞ୍ଚଳରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଢୋଲକିଆଙ୍କ ଗାଁ ଖରିଆର ରୋଡରେ ଆଂଶିକ ବନ୍ଦ ପାଳନ କରାଯାଇଥିଲା। ତାଙ୍କ ପାର୍ଥିବ ଶରୀରକୁ ଶେଷ ଦର୍ଶନ ପାଇଁ ଦୂରଦୂରାନ୍ତରୁ ଲୋକେ ଆସିବେ। ସେମାନଙ୍କ ଖାଇବା ପିଇବାରେ ଅସୁବିଧା ନ ହେବା ପାଇଁ ଜଳଖିଆ ଦୋକାନ, ହୋଟେଲ ଖୋଲିବା ପାଇଁ ମାର୍କେଟ ସଂଘ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ହୋଟେଲ ଥିବା ସ୍ଥାନରେ ପାନ, ଗୁଟ୍‌ଖା ଦୋକାନ, ମିଷ୍ଟାନ୍ନ ଦୋକାନ, କିରାନା ଦୋକାନ, ମୋଟର ଗ୍ୟାରେଜ ଆଦି ଖୋଲି ବିକ୍ରୟ କରୁଥିବାରୁ ସେଠାରେ ଉପସ୍ଥିତ ଲୋକେ କ୍ଷୋଭ ପ୍ରକାଶ କରିଥିଲେ।

# ଗୋଲାମୁଣ୍ଡା ବ୍ଲକରେ ୪୪୬ ନୂତନ ଭତ୍ତା ବଣ୍ଟନ

ଗୋଲାମୁଣ୍ଡା,୯।୯(ବଟକୃଷ୍ଣ ପଣ୍ଡା)

ଗୋଲାମୁଣ୍ଡା ବ୍ଲକ ସଭାଗୃହଠାରେ ମଙ୍ଗଳବାର ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ବ୍ଲକର ୨୮ ଗୋଟି ଗ୍ରାମ ପଞ୍ଚାୟତର ୪୪୬ ଜଣ ହିତାଧିକାରୀଙ୍କୁ ମଧୁବାବୁ ଓ ଇନ୍ଦିରା ଗାନ୍ଧୀ ପେନ୍‌ସନ ଯୋଜନାରେ ଭତ୍ତା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ବିଡ଼ିଓ ତ୍ରିପୁରା ମହାନନ୍ଦ, ଏବିଡ଼ିଓ ବିଜୟ ନାୟକ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ବିହାରୀ, ଗୋଲାମୁଣ୍ଡା ସରପଞ୍ଚ ପୁରୁଷୋତ୍ତମ ରାଉତ, ମାନଝରି ସରପଞ୍ଚ ଜଗୁଜିବନ ଅଗ୍ରିଆ, ନୂଆଗାଁ ସରପଞ୍ଚ ଦୁଷ୍ମନ୍ତ ଭୋଇ, କେଗାଁ ସମିତି ସଭ୍ୟ ଲକ୍ଷ୍ମଣ ସାହୁ, ସିନାପାଲି ସମିତି ସଭ୍ୟ ଲୋଚନ ସାହୁ, ଉଦେଶୁରୁଙ୍ଗ ସମିତି ସଭ୍ୟ ଚୈତନ୍ୟ ମାଝୀ ପ୍ରମୁଖ ଉପସ୍ଥିତ ରହି ଭତ୍ତା ବଣ୍ଟନ କରିଥିଲେ। ବ୍ଲକକୁ ଆସିପାରି ନ ଥିବା ହିତାଧିକାରୀଙ୍କ ଘରକୁ ଯାଇ ଭତ୍ତା ପ୍ରଦାନ କରିବାକୁ ବ୍ଲକ ଅଧ୍ୟକ୍ଷ ମହାନନ୍ଦ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଗୋଲାମୁଣ୍ଡା ବ୍ଲକରେ ଜିଲାର ସର୍ବାଧିକ ଭତ୍ତା ଅନୁମୋଦନ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବ୍ଲକ ପ୍ରଶାସନ, ଉପଜିଲାପାଳ ଧର୍ମଗଡ଼, ଜିଲାପାଳ କଳାହାଣ୍ଡି, ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ ନାଏକ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ ବ୍ଲକ ଅଧ୍ୟକ୍ଷ ଧନ୍ୟବାଦ ଜଣାଇଛନ୍ତି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଲାଞ୍ଜିଗଡ଼,୯।୯(ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ ପରିସରରେ ମଙ୍ଗଳବାର ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ଆନୁକୂଲ୍ୟରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ମୁଖ୍ୟ ଅତିଥି ଓ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ପାହାଡ଼ପଦର ସମିତି ସଭ୍ୟ ଜଗଦୀଶ ବେନିଆ, କାନକୁଟ୍ରୁ ସମିତି ସଭ୍ୟ ମନୋହର ହରପାଲ, ସାଂସଦ ପ୍ରତିନିଧି ଭାଗୀରଥି ଧଙ୍ଗଡାମାଝୀ, ସାମାଜିକ କର୍ମୀ ନରେନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏଥିରେ ଅସ୍ଥିଶଲ୍ୟ ବିଭାଗ ଡା. ଅଶ୍ୱିନୀ କୁମାର ସାହୁ, ଫିଜିଓଥେରାପି ବିଭାଗ ଡା. ଅନନ୍ତ ଚରଣ ମେହେର, ଇଏନ୍‌ଟି ବିଭାଗର ଡା. କିଶୋର ପଣ୍ଡା, ଚକ୍ଷୁ ବିଭାଗ ଡା. ଲୋପାମୁଦ୍ରା ବିଶି, ବିଶନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡା. ଭବାନୀ ଶଙ୍କର ଲେଙ୍କା ପ୍ରମୁଖ ଉପସ୍ଥିତ ରହି ରୋଗୀଙ୍କୁ ଚିକିତ୍ସା ସେବା ପ୍ରଦାନ କରିଥିଲେ। ଶିବିରରେ ଅସ୍ଥିଶଲ୍ୟ ୧୭୫, ଶ୍ରବଣ ୯୧, ଚକ୍ଷୁ ୫୬, ମସ୍ତିଷ୍କ ୨୪ ଓ ଅନ୍ୟାନ୍ୟ ୩୧ ମୋଟ ୩୭୭ ଜଣ ଭିନ୍ନକ୍ଷମ ପଞ୍ଜୀକୃତ କରିଥିଲେ। ୨ଟି ହୁଇଲ ଚେୟାର, ୧ଟି ଆଶାବାଡ଼ି ଏବଂ ୩୫ଟି ଭିନ୍ନକ୍ଷମ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗୋପାଳ ଦାସ ମହାନନ୍ଦ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ତାଲିମ ଶିବିର ଉଦ୍‌ଘାଟିତ

ଭବାନୀପାଟଣା,୯।୯(ଉତ୍ତମ କୁମାର ଦାଶ)




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଅନ୍ୟମାନେ।

କଳାହାଣ୍ଡି ଜିଲା ଭବାନୀପାଟଣା ହୋଟେଲ ଭାରତ ପ୍ୟାଲେସରେ ମଙ୍ଗଳବାର ଆଦି କର୍ମଯୋଗୀ ଅଭିଯାନ ଉପରେ ଜିଲାସ୍ତରୀୟ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଜିଲାପାଳ ପାୱାର ସଚିନ ପ୍ରକାଶ ଉଦ୍‌ଘାଟନ କରିଥିଲେ। ଆଦି କର୍ମଯୋଗୀ ଅଭିଯାନ ଓ ତାଲିମ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଜିଲାପାଳ ଆଲୋକପାତ କରିଥିଲେ। ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଅଧିକ ଯତ୍ନବାନ ହୋଇ କାର୍ଯ୍ୟକ୍ରମ ସଫଳ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ସମୟରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ଜିଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମି କହଁର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ କର୍ମଯୋଗୀ ଅଭିଯାନର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ଏଥିରେ ବ୍ଲକସ୍ତରରୁ ୪୯ ଜଣ ତାଲିମଦାତା, ଏନ୍‌ଜିଓ ପ୍ରତିନିଧି ଓ ଜିଲାସ୍ତରୀୟ ତାଲିମଦାତା ଯୋଗଦେଇଥିଲେ। ୩ଦିନ ଧରି ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହେବ। ବ୍ଲକ ପ୍ରଶିକ୍ଷକଙ୍କ ମାଧ୍ୟମରେ ଗ୍ରାମ ସ୍ତରରେ ତାଲିମ ପ୍ରଦାନ କରାଯିବ। ଏଥିରେ କଳାହାଣ୍ଡିଜିଲାର ୪୨୪ଟି ଜନଜାତି ବହୁଳ ଗ୍ରାମରେ ତୃଣମୂଳ ସ୍ତରରେ କିଭଳି ଲୋକମାନଙ୍କ ଦକ୍ଷତା ବୃଦ୍ଧି, ନେତୃତ୍ୱ ନେବାର ଦକ୍ଷତା, ସହଭାଗିତାରେ ଉନ୍ନତିମୂଳକ କାର୍ଯ୍ୟ ସମ୍ପାଦନ ଓ ବିଭିନ୍ନ ବିଭାଗ, ସଂସ୍ଥାଗୁଡ଼ିକ ସହିତ ସମନ୍ୱୟ ରକ୍ଷାକରି ବିକାଶ ମୂଳକ କାର୍ଯ୍ୟ କରି ଗ୍ରାମଗୁଡ଼ିକୁ ଆଦର୍ଶ ଗ୍ରାଗରେ ପରିଗଣିତ କରାଯିବ ସେ ନେଇ ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମକୁ ଜିଲା ମଙ୍ଗଳ ଅଧିକାରୀ କହଁର ପରିଚାଳନା କରିଥିଲେ। ଜନଜାତି ବ୍ୟାପାର ମନ୍ତ୍ରଣାଳୟ, ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ସଂଖ୍ୟାଲଘୁ ସମ୍ପ୍ରଦାୟ, ପଛୁଆବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଥୁଆମୂଳ ରାମପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ଏହା ଆୟୋଜିତ ହେଉଛି।

# ବିଧାୟକଙ୍କ ଶେଷଦର୍ଶନ କଲେ ବିଭିନ୍ନ ବର୍ଗର ଲୋକେ

ନୂଆପଡ଼ା,୯।୯ (ମକାରୁ ବେମାଲ): ନୂଆପଡ଼ା ଜିଲା ବିକାଶର ବିନ୍ଧାଣୀ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପାର୍ଥିବ ଶରୀରକୁ ବିଭିନ୍ନ ବର୍ଗର ଲୋକେ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମରଶରୀର ଚେନ୍ନାଇରୁ ସ୍ୱତନ୍ତ୍ର ବିମାନ ଯୋଗେ ଛତିଶଗଡର ରାୟପୁର ଆସିଥିଲା। ସେଠାରୁ ସଡକ ପଥରେ ନୂଆପଡ଼ା ଆସିବା ବାଟରେ ବିଭିନ୍ନ ଗାଁର ଲୋକେ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତା, କ୍ରୀଡାବିତ, ରାଜନୈତିକ ବ୍ୟକ୍ତି, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଶେଷ ଦର୍ଶନ କରିଥିଲେ।

# ଅନ୍ତର୍ଜାତୀୟ ସାକ୍ଷରତା ସପ୍ତାହ ପାଳିତ

ଜୟପାଟଣା,୯।୯(ଓମ୍‌ପ୍ରକାଶ ବୈଠାରୁ)




ଶୋଭାଯାତ୍ରାରେ ସାମିଲ ଛାତ୍ରୀଛାତ୍ର।

କଳାହାଣ୍ଡି ଜିଲା ଜୟପାଟଣା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଗତ ଏକସପ୍ତାହ ଧରି ବିଭିନ୍ନ କ୍ଲଷ୍ଟରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନବସାକ୍ଷର ଓ ଅଣସାକ୍ଷରଙ୍କୁ ସଚେତନ କରିବାକୁ ଅନେକଗୁଡିଏ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏହି ଅବସରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବ୍ଲକ ନବସାକ୍ଷର ଅଭିଯାନ କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଜନସାଧାରଣଙ୍କୁ ଶିକ୍ଷା ସଚେତନତାର ବାର୍ତ୍ତା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମର ସଫଳ କରିବାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସାଂଯୋଜକ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର, ଅଭିଭାବକ, ବ୍ଲକ ଅନ୍ତର୍ଗତ ୧୨ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ଶିବିର ପାଇଁ ୧୫ ସ୍ୱେଚ୍ଛାସେବୀ ଚୟନ

**ସାଧାରଣତନ୍ତ୍ର ଦିବସ ପାଇଁ ଚୟନ ଶିବିର**

ଭବାନୀପାଟଣା,୯।୯(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ବ୍ୟୁରୋ ଆନୁକୂଲ୍ୟରେ ଦିଲ୍ଲୀ ସାଧାରଣତନ୍ତ୍ର ଦିବସ ପରେଡରେ ଭାଗ ନେବା ପାଇଁ ବିଶ୍ୱବିଦ୍ୟାଳୟ ସ୍ତରୀୟ ସାଧାରଣତନ୍ତ୍ର ଦିବସ ଚୟନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୩୫୦୦ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ମଧ୍ୟରୁ ୧୫ ଜଣଙ୍କୁ ଚୟନ କରାଯାଇଛି। ସେମାନେ ପୁରୀରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଚୟନ ଶିବିରରେ ଯୋଗଦେବେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଚିତ୍ତରଞ୍ଜନ ଝୁଣ୍ଟିଆଙ୍କ ନେତୃତ୍ୱରେ ପରିଚାଳିତ ଶିବିରରେ କୁଳପତି ଡ. ନିବେଦିତା ନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ । ଏହି ସମୟରେ କୁଳସଚିବ ଡ. ଗୁଣନିଧି ନାଏକ, ଉପକୁଳ ସଚିବ ମେଜର ଜୟଦେବ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି କାର୍ଯ୍ୟକ୍ରମ ଅଧିକାରୀ ଡ. ଜୟନ୍ତ ଉନସନା, ଡ. ପ୍ରିୟରଞ୍ଜନ ବେହେରା, ରୋଜ ମେରି ରଶ୍ମିତା ଏକ୍କା, ଡ. ରାଧାରାଣୀ ନାୟକ, ପ୍ରତାପ ଚନ୍ଦ୍ର ଦାସ, ଡ. କିଶୋର କର୍ଣ୍ଣ, ହେମାଲ ସା, ଗଣପତି ବାଗ, ପୁଷ୍ପାଞ୍ଜଳି ଚାଲାନ, ଡ. ସୁରଞ୍ଜନ ପ୍ରଧାନ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ଶିବିରରେ ଉପସ୍ଥିତ ଅତିଥିଙ୍କ ସହ ସ୍ୱେଚ୍ଛାସେବୀମାନେ।

# ମା' ମାଣିକେଶ୍ୱରୀ, ଭୈରବ ଦେବଙ୍କ ଗଦିଆବସା ପର୍ବ

**୧୨ରେ ବାଲିଯାତ୍ରା**

ଥୁଆମୂଳ ରାମପୁର,୯।୯ (ଦୁର୍ଗା କୀର୍ତ୍ତି)



ପର୍ବରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ।

କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କ ମୂଳପୀଠ ଥୁଆମୂଳ ରାମପୁରଠାରେ ମା' ମାଣିକେଶ୍ୱରୀ ଓ ବାବା ଅଗ୍ନିଭୈରବ ଦେବଙ୍କ ଗଦିଆ ବସା ପର୍ବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉଭୟ ଦେବୀ ଦେବଙ୍କ କାଳିସୀ ଦେହରେ ସବାର ହେବା ପରେ ପାରମ୍ପରିକ ବାଜା ସହ ନଗର ପରିକ୍ରମା କରିଥିଲେ। ସନ୍ଧ୍ୟାରେ ଭୈରବ ଦେବଙ୍କ ପୀଠ ସମ୍ମୁଖରେ ଉଭୟ ଦେବଦେବୀଙ୍କ କାଳିସୀ ପହଞ୍ଚିବା ପରେ ଗଦିଆ ବସା ପର୍ବ ଅନୁଷ୍ଠିତ ହୋଇଥିଲା। ପରମ୍ପରା ଅନୁସାରେ ଭାଦ୍ରବ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ବାଲିଯାତ୍ରା ପାଇଁ ବାଲି ସଂଗ୍ରହ ହୋଇଥିବା ବେଳେ ସୋମବାର ଏହାର ଦ୍ୱିତୀୟ ପର୍ବ ଗଡିଆ ବସା ହୋଇଥିଲା। ସୋମବାର ସକାଳୁ ଦେବୀଙ୍କ ମୁଖ୍ୟ ପୂଜକ ତାପସ କୁମାର ରାୟଗୁରୁ ଦେବୀଙ୍କ ବିଭିନ୍ନ ଉପଚାରରେ ପୂଜା କରିଥିଲେ। ପରେ ଅନ୍ୟ ପୂଜକମାନେ ମଧ୍ୟ ରୀତିନୀତି ଅନୁଯାୟୀ ପୂଜାପାଠ କରିବା ପରେ ଅପରାହ୍ନରେ ଦେବୀଙ୍କ କାଳିସୀ ଶରତ ବୁଝରି ଓ ଭୈରବ ଦେବଙ୍କ କାଳିସୀ ଲାଲ ପରିଛାଙ୍କ ଦେହରେ ସବାର ହେବା ପରେ ନଗର ପରିକ୍ରମା କରି ଭକ୍ତଙ୍କ ଆଗରେ ନିଜର ମହିମା ପ୍ରଦର୍ଶନ କରିଥିଲେ। ଦୁଇ କାଳିସୀ ଭୈରବ ଦେବଙ୍କ ପୀଠ ସମ୍ମୁଖରେ ପୂର୍ବରୁ ପ୍ରସ୍ତୁତ ମାଟି ହାଣ୍ଡି ଗଡିଆରେ ବିରାଜମାନ ହୋଇ ଭକ୍ତଙ୍କ ନିକଟରେ ପରିଚୟ ଦେଇଥିଲେ। ଆସନ୍ତା ୧୨ରେ ବାଲିଯାତ୍ରା ବା ବାବା ଭୈରବ ଦେବଙ୍କ ଅଗ୍ନି ପରୀକ୍ଷା ଅନୁଷ୍ଠିତ ହେବା ନେଇ ପୂଜା କମିଟି ପକ୍ଷରୁ ସୂଚନା ମିଳିଛି ।

# ତେଜିଲା ଉଚ୍ଛେଦ ଦାବି, ତାତିଲେ ସହରବାସୀ

**ଲେଙ୍ଗୁ ମିଶ୍ର ଛକ-ପୁରୁଣା ଜୀରାବ୍ରିଜ୍ ରାସ୍ତା ଜବରଦଖଲ**

- ମୁଖ୍ୟରାସ୍ତା ଅବରୋଧ କରି ରଣହୁଙ୍କାର
- ଆନ୍ଦୋଳନରେ ବିଭିନ୍ନ ସଂଗଠନ ସାମିଲ
- ସରକାର ବଦଳିଲା, ଉଚ୍ଛେଦ ଆଶା ଅଧୁରା

ବରଗଡ଼,୯।୯(ପ୍ରେମାନନ୍ଦ ଖମାରୀ)



ଆନ୍ଦୋଳନସ୍ଥଳୀରେ ଉଚ୍ଛେଦ ଦାବିରେ ବରଗଡ଼ ନାଗରିକ ମଞ୍ଚର ସଭାପତି ଉଦ୍‌ବୋଧନ ଦେଉଛନ୍ତି।

ବରଗଡ଼ ସହରରେ ଜବରଦଖଲ ଉଚ୍ଛେଦ ତାତି ଥମିବାର ନାଁ ନେଉ ନାହିଁ। ସହରସ୍ଥିତ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ପର୍ଯ୍ୟନ୍ତ ରାସ୍ତା ଜବରଦଖଲ ଉଚ୍ଛେଦ ସହରବାସୀଙ୍କ ଦୀର୍ଘବର୍ଷର ଦାବି ହୋଇ ରହି ଆସିଛି। ଏହାସତ୍ତ୍ୱେ ପ୍ରଶାସନ ସମ୍ପୃକ୍ତ ଜବରଦଖଲ ଅଂଶକୁ ଏପର୍ଯ୍ୟନ୍ତ ଉଚ୍ଛେଦ କରି ପାରି ନାହିଁ। ସେଥିପ୍ରତି ସ୍ଥାନୀୟ ଜନ ପ୍ରତିନିଧିମାନେ ମଧ୍ୟ ସମ୍ପୂର୍ଣ୍ଣ ନୀରବ ରହିଛନ୍ତି। ଅନ୍ୟପଟେ ସହରବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ କରି ପାରି ନଥିବା ପ୍ରଶାସନ ସହରର ଅନ୍ୟସ୍ଥାନରେ ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ସହରର ବିକାଶ, ସୌନ୍ଦର୍ଯ୍ୟକରଣକୁ ନେଇ ପ୍ରଶାସନର ଉଚ୍ଛେଦକୁ ସହରବାସୀ ସ୍ୱାଗତ କରୁଛନ୍ତି, ମାତ୍ର ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଏପର୍ଯ୍ୟନ୍ତ ଉଚ୍ଛେଦ ହୋଇପାରି ନଥିବାରୁ ପ୍ରଶାସନକୁ ବାରମ୍ବାର ସହରବାସୀଙ୍କ ଦ୍ୱାରା ସମାଲୋଚିତ ହେବାକୁ ପଡୁଛି। ଏପରିକି ପ୍ରଶାସନର ସେଭଳି ଅପାରଗତା ପ୍ରତିବାଦରେ ସହରର ବିଭିନ୍ନ ଅନୁଷ୍ଠାନ ଏବଂ ନାଗରିକବୃନ୍ଦ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେଉଛନ୍ତି। ଏହି କ୍ରମରେ ମଙ୍ଗଳବାର ବରଗଡ଼ ନାଗରିକ ମଞ୍ଚ ନେତୃତ୍ୱରେ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ଦାବିରେ ସହରର ଶତାଧିକ ନାଗରିକ ଦଳମତ ନିର୍ବିଶେଷରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ଛକଠାରେ ସହରର ମୁଖ୍ୟରାସ୍ତା ଅବରୋଧ କରିଥିଲେ। ବିଭିନ୍ନ ଅନୁଷ୍ଠାନ ମଧ୍ୟ ଏଥିରେ ସାମିଲ ଥିଲେ। ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ ଆନ୍ଦୋଳନସ୍ଥଳକୁ ପହଞ୍ଚିଥିଲେ ଏବଂ ଉପଯୁକ୍ତ ଫୋରମ୍‌ରେ ଉପରୋକ୍ତ ଦାବି ଉପରେ ବିଚାର କରାଯାଇ ବିହିତ ପଦକ୍ଷେପ ନିଆଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତା ଅବରୋଧ ହଟିଥିଲା ଏବଂ ସହର ମୁଖ୍ୟରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ତେବେ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ନେଇ ମାମଲା ଉଚ୍ଚ ନ୍ୟାୟାଳୟରେ ବର୍ତ୍ତମାନ ବିଚାରାଧିନ ରହିଛି। ବୁଧବାର ଏହି ମାମଲାର ଶୁଣାଣି ତଥା ରାୟ ପ୍ରକାଶ ପାଇବ ବୋଲି ସୂଚନା ମିଳିଛି। ତେବେ ଶୁଣାଣି ପୂର୍ବରୁ ସହରବାସୀଙ୍କ ଏହି ଆନ୍ଦୋଳନ ଯେତିକି ଚର୍ଚ୍ଚାର ବିଷୟ ହୋଇଛି, ଉଚ୍ଚ ନ୍ୟାୟାଳୟ ବିଚାରପତିଙ୍କ ରାୟ ଉପରେ ସହରବାସୀଙ୍କ ଅଧିକ ନଜର ଏବଂ ଉତ୍କଣ୍ଠା ରହିଛି। ବରଗଡ଼ ସହରସ୍ଥିତ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ଦାବି ନୂଆଁ ନୁହେଁ। ଏକଦା ଜାତୀୟ ରାଜପଥ ରହିଥିବା ଏହି ସ୍ଥାନ ଦିନକୁ ଦିନ ସଙ୍କୁଚିତ ହେବା ସହିତ ଟ୍ରାଫିକ ସମସ୍ୟା ଅଧିକ ଜଟିଳ ହୋଇ ପଡୁଥିବା ଦୃଷ୍ଟିରୁ ଦୀର୍ଘବର୍ଷରୁ ସହରବାସୀ ଏହି ଜବରଦଖଲ ଅଂଶକୁ ଉଚ୍ଛେଦ କରିବାକୁ ଦାବି କରି ଆସୁଛନ୍ତି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ମଧ୍ୟ ବରଗଡ଼ ଜିଲା ଓକିଲ ସଂଘର ନେତୃତ୍ୱରେ ଏବଂ ସମଲେଶ୍ୱରୀ ସଂଘ ସମେତ ଅନ୍ୟ କେତେକ ସଙ୍ଗଠନର ସହଭାଗିତାରେ ଏହି ଦାବି ନେଇ ଆନ୍ଦୋଳନ ତେଜି ଉଠିଥିଲା। ପ୍ରଶାସନ ପକ୍ଷରୁ ସେତେବେଳେ ଜବରଦଖଲ ସୀମା ଚିହ୍ନଟ, ଡାକବାଜି ଯନ୍ତ୍ରରେ ଉଚ୍ଛେଦ ନେଇ ସୂଚନା ସହିତ ଆଂଶିକ ଉଚ୍ଛେଦ ମଧ୍ୟ ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ଉଚ୍ଛେଦରେ ପ୍ରଭାବିତ ଲୋକେ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ରହିତାଦେଶ ଆଣିବାରେ ସକ୍ଷମ ହୋଇଥିଲେ ଏବଂ ଅଧାରୁ ସେତେବେଳେ ଉଚ୍ଛେଦ ଅଟକି ରହିଥିଲା। ଏପରିକି ଗତ ସାଧାରଣ ନିର୍ବାଚନରେ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ଦାବି ମଧ୍ୟ ଏକ ପ୍ରସଙ୍ଗ ପାଲଟିଥିଲା ଏବଂ ଏହା ତତ୍କାଳୀନ ବିଜେଡି ସରକାରକୁ ଏଠାରେ କ୍ଷତି ପହଞ୍ଚାଇ ଥିବାବେଳେ ବର୍ତ୍ତମାନର ଶାସକ ଭାଜପା ପାଇଁ ବରଦାନ ସାଜିଥିଲା। ସରକାର ପରିବର୍ତ୍ତନ ହେଲେ ଦୀର୍ଘବର୍ଷର ଏହି ଉଚ୍ଛେଦ ଦାବି ନିଶ୍ଚିତ ପୂରଣ ହେବ ବୋଲି ସହରବାସୀ ମଧ୍ୟ ମନରେ ଆଶା ବାନ୍ଧିଥିଲେ। କିନ୍ତୁ ଏବେ ମଧ୍ୟ ସହରବାସୀଙ୍କ ସେହି ଆଶା, ଆକାଂକ୍ଷା ଅଧୁରା ରହିଛି। କେବଳ ସେତିକି ନୁହେଁ, ଉଚ୍ଛେଦ ସପକ୍ଷରେ ଉଚ୍ଚ ନ୍ୟାୟାଳୟ ଏକାଧିକ ଥର ରାୟ ଦେଇଛନ୍ତି। ତେବେ ସହରର ଅନ୍ୟତ୍ର ଉଚ୍ଛେଦ ପାଇଁ ପ୍ରଶାସନ ଯେଭଳି ତତ୍ପର ହୋଇ ପଡୁଛି, ଉଚ୍ଚ ନ୍ୟାୟାଳୟର ରାୟ ପରେ ସେଭଳି ତତ୍ପରତା ଦେଖାଉ ନଥିବାର ସୁଯୋଗ ନେଇ ମାମଲା ପୁଣି ନ୍ୟାୟାଳୟକୁ ଯାଉଛି ଏବ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ଅଟକି ରହିଛି ବୋଲି ସାଧାରଣରେ ଆଲୋଚିତ ହେଉଛି। ଉଚ୍ଛେଦ ପ୍ରକ୍ରିୟାରେ ଏଭଳି ଆଭିମୁଖ୍ୟ ନେଇ ପ୍ରଶାସନ ଏବଂ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଉପରୁ ସହରବାସୀଙ୍କ ଭରସା ତୁଟି ବସିଥିବାବେଳେ ଏହାକୁ ନେଇ ଆନ୍ଦୋଳନ ତେଜି ଉଠୁଛି। ଏହି କ୍ରମରେ ବରଗଡ଼ ନାଗରିକ ମଞ୍ଚ ନେତୃତ୍ୱରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ଦାବିରେ ସହରର ନାଗରିକମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏହି ଅବସରରେ ଆନ୍ଦୋଳନସ୍ଥଳୀରେ ହୋଇଥିବା ସଭାରେ ନାଗରିକ ମଞ୍ଚର ସଭାପତି ଭୀଷ୍ମଦେବ ସରାଫ ସଭାପତିତ୍ୱ କରିଥିବାବେଳେ ସମଲେଶ୍ୱରୀ ସଂଘର ସଭାପତି ସମୀର ପ୍ରଧାନ, ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ଜିଲା କଂଗ୍ରେସ ସଭାପତି ହରଦୀପ ସିଂଙ୍କ ସମେତ ବିରେନ୍ଦ୍ର ପ୍ରଧାନ, ଈଶ୍ୱର ବାଗ, ରମେଶ ପତି, ରାଜେନ୍ଦ୍ର ସିକନ୍ଦର, ପ୍ରହ୍ଲାଦ ମାହାଣା, ନିଧୁବନ ବିହାରୀ ପ୍ରସାଦ ପଣ୍ଡା, ଉଦ୍ଧବ ଡାଙ୍ଗ ପ୍ରମୁଖ ଉପସ୍ଥିତ ରହି ଉଦବୋଧନ ଦେଇଥିଲେ।

## ୨୨.୩୦ ଲକ୍ଷ ଘୋଟାଲା ଅଭିଯୋଗ, କିରାଣି ଗିରଫ

ପଦ୍ମପୁର,୯।୯(ପ୍ରଦୀପ୍ତ ଦାଶ)



ବରିକେଲରେ ଥିବା ଜିଲା କୃଷି କାର୍ଯ୍ୟାଳୟ।

ପଦ୍ମପୁର ଜିଲା କୃଷି ବିଭାଗ କାର୍ଯ୍ୟାଳୟରେ ବରିଷ୍ଠ କିରାଣି ଓ ପିଅନ ମିଶି ଲକ୍ଷାଧିକ ଟଙ୍କା ଉଠାଇ ନେଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଜିଲା କୃଷି ଅଧିକାରୀ ପ୍ରଭାସ ଚନ୍ଦ୍ର ପଣ୍ଡାଙ୍କ ଏତଲା କ୍ରମେ ସ୍ଥାନୀୟ ପୋଲିସ ନଂ. ୨୪୦/୨୫ରେ ମାମଲା ରୁଜୁ କରିଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପଦ୍ମପୁର ପୋଲିସ ବରିଷ୍ଠ କିରାଣି କ୍ଷୀରୋଦ୍ର ଭୋଇଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ପିଅନ ରୂପକ ସାହୁ ଫେରାର ଥିବା ଜଣାପଡ଼ିଛି। ପୋଲିସ ସୂତ୍ରରୁ ପ୍ରକାଶ, ପଦ୍ମପୁର ବରିକେଲରେ ଥିବା ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣି କ୍ଷୀରୋଦ୍ର ଗତ ୨୨।୭।୨୫ ତାରିଖରେ ବିଲ ନଂ.୨୩ ଓ ୧୧।୬।୨୫ରେ ବିଲ ନଂ.୧୫ରେ ମୋଟ ୨୨ଲକ୍ଷ ୩୦ ହଜାର ୨୨୫ ଟଙ୍କା ପିଅନ ରୂପକ ସାହୁଙ୍କ ଏଚ୍‌ଡିଏଫସି ବ୍ୟାଙ୍କ ଅକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ଏହି ଘଟଣା ପଦ୍ମପୁର ସବ୍ ଟ୍ରେଜେରି ଜିଲା କୃଷି ଅଧିକାରୀ ପଣ୍ଡା ଜାଣିବା ପରେ ଗତ ୫ ତାରିଖରେ ପଦ୍ମପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି କିରାଣି କ୍ଷୀରୋଦ୍ର ଭୋଇଙ୍କୁ ବରିକେଲ ଅଫିସ ବାସଭବନରୁ ଗିରଫ କରିଥିଲା। ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ ପ୍ରଭାସ ଚନ୍ଦ୍ର ପଣ୍ଡାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ପଦ୍ମପୁର ଥାନା ଏସ୍‌ଆଇ ପ୍ରମିଳା ମରି ଏହି ମାମଲାର ତଦନ୍ତ କରୁଛନ୍ତି।

## ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ



ଜନତା ହାଇସ୍କୁଲ, ଭୁକ୍ତାରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ।

ବରଗଡ଼, ୯।୯(ପ୍ରେମାନନ୍ଦ ଖମାରୀ)

ଡିଜିଟାଲ ଯୁଗରେ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ସମାଜରୁ ଦାରିଦ୍ର୍ୟତା ଓ ଅସମାନତା ଦୂର କରିବାରେ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ ଶିକ୍ଷା ପ୍ରତି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆଗ୍ରହ ଓ ଉତ୍ସାହ ଜାଗ୍ରତ କରିବା ତଥା ଶିକ୍ଷାର ମହତ୍ତ୍ୱ ସଂକ୍ରାନ୍ତରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଜନତା ହାଇସ୍କୁଲ, ଭୁକ୍ତାରେ ଅର୍ନ୍ତଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଇକୋ କ୍ଲବ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଚଳିତ ବର୍ଷ ଅନ୍ତର୍ଜାତୀୟ ସାକ୍ଷରତା ଦିବସର ପ୍ରସଙ୍ଗ ଡିଜିଟାଲ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଧାରଣା ଦେଇଥିଲେ। ରାଜ୍ୟ ତଥା ଦେଶର ମହିଳା ଓ ପୁରୁଷଙ୍କ ସାକ୍ଷରତାର ସ୍ଥିତି ସମ୍ବନ୍ଧରେ ବୈଠକରେ ଆଲୋଚନା କରାଯାଇଥିଲା। ପ୍ରଧାନ ଶିକ୍ଷକ ନାୟକ ଛାତ୍ରୀଛାତ୍ରମାନେ କମ୍ପ୍ୟୁଟର ଶିକ୍ଷା ଆହରଣ କରିବା ପାଇଁ ଆଗ୍ରହ ପ୍ରକାଶ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଆଶୁତୋଷ ଭୋଇ, ସୁବାସ ଚନ୍ଦ୍ର ଖମାରୀ, ପଦ୍ମଲୋଚନ ବିଶି, ଶ୍ରୀପତି ସାହୁ, ବୋଧରାମ ବିଶ୍ୱାଳ, ପ୍ରକାଶ ପଧାନ, ତେଜରାମ ସା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ଘର ଭାଙ୍ଗି ଧାନ, ଚାଉଳ ଖାଇଲେ ହାତୀ

ଲାଞ୍ଜିଗଡ଼,୯।୯(ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ବନାଞ୍ଚଳର ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଢୋଡ଼ୱାଲୀ ଗାଁରେ ରବିବାର ରାତିରେ ହାତୀପଲ ଘର ଭାଙ୍ଗିବା ସହ ଧାନ, ଚାଉଳ ଖାଇ ଆସବାବପତ୍ର ନଷ୍ଟ କରିଛନ୍ତି। ସୂଚନା ମତେ ପାହାଡ଼ପଦର ପଞ୍ଚାୟତ ପଟାଙ୍ଗପଦର ଗାଁର ଦୁଗୀ ମାଝୀ ଓ ପୁରାଣା ମାଝୀଙ୍କ ପରିବାର କିଛିବର୍ଷ ହେବ ବେନଗାଁ ପଞ୍ଚାୟତ ଢୋଡ଼ୱାଲୀ ଗାଁରେ ରହି ଆସୁଥିଲେ। ରବିବାର ବିଳମ୍ବିତ ରାତିରେ ୨୨ଟିକିଆ ହାତୀପଲ ଝିମିରି ଜଙ୍ଗଲରୁ ଗାଁ ମୁହାଁ ହୋଇ ଗାଁ ନିକଟରେ ଭୀଷଣ ଗର୍ଜନ କରିଥିଲେ। ଗର୍ଜନ ଶୁଣି ୨ ପରିବାର ଜୀବନ ବିକଳରେ ଘର ଛାଡ଼ି ନିକଟସ୍ଥ ଘୋ ଗାଁକୁ ପଳାଇଯାଇଥିଲେ। ହେଲେ ସକାଳୁ ଗାଁକୁ ଆସିଲା ବେଳକୁ ହାତୀମାନେ ଦୁଗୀ ଓ ପୁରାଣାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିବା ସହିତ ଧାନ, ଚାଉଳ, ମାଣ୍ଡିଆ, ବିରି ଓ ଆସବାପତ୍ରକୁ ମାଡି ନଷ୍ଟ କରିଥିବା ଦେଖିବାକୁ ପାଇଥିଲେ। ବର୍ତ୍ତମାନ ହାତୀପଲ ଝିମିରି ଜଙ୍ଗଲରେ ରହିଥିବା ବେଳେ ଲୋକେ ଲାଞ୍ଜିଗଡ଼ଠାରୁ ବେନଗାଁ ରାସ୍ତାରେ ଯାତାୟାତ ପାଇଁ ଭୟଭୀତ ହୋଇପଡ଼ିଛନ୍ତି। ଏ ନେଇ ସୋମବାର ସକାଳେ ଖବର ପାଇ ମୁଷାନାଲ ସେକ୍ସନ ଭାରପ୍ରାପ୍ତ ବନପାଳ ମହେଶ କୁମାର ମହାପାତ୍ର, ବନରକ୍ଷୀ ସୁରେନ୍ଦ୍ର ସବର, ନିରାକାର ଦାସ, ଗଜସାଥୀ ସୁରେନ୍ଦ୍ର ପୂଜାରୀ ଏବଂ ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିବା ସୂଚନା ମିଳିଛି। ତେବେ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଦେବାକୁ ଦୁଇ ପରିବାର ନିବେଦନ କରିଛନ୍ତି।



ହାତୀ ଭାଙ୍ଗିଥିବା ଦୁଇ ପରିବାରଙ୍କ ଘର।

## ବିଦ୍ୟୁତ୍ ମଜଦୁର ମହାସଂଘର ଦାବିପତ୍ର ପ୍ରଦାନ

ବରଗଡ଼,୯।୯(ପ୍ରେମାନନ୍ଦ ଖମାରୀ)

ଓଡିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଏନ୍‌ପିଏସ, ୟୁପିଏସ ବଦଳରେ ପୁରୁଣା ପେନସନ ପୁନଃ ଲାଗୁ କରିବା, ଏକ ଦେଶ,ଏକ ଗ୍ରୀଡ଼, ଏକକ ଚାକିରୀ ସର୍ତ୍ତାବଳୀ ଲାଗୁ କରିବା, ତ୍ରୟୀ-ପାକ୍ଷିକ ଶିଳ୍ପ ସମିତି ବିଦ୍ୟୁତ୍ ଉତ୍ପାଦନ, ପରିବହନ ଓ ବିତରଣ କ୍ଷେତ୍ରରେ ସୃଷ୍ଟି କରିବା ଓ ଯେଉଁ ରାଜ୍ୟ ଗୁଡ଼ିକରେ ଅଛି ତାହାକୁ କାର୍ଯ୍ୟକ୍ଷମ କରିବା, ବିଦ୍ୟୁତ୍ କ୍ଷେତ୍ରରେ ଘରୋଇକରଣକୁ ପୁନଃ ସମୀକ୍ଷା କରି ଘରୋଇକରଣକୁ ବନ୍ଦ କରିବା, ବିଦ୍ୟୁତ୍ କ୍ଷେତ୍ରରେ ଠିକା ନିଯୁକ୍ତି ପ୍ରଥା ଉଚ୍ଛେଦ କରି ସ୍ଥାୟୀ କାର୍ଯ୍ୟରେ ସ୍ଥାୟୀ ନିଯୁକ୍ତି ସହିତ ସମାନ କାର୍ଯ୍ୟ ପାଇଁ ସମାନ ଦରମା ଲାଗୁକରିବା, ବିଦ୍ୟୁତ୍ ନିୟମ ୨୦୦୩ ଓ ବିଦ୍ୟୁତ୍ ବିଲ ୨୦୨୩କୁ ସମୀକ୍ଷା କରି ଘରୋଇକରଣ ବଦଳରେ ସରକାରୀ ବିଦ୍ୟୁତ୍ ସଂସ୍ଥା ମାଧ୍ୟମରେ ବିଦ୍ୟୁତ ଉତ୍ପାଦନ, ପରିବହନ ଓ ବିତରଣ ପାଇଁ ବ୍ୟବସ୍ଥା କରିବା, ଓଡ଼ିଶାରେ କେନ୍ଦ୍ରୀୟ ଦରମା ସଂହିତା-୨୦୧୯ ଲାଗୁକରିବା, ହରିଆଣା ରାଜ୍ୟରେ ପ୍ରଚଳିତ ଠିକା ନିଯୁକ୍ତି ନୀତି ପରି ସମାନ ନୀତି ଓଡିଶାରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ କ୍ଷେତ୍ରରେ ପ୍ରଣୟନ କରିବା ପାଇଁ ବ୍ୟବସ୍ଥା କରିବା, ବିଦ୍ୟୁତ୍ କ୍ଷେତ୍ରରେ ଅନ୍ତଃବଳୟ ବଦଳି ନୀତି ପ୍ରଣୟନ କରି କର୍ମଚାରୀଙ୍କୁ ନିଜ ଘର ପାଖାପାଖି ସ୍ଥାନକୁ ବଦଳି କରିବା ଆଦି ଦାବି କରାଯାଇଛି। ବରଗଡ଼ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଦାବିପତ୍ର ଗ୍ରହଣ କରିଥିଲେ। ଶଶୀଭୂଷଣ ମହଲା, ସାଗର ରଣା, ସନ୍ତୋଷ ମହାନ୍ତି, ସାଧୀନ ବାରିକ, ସତ୍ୟଜିତ ସାହୁ, ବିନୋଦ ଭୋଇଙ୍କ ସମେତ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘର ସଙ୍ଗଠନ ସମ୍ପାଦକ ବିସ୍ମୟ ହୋତା ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଉପସ୍ଥିତ ଥିଲେ।



ଆନ୍ଦୋଳନସ୍ଥଳୀରେ ଉଚ୍ଛେଦ ଦାବିରେ ବରଗଡ଼ ନାଗରିକ ମଞ୍ଚର ସଭାପତି ଉଦ୍‌ବୋଧନ ଦେଉଛନ୍ତି।

## ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ

ବରପାଲି ,୯।୯(ଚିତ୍ତରଞ୍ଜନ ସାହୁ): ବରପାଲି ବ୍ଲକ ବୁରୋମୁଣ୍ଡା ଗ୍ରାମରେ ମଙ୍ଗଳବାର ଜଣେ ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ସେ ହେଲେ ବୁରୋମୁଣ୍ଡା ଗ୍ରାମର ଭାନୁ ସୁନ୍ଦର ମେହେରଙ୍କ ବଡ଼ ପୁଅ ହେମନ୍ତ(୧୯)। ସକାଳୁ ହେମନ୍ତଙ୍କ ମୃତଦେହ ତାଙ୍କ ଖଳାରେ ପଡ଼ିଥିଲା। ସ୍ଥାନୀୟ ଲୋକେ ଦେଖି ପାଲିସକୁ ଜଣାଇଥିଲେ। ଖବର ପାଇ ବିଜୟପଲ୍ଲୀ ଫାଣ୍ଡି ଅଧିକାରୀ, ବରପାଲି ଥାନାଧିକାରୀ ଜୟରଶ୍ମି ସେଠୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରେ ପୋଲିସ ସନ୍ଧାନୀ କୁକୁର ସାହାଯ୍ୟ ନିଆଯାଇଥିଲା। ପରିବାର ଲୋକେ ଏହାକୁ ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି।

## ଘାସ ଲତାରେ ପରିପୂର୍ଣ୍ଣ ମୁକୁଳା ଟ୍ରାନ୍ସଫର୍ମର

ପାଇକମାଳ,୯।୯(ବଡ଼ ଶତପଥୀ): ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତ ନିକଟସ୍ଥ ସୋସାଇଟିର ସାର ଗୋଦାମ ନିକଟରେ ଦୁଇଟି ମୁକୁଳା ଟ୍ରାନ୍ସଫର୍ମର ରହିଛି। ଟ୍ରାନ୍ସଫର୍ମର ପରିସରରେ ଅନାବନା ଗଛ ତଥା ଘାସ ଲତାରେ ପରିପୂର୍ଣ୍ଣ ରହିଛି। କିନ୍ତୁ ଉକ୍ତ ଟ୍ରାନ୍ସଫର୍ମର ମୁକୁଳା ଥିବାରୁ ଗାଈଗୋରୁଙ୍କ ପ୍ରତି ବିପଦର ସମ୍ଭାବନା ରହିଛି। ଏଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଚାକିରି ଦେବା ଆଳରେ ଠକେଇ, ଦମ୍ପତି ଗିରଫ



ଗିରଫ ଅଭିଯୁକ୍ତ ଦମ୍ପତିଙ୍କୁ ପୋଲିସ ହାଜର କରିଛି।

ବରଗଡ଼/ଭଟଲି,୯।୯ (ପ୍ରେମାନନ୍ଦ ଖମାରୀ/ବିଜୟ ମେହେର)

ବରଗଡ଼ ଜିଲା ଭଟଲି ଥାନା ପୋଲିସ ଠକେଇ ଅଭିଯୋଗରେ ମଙ୍ଗଳବାର ଦମ୍ପତିଙ୍କୁ ଗିରଫ କରିଛି। ସେମାନେ ହେଲେ, ଭଟଲି ଥାନା ଡୁମାଲପାଲି ଗ୍ରାମର କୁନ୍ତଳା କୁଅଁର ଓରଫ୍ ଭୋଇ (୪୩) ଏବଂ ତାଙ୍କ ସ୍ୱାମୀ ମକରଧ୍ୱଜ ଭୋଇ(୪୭)। ସେମାନଙ୍କ ପାଖରୁ ନଗଦ ୯୦୮୦ ଟଙ୍କା, ବିଭିନ୍ନ ବ୍ୟାଙ୍କର ପାସ୍‌ବୁକ୍ ଏବଂ ମୋବାଇଲ ଫୋନ ଜବତ ହୋଇଛି। ଦମ୍ପତିଙ୍କ ବିରୋଧରେ ଭଟଲି ଥାନାରେ ଏକ ମାମଲା(ନଂ-୨୦୪/୨୪) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗିରଫ ଦମ୍ପତି ଢେଙ୍କାନାଳ ଜିଲା ନିହାଲପ୍ରସାଦ ଥାନା ଦଶମନପାଟଣା ଗ୍ରାମର କାଙ୍ଗାଳୀ ଚରଣ ବେହେରାଙ୍କୁ ସମ୍ବଲପୁର ଆରଏଣ୍ଡବି ଡିଭିଜନରେ କିରାଣିଭାବେ ଚାକିରି ଦେବା ଆଳରେ ୬ଲକ୍ଷ ୫୦ହଜାର ଟଙ୍କା ଠକି ନେଇଥିଲେ। କାଙ୍ଗାଳୀ ଏ ନେଇ ଭଟଲି ଥାନାରେ ଏତଲା ଦେବା ପରେ ପୋଲିସ ଉପରୋକ୍ତ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରିଥିଲା।

## ଖେଳ ମହୋତ୍ସବର ସଫଳ ରୂପାୟନ, ପଞ୍ଜୀକରଣ ନେଇ କର୍ମଶାଳା

ବୌଦ୍ଧ,୯।୯(ଅଜିତ କୁମାର ବାରିକ)

ସାଂସଦ ଖେଳ ମହୋତ୍ସବର ସଫଳ ରୂପାୟନ ଓ ପଞ୍ଜୀକରଣ ପାଇଁ କ୍ରୀଡ଼ା ଶିକ୍ଷକମାନଙ୍କୁ ନେଇ ବୌଦ୍ଧ ଜିଲା ଷ୍ଟାଡିୟମ ପରିସରରେ ମଙ୍ଗଳବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଲୋକସଭା ନିର୍ବାଚନ ମଣ୍ଡଳୀର ଖେଳାଳୀମାନଙ୍କର କିପରି ଅଧିକ ସଂଖ୍ୟାରେ ପଞ୍ଜୀକରଣ ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଅନ୍‌ଲାଇନ ପଞ୍ଜୀକରଣର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯିବା ସହ ବିପୁଳ ସଂଖ୍ୟାରେ ପଞ୍ଜୀକରଣ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଖେଳାଳିମାନେ ସେପ୍ଟେମ୍ବର ୨୦ ତାରିଖ ସୁଧା ପଞ୍ଜୀକରଣ କରିପାରିବେ। କ୍ରିକେଟ, ଫୁଟ୍‌ବଲ, ଭଲିବଲ, ବ୍ୟାଡମିଣ୍ଟନ, ଚେସ୍, ପୁଚି, କବାଡି, ଖୋଖୋ ଆଦି ଖେଳିବା ପାଇଁ ଉଭୟ ମହିଳା ଓ ପୁରୁଷ ଖେଳାଳି ସେପ୍ଟେମ୍ବର ୨୦ ତାରିଖ ସୁଦ୍ଧା ପଞ୍ଜୀକରଣ କରିପାରିବେ। କ୍ରୀଡ଼ା ପ୍ରତିଯୋଗିତାଗୁଡିକ ବ୍ଲକ, ବିଧାନସଭା ଓ ଲୋକସଭା ସ୍ତରରେ ସେପ୍ଟେମ୍ବର ୨୧ରୁ ଡିସେମ୍ବର ୨୫ ପର୍ଯ୍ୟନ୍ତ ଆୟୋଜନ କରାଯିବ। କର୍ମଶାଳାରେ ଜିଲା କ୍ରୀଡ଼ା ଅଧିକାରୀ ସୁଦାମ ଚରଣ ସ୍ୱାଇଁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ, ବୌଦ୍ଧ ବ୍ୟାଡମିଣ୍ଟନ ସଂଘର ସମ୍ପାଦକ ସୁନ୍ଦର ପ୍ରକାଶ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଲମ୍ବୋଦର ପୁରୋହିତ, ଶାରୀରିକ ଶିକ୍ଷକ ଆନନ୍ଦ କୁମାର ବେହେରା ଓ କ୍ରୀଡ଼ା ଶିକ୍ଷକମାନେ ଯୋଗ ଦେଇଥିଲେ।

## ତୈଳିକ ବୈଶ୍ୟ ସାହୁ ସମାଜର ନୂଆଁଖାଇ ଭେଟ୍‌ଘାଟ୍

ପାଇକମାଳ, ୯।୯(ବଡ଼ ଶତପଥୀ)

ପାଇକମାଳ ବ୍ଲକ ନୃସିଂହନାଥ ପୀଠରେ ଥିବା ନିଜସ୍ୱ ଧର୍ମଶାଳାଠାରେ ତୈଳିକ ବୈଶ୍ୟ ସାହୁ ସମାଜର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସମାଜର ଇଷ୍ଟଦେବୀ କରମା ମାତା ଶିବଶଙ୍କରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ପୂଜାପାଠ କରାଯାଇଥିଲା। ନୂଆଁଖାଇ ଭୋଗ ଇଷ୍ଟ ଦେବଦେବୀଙ୍କଠାରେ ଲାଗିହେଲା ପରେ ଏହି ଭୋଗ ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା। ଏହାପରେ ବଡ଼ମାନଙ୍କୁ ସାନମାନେ ମୁଣ୍ଡିଆ ମାରି ଆଶୀର୍ବାଦ ପାଇଥିଲେ। ଏନେଇ ଅନୁଷ୍ଠିତ ସଭାରେ ବଳରାମ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ଭିକାରୀ ଚରଣ ସାହୁ, ମୁଖ୍ୟବକ୍ତା ଭାବରେ ମନୋରଞ୍ଜନ ସାହୁ ଯୋଗଦେଇଥିଲେ। ବିପିନ ବିହାରୀ ସାହୁ ସଭା ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ପାଇକମାଳ ବ୍ଲକର ସମସ୍ତ ପଞ୍ଚାୟତ ସଭାପତିମାନେ ଯୋଗ ଦେଇଥିଲେ। ଉପସ୍ଥିତ ସମସ୍ତ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସଭାପତି ବଳରାମ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ସମସ୍ତେ ଅନ୍ନ ପ୍ରସାଦ ଭୋଜନ କରିଥିଲେ।



ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଉପସ୍ଥିତ ତୈଳିକ ବୈଶ୍ୟ ସାହୁ ସମାଜର ସମସ୍ୟ।

**ସଂକ୍ଷେପରେ**

## ବ୍ୟାଟେରି ଚୋରି, ଜଣେ ଗିରଫ

**ରାଉରକେଲା,୯।୯(ଦିନେଶ ମିଶ୍ର):** ଏକ ବସ୍‌ରୁ ବ୍ୟାଟେରି ଚୋରି ଅଭିଯୋଗରେ ରଘୁନାଥପାଲ୍ଲୀ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜିତେନ୍ଦ୍ର ବାରିକ ଓରଫ୍ ଗଜ। ଏ ନେଇ ପୋଲିସ ଏକ ମାମଲା (ନଂ.୫୦୧/୨୫) ରୁଜୁ କରି ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ରଘୁନାଥପାଲୀ ଥାନା ଅନ୍ତର୍ଗତ ବ୍ୟାସନଗରର ଗଜ କିଛିଦିନ ତଳେ ଏକ ବସ୍‌ରୁ ବ୍ୟାଟେରି ଚୋରି କରି ଫେରାର ହୋଇଯାଇଥିଲା। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରି ଗଜଙ୍କୁ ବ୍ୟାସନଗରରୁ ଗିରଫ କରିଥିଲା। ତାଙ୍କଠାରୁ ଚୋରି ବ୍ୟାଟେରିକୁ ଜବତ କରାଯାଇଛି।

## ରକ୍ତଦାନ ଶିବିର, ୩୦ ୟୁନିଟ୍ ସଂଗ୍ରହ

**ରାଉରକେଲା,୯।୯(ଦିନେଶ ମିଶ୍ର):** ରାଉରକେଲା ଜଗଦାସ୍ଥିତ କୋଏଲ ଆଇଟିଆଇ ପରିସରରେ ଅପରେଶନ ସିନ୍ଦୂର ସ୍ମୃତିରେ ଭାରତୀୟ ସେନାଙ୍କ ସମ୍ମାନାର୍ଥରେ ଏକ ରକ୍ତଦାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କୋଏଲ ଆଇଟିଆଇର ପ୍ରାୟ ୩୦ ଜଣ ବିଦ୍ୟାର୍ଥୀ ରକ୍ତଦାନ କରିଥିଲେ। ରାଉରକେଲା ସରକାରୀ ଡାକ୍ତରଖାନା ବ୍ଲଡ ବ୍ୟାଙ୍କର କର୍ମଚାରୀ ଶିବିର ପରିଚାଳନା କରିଥିଲେ। କର୍ମକର୍ତ୍ତା ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ।



ଟ୍ରାଫିକ୍ ଗେଟ୍ ପାର୍କିଂ ଅଞ୍ଚଳରେ ଆବର୍ଜନା ପଡିରହିଛି।

# ସଫେଇ ହେଉନି ଟ୍ରାଫିକ୍ ଗେଟ୍ ପାର୍କିଂ ଅଞ୍ଚଳ

**ରାଉରକେଲା,୯।୯(ଦିନେଶ ମିଶ୍ର)**

**ପୂତିଗନ୍ଧମୟ ପରିବେଶରେ ପରିବା ବ୍ୟବସାୟ**

ରାଉରକେଲା ସହରକୁ ସ୍ୱଚ୍ଛ ଓ ସବୁଜ କରିବା ପାଇଁ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ଉଦ୍ୟମ ଜାରି ରହିଛି । ରାତି ପାହିଲେ ସହରର ବିଭିନ୍ନ କଲୋନି ଓ ମାର୍କେଟ ଅଞ୍ଚଳକୁ ସଫେଇ କର୍ମଚାରୀମାନେ ଗାଡ଼ି ନେଇ ଜମା ହୋଇଥିବା ଆବର୍ଜନା ଓ ଘର ଘର ବୁଲି ଅଳିଆ ସଂଗ୍ରହ କରୁଛନ୍ତି। ତେବେ ସହରର ପ୍ରମୁଖ ବିଶ୍ରା ଛକ ନିକଟ ଟ୍ରାଫିକ୍ ଗେଟ୍ ପରିବା ମାର୍କେଟ ପାର୍କିଂ ଅଞ୍ଚଳରେ ବହୁଦିନରୁ ଜମା ହୋଇ ରହିଥିବା ଅଳିଆ ଆବର୍ଜନା ସଫେଇ କରାଯାଉନାହିଁ। ଫଳରେ ପୂତିଗନ୍ଧମୟ ପରିବେଶରେ ବ୍ୟବସାୟୀମାନେ ପରିବା ବିକ୍ରିବଟା କରୁଥିବା ଯୋଗୁ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଟ୍ରାଫିକ୍ ଗେଟ୍ ପରିବା ମାର୍କେଟ ସହରର ଏକ ପ୍ରମୁଖ ମାର୍କେଟ। ଏଠାରେ ୨ଶହରୁ ଊର୍ଦ୍ଧ୍ୱ ଦୋକାନ ରହିଛି। ରାତି ପାହିଲେ ଏହି ମାର୍କେଟକୁ ହଜାର ହଜାର ସଂଖ୍ୟକ ଲୋକ ପରିବା, ଫଳମୂଳ ଆଦି କିଣିବାକୁ ଆସିଥାନ୍ତି। ପରିବା ମାର୍କେଟକୁ ଆସୁଥିବା ଲୋକଙ୍କ ପାର୍କିଂ ବ୍ୟବସ୍ଥା କରାଯାଇଛି। ପାର୍କି ପରିସରରେ ଆର୍‌ଏମ୍‌ସି ପକ୍ଷରୁ ଏକ ଡଷ୍ଟବିନ୍‌ୟାର୍ଡ ତିଆରି କରାଯାଇଛି। ଏଥିସହ ଦୁଇଟି ଶୌଚାଳୟ ମଧ୍ୟ ରହିଛି। ବ୍ୟବସାୟୀଙ୍କମାନେ ଟ୍ରାଫିକ୍ ଗେଟ୍ ପରିବା ମାର୍କେଟ ଅଞ୍ଚଳର ପାର୍କିଂ ଏରିଆରେ ଥିବା ଡଷ୍ଟବିନ୍‌ରେ ପଚା ପରିବା ସାଙ୍ଗକୁ ବିଭିନ୍ନ ଅଳିଆ ଆବର୍ଜନା ପକାଇଥାନ୍ତି। ତେବେ ଏହି ଡଷ୍ଟବିନ୍ ୟାର୍ଡରେ ଦିନ ଦିନ ଧରି ପଚା ପରିବା ଓ ଆବର୍ଜନା ସାମଗ୍ରୀ ସଫେଇ ନ ହୋଇ ପଡି ରହୁଥିବାରୁ ଦୁର୍ଗନ୍ଧ ହେଉଛି। ଏହାକୁ ବୁଲାପ୍ରାଣୀ ଏହାକୁ ଖାଇବାକୁ ଆସି ଖେଳାଇ ଦେଉଥିବାରୁ ଆହୁରି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ସେହିପରି ପାର୍କିଂସ୍ଥଳୀରେ ଭାରିଯାନ ଯାତାୟାତ ହେତୁ ବିଭିନ୍ନ ସ୍ଥାନରେ ଗର୍ତ୍ତମାନ ସୃଷ୍ଟି ହେଉଛି। ସାମାନ୍ୟ ବର୍ଷାହେଲେ ଏହି ଗର୍ତ୍ତରେ ପାଣି ଜମି ରହି ମଶାମାଛି ବଂଶ ବୃଦ୍ଧିରେ ସହାୟକ ହେଉଛି। ସେହିଭଳି ଉକ୍ତ ପାର୍କିଂସ୍ଥଳୀରେ ସ୍ଥାନୀୟ ଗ୍ରାହକ ଓ ବ୍ୟବସାୟୀଙ୍କ ପାଇଁ ତିଆରି ହୋଇଥିବା ଶୌଚାଳୟ ଗୁଡିକ ରକ୍ଷଣାବେକ୍ଷଣ ନ ହୋଇ ପଡି ରହିଛି। ଶୌଚାଳୟର ପାଣି ଟ୍ୟାପ୍ ଗୁଡିକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିବାବେଳେ ଏହା ଚାରିପାଖରେ ଅନାବନା ଗଛ ଉଠି କୃତ୍ରିମ ଜଙ୍ଗଲସୃଷ୍ଟି ହୋଇ ଏହାର ପରିବେଶକୁ ପ୍ରଦୂଷିତ କରୁଛି। ଏ ନେଇ ଆର୍‌ଏମ୍‌ସି କମିଶନର ଦୀନା ଦସ୍ତଗିରିଙ୍କୁ ପଚାରିବାରୁ ସେ କହିଥିଲେ, ଟ୍ରାଫିକ୍ ଗେଟ୍ ଶୌଚାଳୟ ଓ ପାର୍କିଂସ୍ଥଳୀ ଡଷ୍ଟବିନ୍‌ୟାର୍ଡର ସଫେଇ କରାଯାଉ ନ ଥିବା ଅଭିଯୋଗ ଆସିନାହିଁ। ତଥାପି ଉକ୍ତ ଅଞ୍ଚଳକୁ ଆର୍‌ଏମ୍‌ସିର ସଫେଇ ଦାୟିତ୍ୱରେ ଥିବା ସୁପରଭାଇଜରଙ୍କୁ ପଠାଇ ଏହାର ସ୍ଥିତି ଅନୁଧ୍ୟାନ କରି ଆସନ୍ତା ୭ ଦିନ ଭିତରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

## ଆଇଜିଏଚ୍‌ରେ ଗର୍ଭାଶୟ ଟ୍ୟୁମରର ସଫଳ ଅସ୍ତ୍ରୋପଚାର

**ରାଉରକେଲା,୯।୯(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ପରିଚାଳିତ ଇସ୍ପାତ ଜେନେରାଲ ହସ୍ପିଟାଲରେ ଡାକ୍ତରମାନେ ଜଣେ ୩୬ ବର୍ଷୀୟା ମହିଳାଙ୍କ ଗର୍ଭାଶୟରୁ ପ୍ରାୟ ୬ କେଜି ଓଜନର ଟ୍ୟୁମରକୁ ସଫଳତାର ସହ ଅସ୍ତ୍ରୋପଚାର କରି ବାହାର କରିଛନ୍ତି। ମନ୍ଦିରା ଡ୍ୟାମ୍ ବାଙ୍କିବାହାଲ ଅଞ୍ଚଳର ମୁତା ସୋରେଙ୍ଗ ଦୁଇମାସ ଧରି ପେଟଯନ୍ତ୍ରଣା ଏବଂ ପେଟଫୁଲା ରୋଗରେ ପୀଡିତ ଥିଲେ। ରୋଗ ସମ୍ବନ୍ଧୀୟ ପରୀକ୍ଷା ପରେ ତାଙ୍କ ଗର୍ଭାଶୟରେ ଟ୍ୟୁମର ଥିବା ନିର୍ଣ୍ଣୟ କରାଯାଇଥିଲା। ସେପ୍ଟେମ୍ବର ୬ତାରିଖରେ ସିନିୟର କନସଲଟାଣ୍ଟ ଡକ୍ଟର ବ୍ୟାସଦେବ ମିଶ୍ରଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳଙ୍କ ଦ୍ୱାରା ପରେ ଏହି ଜଟିଳ ଅସ୍ତ୍ରୋପଚାର ସମ୍ପନ୍ନ କରାଯାଇଥିଲା। ଡା. ବିଦ୍ୟା କୁଆରଦାର ଏବଂ ଡା. ଚଞ୍ଚଳଙ୍କ ସହାୟତାରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ମୁଖ୍ୟ ତଥା ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଡକ୍ଟର ପ୍ରତିଭା ଷଡଙ୍ଗୀଙ୍କ ଦ୍ୱାରା ଏହା ସମ୍ପାଦିତ ହୋଇଥିଲା। ଏଥିରେ ବରିଷ୍ଠ ନିଶ୍ଚେତକ ବିଶେଷଜ୍ଞ ଡା. ବି. କେ. ନାୟକ, ଡାକ୍ତର ଶେଖର ଓ ଡା. ପ୍ରାନ୍ତିକା ଆନାସ୍ଥେସିଆ ସହାୟତା ପ୍ରଦାନ କରିଥିବା ବେଳେ ସିଷ୍ଟର ରାସନା ସହୟତା କରିଥିଲେ। ଅସ୍ତ୍ରୋପଚାର ସମୟରେ ରୋଗୀଙ୍କୁ ଗୋଟିଏ ୟୁନିଟ୍ ରକ୍ତ ଦିଆଯାଇଥିଲା। ପରେ ମହିଳାଙ୍କ ଗର୍ଭାଶୟରୁ ଏକ ବଡ ଟ୍ୟୁମର ସଫଳତାର ସହିତ କଢାଯାଇଥିଲା। ଅସ୍ତ୍ରୋପଚାର ପରେ ରୋଗୀ ସୁସ୍ଥତା ଅନୁଭବ କରିଥିଲେ।



ରୋଗୀଙ୍କ ସହ ଆଇଜିଏଚ୍ ଡାକ୍ତରୀ ଦଳ।

## ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

**ରାଉରକେଲା,୯।୯(ଦିନେଶ ମିଶ୍ର)**

ଗଞ୍ଜେଇ ଚାଲାଣ ବେଳେ ରଘୁନାଥପାଲି ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସିଲୁ ଦାସ(୩୫)। ପୋଲିସ ଅଭିଯୁକ୍ତଙ୍କଠାରୁ ୨କେଜି ୪୩୨ ଗ୍ରାମ ଗଞ୍ଜେଇ ଜବତ କରିଛି। ଏ ନେଇ ଏକ ମାମଲା (୫୦୩/୨୫) ରୁଜୁ କରି ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଗୋପବନ୍ଧୁପାଲି ବସ୍ତିର ସିଲୁ ମଙ୍ଗଳବାର ସକାଳେ ଗଞ୍ଜେଇ ଚାଲାଣ କରୁଥିବାବେଳେ ପୋଲିସ ରାଉରକେଲା ଉତ୍କଳ ଇଞ୍ଜିନିୟରିଂ ଛକରେ ତାଙ୍କୁ ଧରିଥିଲା।

## ଶିକ୍ଷକ, ଅଭିଭାବକ, ଦିବ୍ୟାଙ୍ଗଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

**ରାଉରକେଲା,୯।୯(ବିପ୍ଳବ ରଞ୍ଜନ ଦାଶ)**

ଦିବ୍ୟାଙ୍ଗଙ୍କ ଅନୁଷ୍ଠାନ ଶ୍ରଦ୍ଧାରେ ଶିକ୍ଷକ, ଅଭିଭାବକ ଓ ଦିବ୍ୟାଙ୍ଗଙ୍କ ସହ ସମ୍ପୃକ୍ତ କର୍ମକର୍ତ୍ତାଙ୍କ ମଧ୍ୟରେ ଦକ୍ଷତା ବୃଦ୍ଧି କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଟିପିଡବ୍ଲ୍ୟୁଓଡିଏଲ ପ୍ରାୟୋଜିତ ଏହି କର୍ମଶାଳା ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ବାରିପଦାସ୍ଥିତ ସାଧନା ଅନୁଷ୍ଠାନର ମୁଖ୍ୟ ରଞ୍ଜିତ କୁମାର ମହାପାତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଦକ୍ଷତା ବୃଦ୍ଧି ବିଷୟରେ ଆଲୋଚନା କରିଥିଲେ। ଦିବ୍ୟାଙ୍ଗମାନଙ୍କ ଅସୁବିଧା ସମୟରେ ସେମାନଙ୍କୁ ମାର୍ଗଦର୍ଶନ ଦେବା ଓ ମୁଖ୍ୟ ସ୍ରୋତରେ ସାମିଲ କରାଇବା ଉଭୟ ଅଭିଭାବକ ଓ ଗୁରୁମାନଙ୍କର ଦାୟିତ୍ୱ। ଯେହେତୁ ସେମାନେ ମାନସିକ ଭାବେ ଅନଗ୍ରସର, ତେଣୁ ଧୈର୍ଯ୍ୟ ରଖି ସେମାନଙ୍କ ସହ ମିଶି କର୍ମଦକ୍ଷତା ବଢ଼ାଇବା ନେଇ ମହାପାତ୍ର ପରାମର୍ଶ ଦେଇଥିଲେ। ଏଥିପାଇଁ ଅଭିଭାବକ ଓ ଗୁରୁମାନଙ୍କୁ ମାନସିକ ଭାବେ ପ୍ରସ୍ତୁତ ରହିବା ଏବଂ ପରିବେଶ ସହ ଖାପ ଖୁଆଇ ଦିବ୍ୟାଙ୍ଗମାନଙ୍କୁ ମାର୍ଗଦର୍ଶନ କରାଇବା ପାଇଁ ଶିକ୍ଷା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିବିଆର୍ ପ୍ରୋଗ୍ରାମିଂ ପ୍ରବନ୍ଧକ ରିନୁଲତା ମହାରଣା, ସୁଜାତା ରାଉତ, ପ୍ରୀତି ବାରିକ, ଅଞ୍ଜଳି ମହାରଣା, ଶିବାନୀ ସ୍ୱାଇଁ, ଅର୍ଚ୍ଚନା ମିଞ୍ଜ, ଗଗନ ମହାନ୍ତି, ସୁକୁମାର ପାଣ୍ଡବ, ଧର୍ମେନ୍ଦ୍ର ଓଝା, କ୍ରିଷ୍ଣା ଗୋପ, ଦୀପକ ଗୋପ, ଏମ୍‌ଡି ୱଜିଦ୍ ହୁସେନ, ଶିବ ମହତୋ, ଦାହାରୁ ଓରାମ, ମମତା ଗୌଡ, ଗଙ୍ଗେଇ ମିଞ୍ଜ, ଚନ୍ଦ୍ରିକା ପାଣ୍ଡବ, ମାନସୀ ପଟେଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



କର୍ମଶାଳାରେ ତାଲିମ ପ୍ରଦାନ କରାଯାଉଛି।



ଜୟନ୍ତୀ ସମାରୋହରେ ଉପସ୍ଥିତ ଶ୍ରଦ୍ଧାଳୁ।

## ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ୧୩୮ତମ ଜୟନ୍ତୀ ପାଳିତ

**ରାଉରକେଲା,୯।୯(ବିପ୍ଳବ ରଞ୍ଜନ ଦାଶ)**

ଛେଣ୍ଡ ସ୍ଥିତ ଦି ଡିଭାଇନ ଲାଇଫ୍ ସୋସାଇଟି ପକ୍ଷରୁ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜଙ୍କ ୧୩୮ତମ ଜୟନ୍ତୀ ମହାସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ରବିନ୍ଦ୍ର କୁମାର ପାଣ୍ଡବଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରମ ପୂଜ୍ୟ ସ୍ୱାମୀଜୀ ବ୍ରହ୍ମ ସାକ୍ଷାତକାରନନ୍ଦଜୀ ମହାରାଜ ଯୋଗଦେଇ ସ୍ୱାମୀ ଶିବାନନ୍ଦଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଦିବସବ୍ୟାପୀ କାର୍ଯ୍ୟକ୍ରମରେ ଯୋଗ ଓ ପ୍ରାଣାୟାମ, ୧୦୦୮ ନାମ ମନ୍ତ୍ର, ପ୍ରଭାତ ଫେରି, ଶ୍ରୀଗୁରୁ ପାଦୁକାପୂଜା, ଗଣେଶ କୀର୍ତ୍ତନ, ସ୍ତୋତ୍ର ଓ ଶାନ୍ତି ପାଠ, ସ୍ୱାମୀ ଶିବାନନ୍ଦଙ୍କ ଜୀବନାଦର୍ଶ, ପିଲାମାନଙ୍କ ଦ୍ୱାରା ଭଜନ, ସନାତନ ଧର୍ମ ସମ୍ପର୍କରେ ଆଲୋଚନା କରାଯାଇଥିଲା। କବିବର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ କୁମାର ପଣ୍ଡା, ସୁଶିଲ କୁମାର ମିଶ୍ର, ପାଣ୍ଡବ ବେହେରା, ଦିଗମ୍ବର ପାଢ଼ୀ, ବିଜୟ ଅଗ୍ରୱାଲ, ଉମେଶ ଚନ୍ଦ୍ର ପୃଷ୍ଟି, ବାଳକୃଷ୍ଣ ମହାରଣା, ଅମୀୟ ରଞ୍ଜନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ଅଗ୍ନି ବିପନ୍ନ ପରିବାରକୁ ସହାୟତା



ଅଗ୍ନି ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରାଯାଉଛି।

**ରାଉରକେଲା,୯।୯(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସେକ୍ଟର-୧ରେ ଗତ ବୁଧବାର ଅଗ୍ନିକାଣ୍ଡରେ ସର୍ବସ୍ୱାନ୍ତ ହୋଇଥିବା ଗଣେଶ ରାମଙ୍କ ପରିବାରକୁ ସ୍ଥାନୀୟ ସାମାଜିକ ସଙ୍ଗଠନ ସହାୟତା ସହଯୋଗର ହାତ ବଢାଇଛି। ଏହି କ୍ରମରେ ମଙ୍ଗଳବାର ସଙ୍ଗଠନର କର୍ମକର୍ତ୍ତାମାନେ ଗୋଟିଏ ମାସର ରାଶନ ସାମଗ୍ରୀ ସହ ରୋଷେଇ ସରଞ୍ଜାମ, ଲୁଗାପଟା ଆଦି ଗଣେଶଙ୍କୁ ପ୍ରଦାନ କରିଥିଲେ। ଏହି ସମୟରେ ସଙ୍ଗଠନର ଅଧ୍ୟକ୍ଷ ଗୋପାଳ ଜେନା, ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ନାୟକ, ସଦସ୍ୟ ଲୀନା ନାୟକ, ପ୍ରୀତିରାଣୀ ରାଉତ, ହେମଲତା ପ୍ରସାଦ, ପ୍ରତିଭା ପ୍ରିୟଦର୍ଶିନୀ, ଅନ୍ନପୂର୍ଣ୍ଣା ମହାନ୍ତି, ମିତା ତରାଇ, ବିଜୟ ପ୍ରସାଦ, ଲଳିତ ରାଉତ, ଦେବଦତ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ରେଳଷ୍ଟେଶନ ଉଦ୍ୟାନକୁ ପୋଷ୍ୟ ଗ୍ରହଣ

**ରାଉରକେଲା,୯।୯(ବିପ୍ଳବ ରଞ୍ଜନ ଦାଶ)**

ସ୍ୱେଚ୍ଛାସେବୀ ସଙ୍ଗଠନ ମିଶନ ସଣ୍ଡେ ପକ୍ଷରୁ ରାଉରକେଲା ରେଳ ଷ୍ଟେଶନର ଦ୍ୱିତୀୟ ଫାଟକ ସମ୍ମୁଖରେ ଥିବା ଏକ ପରିତ୍ୟକ୍ତ ଉଦ୍ୟାନକୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଛି। ଫଳରେ ସଙ୍ଗଠନର କର୍ମକର୍ତ୍ତାମାନେ ମଙ୍ଗଳବାର ଉଦ୍ୟାନ ପରିସର ସଫେଇ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ରେଳବାଇ କର୍ତ୍ତୃପକ୍ଷଙ୍କଠାରୁ ଆନୁଷ୍ଠାନିକ ଅନୁମୋଦନ ପତ୍ର ପାଇବା ପରେ ଏହି ସଙ୍ଗଠନ ବର୍ଷ ତମାମ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରହଣ କରିଛି। ସ୍ୱେଚ୍ଛାସେବୀମାନେ ଉଦ୍ୟାନରେ ଥିବା ବୁଦା ଏବଂ ଘାସ ସଫେଇ କରିବା ଆରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ରେଳ ଅଧିକାରୀ ଲକ୍ଷ୍ମୀଧର ତ୍ରିପାଠୀ, ଷ୍ଟେଶନ ମ୍ୟାନେଜର ବିନୋଦ କୁମାର ସିଂହ, ସ୍ୱାସ୍ଥ୍ୟ ପରିଦର୍ଶକ ସ୍ୱପନ ଚକ୍ରବର୍ତ୍ତୀ, ସଫେଇ ଠିକାଦାର ସନ୍ତୋଷ ରାମ, ସଫେଇ ପର୍ଯ୍ୟବେକ୍ଷକଙ୍କ ସମେତ ସଙ୍ଗଠନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।





ରେଳୱେ ଷ୍ଟେଶନ ସମ୍ମୁଖ ଉଦ୍ୟାନ ପରିସର ସଫେଇ କରାଯାଉଛି।

## ସୁନ୍ଦରଗଡ, ଦେଓଘର, ଇଷ୍ଟକୋଷ୍ଟ ରେଲୱେ ଓ ଗାଙ୍ଗପୁର ବିଜୟୀ

**ରାଉରକେଲା,୯।୯(ଦିନେଶ ମିଶ୍ର)**

**ରାଜ୍ୟସ୍ତରୀୟ ବରିଷ୍ଠ ପୁରୁଷ ହକି ଚାମ୍ପିୟନଶିପ୍**

ଛେଣ୍ଡ ସ୍ଥିତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଆୟୋଜିତ ହକି ଆସୋସିଏଶନ ଓଡ଼ିଶା (ଏଚ୍‌ଏଓ) ରାଜ୍ୟସ୍ତରୀୟ ବରିଷ୍ଠ ପୁରୁଷ ଚାମ୍ପିୟନ୍‌ଶିପ୍‌ର ମଙ୍ଗଳବାର ୪ର୍ଥ ଦିନରେ ୪ଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ସୁନ୍ଦରଗଡ ଓ ସ୍ପୋର୍ଟସ ହଷ୍ଟେଲ ରାଉରକେଲା ମଧ୍ୟରେ ଖେଳାଯାଇଥିଲା। ଏଥିରେ ମ୍ୟାଚ୍ ଶେଷ ସମୟ ସୁଦ୍ଧା ଉଭୟ ଦଳ ପରସ୍ପରକୁ ୩-୩ ଗୋଲ ଦେଇ ଡ୍ର କରିଥିଲେ। ଶେଷରେ ପେନାଲ୍ଟି ସୁଟ୍‌ଆଉଟ୍‌ରେ ସୁନ୍ଦରଗଡ ଦଳ ୫-୪ ଗୋଲରେ ରାଉରକେଲା ସ୍ପୋର୍ଟସ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଦେଓଘର ଓ ଖୋର୍ଦ୍ଧା ହକି ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଖୋର୍ଦ୍ଧାକୁ ଦେଓଘର ଦଳ ୭-୧ ଗୋଲରେ ପରାସ୍ତ କରିଥିଲା। ତୃତୀୟ ମ୍ୟାଚ୍ ଇଷ୍ଟକୋଷ୍ଟ ରେଲୱେ ଓ ଗାଙ୍ଗପୁର ସ୍ପୋର୍ଟସ ଏକାଡେମୀ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଇଷ୍ଟକୋଷ୍ଟ ରେଲୱେ ଗାଙ୍ଗପୁର ଦଳକୁ ୭-୩ ଗୋଲରେ ପରାସ୍ତ କରିଥିଲା। ଚାମ୍ପିୟନଶିପ୍‌ର ଶେଷ ମ୍ୟାଚ୍ ଗାଙ୍ଗପୁର ହକି ଆସୋସିଏଶନ ଓ ଓଡ଼ିଶା ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଗାଙ୍ଗପୁର ହକି ଆସୋସିଏଶନ ୫-୧ ଗୋଲରେ ଓଡ଼ିଶା ପୋଲିସ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା।



ପଡିଆରେ ଗାଙ୍ଗପୁର ଏବଂ ଓଡ଼ିଶା ପୋଲିସ ହକି ଦଳ।

## ହକି ଚାମ୍ପିୟନଶିପ୍‌ରେ ଶିଳାନନ୍ଦ ଲାକ୍ରାଙ୍କ ଉତ୍କୃଷ୍ଟ ପ୍ରଦର୍ଶନ

**ରାଉରକେଲା,୯।୯(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ସେଲ୍ ହକି ଏକାଡମୀର ପୂର୍ବତନ କ୍ୟାପ୍‌ଟେନ ଶିଳାନନ୍ଦ ଲାକ୍ରା ରାଜଗିରରେ ଅନୁଷ୍ଠିତ ପୁରୁଷ ଏସିଆ କପ୍ ହକି ଚାମ୍ପିୟନଶିପ୍‌ରେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ଏହି ଚାମ୍ପିୟନଶିପ୍‌ରେ ଭାରତ ଚାମ୍ପିୟନ ହୋଇଛି। ଏହି ବିଜୟ ସହିତ ଭାରତ ବେଲଜିୟମ ଏବଂ ନେଦରଲ୍ୟାଣ୍ଡରେ ହେବାକୁ ଥିବା ୨୦୨୬ ପୁରୁଷ ହକି ବିଶ୍ୱକପ୍ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛି। ପୁରୁଷ ଏସିଆ କପ୍ ହକି ଚାମ୍ପିୟନଶିପ୍‌ର ଫାଇନାଲରେ ଭାରତ ପୂର୍ବ ଚାମ୍ପିୟନ ଦକ୍ଷିଣ କୋରିଆକୁ ୪-୧ ଗୋଲରେ ପରାସ୍ତ କରିଥିଲା। ଭାରତର ଏହି ସଫଳ ଯାତ୍ରାରେ ଶିଳାନନ୍ଦଙ୍କର ପ୍ରମୁଖ ଅବଦାନ ରହିଥିଲା। ବିଶେଷକରି ଚୀନ୍ ବିପକ୍ଷ ସେମି ଫାଇନାଲରେ ସେ ୭-୦ ଗୋଲରେ ପରାଜିତ କରିବାରେ ପ୍ରମୁଖ ଭୂମିକା ତୁଲାଇଥିଲେ ଏବଂ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସୂଚନାଯୋଗ୍ୟ, ଫରୱାର୍ଡ ଲାଇନ୍‌ରେ ଖେଳୁଥିବା ଶିଳାନନ୍ଦ ୨୦୧୮ ମାର୍ଚ୍ଚରେ ୨୭ତମ ସୁଲତାନ ଆଜଲାନ ଶାହ କପ୍ ଟୁର୍ନାମେଣ୍ଟରେ ଭାରତୀୟ ହକି ଦଳରେ ସାମିଲ ହୋଇଥିଲେ। ଏହି ଯୁବ ଖେଳାଳୀ ଏପର୍ଯ୍ୟନ୍ତ ୩୯ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ସେ ଜୁନିଅର ଦଳର ପ୍ରତିନିଧିତ୍ୱ କରି ଦେଶ ପାଇଁ ଗୌରବ ଅର୍ଜନ କରିଛନ୍ତି। ଉଲ୍ଲେଖନୀୟ, ସୁନ୍ଦରଗଡ ଜିଲା କାଳିଜାପଥର ଗ୍ରାମ ନିବାସୀ କାର୍ଲସ ଲାକ୍ରା ଓ ମେରୀ ଗ୍ରେସ ଲାକ୍ରାଙ୍କ ପୁଅ ଶିଳାନନ୍ଦ ୨୦୧୫ ଅଗଷ୍ଟରେ ସେଲ୍ ହକି ଏକାଡେମୀରେ ଯୋଗଦେବା ସହିତ ୨୦୧୯ ପର୍ଯ୍ୟନ୍ତ କ୍ୟାଡେଟ୍ ରହିଥିଲେ। ଏହି ସମୟ ମଧ୍ୟରେ ସେ ଆର୍‌ଏସ୍‌ପିର ଦୁଇଜଣ ହକି ପ୍ରଶିକ୍ଷକ ଏନ୍‌ଆଇଏସ୍‌ର ପ୍ରଶିକ୍ଷକ ରାଜୁକାନ୍ତି ସାଇନି ଏବଂ ପୂର୍ବତନ ଜାତୀୟ ଜୁନିଅର ଭାରତୀୟ ହକି ଖେଳାଳି ପିଟର ତିର୍କୀଙ୍କଠାରୁ ହକି ପ୍ରଶିକ୍ଷଣ ନେଇଥିଲେ।





ଶିଳାନନ୍ଦଙ୍କୁ ମେଡାଲ ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ସାପ କାମୁଡ଼ାରେ ନାବାଳକ ମୃତ

ବେଲପାହାଡ଼,୯।୯(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ତେଲେନ୍‌ପାଲି ପଞ୍ଚାୟତ ଅଧୀନ ବନହରପାଲି ଗ୍ରାମରେ ସୋମବାର ସାପ କାମୁଡ଼ାରେ କାର୍ତ୍ତିକ ଗିରି(୯)ଙ୍କ ମୃତ୍ୟୁ ଘଟିଛି। ସେ ଘର ବାହାରେ ଖେଳୁଥିବାବେଳେ ସମୟରେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଚିକିତ୍ସା ଲାଗି ତାଙ୍କୁ ହସ୍ପିଟାଲ ନେବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ସରପଞ୍ଚ ଆକାଶ ସାହୁ ଓ ବାବା ପଶ୍ଚିମେଶ୍ୱର ଯୁବକ ସଂଘର ସ୍ୱେଚ୍ଛାସେବୀମାନେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ।

### କାର୍‌କୁ ଧକ୍କା ଦେଲା ବାଇକ୍: ୨ ଗୁରୁତର

ଲଖନପୁର,୯।୯(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ଦୁର୍ଘଟଣା ଘଟିଛି। ରାସ୍ତା କଡ଼ରେ ଭୁଲ୍ ସାଇଡ୍‌ରେ ଛିଡ଼ା ହୋଇଥିବା ଏକ କାର୍‌କୁ ବାଇକ୍ ଧକ୍କା ଦେଇଛି। ଫଳରେ ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଲଖନପୁର ଥାନା ଅଧୀନ ମାଉଲିବେର୍ଣ୍ଣା ଗ୍ରାମର ସଚିନ ଭୁଏ (୨୦), ଅମିତ୍ ଭୋଇ(୧୯)। ଖବରପାଇ ଲଖନପୁର ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଦ୍ୱୟଙ୍କୁ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ସେମାନଙ୍କୁ ସମ୍ବଲପୁରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

### ତାରିଣୀ ମନ୍ଦିରରୁ ଚୋରି ଉଦ୍ୟମ: ଅଭିଯୁକ୍ତ ଅଟକ

ବେଲପାହାଡ଼,୯।୯(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ତାରିଣୀ ମନ୍ଦିରରୁ ମଙ୍ଗଳବାର ସକାଳେ ଚୋରି ଉଦ୍ୟମ ଅଭିଯୋଗରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିଛି। ସେ ଉକ୍ତ ମନ୍ଦିରରୁ ଚୋରି ପାଇଁ ଉଦ୍ୟମ କରିବାବେଳେ ସ୍ଥାନୀୟ ଲୋକଙ୍କ ହାତରେ ଧରାପଡ଼ିଥିଲେ। ଖବରପାଇ ରାମପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ କାବୁ କରିବା ସହ ପଚରାଉଚରା ଚଳାଇଛି।

### ଲକ୍ଷ୍ମୀ ବସ୍ ଚଳାଚଳ ପାଇଁ ଦାବିପତ୍ର

କୁଚିଣ୍ଡା,୯।୯(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର କୁଲେଇଗଡ଼ ପଞ୍ଚାୟତ ଅନ୍ତର୍ଗତ ବୁଦୁଲାପାଲି ଗ୍ରାମକୁ ଲକ୍ଷ୍ମୀ ବସ ଚଳାଚଳ ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୁରୁଣାପାଣିରୁ ବୁଦୁଲାପାଲିକୁ ୫କି.ମି ଦୂରତା ହେଉଥିବାରୁ ଗ୍ରାମବାସୀମାନେ କୁଚିଣ୍ଡା ବ୍ଲକ ଓ ଉପଖଣ୍ଡ ମୁଖ୍ୟାଳୟକୁ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଲକ୍ଷ୍ମୀ ବସଟି କୁଚିଣ୍ଡାରୁ ପୁରୁଣାପାଣି ପର୍ଯ୍ୟନ୍ତ ଆସୁଥିବା ବେଳେ ବୁଦୁଲାପାଲି ଗ୍ରାମବାସୀ ଚାଲିଚାଲି ବସ ଧରି ପାରୁ ନ ଥିବା ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଉପଜିଲାପାଳ ସରୱନନ ସ ଏଦିଗରେ ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

# ରେଲ୍‌ୱେ କଲୋନୀ ଅଞ୍ଚଳର ଉନ୍ନତୀକରଣ କରାଯିବ

**ସ୍ଥିତି ସମୀକ୍ଷା କଲେ ବିଧାୟକ, ଜିଲାପାଳ, ରେଲ୍‌ୱେ ଡିଆର୍‌ଏମ୍**

ଝାରସୁଗୁଡ଼ା,୯।୯(ଆଶିଷ ରଞ୍ଜନ ଦାଶ)


ବିଧାୟକ, ରେଲ୍‌ୱେ ଡିଆର୍‌ଏମ୍, ଜିଲାପାଳ ଏବଂ ଅନ୍ୟ ଅଧିକାରୀ ସ୍ଥିତି ସମୀକ୍ଷା କରୁଛନ୍ତି।

ଝାରସୁଗୁଡ଼ା ସହରକୁ ସରସ ସୁନ୍ଦର କରାଯିବ। ବିଶେଷକରି ରେଲ୍‌ୱେ କଲୋନୀ ଅଞ୍ଚଳର ଉନ୍ନତୀକରଣ କରାଯିବ। ମଙ୍ଗଳବାର ପୂର୍ବାହ୍ନରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ରେଲ୍‌ୱେ ବିଭାଗର ଚକ୍ରଧରପୁର ଡିଆର୍‌ଏମ୍ ତରୁଣ ହୁରିଆ, ଜିଲାପାଳ କୁନାଲ ମୋତିରାମ ଚୌହାନ ସହରର ଗାନ୍ଧୀ ଛକରୁ ଝଣ୍ଡା ଛକ ପର୍ଯ୍ୟନ୍ତ ଚାଲି ଚାଲି ବିଭିନ୍ନ ଉନ୍ନୟନ କାମ ପାଇଁ ସ୍ଥିତି ସମୀକ୍ଷା କରିଛନ୍ତି। ପ୍ରଥମେ ସହରର ଟ୍ରାଫିକ୍ ସମସ୍ୟା ଦୂର ଏବଂ ରେଲୱେ କଲୋନୀ ଅଞ୍ଚଳରେ ଉନ୍ନତୀକରଣ କାର୍ଯ୍ୟ କରାଯିବ। ଏଥିସହ ଝାରସୁଗୁଡ଼ାର ମୁଖ୍ୟ ନଳା ବ୍ୟବସ୍ଥା ଓ ଝାରସୁଗୁଡ଼ାରେ ଥିବା ଗାନ୍ଧୀ ମୂର୍ତ୍ତିଠାରୁ ଝଣ୍ଡା ଛକ ପର୍ଯ୍ୟନ୍ତ ମୁଖ୍ୟରାସ୍ତାର ଉନ୍ନତି ପାଇଁ ରୋଡ୍‌ମ୍ୟାପ୍ ବିଷୟରେ ଆଲୋଚନା ହୋଇଥିଲା। ରେଲୱେ କଲୋନୀ ଅଞ୍ଚଳରେ ବିଦ୍ୟାଳୟର ଉନ୍ନତୀକରଣ, ନଳା ଓ ସଡ଼କ ସଂଯୋଗ ସୁଧାର ଉପରେ ଗୁରୁତ୍ୱ ଦିଆଯିବା ସହ ସ୍ଥାନୀୟ ନାଗରିକମାନେ କିପରି ଭଲଭାବ ସୁବିଧାଜନକ ପରିବେଶରୁ ଲାଭାନ୍ୱିତ ହୋଇପାରିବେ ସେ ବିଷୟରେ ବିଧାୟକ, ଡିଆର୍‌ଏମ୍, ଜିଲାପାଳ ଏବଂ ଉପସ୍ଥିତ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା।

# ସ୍କୁଲ ୟୁନିଫର୍ମରୁ ଛାତ୍ରୀଛାତ୍ର ବଞ୍ଚିତ ଘଟଣା: ଭିଜିଲାନ୍ସ ତଦନ୍ତ ଦାବି

ଦେବଗଡ଼,୯।୯(ଶଶାଙ୍କ ଶେଖର ଝାଙ୍କର)

- ସରକାରୀ ନିୟମକୁ ବେଖାତିର
- ଏସ୍‌ଏଚ୍‌ଜି ନାମରେ ଲକ୍ଷାଧିକ ଟଙ୍କାର ଅନିୟମିତତା

ଦେବଗଡ଼ ଜିଲାରେ ସ୍କୁଲ ୟୁନିଫର୍ମ ଯୋଗାଣ ନାଁରେ ଲକ୍ଷଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ଏପରିକି ସରକାରୀ ନିୟମକୁ କେହି ମାନୁନାହାନ୍ତି। ସରକାରୀ ନିୟମ ଅନୁସାରେ ସ୍କୁଲ ୟୁନିଫର୍ମ ଏସ୍‌ଏଚଜି ଗ୍ରୁପର ମହିଳାମାନେ ଯଦି ସପ୍ଲାଏ ପାଇଁ ଏଗ୍ରିମେଣ୍ଟ କରିଲେ ତାହାହେଲେ ନିଜେ ତିଆରି କରି ସ୍କୁଲ ୟୁନିଫର୍ମ ଦେବା କଥା। ସମ୍ପୃକ୍ତ ଏସ୍‌ଏଚଜିର ବ୍ୟାଙ୍କ ଆକାଉଣ୍ଟରେ ସ୍କୁଲ ପକ୍ଷରୁ ଚେକରେ ଟଙ୍କା ଦିଆଯାଏ। ଏପଟେ କିନ୍ତୁ ସେସବୁ କିଛି ହେଉନାହିଁ। କେତେଜଣ ସିଆରସିସି ଓ ଡିପିସି କାର୍ଯ୍ୟାଳୟର କିଛି ଅସାଧୁ କର୍ମଚାରୀ ମିଶି ଏସଏଚଜି ଗ୍ରୁପକୁ ଧରି ତାଙ୍କୁ କିଛି ଟଙ୍କା ଦେଇ ନିଜେ ବେପାରୀମାନଙ୍କ ସହ ବଡ ଡିଲ କରି ଏସ୍‌ଏଚଜି ଗ୍ରୁପ ଆକାଉଣ୍ଟକୁ ଆସିଥିବା ଟଙ୍କାକୁ ନେଇ ବେପାରୀ ଓ ସିଆରସିସି ମାଲେମାଲ ହେଉଥିବା ଅଭିଯୋଗ ହେଉଛି। ସ୍କୁଲ ୟୁନିଫର୍ମ ନିଜେ ତିଆରି କରି ଏସଏଚ୍‌ଜି ଗ୍ରୁପମାନେ ସ୍କୁଲକୁ ଯୋଗାଣ କରିବା କଥା କିନ୍ତୁ ସେସବୁ ହେଉ ନାହିଁ। ଦୁର୍ନୀତିରେ ସେମାନେ ମଧ୍ୟ ଦାୟୀ। ସେଥିପାଇଁ ଉକ୍ତ ଘଟଣାକୁ ଭିଜିଲାନ୍ସ ତଦନ୍ତ କରିଲେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ସୂଚନା ଥାଉ କି ସରକାରୀ ନିୟମ ଅନୁଯାୟୀ ସ୍ୱାଧୀନତା ଦିବସ ପୂର୍ବରୁ ସରକାରୀ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ ଡ୍ରେସ ମିଳିଥାଏ। କିନ୍ତୁ ସ୍ୱାଧୀନତା ଦିବସ ପାଳନ ସରିଗଲା ପରେ ମଧ୍ୟ କିଛି ହାତ ଗଣତି ସ୍କୁଲ ଛାଡ଼ି ଦେଲେ ଅନେକ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ୟୁନିଫର୍ମ ଡ୍ରେସ ମିଳିନାହିଁ। ଫଳରେ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କଣ ପାଇଁ ଏପରି ବ୍ୟତିକ୍ରମ ଦେଖା ଯାଇଛି ତାହା ତଦନ୍ତ କରାଗଲେ ଜଣାପଡ଼ିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। କୁଆଡେ ଏହି ସ୍କୁଲ ଡ୍ରେସ ପାଇଁ ବିଭାଗ ଓ ସ୍କୁଲକୁ ବହୁତ ପିସି ଟଙ୍କା ମିଳିଥାଏ। ଏପରିକି ବାହାରକୁ ବୁଲିଯିବା ଓ ଭୋଜି ପାଇଁ ମଧ୍ୟ ଟେଣ୍ଡର ନେଇଥିବା ବ୍ୟକ୍ତି ଦେଇଥାଏ ବୋଲି ଚର୍ଚ୍ଚା ହେଉଛି। ଏହାର ଭିଜିଲାନ୍ସ ତଦନ୍ତ କରାଗଲେ ଅନେକ ତଥ୍ୟ ଧରାପଡ଼ିବ ବୋଲି କୁହାଯାଉଛି।

# 'ଦେଶ ପାଇଁ ବଳିଦାନ ଦେଇଥିଲେ ଗଣେଶ'



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଝାରସୁଗୁଡ଼ା,୯।୯(ଆଶିଷ ରଞ୍ଜନ ଦାଶ)

**ସ୍ୱାଧୀନତା ସଂଗ୍ରାମୀ ଶହୀଦ ଗଣେଶ ଉପାଧ୍ୟାୟଙ୍କ ଜୟନ୍ତୀ**

ଝାରସୁଗୁଡ଼ା ସହରର ଏକ ହୋଟେଲରେ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଗଣେଶ ଉପାଧ୍ୟାୟଙ୍କ ୨୧୭ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ସୀତାରାମ ବିର୍ତ୍ତିଆ ଯୋଗଦେଇ କହିଛନ୍ତି, ସ୍ୱାଧୀନତା ସଂଗ୍ରାମୀ ଗଣେଶ ଉପାଧ୍ୟାୟ ଦେଶମାତୃକାର ସେବା ପାଇଁ ବଳିଦାନ ଦେଇଥିଲେ। ସେ ଝାରସୁଗୁଡ଼ା ମାଟିର ସୁଯୋଗ୍ୟ ସନ୍ତାନ ଥିଲେ ବୋଲି ବିର୍ତ୍ତିଆ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ସଂଘ ସଭାପତି ବାଳଗୋବିନ୍ଦ ମିଶ୍ର, ଝାରସୁଗୁଡ଼ା ମହିଳା ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଟହଲୁ ସାହୁ, ବରିଷ୍ଠ ଖବରଦାତା ତପସ୍ୱୀଲାଲ୍ ତିୱାରୀ, ଅଧ୍ୟାପିକା ମନ୍ଦାକିନୀ ଶତପଥୀ, ସ୍ୱାଧୀନତା ସଂଗ୍ରାମୀ ଗଣେଶ ଉପାଧ୍ୟାୟଙ୍କ ଦାୟାଦ ମିନା ଉପାଧ୍ୟାୟ ଯୋଗଦେଇ ଶହୀଦ ଉପାଧ୍ୟାୟଙ୍କ ସ୍ମୃତିଚାରଣ କରିଥିଲେ। ୟଙ୍ଗ୍ ଷ୍ଟାର୍ସ ଚାରିଟେବଲ ଟ୍ରଷ୍ଟ ଓ ଶହୀଦ ଗଣେଶ ଉପାଧ୍ୟାୟ ସ୍ମୃତିଚାରଣ ସମିତିର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମିତି ସଭାପତି ଇଂ. ଅରବିନ୍ଦ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଟ୍ରଷ୍ଟର ନିର୍ଦ୍ଦେଶକ ଅନନ୍ତରାମ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ସାମାଜିକ ସଙ୍ଗଠନ, ବରିଷ୍ଠ ନାଗରିକ, ଆଇନଜୀବୀ, ବୁଦ୍ଧିଜୀବୀ, ଅଧ୍ୟାପକ, ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ଏହି ଅବସରରେ ଶହୀଦଙ୍କ ଜନ୍ମସ୍ଥାନ ସିଂହାବଗାରେ ଥିବା ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହ ବିଜୁନଗରସ୍ଥିତ ନବ ଦାସ ସ୍ମାର୍ଟ ପାର୍କରେ ଥିବା ସ୍ୱାଧୀନତା ସଂଗ୍ରାମୀ ଗଣେଶ ଉପାଧ୍ୟାୟ, ଶହୀଦ କରୁଣାକର ସିଂ, ତୁଳସୀ ଦେବୀ, ଚିନ୍ତାମଣି ପୂଜାରୀ ଓ ବିହାରୀରାମ ତନ୍ତୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଭା ପ୍ରାରମ୍ଭରେ ଶହୀଦଙ୍କ ପରିବାର ପକ୍ଷରୁ ବିପୁଳ ଚନ୍ଦ୍ର ଉପାଧ୍ୟାୟ ଶହୀଦ ଗଣେଶଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ଇଂରେଜମାନଙ୍କ ଅକଥନୀୟ ଅତ୍ୟାଚାର ଓ ପରେ ସମ୍ବଲପୁର ଜେଲରେ ଫାଶୀ ପ୍ରଦାନ ବିଷୟରେ ବିବରଣୀ ଦେଇଥିଲେ। କଣ୍ଠଶିଳ୍ପୀ ରାଜଶ୍ରୀ ତ୍ରିପାଠୀ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିବାବେଳେ ରାଇଜ ଅପ୍ ଡ୍ୟାନ୍ସଗ୍ରୁପ୍ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ସାଂସ୍କୃତିକ ସଚିବ ଆଲୋକ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

### ଗୁଳିମାଡ଼ ଘଟଣା: ୨ ଅଭିଯୁକ୍ତ କୋର୍ଟ ଚାଲାଣ

ଝାରସୁଗୁଡ଼ା,୯।୯(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ସହରର ରେଲୱେ କଲୋନୀରେ ଘଟିଥିବା ଗୁଳିମାଡ଼ ଘଟଣାରେ ରେଲୱେ ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଡବଲିଂ କଲୋନିର ଅମନ ତିୱାରୀ(୨୪) ଓ କକ୍ସ କଲୋନିର ଧର୍ମେନ୍ଦ୍ର ପାଣ୍ଡେ(୨୩)। ସୂଚନା ଅନୁଯାୟୀ, ଶନିବାର ରାତିରେ ରେଲୱେ କଲୋନୀରେ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ଶୋଭାଯାତ୍ରା ଚାଲିଥିଲା। ଏହି ସମୟରେ ରେଲୱେ କଲୋନୀରେ ରହୁଥିବା ସୋହନ ସୁନା, ସୁଶାନ୍ତ ସୁନାଙ୍କ ସହିତ କୌଣସି କାରଣକୁ ନେଇ ଅଭିଯୁକ୍ତ ଦ୍ୱୟ ଓ ଅନ୍ୟମାନେ ପାଟିତୁଣ୍ଡ କରିଥିଲେ। ଏହାକୁ କେନ୍ଦ୍ରକରି ରାତି ପ୍ରାୟ ୩ଟାରେ ଡବଲିଂ କଲୋନୀର କେତେଜଣ ଯୁବକ ରେଲୱେ କଲୋନୀରେ ପହଞ୍ଚି ସୋହନ ଓ ସୁଶାନ୍ତ ରହୁଥିବା ଘର ଉପରକୁ ୬ ରାଉଣ୍ଡ ଗୁଳି ଚଳାଇଥିଲେ। ଏନେଇ ସୋହନଙ୍କ ବାପା ଦାଶରଥି ସୁନା ଅଭିଯୋଗ କରିବା ପରେ ଜିଆର୍‌ପିରେ ଏକ ମାମଲା ରୁଜୁ ହୋଇଥିଲା। ତେବେ କକ୍ସ କଲୋନି ଇଟାଭଟା ଅଞ୍ଚଳର ଏକ ଫ୍ଲାଟ୍‌ରେ ସୋମବାର ରାତିରେ ଅଭିଯୁକ୍ତ ଦ୍ୱୟ ଲୁଚିଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚିବା ପୂର୍ବରୁ କେତେଜଣ ଯୁବକ ସଂଘବଦ୍ଧ ଭାବେ ଅଭିଯୁକ୍ତ ଦ୍ୱୟଙ୍କୁ ଆକ୍ରମଣ କରିଥିଲେ। ପୋଲିସ ଆସିବା ଦେଖି ଯୁବକମାନେ ଫେରାର ହୋଇଯାଇଥିଲେ। ଆହତ ଅଭିଯୁକ୍ତ ଦ୍ୱୟଙ୍କୁ ପୋଲିସ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପରେ କୋର୍ଟ ଚାଲାଣ କରିଛି।

# ମୌଳିକ ସମସ୍ୟା ସମାଧାନ ଦାବି


ବୈଠକରେ ଉପସ୍ଥିତ ଆଞ୍ଚଳିକ ପରିଷଦର କର୍ମକର୍ତ୍ତା।

ଝାରସୁଗୁଡ଼ା,୯।୯(ଆଶିଷ ରଞ୍ଜନ ଦାଶ)

**ଆଞ୍ଚଳିକ ବିକାଶ ପରିଷଦର ବୈଠକ**

ଝାରସୁଗୁଡ଼ା ଜିଲା ଲଇକେରା, କୋଲାବିରା, କିର୍ମିରା ଆଞ୍ଚଳିକ ବିକାଶ ପରିଷଦର ବୈଠକ କିର୍ମିରା ବ୍ଲକ ଅଧୀନ କିର୍ମିରା ବଜାରଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଜିତେନ୍ଦ୍ରିୟ ଧୁରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଲଇକେରା, କୋଲାବିରା ଓ କିର୍ମିରା ବ୍ଲକ ଅଞ୍ଚଳରେ ଥିବା ମୌଳିକ ସମସ୍ୟାଗୁଡ଼ିକ କେନ୍ଦ୍ର ଏବଂ ରାଜ୍ୟ ସରକାର, ଜିଲା ପ୍ରଶାସନ ଓ ଜନପ୍ରତିନିଧିଙ୍କ ନିକଟରେ ଉପସ୍ଥାପନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବିଶେଷକରି ଉପରୋକ୍ତ ୩ ବ୍ଲକ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି, ଶିକ୍ଷା ବିଭାଗରେ ଖାଲିଥିବା ବିଭିନ୍ନ ପଦବୀ ପୂରଣ, ବିଜ୍ଞାନ ଶ୍ରେଣୀ ଖୋଲିବା, ଶିକ୍ଷିତ ଯୁବତୀ ଯୁବକଙ୍କୁ ଜିଲାର ବିଭିନ୍ନ କଳକାରଖାନାରେ ସ୍ଥାୟୀ ନିଯୁକ୍ତି ଦେବା, ଡାକ୍ତରଖାନାରେ ଖାଲିଥିବା ଡାକ୍ତର ପଦବୀ ପୂରଣ, ପଥଭ୍ରଷ୍ଟ ଯୁବକଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ବିଷୟରେ ଆଲୋଚନା କରାଯାଇଥିଲା।

ଉପରୋକ୍ତ ୩ ବ୍ଲକ ଅଞ୍ଚଳର ବିଭିନ୍ନ ଡାକ୍ତରଖାନାରେ ୪୫ରୁ ଊର୍ଦ୍ଧ୍ୱ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ପଦବୀ ଖାଲିପଡ଼ିଛି। ଫଳରେ ଚିକିତ୍ସାସେବା ବାଧାପ୍ରାପ୍ତ ହେଉଛି। ସେହିପରି ଛାତ୍ରୀଛାତ୍ରଙ୍କ ପଢ଼ିବା ପାଇଁ ବିଜ୍ଞାନ ଶ୍ରେଣୀ ନାହିଁ। ଫଳରେ ସେମାନେ ବିଜ୍ଞାନ ଶିକ୍ଷା ପାଇଁ ଝାରସୁଗୁଡ଼ା ସହର, କୁଚିଣ୍ଡା, ସମ୍ବଲପୁର, ରାଉରକେଲା ଓ ସୁନ୍ଦରଗଡ଼ ଆଦି ସ୍ଥାନକୁ ଯିବା ପାଇଁ ବାଧ ହେଉଛନ୍ତି । ଏହି ବ୍ଲକଗୁଡିକରେ କୌଣସି ବୈଷୟିକ ଶିକ୍ଷାନୁଷ୍ଠାନ ନାହିଁ। ତେବେ ମୌଳିକ ସମସ୍ୟାର ସମାଧାନ ପାଇଁ ଆସନ୍ତା ୨୪ ତାରିଖରେ କୋଲାବିରାଠାରେ ଶୋଭାଯାତ୍ରା କରାଯାଇ ବିଡିଓଙ୍କ ଜରିଆରେ ରାଜ୍ୟ ସରକାର ଓ ଜିଲା ପ୍ରଶାସନଙ୍କୁ ଦାବିପତ୍ର ପ୍ରଦାନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ଆଞ୍ଚଳିକ ବିକାଶ ପରିଷଦର ଉପସଭାପତି ସ୍ୱରୂପ କିଷାନ, ସାଧାରଣ ସମ୍ପାଦକ ସମ୍ବିତ୍ ନାଏକ, କୋଷାଧ୍ୟକ୍ଷ ସୁଖ କିଷାନ, ଉପଦେଷ୍ଟା ପଦ୍ମଲୋଚନ ବୁଦୁଲା, ସଦସ୍ୟ ବାପି ନାଏକ, ମଦନ ସୁନ୍ଦର ନାଏକ, କାମା ଛତ୍ରିଆ, ଅସୀମ ପଟେଲ, ତ୍ରିଲୋଚନ ଡନସେନା ପ୍ରମୁଖ ଉପସ୍ଥିତ ଥିଲେ ।

# ବେଲପାହାଡ଼ ଷ୍ଟେଶନରେ ହୀରାକୁଦ ଏକ୍ସପ୍ରେସ୍‌ର ପରୀକ୍ଷାମୂଳକ ରହଣି

ଭୁବନେଶ୍ୱର,୯।୯(ଅନୁରାଧା ମହାରଣା)

ଯାତ୍ରୀଙ୍କ ସୁବିଧା ଏବଂ ଆଞ୍ଚଳିକ ସଂଯୋଗୀକରଣକୁ ଉନ୍ନତ କରିବା ପାଇଁ ଭାରତୀୟ ରେଲ୍‌ୱେ ପ୍ରତିବଦ୍ଧତା ଅନୁଯାୟୀ, ଝାରସୁଗୁଡ଼ା ଜିଲା ବେଲପାହାଡ଼ ଷ୍ଟେଶନରେ ୨୦୮୦୭/୨୦୮୦୮ ବିଶାଖାପାଟଣା-ଅମୃତସର-ବିଶାଖାପାଟଣା ହୀରାକୁଦ ଏକ୍ସପ୍ରେସ୍ ପାଇଁ ଏକ ପରୀକ୍ଷାମୂଳକ ରହଣି ଆରମ୍ଭ କରାଯାଇଛି। ୨୦୮୦୭ ବିଶାଖାପାଟଣା-ଅମୃତସର ହୀରାକୁଦ ଏକ୍ସପ୍ରେସ ବେଲପାହାଡ଼ରେ ଅପରାହ୍ନ ୩ଟା ୨ରେ ଅଟକିବ ଏବଂ ୩ଟା ୪ରେ ଛାଡ଼ିବ। ୨୦୮୦୮ ଅମୃତସର-ବିଶାଖାପାଟଣା ହୀରାକୁଦ ଏକ୍ସପ୍ରେସ ବେଲପାହାଡ଼ରେ ସନ୍ଧ୍ୟା ୬ଟା ୪୪ରେ ଅଟକିବ ଓ ୬ଟା ୪୬ରେ ଛାଡ଼ିବ। ସ୍ଥାନୀୟ ଯାତ୍ରୀଙ୍କ ଆବଶ୍ୟକତା ପୂରଣ କରିବା ଏବଂ ଅଞ୍ଚଳରେ ସଂଯୋଗୀକରଣକୁ ଆହୁରି ବୃଦ୍ଧି କରିବା ପାଇଁ ଏହି ନୂତନ ସୁବିଧା ପରୀକ୍ଷାମୂଳକ ଭାବେ ଯୋଗାଇ ଦିଆଯାଇଛି।

# ବଣିଆସାହି ଲକ୍ଷ୍ମୀ ପୂଜା କମିଟିର ନୂତନ କର୍ମକର୍ତ୍ତା ମନୋନୀତ

ଦେବଗଡ଼,୯।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୌରାଞ୍ଚଳ ୩ ନମ୍ବର ୱାର୍ଡ ବଣିଆସାହି ଲକ୍ଷ୍ମୀପୂଜା କମିଟିର ଏକ ପ୍ରସ୍ତୁତି ବୈଠକ ଓ ନୂତନ କର୍ମକର୍ତ୍ତା ମନୋନୟନ ମଙ୍ଗଳବାର ସ୍ଥାନୀୟ ଛକଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ସୁଶୀଳ କପରଦାରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଚଳିତବର୍ଷ ଗଜଲକ୍ଷ୍ମୀ ପୂଜାକୁ ଅଧିକ ଜାକଜମକ ଓ ଆକର୍ଷଣୀୟ ଭାବେ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ କମିଟିର ବହୁ ସଦସ୍ୟ ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଚଳିତବର୍ଷ ପୂଜା ସୁପରିଚାଳନା ନିମନ୍ତେ ନୂତନ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଛି। ଏଥିରେ ସଭାପତି ଭାବେ ଅଶୋକ କୁମାର ନାୟକ, ଉପସଭାପତି ଦୀପକ କୁମାର ଝାଙ୍କର, ସମ୍ପାଦକ ଆଶୁତୋଷ ବେହେରା, ସହସମ୍ପାଦକ ସୁବ୍ରତ ସାହୁ, କୋଷାଧ୍ୟକ୍ଷ ସନ୍ତୋଷ ସେନାପତି, ଜ୍ୟୋତିଆଦିତ୍ୟ ବେହେରା ଓ ସିପୁନ ସାହୁ, ସାଂସ୍କୃତିକ ସମ୍ପାଦକ ସୌମ୍ୟରଞ୍ଜନ ନାୟକ, ଶ୍ରୀତମ ଝାଙ୍କର, ପ୍ରିୟାଂଶୁ ନାୟକ ଏବଂ ପୂଜା ମଣ୍ଡପ ସମ୍ପାଦକ ଭାବେ ବୋଲବମ ବେହେରା, ଜଗମୋହନ ବେହେରା ଓ ନମନ ନାୟକଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା।



ବୈଠକରେ ଯୋଗଦେଇଥିବା କମିଟି କର୍ମକର୍ତ୍ତା ଓ ଅନ୍ୟମାନେ।

# ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ

ଦେବଗଡ଼,୯।୯(ଶଶାଙ୍କ ଶେଖର ଝାଙ୍କର)


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଓ ଖେଳାଳି।

ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ତିଲେଇବଣି ବ୍ଲକ ଅଧୀନ ତିଲେଇବଣି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ଖେଳପଡିଆଠାରେ ଦୁଇଦିନିଆ ବ୍ଲକସ୍ତରୀୟ ଖେଳକୁଦ ସମୂହ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ତିଲେଇବଣି ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନ ଓ ଜିଲା ଶାରିରୀକ ଶିକ୍ଷା ଅଧିକାରିଣୀ ପଦ୍ମିନୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ଆରତି ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ତିଲେଇବଣି ବ୍ଲକ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ଡିଲେଶ୍ୱର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ତିଲେଇବଣି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟର ଶାନ୍ତନୁ ନାଥ ମଞ୍ଚ ପରିଚାଳନା କରିଥିଲେ। ତିଲେଇବଣି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ବାତ୍ସଲ୍ୟ କୁମାର ବିଶ୍ୱାଳ, ପଦ୍ମଲୋଚନ ପ୍ରଧାନ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରୋହିତ କୁମାର ପ୍ରଧାନ ଓ ସୁଧୀର କୁମାର ଦାସଙ୍କ ନେତୃତ୍ୱରେ ପ୍ରତିଯୋଗିତାଗୁଡିକ ପରିଚାଳନା ହୋଇଥିଲା। ଏଥିରେ ତିଲେଇବଣି ବ୍ଲକ୍ ଅଞ୍ଚଳର ମୋଟ ୨୬ ଜଣ କ୍ରୀଡ଼ା ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ପ୍ରଥମ ଦିନରେ ବାଳକମାନଙ୍କ ମଧ୍ୟରେ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ତିଲେଇବଣି ବ୍ଲକର ୨ଟି ଜୋନ୍ (ଦେବଗଡ଼ ପୌରାଞ୍ଚଳ ଓ ପ୍ରଭାଶୁଣୀ)ରୁ ୧୭୨ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ବୁଧବାର ବାଳିକାମାନଙ୍କ ମଧ୍ୟରେ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉଭୟ ବାଳିକା ଓ ବାଳକ ବର୍ଗର କୃତି ପ୍ରତିଯୋଗୀ ଆଗାମୀ ଦିନରେ ହେବାକୁ ଥିବା ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବେ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୦/୨୦୨୫ Bhubaneswar, Wednesday, September 10/ 2025



ଏସିଆ କପ୍ କ୍ରିକେଟ ଆରମ୍ଭ ହେବା ପୂର୍ବରୁ ମଙ୍ଗଳବାର ଦୁବାଇରେ ଟ୍ରଫି ସହ ଅଂଶଗ୍ରହଣକାରୀ ୮ ଦଳର ଅଧିନାୟକ।

# ଆଜିଠୁ ଭାରତର ଅଭିଯାନ

**ଦୁବାଇ, ୯।୯(ପି.ଟି.)**

ଏସିଆ କପ୍ କ୍ରିକେଟ୍-୨୦୨୫ରେ ଭାରତର ଅଭିଯାନ ବୁଧବାର ଆରମ୍ଭ ହେବ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଏହାର ପ୍ରଥମ ମ୍ୟାଚ୍‌ରେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)କୁ ଭେଟିବ। ପ୍ରଥମ ମ୍ୟାଚ୍‌ରେ ଦଳୀୟ ସନ୍ତୁଳନ ବଜାୟ ରଖିବା ଭାରତ ପାଇଁ ମୁଖ୍ୟ କାର୍ଯ୍ୟ ହେବ। ତେଣୁ ତୃତୀୟ ସ୍ପିନର

**ଏସିଆ କପ୍ କ୍ରିକେଟ**
**(ଆଜିର ମ୍ୟାଚ୍)**
**ଭାରତ ବନାମ ୟୁଏଇ**
**ଭେନ୍ୟୁ: ଦୁବାଇ,**
**ସମୟ: ରାତି ୮ଟା**
**ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟୱର୍କ**

କିମ୍ବା ଜଣେ ଅତିରିକ୍ତ ସ୍ପେଶାଲିଷ୍ଟ ପେସ୍ ବୋଲରଙ୍କୁ ଖେଳାଯିବ ତା' ଉପରେ ନଜର ରହିବ। ଗୌତମ ଗମ୍ଭୀର ଭାରତୀୟ ଦଳର କୋଚ୍ ଦାୟିତ୍ୱ ନେବାପରେ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିପାରୁଥିବା ଖେଳାଳିଙ୍କ ଗୁରୁତ୍ୱ ବଢ଼ିଛି। ଅର୍ଥାତ୍ ୮ ନମ୍ବର ପର୍ଯ୍ୟନ୍ତ ଦଳର ବ୍ୟାଟିଂ ଲାଇନ୍‌ଅପ୍‌କୁ ସେ ଦୃଢ଼ ରଖିବାକୁ ଚାହୁଁଛନ୍ତି। ଆସନ୍ତା ୧୪ ତାରିଖରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ତେଣୁ ୟୁଏଇ ବିପକ୍ଷ ମ୍ୟାଚ୍‌କୁ ଏହାର ଡ୍ରେସ୍ ରିହର୍ସାଲ ଭାବେ ବିବେଚନା କରାଯାଉଛି। ବିଶେଷକରି ୟୁଏଇ ବିପକ୍ଷ ମ୍ୟାଚ୍‌ରୁ ଦଳୀୟ ସନ୍ତୁଳନ ସଜାଡ଼ିବା ଉପରେ ନଜର ରଖାଯିବ।

ୟୁଏଇର ଅନେକ ଖେଳାଳିଙ୍କ ପାଇଁ ଭାରତ ବିପକ୍ଷ ମ୍ୟାଚ୍ ଗୁରୁତ୍ୱ ରଖିବ। କାରଣ ଆଇସିସିର ସହଯୋଗୀ ଦେଶର ଖେଳାଳିଭାବେ ଭାରତର ଯଶପ୍ରୀତ୍ ବୁମ୍‌ରାଙ୍କ ବୋଲିଂକୁ ସମ୍ମୁଖୀନ ହେବା କିମ୍ବା ଶୁବମନ ଗିଲ୍‌ଙ୍କୁ ବୋଲିଂ କରିବା କେବେହେଲେ ସହଜ ହେବନାହିଁ। ଏଥିରୁ ସେମାନଙ୍କୁ ପର୍ଯ୍ୟାପ୍ତ ଅଭିଜ୍ଞତା ମିଳିବ।

ଭାରତୀୟ ସେଟ୍‌ଅପ୍‌ରେ ସଞ୍ଜୁ ସାମ୍‌ସନ ବନାମ ଜୀତେଶ ଶର୍ମାଙ୍କୁ ନେଇ ଦେଖା ଦେଇଥିବା ଦ୍ୱନ୍ଦ୍ୱ ସମାଧାନ ହୋଇଥିବା ପରି ଲାଗୁଛି। ଜଣେ ସଫଳ ଫିନିଶର ଭାବେ ବିଦର୍ଭର ଜୀତେଶ କେରଳର ସାମ୍‌ସନଙ୍କୁ ପଛରେ ପକାଇ ଦେଇଥିବା ନେଟ୍ସ ଅବସରରେ ପରିଲକ୍ଷିତ ହୋଇଛି। ଟପ୍ ଅର୍ଡରରେ ଶୁବମନ ଗିଲ୍‌ଙ୍କ ଉପସ୍ଥିତି ଫଳରେ ବିସ୍ଫୋରକ ବ୍ୟାଟର ସଞ୍ଜୁଙ୍କୁ ବାହାରେ ବସିବାକୁ ପଡ଼ିବ। ଗିଲ୍ ଓ ଅଭିଷେକ ଶର୍ମା ଇନିଂସ ଓପନ କରିବେ। ଆଇସିସି ଟି୨୦ ବ୍ୟାଟିଂ ର‍୍ୟାଙ୍କିଂରେ ୨ୟ ସ୍ଥାନକୁ ଉନ୍ନୀତ ହୋଇଥିବା ତିଳକ ବର୍ମା ଏବଂ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୩ ଏବଂ ୪ ନମ୍ବର ସ୍ଥାନ ପାଇଁ ଫିଟ୍। ଏହାପରେ ଆସିବ ଅଲ୍‌ରାଉଣ୍ଡରଙ୍କ ପାଳି। ପେସ୍ ବୋଲର ଅଲ୍‌ରାଉଣ୍ଡର ହାର୍ଦ୍ଦିକ୍ ପାଣ୍ଡ୍ୟା, ସ୍ଲୋ ଟ୍ରାକ୍‌ରେ ଭଲ ବୋଲିଂ କରିବାର ଦକ୍ଷତା ରଖିଥିବା ଶିବମ୍ ଦୁବେ ୬ ଏବଂ ଜୀତେଶ ୭ ନମ୍ବରରେ ଆସିବା ଏକପ୍ରକାର ନିଶ୍ଚିତ। ଏହି ସ୍ଥାନରେ ପ୍ରଭାବୀ ପ୍ରଦର୍ଶନକରି ଜୀତେଶ ରୟାଲ ଚ୍ୟାଲେଞ୍ଜର୍ସକୁ ପ୍ରଥମ ଆଇପିଏଲ୍ ଟ୍ରଫି ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। କୋଚ୍ ଗମ୍ଭୀର ବ୍ୟାଟିଂ ଲାଇନ୍‌ଅପ୍‌ରେ ଗଭୀରତା ଚାହୁଁଥିବାରୁ ସ୍ପିନ୍ ବୋଲିଂ ସହ ଭଲ ବ୍ୟାଟିଂ କରିବାର ଦକ୍ଷତା ରଖିଥିବା ଅକ୍ଷର ପଟେଲ ନମ୍ବର ୮ରେ ଆସିବେ। କପିଲ ଦେବଙ୍କ ପରେ ଭାରତର ସବୁଠୁ ଭଲ ଫାଷ୍ଟ ବୋଲର ବିବେଚିତ ହେଉଥିବା ଯଶପ୍ରୀତ୍ ବୁମ୍‌ରା ଏବଂ ଭାରତର ସବୁଠାରୁ ସଫଳ ଟି୨୦ ବୋଲର ଅର୍ଶଦୀପ ସିଂ ପରବର୍ତ୍ତୀ ୨ଟି ସ୍ଥାନ ପାଇଁ ସ୍ୱାଭାବିକ ପସନ୍ଦ ଭାବେ ଉଭା ହେବେ। ଅବଶିଷ୍ଟ ଗୋଟିଏ ସ୍ଥାନ ପୂରଣ ଲାଗି ମ୍ୟାଚ ଦିନ ପିଚ୍ ଦେଖି ନିଷ୍ପତ୍ତି ନିଆଯିବ।

ସେପ୍ଟେମ୍ବରରେ ଏସିଆ କପ୍ ହେଉଛି ଅର୍ଥ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ ପିଚ୍ ଗ୍ରୀନ୍ ଏବଂ ସତେଜ ରହିବ। ତେଣୁ ଏଥିରୁ ବାଉନ୍ସ ମିଳିବ ଏବଂ ବଲ୍ ଭଲଭାବେ କ୍ୟାରି କରିବ। ଏଭଳି ସ୍ଥିତିରେ ୫୦ ଓଭରବିଶିଷ୍ଟ ଚାମ୍ପିୟନ ଟ୍ରଫିରେ ଭାରତ ୪ ସ୍ପିନର ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ଖେଳାଇଥିଲା। ଏପରି ସ୍ଥିତିରେ ଆଗାମୀ ମ୍ୟାଚ୍ ପାଇଁ ଆଉ ଜଣେ ସ୍ପିନର ବରୁଣ କିମ୍ବା କୁଲଦୀପଙ୍କୁ ସାମିଲ କରାଯାଇପାରେ। ଭାରତର ଅଭ୍ୟାସ ସେସନରେ ଅଭିଷେକ ମଧ୍ୟ ବେଶ୍ କିଛି ସମୟ ସ୍ପିନ୍ ବୋଲିଂ କରିଥିବା ଦେଖିବାକୁ ମିଳିଥିଲା।

ୟୁଏଇ ପାଇଁ କୋଚ୍ ଲାଲ୍‌ଚାନ୍ଦ ରାଜପୁତଙ୍କ ଅଧୀନରେ ଟ୍ରେନିଂ ନେଇଥିବା ମହମ୍ମଦ ୱାସିମ୍, ରାହୁଲ ଚୋପ୍ରା ଓ ସିମରନ୍‌ଜିତ ସିଂଙ୍କ ପାଇଁ ଦକ୍ଷତା ଦେଖାଇବାର ସମୟ ଆସିଛି। ଭାରତ ବିପକ୍ଷ ଗେମ୍ କଷ୍ଟସାଧ୍ୟ ହେବ ବୋଲି ରାଜପୁତ ସ୍ୱୀକାର କରିଛନ୍ତି। ତେବେ ୟୁଏଇ ଖେଳାଳିମାନଙ୍କ ପାଇଁ ଦକ୍ଷତା ପ୍ରଦର୍ଶନର ଭଲ ସୁଯୋଗ ରହିଛି। ଅନ୍ୟପକ୍ଷେ ଭାରତ ପାଇଁ ମ୍ୟାଚ୍ ଜିତିବା ସହଜ ହେବନାହିଁ ବୋଲି ସେ ପୂର୍ବାନୁମାନ କରିଛନ୍ତି।


ନ୍ୟୁ ଲୁକ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା।

## ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସିନ୍‌ୱାରିଙ୍କ ଅବସର

**କରାଚୀ, ୯।୯ (ପି.ଟି.):** ପାକିସ୍ତାନର ବାମହାତୀ ପେସର ଉସ୍‌ମାନ ସିନ୍‌ୱାରି ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ତାଙ୍କ ଅବସର ଘୋଷଣା କରିଛନ୍ତି। ଜାତୀୟ ଦଳ ତରଫରୁ ସେ ଶେଷଥର ପାଇଁ ୬ ବର୍ଷ ପୂର୍ବେ ଖେଳିଥିଲେ। ୩୧ ବର୍ଷୀୟ ସିନ୍‌ୱାରି ୨୦୧୩ରୁ ୨୦୧୯ ମଧ୍ୟରେ ସମସ୍ତ ଫର୍ମାଟ୍‌ରେ ମାତ୍ର ୩୪ ମ୍ୟାଚ୍ ଖେଳିଛନ୍ତି। ତେବେ ସେ କ୍ରିକେଟ୍ ଲିଗ୍‌ରେ ଖେଳିବା ଜାରି ରଖିଛନ୍ତି। ସେ ଗୋଟିଏ ଟେଷ୍ଟ, ୧୭ ଅନ୍ତର୍ଜାତୀୟ ଦିନିକିଆ ଏବଂ ୧୬ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ସିନ୍‌ୱାରି ୨୦୧୩ ଡିସେମ୍ବରରେ ଦୁବାଇଠାରେ ଶ୍ରୀଲଙ୍କା ବିପକ୍ଷ ଏକ ଅନ୍ତର୍ଜାତୀୟ ଟି୨୦ରେ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ।

## ଶ୍ରୀଲଙ୍କା ଦଳରେ ଜାନିଥ ଲିୟାଙ୍ଗେ

**କଲମ୍ବୋ, ୯।୯ (ପି.ଟି.):** ଏସିଆ କପ୍ କ୍ରିକେଟ ପାଇଁ ଘୋଷଣା କରାଯାଇଥିବା ଶ୍ରୀଲଙ୍କା ଦଳରେ ଜାନିଥ ଲିୟାଙ୍ଗେ ସ୍ଥାନ ପାଇଛନ୍ତି। ଏହି ମିଡଲଅର୍ଡର ବ୍ୟାଟର ୨ ବର୍ଷ ପରେ ଅନ୍ତର୍ଜାତୀୟ ଟି୨୦କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଚାରିଥ ଆସାଲାଙ୍କାଙ୍କ ନେତୃତ୍ୱାଧୀନ ଶ୍ରୀଲଙ୍କା ଦଳର ସଂଖ୍ୟା ୧୭ରେ ପହଞ୍ଚିଛି। ସେପ୍ଟେମ୍ବର ୧୩ରେ ଆବୁଧାବିଠାରେ ବାଂଲାଦେଶ ବିପକ୍ଷରେ ଖେଳି ଶ୍ରୀଲଙ୍କା ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିବ। ୩୦ ବର୍ଷୀୟ ଲିୟାଙ୍ଗେ ହେଉଛନ୍ତି ଜଣେ ହ୍ୱାଇଟ୍ ବଲ୍ ସ୍ପେସାଲିଷ୍ଟ। ସେ ୨୮ ଅନ୍ତର୍ଜାତୀୟ ଦିନିକିଆ ଖେଳି ୮୨୪ ରନ ସଂଗ୍ରହ କରିଛନ୍ତି।

# ପାରା ସ୍ପୋର୍ଟ୍ସରେ ଉଦୟଙ୍କ ଭାଗ୍ୟୋଦୟ

**ଭୁବନେଶ୍ୱର, ୯।୯ (ତପନ ସ୍ୱାଇଁ)**

ଜାପାନର ଟୋକିଓରେ ବୁଧବାରଠାରୁ ଆଇଟିଟିଏଫ୍ ୱାର୍ଲ୍ଡ ପାରା ଫ୍ୟୁଚର୍ସ-୨୦୨୫ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଛି। ଏହା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ପାରା ସ୍ପୋର୍ଟ୍ସ ଇତିହାସରେ ପ୍ରଥମଥର ପାଇଁ ଏହି ପ୍ରତିଯୋଗିତାରେ ଉଦୟ କୁମାର ରାଉତ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ।

ଉଦୟ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲା ଜାମଧର ଗ୍ରାମର ବାସିନ୍ଦା। ସେ ଗୀତାଞ୍ଜଳି ରାଉତ ଓ ବିଜୟ

**ଆଇଟିଟିଏଫ୍ ୱାର୍ଲ୍ଡ ପାରା ଫ୍ୟୁଚର୍ସ**

କୁମାର ରାଉତଙ୍କ ପୁଅ। ବାପାଙ୍କୁ କୃଷିକାର୍ଯ୍ୟରେ ସାହାଯ୍ୟ କରୁଥିବା ସମୟରେ ପରିବାରର ଆର୍ଥିକଭାର କମାଇବା ପାଇଁ ଦିଲ୍ଲୀର ଏକ କମ୍ପାନୀରେ କାମ କରିବାକୁ ଯାଇଥିଲେ। କିନ୍ତୁ ହଠାତ୍ ଦିନେ କାମ ସମୟରେ ବିଦ୍ୟୁତ୍ ଆଘାତରେ ଗୁରୁତର ଆହତ ହୋଇ ଟ୍ରାନ୍ସଭର୍ସ ମାଇଲାଇଟିସ୍ ରୋଗରେ ପୀଡ଼ିତ ହେଲେ। ଫଳରେ ଶାରୀରିକ ଶକ୍ତି ହରାଇ ସେ ଦିବ୍ୟାଙ୍ଗ ଜୀବନ ବାଛିବାକୁ ବାଧହେଲେ। ଏହିଠାରୁ ହିଁ ହୋଇଥିଲା ତାଙ୍କ ଭାଗ୍ୟ ପରିବର୍ତ୍ତନ। କଠିନ ପରିସ୍ଥିତିରେ ଉଦୟ ମନୋବଳ ହରାଇ ନ ଥିଲେ। ପାରା ସ୍ପୋର୍ଟ୍ସକୁ ନୂଆ ଆଶାର ମାର୍ଗ କରିନେଲେ। ଖେଲୋ ଇଣ୍ଡିଆରେ ବ୍ରୋଞ୍ଜ୍ ଏବଂ ଇନ୍ଦୋରରେ ଜାତୀୟ ଖେଳରେ ରୌପ୍ୟ ପଦକ ଭଳି ସଫଳତା ଲାଭ କରି ସେ ନିଜ ଭାଗ୍ୟୋଦୟର ସୂଚନା ଦେଇଛନ୍ତି। ବର୍ତ୍ତମାନ ସେ ଗୁଜରାଟର ଗାନ୍ଧୀ ନଗରରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ)ରେ ପ୍ରଶିକ୍ଷଣ ନେଉଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନର ସଭାପତି କମଳାକାନ୍ତ ରଥ କହିଛନ୍ତି, ଉଦୟଙ୍କ ସଫଳତା ଓଡ଼ିଶା ପାଇଁ ଗୌରବର ବିଷୟ। ସେ ଅନେକ ପ୍ରତିଭାଙ୍କ ଲାଗି ପ୍ରେରଣା ସାଜିଛନ୍ତି।



ଉଦୟ କୁମାର ରାଉତ

# ଫେବୃଆରୀ ୭ରୁ ମାର୍ଚ୍ଚ ୮ ସମ୍ଭାବନା

**ନୂଆଦିଲ୍ଲୀ, ୯।୯ (ପି.ଟି.)**

**୨୦୨୬ ଟି୨୦ ବିଶ୍ୱକପ**

୨୦୨୬ ଟି୨୦ ବିଶ୍ୱକପ୍ ଆସନ୍ତା ଫେବୃଆରୀ ୭ରୁ ମାର୍ଚ୍ଚ ୮ ମଧ୍ୟରେ ହେବା ସମ୍ଭାବନା ରହିଛି। ମ୍ୟାଚ୍‌ଗୁଡ଼ିକ ଭାରତର ୫ ଓ ଶ୍ରୀଲଙ୍କାର ୨ଟି ଭେନ୍ୟୁରେ ଅନୁଷ୍ଠିତ ହେବ। ଫାଇନାଲ ଅହମଦାବାଦ୍ କିମ୍ବା କଲମ୍ବୋରେ ଆୟୋଜନ କରାଯିବ। ପ୍ରତିଯୋଗିତାରେ ପାକିସ୍ତାନ କିପରି ପ୍ରଦର୍ଶନ କରୁଛି ତା' ଉପରେ ଫାଇନାଲ ଭେନ୍ୟୁ ନିର୍ଦ୍ଧାରଣ ହେବ। ପାକିସ୍ତାନ ଏହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ। ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ(ଆଇସିସି) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ମଧ୍ୟରେ ଏ ସମ୍ପର୍କରେ ଚୁକ୍ତି ହୋଇଛି। ପ୍ରତିଯୋଗିତା ପାଇଁ ଆଇସିସି ୱିଣ୍ଡୋ ବାହାର କରି ଅନ୍ୟ ବୋର୍ଡଗୁଡ଼ିକୁ ଅବଗତ କରାଇଛି। ତେବେ ଚୂଡ଼ାନ୍ତ କାର୍ଯ୍ୟସୂଚୀ ପ୍ରକାଶ ପାଇବା ବାକି ରହିଛି। ୱେଷ୍ଟଇଣ୍ଡିଜ୍ ଓ ୟୁଏସ୍‌ଏରେ ଅନୁଷ୍ଠିତ ୨୦୨୪ ଟି୨୦ ବିଶ୍ୱକପ୍ ଫର୍ମାଟ୍ ଅନୁସାରେ ଆଗାମୀ ପ୍ରତିଯୋଗିତା ହେବ। ଭାଗନେବାକୁ ଥିବା ୨୦ଟି ଦଳ ୪ଟି ଗ୍ରୁପ୍‌ରେ ବିଭକ୍ତ ହେବେ। ପ୍ରତି ଗ୍ରୁପ୍‌ରେ ୫ ଲେଖାଏ ଦଳ ରହିବେ। ଲିଗ୍ ପର୍ଯ୍ୟାୟ ପରେ ସୁପର ଏଇଟ୍ ଏବଂ ସେମିଫାଇନାଲ ହେବ। ଇଟାଲୀ ପ୍ରଥମଥର ପାଇଁ ବିଶ୍ୱକପ ଲାଗି ଯୋଗ୍ୟତା ଅର୍ଜନ କରିଛି। ଗତଥରର ଚାମ୍ପିୟନ ଭାରତ, ଶ୍ରୀଲଙ୍କା, ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ୟୁଏସ୍‌ଏ, ୱେଷ୍ଟଇଣ୍ଡିଜ୍, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଆୟର୍ଲାଣ୍ଡ, କାନାଡ଼ା ଓ ନେଦରଲାଣ୍ଡ୍ସ ଆଦି ୧୫ଟି ଦଳ ଏଥିରେ ଭାଗନେବା ସ୍ପଷ୍ଟ ହୋଇସାରିଛି। ଅବଶିଷ୍ଟ ୨ଟି ଦଳ ଆଫ୍ରିକା କ୍ୱାଲିଫାୟର୍ସ ଏବଂ ୩ଟି ଦଳ ଏସିଆ ଏବଂ ଇଷ୍ଟ ଏସିଆ ପାସିଫିକ୍ କ୍ୱାଲିଫାୟର୍ସରୁ ଆସିବେ।



ଲିଭରପୁଲ୍‌ରେ ଜାପାନର ୟୁମା ନିଶିନାକାଙ୍କ ବିପକ୍ଷ ଲଢ଼େଇ ଅବସରରେ ଭାରତର ନିଖତ ଜରିନ।

# କ୍ୱାର୍ଟରରେ ନିଖତ ଜରିନ୍

**ଲିଭରପୁଲ, ୯।୯**

ଦୁଇଥର ବିଶ୍ୱ ଚାମ୍ପିୟନ ଭାରତର ନିଖତ ଜରିନ୍ ଏଠାରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ମହିଳା ୫୧ କେଜି ପ୍ରି-କ୍ୱାର୍ଟର ଫାଇନାଲରେ ନିଖତ ଜାପାନର ୟୁମା ନିଶିନାକାଙ୍କୁ ୫-୦ରେ ପରାସ୍ତ କରିଛନ୍ତି। ୨୯ ବର୍ଷୀୟ ନିଖତ୍ ପ୍ରଥମ ରାଉଣ୍ଡରେ ଜାପାନୀ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ମାତ୍ର ପରେ ଅଭିଜ୍ଞତାର ଉପଯୋଗ କରି ସେ ଏହି ଲଢ଼େଇକୁ ସହଜ କରି ଦେଇଥିଲେ। ଚଳିତ ବର୍ଷ ଏହା ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ଇଭେଣ୍ଟ। ନିଖତଙ୍କ ରିଦିମ ଭାଙ୍ଗିବାକୁ ନିଶିନାକା ଚେଷ୍ଟ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଆଉ ୩ ମହିଳା ବକ୍ସର ମଧ୍ୟ ପୋଡିୟମ ମଣ୍ଡନଠାରୁ ଗୋଟିଏ ପାଦ ଦୂରରେ ରହିଛନ୍ତି। ୱାର୍ଲ୍ଡ ବକ୍ସିଂ ଅଧୀନରେ ହେଉଥିବା ଏହି ପ୍ରତିଯୋଗିତାରେ ଭାରତ ପକ୍ଷରୁ ୨୦ ବକ୍ସର ଭାଗ ନେଇଛନ୍ତି।

# ଭୁବନେଶ୍ୱର 'ବି' ଡିଭିଜନ ଫୁଟ୍‌ବଲ ଲିଗ୍

**ଭୁବନେଶ୍ୱର, ୯।୯(ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍ ଅକ୍ଟୋବର ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହେବ। ଏଥିରେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ ପରିସୀମା ମଧ୍ୟରେ ଥିବା ସ୍ୱୀକୃତିପ୍ରାପ୍ତ ସ୍କୁଲ, କଲେଜ, କ୍ଲବ, ସଙ୍ଗଠନ, ସରକାରୀ, ଅର୍ଦ୍ଧସରକାରୀ ଅଫିସ ଆଦି ଅନୁଷ୍ଠାନଗୁଡ଼ିକ ଭାଗ ନେଇପାରିବେ। କୌଣସି ଅଣସ୍ୱୀକୃତିପ୍ରାପ୍ତ କ୍ଲବ କିମ୍ବା ସଙ୍ଗଠନ ଏଥିରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଡା ସ୍ପଷ୍ଟ କରିଛନ୍ତି। ଯଦି କୌଣସି ଅନୁଷ୍ଠାନ କିମ୍ବା ସଂସ୍ଥା ଆସୋସିଏଶନ ସହ ଅନୁବନ୍ଧିତ ନୁହନ୍ତି ତେବେ ସେମାନଙ୍କୁ ଆସୋସିଏଶନର କୌଣସି ଦୁଇଜଣ ଆଜୀବନ କିମ୍ବା ବାର୍ଷିକ ସଦସ୍ୟଙ୍କଠାରୁ ଲିଖିତଭାବେ ସୁପାରିସ୍ ଦାଖଲ କରିବାକୁ ହେବ। ବିଶଦ୍ ବିବରଣୀ ପାଇଁ ଆସୋସିଏଶନର ଫୁଟ୍‌ବଲ ସମ୍ପାଦକ ଦିଲୀପ କୁମାର ଦାଙ୍କ ସହ ଯୋଗାଯୋଗ କରିପାରିବେ ବୋଲି ସେ ପ୍ରକାଶ କରିଛନ୍ତି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ